# ସକାଳ
THE SAKALA

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 41 ◆ISSUE-276 ◆BHUBANESWAR ◆TUESDAY ◆2 APRIL 2024 ◆PAGE-16 ◆₹ 6.00

◆ବର୍ଷ-୪୧ ◆ସଂଖ୍ୟା-୨୭୬ ◆ଭୁବନେଶ୍ୱର ◆ମଙ୍ଗଳବାର ◆୨ ଏପ୍ରିଲ୍ ୨୦୨୪ ◆ପୃଷ୍ଠା-୧୬ ◆ଟ.୬.୦୦




ଆସିବ 'ନାୟକ'ର ସିକ୍ୱେଲ

▶ପୃଷ୍ଠା ୨ ଦେଖନ୍ତୁ...

# ଚିରନିଦ୍ରାରେ ଶାନ୍ତିଲତା

■ ଭୁବନେଶ୍ୱର, ୧।୪ (ସମିସ): ଓଡ଼ିଶାର ସ୍ୱନାମଧନ୍ୟ କଣ୍ଠଶିଳ୍ପୀ ଶାନ୍ତିଲତା ବାରିକ ଛୋଟରାୟଙ୍କର ଆଜି ପରଲୋକ ଘଟିଛି। ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ସେ ଆଜି ସନ୍ଧ୍ୟାରେ ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି। ଦୀର୍ଘ ଦିନ ଧରି ସେ କ୍ୟାନସରରେ ପୀଡ଼ିତ ଥିଲେ। ମୃତ୍ୟୁବେଳକୁ ତାଙ୍କୁ ୬୪ ବର୍ଷ ହୋଇଥିଲା। ତାଙ୍କ ମୃତଦେହକୁ ଭୁବନେଶ୍ୱର କେଦାରଗୌରୀସ୍ଥିତ ବାସଭବନକୁ ନିଆଯାଇଛି। ଆସନ୍ତାକାଲି ପୁରୀ ସ୍ୱର୍ଗଦ୍ୱାରରେ ଅନ୍ତିମ ସଂସ୍କାର କରାଯିବ ବୋଲି ତାଙ୍କ ସ୍ୱାମୀ ବସନ୍ତ କୁମାର ଛୋଟରାୟ ସୂଚନା ପ୍ରଦାନ କରିଛନ୍ତି। ଶାନ୍ତିଲତାଙ୍କର ବିୟୋଗରେ ବିଭିନ୍ନ ମହଲରେ ଶୋକର ଛାୟା ଖେଳିଯାଇଛି।

ଏହି ଖବର ପ୍ରଚାରିତ ହେବା ପରେ ରାଜ୍ୟପାଳ ରଘୁବର ଦାସ ଏବଂ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଗଭୀର ଶୋକବ୍ୟକ୍ତ କରିଛନ୍ତି। ନିଜ ଶୋକବାର୍ତ୍ତାରେ ରାଜ୍ୟପାଳ କହିଛନ୍ତି ଯେ ଓଡ଼ିଆ ସଙ୍ଗୀତ ମୁଖ୍ୟତଃ ଭକ୍ତି ସଙ୍ଗୀତକୁ

- ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଶେଷ ନିଶ୍ୱାସ ତ୍ୟାଗ
- ଆଜି ପୁରୀ ସ୍ୱର୍ଗଦ୍ୱାରରେ ହେବ ଶେଷକୃତ୍ୟ
- ରାଜ୍ୟବ୍ୟାପୀ ବିଭିନ୍ନ ମହଲରେ ଶୋକ ପ୍ରକାଶ
- ଶୋକପ୍ରକାଶ କଲେ ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ

ଓଡ଼ିଶାର ସାଂସ୍କୃତିକ ଜଗତ ପାଇଁ ଅପୂରଣୀୟ କ୍ଷତି: ନବୀନ

ଶାନ୍ତିଲତାଙ୍କ ଅବଦାନ ଅନନ୍ୟ। ନିଜର କୃତି ଓ କୀର୍ତ୍ତି ପାଇଁ ସେ ଚିରସ୍ମରଣୀୟ ରହିବେ। ତାଙ୍କ ଅମର ଆତ୍ମାର ସଦ୍‌ଗତି କାମନା ସହ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ରାଜ୍ୟପାଳ ସମବେଦନା ଜଣାଇଛନ୍ତି। ସେହିପରି ଏକ ଶୋକବାର୍ତ୍ତାରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଜଣେ ଲୋକପ୍ରିୟ ଭଜନ ଗାୟିକା ଶାନ୍ତିଲତା ବାରିକ ଜଗନ୍ନାଥଙ୍କର ଅନନ୍ୟ ଭକ୍ତ ଥିଲେ। ଭାବପୂର୍ଣ୍ଣ କଣ୍ଠରେ ତାଙ୍କ ▶ପୃଷ୍ଠା-୯



# ଅଗ୍ନିବର୍ଷା ୩ ମାସ ଜାଳିବ

■ ଭୁବନେଶ୍ୱର, ୧।୪ (ସମିସ): ଏପ୍ରିଲ୍ ମାସରେ ରାଜ୍ୟରେ ଅସମ୍ଭାଳ ତାତି ଅନୁଭୂତ ହେବ। କେବଳ ଏପ୍ରିଲ୍ ନୁହେଁ ଏପ୍ରିଲ୍‌ରୁ ଜୁନ୍ ମାସ ପର୍ଯ୍ୟନ୍ତ ତାତି ପ୍ରକୋପ ଅଧିକ ରହିବା ସହ ରାଜ୍ୟବାସୀ ଗରମ ଗୁଳୁଗୁଳିରେ ଅତିଷ୍ଠ ହେବେ। ଅନ୍ୟପଟେ ଏହି ୩ ମାସରେ ବର୍ଷାର ପରିମାଣ କମ୍ ରହିବା ସହିତ ସ୍ୱାଭାବିକ ତୁଳନାରେ ଅଧିକ ଦିନ ଗ୍ରୀଷ୍ମ ଲହରୀ ସ୍ଥିତି ସୃଷ୍ଟି ହେବ ବୋଲି ସୋମବାର ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି) ପକ୍ଷରୁ କୁହାଯାଇଛି। ବିଭାଗ ପକ୍ଷରୁ ସୋମବାର ଏପ୍ରିଲ୍-ଜୁନ୍ ପର୍ଯ୍ୟନ୍ତ ରାଜ୍ୟରେ ଗ୍ରୀଷ୍ମ ପ୍ରବାହ ସ୍ଥିତିକୁ ନେଇ ଜାରି ହୋଇଥିବା ଋତୁକାଳୀନ ଆକଳନରେ କୁହାଯାଇଛି ଯେ ଚଳିତ ବର୍ଷ ଏପ୍ରିଲ୍ ମାସରେ ଗ୍ରୀଷ୍ମ ପ୍ରବାହ ଦିନ ସଂଖ୍ୟା ଅଧିକ ରହିପାରେ। ସାଧାରଣତଃ ଏପ୍ରିଲ ମାସରେ ହାରାହାରି ୧ ରୁ ୩ ଦିନ ଗ୍ରୀଷ୍ମ ପ୍ରବାହର ଅବଧି ରହୁଥିବା ବେଳେ ଚଳିତ ଏହା ବର୍ଷ ୩ ରୁ ୮ ଦିନ ଅନୁଭୂତ ହେବାର ସମ୍ଭାବନା ରହିଛି। ସେହିପରି ଏପ୍ରିଲରୁ ଜୁନ୍ ମଧ୍ୟରେ ଏହି ଅବଧି ▶ପୃଷ୍ଠା-୯

୨୫ ଦିନ ହୋଇପାରେ ଗ୍ରୀଷ୍ମ ଲହରୀ

## ଆଇଏମ୍‌ଡିର ସତର୍କବାଣୀ / ଏପ୍ରିଲରୁ ଜୁନ୍ ଅସହ୍ୟ

■ ନୂଆଦିଲ୍ଲୀ,୧।୪(ଏଜେନ୍ସି): ଚଳିତ ଗ୍ରୀଷ୍ମ ଋତୁରେ ଗରମ ଅସହ୍ୟ ହେବ। ଦେଶର ଅଧିକାଂଶ ଭାଗରେ ପ୍ରବଳ ତାତି ସହ ଗ୍ରୀଷ୍ମ ପ୍ରବାହ ମଧ୍ୟ ବଢ଼ିବ। ଏପ୍ରିଲରୁ ଜୁନ୍ ୩ ମାସ ମଧ୍ୟରେ ପ୍ରବଳ ଗ୍ରୀଷ୍ମ ପ୍ରବାହ ଅନୁଭୂତ ହେବା ସହିତ ଏହା ୧୦ ରୁ ୨୦ ଦିନ ପର୍ଯ୍ୟନ୍ତ ଜାରି ରହିବ। ଏଭଳି ସ୍ଥିତି ଜନଜୀବନକୁ ପ୍ରଭାବିତ କରିପାରେ ବୋଲି ଭାରତୀୟ ପାଣିପାଗ ବିଭାଗ ଆକଳନ କରିଛି। ଏପ୍ରିଲ ମାସ ଆରମ୍ଭ ହୋଇଥିଲା ବେଳେ ଏବେ ଦେଶର ବିଭିନ୍ନ ଭାଗରେ ଅଚାନକ ଭାବେ ତାତି ବଢ଼ିବ। ଓଡ଼ିଶା ସମେତ ମଧ୍ୟ ପ୍ରଦେଶ,ଉତ୍ତର ଏବଂ ଉପକୂଳ ମହାରାଷ୍ଟ୍ର, କର୍ଣ୍ଣାଟକ, କେରଳ, ଲାକ୍ଷାଦ୍ୱୀପ, ଆଣ୍ଡାମାନ-ନିକୋବର ଦ୍ୱୀପ ପୁଞ୍ଜ, ତେଲଙ୍ଗାନା, ଏବଂ ଆନ୍ଧ୍ର ପ୍ରଦେଶ ଆଦି ରାଜ୍ୟରେ ଉତ୍ତାପ ବଢ଼ିବା ସହିତ ଏହିସବୁ ସ୍ଥାନରେ ୨ ରୁ ୮ ଦିନ ପର୍ଯ୍ୟନ୍ତ ପ୍ରବଳ ▶ପୃଷ୍ଠା-୯

ପ୍ରଭାବିତ ହେବ ୬ ରାଜ୍ୟ



## ଆଜିଠୁ ସ୍କୁଲ, ଅଙ୍ଗନବାଡ଼ି ସକାଳୁଆ

■ ଭୁବନେଶ୍ୱର, ୧।୪ (ସମିସ): ରାଜ୍ୟରେ ଆରମ୍ଭ ହୋଇଥିବା ପ୍ରଚଣ୍ଡ ଗ୍ରୀଷ୍ମ ଲହରକୁ ଦେଖି ବିଦ୍ୟାଳୟ ପରେ ଅଙ୍ଗନବାଡ଼ି କେନ୍ଦ୍ରର ସମୟରେ ରାଜ୍ୟ ସରକାର ପରିବର୍ତ୍ତନ କରିଛନ୍ତି। ମଙ୍ଗଳବାରଠାରୁ ସକାଳ ୭ଟା ରୁ ୧୧.୩୦ ଯାଏଁ ଅଙ୍ଗନବାଡ଼ି ଖୋଲା ରହିବ। ଖରାକୁ ଦୃଷ୍ଟିରେ ରଖି ମହିଳା ଶିଶୁ ବିକାଶ ବିଭାଗ ପକ୍ଷରୁ ସୋମବାର ମାର୍ଗଦର୍ଶିକା ମଧ୍ୟ ଜାରି କରାଯାଇଛି। ଶୁଦ୍ଧ ପିଇବା ପାଣି, ଓଆର୍‌ଏସ୍ ମହଜୁଦ ରଖିବା ସହ ଆନୁସଙ୍ଗିକ ବ୍ୟବସ୍ଥା କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ସ୍ୱତନ୍ତ୍ର ରିଲିଫ କମିସନରଙ୍କ ପକ୍ଷରୁ ଗ୍ରୀଷ୍ମ ପ୍ରବାହର ମୁକାବିଲା କରିବାକୁ ସମସ୍ତ ବିଭାଗକୁ ନିର୍ଦ୍ଦେଶ ପରେ ଏହି ନିଷ୍ପତ୍ତି ନିଆଯାଇଛି। ଅନୁରୂପ ଭାବେ ଆସନ୍ତାକାଲିଠାରୁ ପ୍ରଥମରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ମଧ୍ୟ ସକାଳୁଆ ପାଠପଢ଼ା ହେବ। ସକାଳ ୭ଟାରୁ ୧୧.୩୦ ଯାଏଁ ସ୍କୁଲ ଖୋଲିବା ନେଇ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

## ୪୦ ଡିଗ୍ରୀରେ ସିଝୁଛି ୮ ସହର / ଆଜିଠୁ ବଢ଼ିବ ରାତିର ତାତି

■ ଭୁବନେଶ୍ୱର, ୧।୪ (ସମିସ): ରାଜ୍ୟରେ ଅଗ୍ନିବର୍ଷୀ ଖରା ଆରମ୍ଭ ହୋଇଯାଇଛି। ଏପ୍ରିଲ୍ ଆରମ୍ଭରୁ ଟାଣ ଖରା ତାଉ ଦେଖାଇବାରେ ଲାଗିଥିବାରୁ ରାଜ୍ୟର ଅଧିକାଂଶ ସ୍ଥାନରେ ତାପମାତ୍ରା ଉପର ମୁହାଁ ହୋଇଛି। ସୋମବାର ରାଜ୍ୟର ଏକାଧିକ ସ୍ଥାନରେ ଟାଣ ଖରା ସାଙ୍ଗକୁ ପ୍ରବଳ ତାତି ଅନୁଭୂତ ହୋଇଥିବା ବେଳେ ୮ ଟି ସହରରେ ତାପାତ୍ରା ୪୦ ଡିଗ୍ରୀ କିମ୍ବା ଏହାଠାରୁ ଅଧିକ ରେକର୍ଡ କରାଯାଇଛି। ଏହି ୮ ସହରରେ

**୪ ତାରିଖରୁ ଗ୍ରୀଷ୍ମ ପ୍ରବାହ ଆଲର୍ଟ**

ମଧ୍ୟରେ ବାରିପଦା ଓ ଝାରସୁଗୁଡ଼ାରେ ତାପମାତ୍ରା ୪୦.୪ ଡିଗ୍ରୀ ରେକର୍ଡ କରାଯାଇଥିବା ବେଳେ ବଲାଙ୍ଗୀରରେ ୪୦.୩ ଓ ବୌଦ୍ଧ, ନୟାଗଡ଼, ଭବାନୀପାଟଣା, ତାଳଚେର ଏବଂ ଟିଟିଲାଗଡ଼ରେ ତାତି ୪୦ଡିଗ୍ରୀ ଛୁଇଁଛି। ସେହିପରି ଭୁବନେଶ୍ୱର ଏବଂ କଟକରେ ତାପମାତ୍ରା ୩୯.୪ଡିଗ୍ରୀ ରେକର୍ଡ କରାଯାଇଛି। ଅନ୍ୟପଟେ ଆଗକୁ ଏହି ସ୍ଥିତି ଆହୁରି ଉଦ୍‌ବେଗ ଜନକ ହେବା ସହ ଚଳିତ ଗ୍ରୀଷ୍ମ ଋତୁରେ ପ୍ରଥମ ଥର ପାଇଁ ହିଟ୍ ୱେଭ୍ (ଗ୍ରୀଷ୍ମ ଲହରୀ) ଆଲର୍ଟ ଜାରି ହୋଇଛି।

ଗୋଟିଏ ଦିନର ବିରତି ପରେ ହଠାତ ୮ ସହରରେ ତାପମାତ୍ରା ୪୦ ଡିଗ୍ରୀ ଛୁଇଁଥିବା ଯୋଗୁଁ ରାଜ୍ୟବାସୀ ନାହିଁ ନ ଥିବା ସମସ୍ୟା ଭୋଗିଛନ୍ତି। ସୋମବାର ସାକଳ ୧୧ ଟାରୁ ଖରାର ପ୍ରୋକପ ଆରମ୍ଭ ହୋଇ ପ୍ରାୟ ୩ ଟା ପର୍ଯ୍ୟନ୍ତ ଜାରି ରହିଥିଲା। ଫଳରେ ରାଜ୍ୟର ଅଧିକାଂଶ ସ୍ଥାନରେ ▶ପୃଷ୍ଠା-୯

# ୧୪ ଦିନିଆ ହାଜତକୁ ଗଲେ କେଜ୍ରିୱାଲ

■ ନୂଆଦିଲ୍ଲୀ,୧।୪ (ଏଜେନ୍ସି): ବହୁଚର୍ଚ୍ଚିତ ଦିଲ୍ଲୀ ଅବକାରୀ ଦୁର୍ନୀତି ମାମଲାରେ ମୁଖ୍ୟମନ୍ତ୍ରୀ ଅରିବନ୍ଦ କେଜ୍ରିୱାଲଙ୍କୁ ଆଶ୍ୱସ୍ତି ମିଳିପାରି ନାହିଁ। ତାଙ୍କ ରିମାଣ୍ଡ ଅବଧି ଶେଷ ହେବା ପରେ ଦିଲ୍ଲୀସ୍ଥିତ ରାଉଜ୍ ଆଭେନ୍ୟୁ କୋର୍ଟ ସୋମବାର କେଜ୍ରିୱାଲଙ୍କୁ ୧୪ ଦିନ ପାଇଁ ବିଚାର ବିଭାଗୀୟ ହାଜତକୁ ପଠାଇ ଦେଇଛନ୍ତି। ସେ ଏପ୍ରିଲ ୧୫ ତାରିଖ ପର୍ଯ୍ୟନ୍ତ ହାଜତରେ ରହିବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଗତ ମାସ ୨୧ ତାରିଖରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି)ଦ୍ୱାରା ଗିରଫ ହେବା ପରେ ଇଡି ହେପାଜତରେ ଥିବା କେଜ୍ରିୱାଲ ଜାମିନ ପାଇଁ ଆବେଦନ କରିଥିଲେ ହେଁ ତାଙ୍କୁ ଆଶ୍ୱସ୍ତି ମିଳି ନଥିଲା। ତେବେ ତାଙ୍କର ରିମାଣ୍ଡ ଅବଧି ଶେଷ ହେବା ପରେ ଇଡି ପକ୍ଷରୁ କେଜ୍ରିୱାଲଙ୍କୁ କୋର୍ଟରେ ହାଜର କରାଯିବା ସହିତ ସେ ଯାଞ୍ଚ ପ୍ରକ୍ରିୟାରେ ସହଯୋଗ କରୁ ନଥିବା ଅଭିଯୋଗ କରାଯାଇଥିଲା। ବିଭିନ୍ନ ପ୍ରଶ୍ନକୁ ସେ ଜାଣିଶୁଣି ଏଡାଇ ଦେଉଥିଲା ବେଳେ ଅନେକ ପ୍ରଶ୍ନକୁ ନେଇ ସେ ଭୁଲ ଉତ୍ତର ଦେଉଥିବା କିମ୍ବା ଉତ୍ତର ଲୁଚାଉଥିବା ଇଡି ଅଭିଯୋଗ କରିଥିଲା। ଇଡି ଯୁକ୍ତି ▶ପୃଷ୍ଠା-୯



■ ଯୁବକଙ୍କୁ ଗଳାକାଟି ହତ୍ୟା ଘଟଣାର ପର୍ଦ୍ଦାଫାସ୍

# ପ୍ରେମିକ ପାଇଁ ସ୍ୱାମୀକୁ ବଳି

■ ପାରଳାଖେମୁଣ୍ଡି, ୧।୪ (ସମିସ): ଗୋଷାଣି ବ୍ଲକ୍ ଗୁରାଣ୍ଡି ଥାନା ଅନ୍ତର୍ଗତ ବାଟସିରିପୁରରେ ଯୁବକ ଏମ୍.ଲିଙ୍ଗରାଜଙ୍କୁ ଗଳା କାଟି ହତ୍ୟା ଘଟଣାର ପର୍ଦ୍ଦାଫାସ କରିଛି ଗଜପତି ପୁଲିସ୍। ଅନ୍ୟ କେହି ନୁହେଁ, ବରଂ ପୁରୁଷ ବନ୍ଧୁଙ୍କ ସହ ମିଶି ମାତ୍ର ୪୫ ଦିନର ନବବିବାହିତା ପତ୍ନୀ ଏମ୍.ଜୟଲକ୍ଷ୍ମୀ ହିଁ ଲିଙ୍ଗରାଜଙ୍କୁ ହତ୍ୟା କରିଥିଲେ ବୋଲି ପୁଲିସ କହିଛି। ଆଜି ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ସ୍ୱାତୀ ଏସ୍. କୁମାର ଏକ ସାମ୍ବାଦିକ ସମ୍ମିଳନୀରେ ଏହି ସୂଚନା ଦେଇଛନ୍ତି। ଏହି ଘଟଣା ଜିଲ୍ଲାବ୍ୟାପୀ ଚର୍ଚ୍ଚାର ବିଷୟ ପାଲଟିଛି। ଲିଙ୍ଗରାଜଙ୍କ ହତ୍ୟା ଖବର ପଦାକୁ ଆସିବା ପରେ ଜୟଲକ୍ଷ୍ମୀ କାନ୍ଦି କାନ୍ଦି ଗଡ଼ିଯିବା ସହ ମଝିରେ ମଝିରେ ଚେତା ହରାଉଥିଲେ। କିନ୍ତୁ ସେ ଏହି ଜଘନ୍ୟ କାଣ୍ଡ ଘଟାଇଛନ୍ତି ବୋଲି ଜାଣିବା ପରେ ପୁଲିସ୍ ବି ଆଶ୍ଚର୍ଯ୍ୟ ହୋଇଯାଇଥିଲା। ପୁଲିସ ଉଭୟ ଜୟଲକ୍ଷ୍ମୀ ଓ ତାଙ୍କ ପୁରୁଷ ବନ୍ଧୁ ଏନ୍.ଉପେନ୍ଦ୍ରଙ୍କୁ ଗିରଫ କରି ▶ପୃଷ୍ଠା-୯

- ନବବିବାହିତା ପତ୍ନୀ ଓ ପୁରୁଷ ବନ୍ଧୁ ଗିରଫ
- ହତ୍ୟା ପରେ ଚମତ୍କାର ଅଭିନୟ କରିଥିଲେ ଜୟଲକ୍ଷ୍ମୀ
- କାନ୍ଦି କାନ୍ଦି ଗଡ଼ିଥିଲେ, ଚେତା ବି ହରାଇଥିଲେ



## ନବୀନଙ୍କ ନିବାସରେ ମହିମା ଅଲେଖ ସାଧୁସନ୍ଥ

# ୬ଷ୍ଠ ଥର ମୁଖ୍ୟମନ୍ତ୍ରୀ ପାଇଁ ଦେଲେ ବିଜୟ ଆଶିଷ

■ ଭୁବନେଶ୍ୱର, ୧।୪ (ସମିସ): ପ୍ରଚଣ୍ଡ ରୌଦ୍ରତାପ ସତ୍ତ୍ୱେ ସୋମବାର ନବୀନ ନିବାସରେ ମହିମା ଧର୍ମାବଲମ୍ବୀ ସାଧୁସନ୍ଥମାନଙ୍କର ସମାଗମ ହୋଇଥିଲା। ସାଧୁମାନେ ନବୀନ ପଟ୍ଟନାୟକଙ୍କୁ ଷଷ୍ଠ ଥର ପାଇଁ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଭାର ସମ୍ଭାଳିବା ନେଇ ଆଶିଷ ଦେଇଥିଲେ। ସନ୍ଥ ଭୀମଭୋଇ ମହିମା ଅଲେଖ ଟ୍ରଷ୍ଟ ପକ୍ଷରୁ ସାଧୁସନ୍ଥମାନେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ '୫-ଟି' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ୍‌ଙ୍କୁ ସାକ୍ଷାତ କରି ବିଜୟ ଆଶୀର୍ବାଦ ଦେବା ଅବସରରେ କହିଛନ୍ତି, ନବୀନ ଜଣେ ଦରଦୀ ମଣିଷ। ରାଜ୍ୟର ସବୁ ଲୋକଙ୍କ ଦୁଃଖକୁ ସେ ହୃଦୟଙ୍ଗମ କରନ୍ତି, ଆଉ ସମସ୍ୟା ଦୂର ପାଇଁ ଉଚିତ ପଦକ୍ଷେପ ନିଅନ୍ତି। ତାଙ୍କର ୨୫ ବର୍ଷ ଶାସନ କାଳରେ ଓଡ଼ିଶା ସୁବର୍ଣ୍ଣ ସମୟ ଦେଖୁଛି। ସେ ନିଶ୍ଚିତ ଭାବେ ଆଗାମୀ ନିର୍ବାଚନରେ ବିଜୟ ଲାଭ କରି ପୁଣି ଥରେ ଶାସନ କ୍ଷମତାରେ ବସିବେ ବୋଲି ସାଧୁସନ୍ଥମାନେ ଦୃଢ଼ ଆଶାପୋଷଣ କରିଛନ୍ତି। ନବୀନ ନିବାସରୁ ବାହାରିବା ପରେ ସାଧୁମାନେ କହିଥିଲେ ▶ପୃଷ୍ଠା-୯



- ଯୋରନ୍ଦା ବିକାଶ ପାଇଁ ରାଜ୍ୟ ସରକାର ଦେଇଛନ୍ତି ୧୬୦ କୋଟି
- ରାଜ୍ୟର ୧୫୦ ମହିମା ପୀଠର ଉନ୍ନତି ପାଇଁ ୮୩୦ କୋଟି

## ଲୋକକଥା



ବିରୋଧୀ ଶିବିରେ ଡକା ପଡ଼ିଲାଣି<br>
ଯୋଦ୍ଧା ଯାଉଛନ୍ତି ଛାଡ଼ି !<br>
ନିର୍ବାଚନ ରଣ ଦିନକୁ ଦିନ ତ,<br>
ତାତି ଭଳି ଆସେ ମାଡ଼ି।<br>
ଧକ ଧକ ତାଙ୍କ ନାଡ଼ି<br>
ଏଥର ସତେ କି ଟଳମଳ ସ୍ଥିତି,<br>
ଶଙ୍ଖ ଦେବ ଅଣ୍ଟା ମୋଡ଼ି !!

## ରାଜ୍ୟସ୍ତରୀୟ ଓଡ଼ିଶା ଦିବସରେ ମୁଖ୍ୟମନ୍ତ୍ରୀଙ୍କ ଆହ୍ୱାନ

# ଓଡ଼ିଶାର ଅସ୍ମିତା ଓ ସ୍ୱାଭିମାନ ରକ୍ଷା ପାଇଁ ମିଳିମିଶି କାମ କର

■ ଭୁବନେଶ୍ୱର, ୧।୪ (ସମିସ): ଦେଶର ପ୍ରଥମ ଭାଷାଭିତ୍ତିକ ରାଜ୍ୟ ଭାବେ ଓଡ଼ିଶା ଗଠନ ହୋଇଛି। ୧୯୩୬ ମସିହାରେ ଓଡ଼ିଶା ଗଠନର ସ୍ୱପ୍ନ ସାକାର ହୋଇଥିଲା। ଏହି ଦିବସଟି ପ୍ରତ୍ୟେକ ଓଡ଼ିଆଙ୍କ ପାଇଁ ଗର୍ବ ଓ ଗୌରବର ଦିନ ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି। ସୋମବାର ସନ୍ଧ୍ୟାରେ ସ୍ଥାନୀୟ ଜୟଦେବ ଭବନଠାରେ ଆୟୋଜିତ ରାଜ୍ୟସ୍ତରୀୟ ଓଡ଼ିଶା ଦିବସ ସମାରୋହରେ ଭର୍ଚୁଆଲରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଓଡ଼ିଶା ମାଟିର ବରପୁତ୍ର ଉତ୍କଳ ଗୌରବ ମଧୁସୂଦନ ଦାସ, ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ, ପାରଳା ମହାରାଜା କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବ, ମହାରାଜା ଶ୍ରୀ ରାମଚନ୍ଦ୍ର ଭଞ୍ଜଦେଓ, ଫକୀର ମୋହନ ସେନାପତି, ପଣ୍ଡିତ ଗୋଦାବରୀଶ ▶ପୃଷ୍ଠା-୯






# ବିଶ୍ୱ ଅଟିଜିମ୍ ସଚେତନତା ଦିବସ



ପ୍ରତିବର୍ଷ ଏପ୍ରିଲ ୨ ତାରିଖରେ 'ବିଶ୍ୱ ଅଟିଜିମ୍ ସଚେତନତା ଦିବସ' ପାଳନ କରାଯାଉଛି । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ହୁ)ର ତଥ୍ୟ ମୁତାବିକ, ପ୍ରତି ୧୦୦ ଶିଶୁଙ୍କ ମଧ୍ୟରେ ଜଣେ ଅଟିଜିମ୍‌ର ଶିକାର । ଏହାଠୁ ବେଶୀ ଉଦ୍‌ବେଗର କଥା ହେଉଛି, କ୍ରମାଗତ ଭାବେ ଏଭଳି ଶିଶୁଙ୍କ ସଂଖ୍ୟା ବଢ଼ିଚାଲିଛି । ଅଟିଜିମ୍ ସ୍ପେକ୍ଟ୍ରମ୍ ଡିଜ୍‌ଅର୍ଡର ହେଉଛି ଏକ ସ୍ନାୟୁଗତ ସମସ୍ୟା । ଛୋଟ ପିଲାମାନେ ବିଶେଷ ଭାବେ ଏହି ସମସ୍ୟାର ସମ୍ମୁଖୀନ ହୋଇଥାନ୍ତି । ଏହି ଅବସ୍ଥାରେ ଶିଶୁର ମସ୍ତିଷ୍କ ସଠିକ୍ ଭାବରେ ବିକଶିତ ହୋଇପାରି ନ ଥାଏ । ଜନ୍ମ ସମୟରେ ଏରୋଗ ବାବଦରେ ଜଣାପଡ଼ି ନ ଥାଏ । ଧୀରେ ଧୀରେ ପିଲାଟିର ଶାରୀରିକ ଅଭିବୃଦ୍ଧି ସହ ଏହି ରୋଗର ଲକ୍ଷଣ ଦେଖାଯାଏ । ଜଣେ ବ୍ୟକ୍ତିଙ୍କର ସାରା ଜୀବନ ଏହି ଲକ୍ଷଣ ଦେଖାଦେଇପାରେ । ଏପରି ରୋଗରେ ପିଲାଟି କାହା ସହିତ କଥା ହୁଏ ନାହିଁ । ଆଖିରେ ଆଖି ମିଶାଇ କଥା କହିପାରେ ନାହିଁ । ସେ ଅନ୍ୟ ପିଲାଙ୍କ ସହିତ ମିଶେ ନାହିଁ । ନିଜେ ଏକା ଏକା ବସି ଖେଳେ । ଗୋଟିଏ କଥାକୁ ବାରମ୍ବାର କହେ ଓ ଗୋଟିଏ କାମକୁ ବାରମ୍ବାର କରିଥାଏ । ବର୍ଷକର ଶିଶୁକୁ ନାଁ ଧରି ଡାକିଲେ ସେ ଜାଣିପାରେ ନାହିଁ । ସେମାନଙ୍କର ଭାଷାର ବିକାଶ ବିଳମ୍ବ ହୋଇପାରେ କିମ୍ବା ଭାଷା ଅସ୍ୱାଭାବିକ ହୋଇପାରେ । କଥାବାର୍ତ୍ତା କଲାବେଳେ ସେମାନେ ବିଭିନ୍ନ ଶବ୍ଦର ଠିକ୍ ଭାବରେ ବ୍ୟବହାର କରିପାରନ୍ତି ନାହିଁ । ଅଟିଜିମ୍ ରୋଗରେ ପିଲାମାନଙ୍କ ଖେଳିବାର ଶୈଳୀରେ ମଧ୍ୟ ଅସ୍ୱାଭାବିକତା ଦେଖାଯାଇଥାଏ । ସେମାନେ ସାଧାରଣ ଭାବରେ ବ୍ୟବହାର ହେଉଥିବା ଖେଳଣା ସହିତ ଖେଳି ନ ଥାନ୍ତି । ପ୍ରାରମ୍ଭିକ ଅବସ୍ଥାରେ ଅଟିଜିମ୍ ରୋଗର ଲକ୍ଷଣକୁ ଚିହ୍ନି ମାନସିକ ରୋଗ ବିଶେଷଜ୍ଞଙ୍କୁ ପରାମର୍ଶ କରିବା ଉଚିତ । ଅଟିଜିମ୍ ପୀଡ଼ିତ ଶିଶୁଙ୍କୁ ସେନସୋରି ଇଣ୍ଟିଗ୍ରେସନ୍ ଥେରାପି, ଆର୍ଟ ଆଣ୍ଡ କ୍ରାଫ୍ଟ ଥେରାପି, ସ୍ପିଚ୍ ଥେରାପି, ସ୍ପେସାଲ ଏଜୁକେସନ୍ ଏବଂ ବିଶେଷ ଭାବେ ଅକ୍ୟୁପେସନାଲ ଥେରାପିରେ ଚିକିତ୍ସା କରାଯାଇଥାଏ । ଅଭିଭାବକମାନେ ଧୈର୍ଯ୍ୟର ସହିତ ପିଲାର ଚିକିତ୍ସା କରାଇଲେ ଧୀରେ ଧୀରେ ପିଲାର ବ୍ୟବହାରରେ ଅନେକ ଉନ୍ନତି ଦେଖାଯାଇଥାଏ । ପିଲାର ସାମାଜିକ ଓ ଯୋଗାଯୋଗ ଦକ୍ଷତା ବୃଦ୍ଧି ପାଇଥାଏ । ତା'ର ଭାଷାରେ ମଧ୍ୟ ଧୀରେ ଧୀରେ ବିକାଶ ଘଟିଥାଏ ।

## ଆଜିର ଇତିହାସ

- ୧୯୦୨- ଲସ୍‌ଏଞ୍ଜେଲସ୍‌ରେ ପ୍ରଥମ ମୋସନ୍ ପିକଚର୍ ଥିଏଟର୍ ଖୋଲିଲା ।
- ୧୯୪୨- କଂଗ୍ରେସ୍ କ୍ରିପ୍‌ସ ମିଶନ୍ ପ୍ରସ୍ତାବକୁ ଖାରଜ କଲା ।
- ୨୦୦୧- ନେପାଳରେ ମାଓବାଦୀମାନେ ୩୫ ପୁଲିସ୍ ଅଧିକାରୀଙ୍କୁ ହତ୍ୟା କଲେ ।
- ୨୦୦୭- ସୋଲୋମନ୍ ଦ୍ୱୀପରେ ସୁନାମି ଆସିଥିଲା ।
- ୨୦୧୧- ଭାରତ ଦ୍ୱିତୀୟ ଥର କ୍ରିକେଟ୍ ବିଶ୍ୱକପ୍ ଜିତିଲା ।
- ୨୦୨୦- ସାରା ବିଶ୍ୱରେ କରୋନା ଭୂତାଣୁ ସଂକ୍ରମଣ ସଂଖ୍ୟା ଦଶ ଲକ୍ଷରେ ପହଞ୍ଚିଲା ।

# ପାଣି ଭିତରେ ହୋଟେଲ

ସାରା ବିଶ୍ୱରେ ଅନେକ ନାମୀଦାମୀ ହୋଟେଲ ରହିଛି, ଯେଉଁଠିକି ଯାଇ ଯାତ୍ରୀ ସେଠାରେ ରହିବା ସହିତ ଖାଦ୍ୟପେୟର ମଜା ନେଇଥାନ୍ତି । ଏହି କ୍ରମରେ ପାଣି ଭିତରେ ଥିବା ଏକ ହୋଟେଲ ଏବେ ସୋସିଆଲ ମିଡିଆରେ ଖୁବ୍ ଭାଇରାଲ ହେବାରେ ଲାଗିଛି । ଏହି ହୋଟେଲର କାନ୍ଥଗୁଡ଼ିକ ଦେଖି ଅନୁଭବ ହେବ ଯେପରି ଏହା ପାଣିରେ ତିଆରି ହୋଇଛି । କେବଳ ସେତିକି ନୁହେଁ ହୋଟେଲର ରୁମ୍‌ଗୁଡ଼ିକ ଭିତରେ ମାଛଗୁଡ଼ିକ ପହଁରୁଥିବାର ଦେଖାଯିବେ । ଏହା ବିଶ୍ୱର ସବୁଠୁ ଦାମୀ ଅଣ୍ଡର ୱାଟର ହୋଟେଲ । ସମୁଦ୍ର ତଳେ ଏହି ହୋଟେଲକୁ ନିର୍ମାଣ କରାଯାଇଛି । 'ମୁରାକା' ନାମକ ଏହି ହୋଟେଲଟି ମାଳଦ୍ୱୀପରେ ରହିଛି । ଏଠାରେ ଗୋଟିଏ ରାତ୍ରୀ ରହିବା ପାଇଁ ଜଣକୁ ୧୭ ଲକ୍ଷ ଖର୍ଚ୍ଚ କରିବାକୁ ହେବ । ହୋଟେଲଟି ସମୁଦ୍ର ପୃଷ୍ଠରୁ ୧୬ ଫୁଟ ତଳେ ରହିଛି । ଭାଇରାଲ ହୋଇଥିବା ଭିଡିଓରେ ଦେଖିବାକୁ ମିଳିଛି, ଲିଫ୍ଟରେ ସର୍ବପ୍ରଥମେ ପାଣି ଭିତରକୁ ଯିବାକୁ ପଡ଼େ । ପାଣି ଭିତରକୁ ଯିବା ପରେ କାଚର କବାଟ ଦେଖାଯାଏ । ଏହାର



ଚାରିପାଖରେ ସମୁଦ୍ର ଦେଖାଯାଏ । ଏହି ହୋଟେଲର ରୁମ୍‌ଗୁଡ଼ିକର କାନ୍ଥ କାଚରେ ତିଆରି । ଯେଉଁଥିରେ ସମୁଦ୍ର ସ୍ପଷ୍ଟ ଭାବେ ଦେଖାଯାଏ । ଜିମ୍, ବାର୍, ପୁଲ୍ ଆଦି ସମସ୍ତ ବ୍ୟବସ୍ଥା ହୋଟେଲ ଭିତରେ ରହିଛି । ଏହି ହୋଟେଲର ପ୍ରଥମ ମହଲା ପାଣି ଉପରେ ରହିଛି । ଯେଉଁଠି ଲୋକେ ସନ୍‌ବାଥ୍‌ର ମଜା ନେଇଥାନ୍ତି । ତେବେ ଏହି ହୋଟେଲ ନିର୍ମାଣ ସମୟରେ ସମୁଦ୍ର ଜଳ ଯେପରି ପ୍ରଦୂଷିତ ନ ହେବ ସେଥିପ୍ରତି ପୂରା ଧ୍ୟାନ ଦିଆଯାଇଛି । ଷ୍ଟିଲ୍, କଂକ୍ରିଟ୍, ଗ୍ଲାସ୍ ଓ ଏକ୍ରେଲିକ୍‌ର ବ୍ୟବହାର ହୋଟେଲ ନିର୍ମାଣରେ କରାଯାଇଛି । ପ୍ରତିବର୍ଷ ମାଳଦ୍ୱୀପର ୬୦ ହଜାର ଲୋକ ଏଠାକୁ ଛୁଟି କାଟିବାକୁ ଆସନ୍ତି ।



# ଆଇସ୍‌କ୍ରିମ୍, ଆଳୁଚିପ୍‌ସ ବି ନିଶା!

ଛୋଟ ଏବଂ ବଡ଼ ସମସ୍ତଙ୍କୁ ପସନ୍ଦ ଆଇସ୍‌କ୍ରିମ୍ ଏବଂ ଆଳୁ ଚିପ୍ସ । ତେବେ ଏବେ ଏକ ଗବେଷଣାରୁ ଜଣାପଡ଼ିଛି, ଆଇସ୍‌କ୍ରିମ୍ ଏବଂ ଆଳୁ ଚିପ୍ସ ଖାଇବା ଲୋକଙ୍କର ଏକପ୍ରକାର ନିଶା ପାଲଟି ଯାଇଛି । ନିକୋଟିନ୍, କୋକେନ୍ ଭଳି ଲୋକଙ୍କୁ ଏହି ନିଶା ଘାରିଛି । ପ୍ରତି ୧୦ ଜଣଙ୍କ ମଧ୍ୟରୁ ଜଣେ ଅଲଟ୍ରା ପ୍ରୋସେସଡ୍ ଖାଦ୍ୟ ଖାଇବା ନିଶାରେ କବଳିତ । ଏଭଳି ଖାଦ୍ୟରେ ଶ୍ୱେତସାର ଓ ସ୍ନେହସାର ଅଧିକ ପରିମାଣରେ ଥାଏ । ସେଥିପାଇଁ ଏହି ଖାଦ୍ୟାଭ୍ୟାସ ଲୋକଙ୍କ ନିଶାରେ ପରିଣତ ହୋଇଛି । ସେହିପରି ଏହି ଖାଦ୍ୟଗୁଡ଼ିକରେ ଏପରି କିଛି ଜିନିଷ ରହିଛି, ଯାହାକୁ ବାରମ୍ବାର ଖାଇବାକୁ ଆଗ୍ରହ ପରିଲକ୍ଷିତ ହୁଏ । ଗବେଷଣା ଅନୁସାରେ, ଆଇସ୍‌କ୍ରିମ୍ ଏବଂ ଆଳୁ ଚିପ୍ସ ଖାଇବା ଏକପ୍ରକାର ନିଶା । ସେଥିପାଇଁ ଏଥିରୁ ନିଜକୁ ଦୂରେଇ ରଖିବା କଷ୍ଟକର ହୋଇଥାଏ । ଏଣୁ ଧୀରେ ଧୀରେ ଏହି ଖାଦ୍ୟର ଅଭ୍ୟାସ କମ୍ କରିବା ଦରକାର । ଠିକ୍ ସମୟରେ ଏହି ଅଭ୍ୟାସ ନ ଛାଡ଼ିଲେ ଓଜନ ବୃଦ୍ଧି ସହିତ ମଧୁମେହ ହେବାର ଆଶଙ୍କା ଅଧିକ । ଏହାବାଦ୍ ଏଥିରୁ ହୃଦ୍ ସମସ୍ୟା, କୋଲେଷ୍ଟ୍ରଲ, ରକ୍ତଚାପ, ଦନ୍ତ କ୍ଷୟ ଆଦି ସମସ୍ୟା ଦେଖିବାକୁ ମିଳେ । ଅନ୍ୟପଟେ ଏହାକୁ ସବୁଦିନ ନ ଖାଇ କେବେ କେବେ ଖାଇବା ଦରକାର ବୋଲି କୁହାଯାଇଛି ।

## ମହିଳାଙ୍କ ବିକୃତ ପ୍ରକୃତି

# ରକ୍ତପାନରେ ଆତ୍ମତୃପ୍ତି



ବିଶ୍ୱରେ ଅନେକ ଲୋକ ଅଭକ୍ଷ ଭକ୍ଷଣ କରିଥାନ୍ତି । ଯାହା ଜାଣିଲେ ଦେହ ଶୀତେଇ ଉଠେ । ସେମିତି ଜଣେ ହେଲେ କାଲିଫର୍ଣ୍ଣିଆର ମିସେଲ ନାମ୍ନୀ ଜଣେ ୪୦ ବର୍ଷୀୟା ମହିଳା । ଯାହାଙ୍କ ଅଭ୍ୟାସ ରକ୍ତପାନ । ମିସେଲ ପେସାରେ ଜଣେ ଟାଟୁ ଆର୍ଟିଷ୍ଟ । ସେ ନିୟମିତ ଲିଟରେ ତାଜା ରକ୍ତ ପିଅନ୍ତି । ପିଲାଦିନରୁ ସେ ବିଭିନ୍ନ ଜୀବଜନ୍ତୁଙ୍କ ରକ୍ତ ପିଇଆସୁଛନ୍ତି । ୨୦୧୩ରେ 'ମାଇ ଷ୍ଟ୍ରେଞ୍ଜ ଆଡିକ୍ସନ୍' ଶୋ'ରେ ସେ ନିଜର ଏହି କୁତ୍ସିତ ପ୍ରବୃତ୍ତି ବିଷୟରେ ପ୍ରକାଶ କରିଥିଲେ । ମିସେଲ କହିଛନ୍ତି ଯେ, ତାଙ୍କୁ ରକ୍ତ ନ ପିଇଲେ ଭଲ ଲାଗେନି । ରକ୍ତ ପିଇବା ପରେ କାମ ପ୍ରତି ତାଙ୍କର ଅଧିକ ଆଗ୍ରହ ଆସିଥାଏ । ସେ କଞ୍ଚାରକ୍ତକୁ ପ୍ରାୟତଃ ପାଣି ଭଳି ପିଉଥିବାବେଳେ ଆଉ ବେଳେବେଳେ ଖାଦ୍ୟରେ ଗୋଳାଇ ଖାଇଥାନ୍ତି । ସକାଳୁ ଉଠିବା ପରେ ସେ ଅଧିକାଂଶ ସମୟରେ କଫି ସହ ରକ୍ତକୁ ମିଶାଇ ପିଇଥାନ୍ତି । ଏଭଳି ରକ୍ତପାନ ଅଭ୍ୟାସ ସେ ଭବିଷ୍ୟତରେ ମଧ୍ୟ ଜାରି ରଖିବେ ବୋଲି କହିଛନ୍ତି ।

# ପୋଷ୍ଟର୍‌ଧରି ଚାକିରିଆ ଝିଅ ଖୋଜା

## ବାସନ ମାଜିବାକୁ ରାଜି ଯୁବକ

ଏବେ ମ୍ୟାଟ୍ରିମୋନି ସାଇଟ୍‌ଗୁଡ଼ିକ ଯୋଗେ ଲୋକେ ଅନଲାଇନ୍‌ରେ ନିଜ ପସନ୍ଦ ଅନୁଯାୟୀ ପାତ୍ର/ପାତ୍ରୀ ଖୋଜିପାରୁଛନ୍ତି । ବିହାରର ବିଶାଲ ନାମକ ଜଣେ ଯୁବକ ନିଜ ବିବାହ ପାଇଁ ଏମିତି ନିଆରା ଢଙ୍ଗରେ ଜୀବନସାଥୀ ଖୋଜିଛନ୍ତି, ଯାହା ଏବେ ସବୁଠି ଚର୍ଚ୍ଚାରେ ରହିଛି । କାରଣ ଏହି ଯୁବକ ଜଣକ ଆଧୁନିକ ଯୁଗରେ କୌଣସି ସମ୍ପର୍କୀୟ କିମ୍ବା ମ୍ୟାଟ୍ରିମୋନି ସାଇଟ୍‌ର ସାହାଯ୍ୟ ନ ନେଇ ସେ ନିଜ ପାଇଁ ରାଜରାସ୍ତାରେ କନିଆ ଖୋଜିଛନ୍ତି । ଏଥିପାଇଁ ସେ କେବଳ ଗୋଟିଏ ପୋଷ୍ଟର୍ ସାହାଯ୍ୟ ନେଇଛନ୍ତି । ନିଜ ପାଇଁ ସେ କେମିତି ଝିଅ ଖୋଜୁଛନ୍ତି ତାହା ସେହି ପୋଷ୍ଟର୍‌ରେ ସେ ଉଲ୍ଲେଖ କରିଛନ୍ତି । ତେବେ ବିଶାଲ ସରକାରୀ ଚାକିରି କରୁଥିବା ଜଣେ ଯୁବତୀଙ୍କୁ ବିବାହ କରିବାକୁ ଚାହୁଁଥିବାବେଳେ ତାଙ୍କର ଏଭଳି କାର୍ଯ୍ୟ ଦେଖି ରାସ୍ତାରେ ଯାଆସ କରୁଥିବା ଲୋକେ ଚକିତ ହୋଇଯାଇଥିଲେ । ସେ ଧରିଥିବା ପୋଷ୍ଟର୍‌ରେ ଲେଖାଥିଲା, ଯଦି ତାଙ୍କୁ ଜଣେ ସରକାରୀ ଚାକିରିଆ ଝିଅ ମିଳିଯାଆନ୍ତି, ତେବେ ସେ ନିଜେ ତାଙ୍କୁ ଯୌତୁକ ଦେବେ । ତାଙ୍କ ପାଇଁ ବିଭିନ୍ନ ପ୍ରକାର କାମ କରିଦେବେ । ଯେମିତିକି ପତ୍ନୀଙ୍କ ପାଇଁ ସେ ନିଜେ ରୋଷେଇ କରିବେ । ସବୁଠୁ ମଜାଦାର କଥା ହେଉଛି, ସେ ତାଙ୍କ ପାଇଁ ବାସନ ମଧ୍ୟ ମାଜିଦେବେ ବୋଲି ଏଥିରେ ଉଲ୍ଲେଖ କରିଥିଲେ ।




# ଆସିବ 'ନାୟକ'ର ସିକ୍ୱେଲ

ବଲିଉଡ୍‌ରେ ଏବେ ସିକ୍ୱେଲ ଫିଲ୍ମ ଟ୍ରେଣ୍ଡ ଚାଲିଛି । ସବୁଠୁ ବଡ଼ କଥା ହେଲା, ଏହି ଫିଲ୍ମର ମୂଳ କଳାକାରମାନେ ମଧ୍ୟ ଏଥିରେ ଅଭିନୟ କରି ନିଜ ସଫଳତାକୁ ପୁଣି ଥରେ ଦୋହରାଇବା ପାଇଁ ଇଚ୍ଛା କରୁଛନ୍ତି । ଏବେ ୨୦୦୧ରେ ମୁକ୍ତିଲାଭ କରିଥିବା ଫିଲ୍ମ 'ନାୟକ: ଦ ରିଅଲ ହିରୋ'ର ସିକ୍ୱେଲ ଆସିବ । ଏଥିରେ ଲିଡ୍ ରୋଲରେ ଅନୀଲ କପୁର, ରାନୀ ମୁଖାର୍ଜୀ ଓ ଅମରିଶ୍ ପୁରୀ ଦେଖାଯାଇଥିଲେ । ଯଦିଓ ଏହି ଫିଲ୍ମ ସେତେବେଳେ ବ୍ଲକ୍‌ବଷ୍ଟର୍ ସାବ୍ୟସ୍ତ ହୋଇ ନ ଥିଲା; କିନ୍ତୁ ଟେଲିଭିଜନ ପରଦାରେ ଦର୍ଶକେ ଏହାକୁ ଖୁବ୍ ଦେଖିଥିଲେ । 'ଫାଇଟର୍', 'ପଠାନ୍' ଭଳି ହିଟ୍ ଫିଲ୍ମ ଦେଇଥିବା ନିର୍ଦ୍ଦେଶକ ସିଦ୍ଧାର୍ଥ ଆନନ୍ଦ ଏହି ଫିଲ୍ମର ସିକ୍ୱେଲ ଆଣିବା ପାଇଁ ଯୋଜନା କରିଛନ୍ତି । ଏହାର ନିର୍ଦ୍ଦେଶନା ଦେବେ ମିଲନ୍ ଲୁଥରିଆ । 'ନାୟକ' ଫିଲ୍ମରେ ଅନୀଲ ଏକ ନ୍ୟୁଜ୍ ରିପୋର୍ଟର ଭୂମିକାରେ ଅଭିନୟ କରିଥିଲେ, ଯାହାଙ୍କୁ ଦିନକ ପାଇଁ ମୁଖ୍ୟମନ୍ତ୍ରୀ ହେବା ସୁଯୋଗ ମିଳୁଛି । 'ନାୟକ'ର ପ୍ରଥମ ପାର୍ଟ ଭଳି ଏହାର ସିକ୍ୱେଲ ବି ରାଜନୈତିକ ପୃଷ୍ଠଭୂମି ଉପରେ ଆଧାରିତ ହେବ । ତେବେ ଏହାର ସିକ୍ୱେଲରେ ମୂଳ ଫିଲ୍ମର କାଳାକାରମାନେ ରହିବେ କି ସିଦ୍ଧାର୍ଥ କିଛି ନୂଆ ଚେହେରାଙ୍କୁ ସୁଯୋଗ ଦେବେ ତାହା ସ୍ପଷ୍ଟ ହୋଇନାହିଁ ।



# ଅଫିସ୍ ଟେବୁଲରେ ରଖନ୍ତୁନି ଏହି ଗଛ

**ଅନେକ ଲୋକ ସେମାନଙ୍କ ଅଫିସ୍ ଟେବୁଲ ବା ଡେସ୍କକୁ ସଜାଇବାକୁ ପସନ୍ଦ କରନ୍ତି । କେହି କେହି ଅଫିସ୍ ଟେବୁଲରେ ଠାକୁରଙ୍କ ମୂର୍ତ୍ତି ରଖୁଥିବାବେଳେ ଆଉ କେହି କେହି ବିଭିନ୍ନ ପ୍ରକାର ଗଛ ରଖିଥାନ୍ତି । ବାସ୍ତୁ ଶାସ୍ତ୍ର ଅନୁସାରେ, କିଛି ଗଛକୁ ଅଫିସ୍ ଡେସ୍କରେ ରଖିବା ଅନୁଚିତ । ଯଦିଓ ଏହି ଗଛଗୁଡ଼ିକ ବେଶ୍ ସୁନ୍ଦର ଦେଖାଯାଏ, ତଥାପି ଏହା ଜଣକର ଉନ୍ନତିରେ ବାଧା ସୃଷ୍ଟି କରିଥାଏ । ଏଥିରୁ ବାହାରୁଥିବା ନକାରାତ୍ମକ ଶକ୍ତି କ୍ୟାରିୟର୍ ଉପରେ ପ୍ରଭାବ ପକାଏ ।**

### ବାଉଁଶ

ଅନେକ ଲୋକ ଅଫିସ୍ ଟେବୁଲରେ ବାଉଁଶ ଗଛ ରଖିଥାନ୍ତି । ବାସ୍ତୁ ଶାସ୍ତ୍ର ଅନୁସାରେ, ଅଫିସ୍ ଟେବୁଲରେ ବାଉଁଶ ଗଛ ରଖିବା ଦ୍ୱାରା ଜଣେ ଅବସାଦ ମଧ୍ୟରେ ଗତି କରନ୍ତି । ସହକର୍ମୀଙ୍କ ସହ ମନୋମାଳିନ୍ୟ ଦେଖାଯାଏ ।

### କ୍ୟାକ୍‌ଟସ୍

କଣ୍ଟାଯୁକ୍ତ କାକ୍‌ଟସ୍‌କୁ କେବେ ବି ଅଫିସ୍ ଡେସ୍କରେ ରଖିବା କଥା ନୁହେଁ । ଏଥିରୁ ବାହାରୁଥିବା ନକାରାତ୍ମକ ଶକ୍ତି ଦ୍ୱାରା ଜଣକର କାର୍ଯ୍ୟ ପ୍ରଭାବିତ ହୁଏ । ଏହାଦ୍ୱାରା କାମରେ ମନ ଲାଗେ ନାହିଁ, ବେଳେବେଳେ ସ୍ଥିତି ଏପରି ଉପୁଜେ, ଯାହାଦ୍ୱାରା ଜଣେ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ କାମ ସାରି ପାରନ୍ତି ନାହିଁ ।

### ଘିକୁଆଁରୀ

ଔଷଧୀୟ ଗୁଣ ଯୁକ୍ତ ଘିକୁଆଁରୀ ଗଛକୁ କେବେ ଅଫିସ୍ ଟେବୁଲରେ ରଖିବା ଉଚିତ୍ ନୁହେଁ । ବାସ୍ତୁ ଅନୁସାରେ, ଏହାକୁ ଅଫିସ୍ ଡେସ୍କରେ ରଖିବା ଦ୍ୱାରା ଅନେକ ସମୟରେ କଳିଝଗଡ଼ା ସ୍ଥିତି ସୃଷ୍ଟି ହୋଇଥାଏ । ଜଣେ ଇଚ୍ଛା ନ କରି ମଧ୍ୟ ବାଦବିବାଦର ଶିକାର ହୋଇଥାନ୍ତି ।

### ଗୋଲାପ

ଗୋଲାପ ଫୁଲ ଦେଖିବାକୁ ଆକର୍ଷଣୀୟ ଲାଗୁଥିଲେ ସୁଦ୍ଧା ଏହାକୁ ସବୁବେଳେ ଘରେ ଲଗାଇବା ଉଚିତ୍ । ଅଫିସ୍‌ରେ ଗୋଲାପ ଗଛ ରଖନ୍ତୁ ନାହିଁ । ଏହି ଗଛକୁ ଅଫିସ୍‌ରେ ରଖିବା ଦ୍ୱାରା ମୁଡ୍ ସ୍ୱିଙ୍ଗ୍ ସମସ୍ୟା ଦେଖାଯାଏ । ଏଥିଯୋଗୁ ବେଳେବେଳେ ଜଣକର ମନରେ ନିରାଶ ଭାବ ଦେଖା ଯାଇଥାଏ ।



## ଆଜିର ରାଶିଫଳ

**ମେଷ:** ବ୍ୟକ୍ତିଗତ ମାମଲାରେ ରୁଚି ବଢ଼ାନ୍ତୁ । ଭୂମି, ଗୃହ କିଣିବା ପାଇଁ ମନ ବଳାଇବେ । କ୍ୟାରିୟରରେ ସଫଳତା ହାସଲ କରିବେ । ସାମାଜିକ କାର୍ଯ୍ୟକ୍ରମରେ ସାମିଲ ହେବେ ।

**ବୃଷ:** ଅନ୍ୟଙ୍କୁ ଦେଇଥିବା କଥାକୁ ରଖିବେ । ସୁଖଦ ସମୟ ବିତାଇପାରନ୍ତି । ଶିକ୍ଷାରେ ସଫଳତା ପାଇବେ । ପାରିବାରିକ ଜୀବନ ସୁଖମୟ ହେବ । ଆବଶ୍ୟକସ୍ଥଳେ ଉଚିତ ନିଷ୍ପତ୍ତି ନେଇପାରନ୍ତି ।

**ମିଥୁନ:** ଚାକିରି କ୍ଷେତ୍ରରେ ସହଯୋଗ ପାଇବେ । ମାନସିକ ଶାନ୍ତି ବଜାୟ ରହିବ । ଶିକ୍ଷାକ୍ଷେତ୍ରରେ ଉଚ୍ଚ ପ୍ରଶଂସିତ ହୋଇପାରନ୍ତି । ସ୍ୱାସ୍ଥ୍ୟ ସମସ୍ୟା ଉପୁଜିପାରେ । ଆଜିର ଦିନରେ ସକ୍ରିୟ ରହିବେ ।

**କର୍କଟ:** ଘରୋଇ ଜୀବନରେ ଲାଗି ରହିଥିବା ସମସ୍ୟାର ସମାଧାନ ହେବ । ବିପରୀତ ପରିସ୍ଥିତିରେ ଧୈର୍ଯ୍ୟହରା ହୁଅନ୍ତୁନି । ପରିବାର ସଦସ୍ୟଙ୍କ ସହ ଦୂରସ୍ଥାନ ଯାତ୍ରା କରିପାରନ୍ତି ।

**ସିଂହ:** ଆଜିର ଦିନଟି ଆପଣଙ୍କ ପାଇଁ ବହୁତ ଭଲ । ନୂତନ ଯାନବାହନ କ୍ରୟ କରିପାରନ୍ତି । ଅଚାନକ ଖୁସି ଖବର ପାଇବେ । ଅବିବାହିତଙ୍କ ପାଇଁ ଉତ୍ତମ ବିବାହ ପ୍ରସ୍ତାବ ଆସିପାରେ ।

**କନ୍ୟା:** ହଠାତ୍ ଖୁସି ଖବର ପାଇବେ । ଧନପ୍ରାପ୍ତି ଯୋଗ ରହିଛି । ଘରଲୋକଙ୍କ ସହ ସମୟ ବିତାଇବାକୁ ସୁଯୋଗ ପାଇବେ । ଆତ୍ମବିଶ୍ୱାସ ବୃଦ୍ଧି ପାଇବ । ବ୍ୟବସାୟରେ ଲାଭବାନ ହେବେ ।

**ତୁଳା:** ରାଜନୀତି କ୍ଷେତ୍ରରେ ସକ୍ରିୟ ରହିବେ । ରଚନାତ୍ମକ କାର୍ଯ୍ୟରେ ଜଡ଼ିତ ରହିପାରନ୍ତି । ଜୀବନଶୈଳୀରେ ପରିବର୍ତ୍ତନ ଆଣନ୍ତୁ । ମାନସମ୍ମାନ ବୃଦ୍ଧି ପାଇବ । ଯେକୌଣସି ପରିସ୍ଥିତିରେ ଧୈର୍ଯ୍ୟହରା ହୁଅନ୍ତୁନି ।

**ବିଛା:** ଅଯଥା ଯୁକ୍ତି କରନ୍ତୁନି । ପାରମ୍ପରିକ କାର୍ଯ୍ୟରେ ଜଡ଼ିତ ରହିବେ । ଧାର୍ମିକ ଯାତ୍ରା କରିପାରନ୍ତି । ଅତିଥି ସତ୍କାରରେ ଦିନ ବିତିବ । ଖର୍ଚ୍ଚ ବଢ଼ିବ । ମହିଳାଙ୍କ ଦାୟିତ୍ୱ ବଢ଼ିବ ।

**ଧନୁ:** କୌଣସି କଥାକୁ ନେଇ ଚିନ୍ତା କରିବେ । ଟଙ୍କା ନେଣଦେଣ ସମୟରେ ସାବଧାନ ରୁହନ୍ତୁ । କ୍ୟାରିୟରକୁ ନେଇ ମନ ପ୍ରସନ୍ନ ରହିବ । ବନ୍ଧୁଙ୍କୁ ଉପହାର ପ୍ରଦାନ କରିବେ ।

**ମକର:** ପଦ-ପ୍ରତିଷ୍ଠା ମିଳିବ । ଆଳସ୍ୟ ଅନୁଭବ କରିପାରନ୍ତି । ମନରେ ନକାରାତ୍ମକ ଚିନ୍ତା ଆସିପାରେ । ବ୍ୟବସାୟରେ ସମସ୍ୟା ଉପୁଜିପାରେ । ଚିଡ଼ିଚିଡ଼ାପଣ ଦେଖାଦେବ । ଅଯଥା ଖର୍ଚ୍ଚ ବଢ଼ିବ ।

**କୁମ୍ଭ:** ଅଟକି ରହିଥିବା କାର୍ଯ୍ୟ ପୂରା ହେବ । ଅଚାନକ ଶୁଭ ଖବର ପାଇବେ । କର୍ମକ୍ଷେତ୍ରରେ କଠିନ ପରିସ୍ଥିତି ଦେଇ ଗତି କରିବେ । କ୍ରୋଧ ଉପରେ ନିୟନ୍ତ୍ରଣ ରଖନ୍ତୁ । ଉଧାର ମାଗିପାରନ୍ତି ।

**ମୀନ:** କାର୍ଯ୍ୟକ୍ଷେତ୍ରରେ ସମସ୍ତଙ୍କୁ ଭରସା କରନ୍ତୁନି । ପରିବାରରେ ଲାଗି ରହିଥିବା କଳି ଝଗଡ଼ାରେ ପୂର୍ଣ୍ଣଚ୍ଛେଦ ପଡ଼ିବ । ପତି-ପତ୍ନୀଙ୍କ ମଧ୍ୟରେ ମତାନ୍ତର ହୋଇପାରେ ।

ସକାଳ
THE SAKALA
ମଙ୍ଗଳବାର
୨ ଏପ୍ରିଲ, ୨୦୨୪



## ଓଡ଼ିଶା ଦିବସରେ ଉତ୍କଳମଣିଙ୍କୁ '୫-ଟି' ଅଧ୍ୟକ୍ଷଙ୍କ ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି

# ଯୁଗପୁରୁଷଙ୍କ ତ୍ୟାଗ ଓ ତିତିକ୍ଷାର ଫଳଶ୍ରୁତି ସ୍ୱତନ୍ତ୍ର ଓଡ଼ିଶା: ପାଣ୍ଡିଆନ



**ଭୁବନେଶ୍ୱର/ସାକ୍ଷୀଗୋପାଳ,୧।୪(ସମିସ):** ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଓଡ଼ିଆ ଅସ୍ମିତାର ପ୍ରତୀକ। ଏହା ପଛରେ ରହିଛି ଅନେକ ତ୍ୟାଗ ଓ ସଂଘର୍ଷରର ଗୌରବମୟ ଗାଥା। ମହାନ ଯୁଗ ପୁରୁଷମାନଙ୍କ ତ୍ୟାଗ ଓ ତିତିକ୍ଷା ଫଳରେ ଭାଷା ଭିତ୍ତିରେ ଓଡ଼ିଶା ପ୍ରଦେଶ ଗଠନ ହୋଇପାରିଛି। ସେହି ମହାମନୀଷୀମାନଙ୍କ ଉଦ୍ଦେଶ୍ୟରେ ଆଜିର 'ଓଡ଼ିଶା ଦିବସ' ସମର୍ପିତ। ସେହି ମହାନ୍ ଦେଶଭକ୍ତମାନେ ଦଶନ୍ଧି ଦଶନ୍ଧି ଧରି ଓଡ଼ିଆ ଜାତିକୁ ପ୍ରେରଣା ଦେଇଆସିଛନ୍ତି; ଆଗକୁ ମଧ୍ୟ ଆମର ପଥ ପ୍ରଦର୍ଶନ କରୁଥିବେ। ସେମାନଙ୍କ ମଧ୍ୟରୁ ସେବା ଓ ତ୍ୟାଗର ମୂର୍ତ୍ତିମନ୍ତ ପ୍ରତୀକ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ ଅନ୍ୟତମ। ସୋମବାର 'ଓଡ଼ିଶା ଦିବସ' ଅବସରରେ ଉତ୍କଳମଣିଙ୍କ ଅନ୍ତୁଡ଼ିଶାଳ ପୁରୀ ଜିଲ୍ଲା ସତ୍ୟବାଦୀ ବ୍ଲକ ସୁଆଣ୍ଡୋ ଗ୍ରାମ ପରିଦର୍ଶନ କରି ଗୋପବନ୍ଧୁଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ଅବସରରେ 'ନବୀନ ଓଡ଼ିଶା' ତଥା '୫-ଟି' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ଏହା କହିଛନ୍ତି। ଶ୍ରୀ ପାଣ୍ଡିଆନ୍ ଆଜି ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଜନ୍ମସ୍ଥାନ ସୁଆଣ୍ଡୋରେ ପହଞ୍ଚିବା ପରେ ତାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ସହିତ ପ୍ରଦୀପ ପ୍ରଜ୍ୱଳନ କରି ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ।

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କର ଅଭିଳଷିତ ଓଡ଼ିଶା ଗଠନର ସଂକଳ୍ପ ପୂଜ୍ୟପୂଜା ସହିତ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତିର ନବଜାଗରଣ ପାଇଁ ପଣ୍ଡିତ ଗୋପବନ୍ଧୁ ଦାସଙ୍କର ଜନ୍ମ ଓ କର୍ମ ଭୂମି ସୁଆଣ୍ଡୋର ବିକାଶ ପାଇଁ ରାଜ୍ୟ ସରକାର ବହୁ ଯୁଗାନ୍ତକାରୀ ପଦକ୍ଷେପ ନେଇଛନ୍ତି। ପଣ୍ଡିତ ଗୋପବନ୍ଧୁ ଦାସଙ୍କର ଏ ଜାତି ପ୍ରତି ସମର୍ପଣ ଓ ଅସିମ ତ୍ୟାଗକୁ ଆମର ଉତ୍ତର ପିଢ଼ି ପାଖରେ ପହଞ୍ଚାଇବା ପାଇଁ ସୁଆଣ୍ଡୋ ଗ୍ରାମର ସାମଗ୍ରିକ ବିକାଶ, ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଷଠିଘରର ସଂରକ୍ଷଣ, ଜୀବନ ବୃତ୍ତାନ୍ତକୁ ଅତ୍ୟନ୍ତ ନିଖୁଣ ଭାବରେ ପ୍ରତିପାଦିତ କରାଯାଇ ପାରିଛି। ଶ୍ରୀ ପାଣ୍ଡିଆନ୍ ତାଙ୍କ ଗସ୍ତ ସମୟରେ ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଅଣନାତି ଧିରେନ୍ଦ୍ର ନାଥ ଦାସ ଓ ରବୀନ୍ଦ୍ରନାଥ ଦାସଙ୍କୁ ସୌଜନ୍ୟମୂଳକ ସାକ୍ଷାତକାର କରି ସୁଆଣ୍ଡୋ ଗ୍ରାମର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ରାଜ୍ୟ ଯୋଜନା ବୋର୍ଡର ପୂର୍ବତନ ଉପାଧ୍ୟକ୍ଷ ସଞ୍ଜୟ କୁମାର ଦାସବର୍ମା, ସୁଆଣ୍ଡୋ ଗ୍ରାମରେ ପ୍ରଭୁ ଲୋକେଶ୍ୱରଙ୍କ ମନ୍ଦିର ବେଢ଼ାରେ ରୋଷଘର, ବଳପୁର ଠାରେ ପ୍ରଭୁ ବାବା ବାଲୁଙ୍କେଶ୍ୱର ପୀଠର ବିକାଶକୁ ତ୍ୱରାନ୍ୱିତ କରିବା ପାଇଁ ୫-ଟି ଅଧ୍ୟକ୍ଷଙ୍କୁ ନିବେଦନ କରିଥିଲେ। ସତ୍ୟବାଦୀ ପଞ୍ଚାୟତ ସମିତି ଅଧ୍ୟକ୍ଷ ସୁନିଲ କୁମାର ପଣ୍ଡା, ଉପାଧ୍ୟକ୍ଷା ନିବେଦିତା ପାତ୍ର, ପୂର୍ବତନ ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରେମାନନ୍ଦ ବେହେରା, ବରିଷ୍ଠ ନେତୃତ୍ୱ ପ୍ରମୋଦ ରାଉତରାୟ, ଦେବାଶିଷ ରାୟ, ସତ୍ୟବାଦୀ ଆମ୍ବ କମିଟିର ଅଧ୍ୟକ୍ଷ ମହମ୍ମଦ ଜିକିରିୟା, ସ୍ଥାନୀୟ ବିଦ୍ୟାଧରପୁର ପଞ୍ଚାୟତ ସରପଞ୍ଚ ଦୁଃଶାସନ ପ୍ରଧାନ, ସମିତି ସଭ୍ୟ ପ୍ରଫୁଲ୍ଲ ପ୍ରଧାନଙ୍କ ସମେତ ସ୍ଥାନୀୟ ଅଞ୍ଚଳର ଜନସାଧାରଣ ଶ୍ରୀ ପାଣ୍ଡିଆନଙ୍କୁ ବିପୁଳ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ।

- ଲୋକେଶ୍ୱର ରୋଷଘର, ବାଲୁଙ୍କେଶ୍ୱର ପୀଠର ବିକାଶ ପାଇଁ ନିବେଦନ
- ସୁଆଣ୍ଡୋର ବିକାଶ ପାଇଁ ମୁଖ୍ୟମନ୍ତ୍ରୀ ନେଇଛନ୍ତି ଯୁଗାନ୍ତକାରୀ ପଦକ୍ଷେପ



# ରମ୍ଭା ରାଜପ୍ରାସାଦର ନବକଳେବର ରୂପ ଲୋକାର୍ପଣ କଲେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ୧।୪(ସମିସ):** ଆଜି ପବିତ୍ର ଉତ୍କଳ ଦିବସ ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଐତିହାସିକ ରମ୍ଭା ରାଜପ୍ରାସାଦର ନବକଳେବର ରୂପକୁ ଅନାବରଣ କରିଛନ୍ତି। ଅନେକ ସ୍ୱର୍ଣ୍ଣିମ ଅଧ୍ୟାୟର ମୂକସାକ୍ଷୀ ଥିବା ଏହି ରାଜପ୍ରାସାଦର ନବୀକରଣ ପରେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଲୋକାର୍ପିତ ହୋଇଛି। ଏହି ଅବସରରେ ଆଭାସୀ ମାଧ୍ୟମରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଓଡ଼ିଶାର ଗୌରବମୟ ଇତିହାସରେ ରମ୍ଭା ରାଜପ୍ରାସାଦର ସ୍ଥାନ ସ୍ୱତନ୍ତ୍ର। ସ୍ୱାଧୀନତା ସଂଗ୍ରାମ ସହ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ପର୍ଯ୍ୟନ୍ତ ଦେଶର ଅସ୍ମିତା ଏବଂ ରାଜ୍ୟର ସ୍ୱାଭିମାନ ସାକ୍ଷୀ ହେଉଛି ରମ୍ଭା ରାଜପ୍ରାସାଦ। ବିଶ୍ୱର ସୁନାମଧନ୍ୟ ସ୍ଥପତି ଚନ୍ନା ଦଶୱାତେଙ୍କ ତତ୍ତ୍ୱାବଧାନରେ ଏହାର ପୁନରୁଦ୍ଧାର କରାଯାଇଛି। ନୂଆ ରୂପରେ ଏହି ରାଜପ୍ରାସାଦ ଓଡ଼ିଶାର କଳା, ସଂସ୍କୃତି ଓ ଐତିହ୍ୟକୁ ବିଶ୍ୱ ଦରବାରରେ ପହଞ୍ଚାଇବ। ଓଡ଼ିଶାର ପ୍ରତିଭାସମ୍ପନ୍ନ କଳାକାର ମାନଙ୍କ ଠାରୁ ଆସିଥିବା ରାଜ୍ୟର ଅନନ୍ୟ ହସ୍ତତନ୍ତ, ହସ୍ତଶିଳ୍ପ ପ୍ରଦର୍ଶିତ ହେଉଛି। ଆଜି ଏହାର ନୂଆ ରୂପକୁ ଉଦ୍‌ଘାଟନ କରିବା ସୌଭାଗ୍ୟର ବିଷୟ। ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଏହି ଠାରେ ପ୍ରଥମ ଉତ୍କଳ ସମ୍ମିଳନୀ ଆୟୋଜନ ଠାରୁ ଆରମ୍ଭ କରି ମହାତ୍ମା ଗାନ୍ଧୀ, ଜବାହରଲାଲ୍ ନେହେରୁଙ୍କୁ ସ୍ୱାଗତ କରିବା ଏବଂ ଓଡ଼ିଶାର ନୂତନ ପରିଚୟ ସୃଷ୍ଟି କରିବାରେ ରମ୍ଭା ରାଜପ୍ରାସାଦର ଭୂମିକା ସର୍ବଦା ସ୍ମରଣୀୟ ରହିବ। ଏପରି ଏକ କିମ୍ବଦନ୍ତୀର ନବକଳେବର ହେବା ଅତ୍ୟନ୍ତ ଆନନ୍ଦର ବିଷୟ। ବାଲେଶ୍ୱରର ସବାଇ କଳାକାର ମାନଙ୍କ ଠାରୁ ଆରମ୍ଭ କରି ବରଗଡ଼ର ଇକାତ, କୋଟପାଡର ଆଦିବାସୀ ହସ୍ତତନ୍ତ ପର୍ଯ୍ୟନ୍ତ କଳାକୃତିର ସମ୍ମିଳନରେ ରମ୍ଭା ରାଜପ୍ରାସାଦ ନିଜର ବିଭବ ବିସ୍ତାର କରୁଛି। ଓଡ଼ିଶାର ବିବିଧ ଧାତୁ ସଂସ୍କୃତିର ଏନ୍ତୁଡ଼ିଶାଳ ପାଲଟିଛି ଏହି ରାଜପ୍ରାସାଦ। ସେଥିପାଇଁ କଲିକୋଟ ରାଜ ପରିବାର ବିଶେଷକରି ଲୋକଙ୍କ ସେବାରେ ନିଜ ଜୀବନକୁ ଉତ୍ସର୍ଗ କରିଥିବା ସ୍ୱର୍ଗୀୟା ରାଣି ସାହେବା ସୁଜ୍ଞାନ କୁମାରୀ ଦେଓଙ୍କୁ ମୁଁ ସାଧୁବାଦ ଜଣାଉଛି। ରାଣି ସାହେବାଙ୍କ ଦୂରଦୃଷ୍ଟି ପାଇଁ ଆଜି ଏହି ଐତିହାସିକ ରାଜ ପ୍ରାସାଦ ଆଧୁନିକ ଓଡ଼ିଶାରେ ନୂଆ କୀର୍ତ୍ତିମାନ ସାବ୍ୟସ୍ତ ହୋଇଛି। ଏହି ରାଜପ୍ରାସାଦ ହୋଟେଲ ସମଗ୍ର ବିଶ୍ୱର ପର୍ଯ୍ୟଟକ ମାନଙ୍କୁ ଓଡ଼ିଶାରେ ସ୍ୱାଗତ କରିବ। ୟୁନେସ୍କୋ ବିଶ୍ୱ ଐତିହ୍ୟ ଏବଂ ରାମସାର ତାଲିକାରେ ସ୍ଥାନ ପାଇଥିବା ଚିଲିକା ହ୍ରଦର ଅନନ୍ୟ ଜୈବବିବିଧତାରେ ନିମଗ୍ନ ହେବା ଲାଗି ମଧ୍ୟ ଦେଶ ବିଦେଶର ପର୍ଯ୍ୟଟକମାନେ ସୁଯୋଗ ପାଇବେ। ଦେଶ ବିଦେଶରେ ରହୁଥିବା ଆମର ଓଡ଼ିଆ ଭାଇ ଭଉଣୀମାନେ ଏହି ରାଜପ୍ରାସାଦ ପରିଦର୍ଶନ କରିବା ସହିତ ଅତିଥିମାନଙ୍କୁ ଆମନ୍ତ୍ରଣ କରନ୍ତୁ। ଆମେ ସମସ୍ତେ ଓଡ଼ିଶାର ବିକାଶରେ ସହଭାଗୀ ହେବା ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ କହିଥିଲେ।



- ଓଡ଼ିଶାର ଗୌରବମୟ ଇତିହାସର ମୂକସାକ୍ଷୀ ବିଶ୍ୱବାସୀଙ୍କୁ ସ୍ୱାଗତ କରିବ
- ଝଲସୁଛି ଓଡ଼ିଶାର ଅନନ୍ୟ ହସ୍ତଶିଳ୍ପ, ହସ୍ତକଳା

# ପୂର୍ବତଟ ରେଳପଥର କାର୍ଯ୍ୟକାରୀ ମହାପ୍ରବନ୍ଧକ ହେଲେ ମହେଶ

**ଭୁବନେଶ୍ୱର,୧।୪(ସମିସ):** ଭାରତୀୟ ରେଳ ଇଞ୍ଜିନିୟର୍ସ ସେବା(ଆଇଆରଏସଇ)ର ଅଧିକାରୀ ମହେଶ କୁମାର ବେହେରା ପୂର୍ବତଟ ରେଳପଥର କାର୍ଯ୍ୟକାରୀ ମହାପ୍ରବନ୍ଧକ ଭାବେ ସୋମବାର କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ଶ୍ରୀ ବେହେରା ସମ୍ବଲପୁର, ବୁର୍ଲା ସ୍ଥିତ ୟୁନିଭର୍ସିଟି କଲେଜ ଅଫ୍ ଇଞ୍ଜିନିୟରିଂରୁ ସିଭିଲ୍ ଇଞ୍ଜିନିୟରିଂରୁ ସ୍ନାତକ ପାଶ୍ କରିଛନ୍ତି। ପରେ ସାମୁଦ୍ରିକ ଇଞ୍ଜିନିୟରିଂରେ ଆଇଆଇଟି ମାଡ୍ରାସରୁ ସ୍ନାତକୋତ୍ତର ଡିଗ୍ରୀ ହାସଲ କରି ଭାରତୀୟ ରେଳବାଇରେ ବହୁ ଗୁରୁତ୍ୱପୂର୍ଣ୍ଣ ପଦରେ କାର୍ଯ୍ୟ କରିଛନ୍ତି। ଶ୍ରୀ ବେହେରା ପୂର୍ବରୁ ରେଳୱାଇରେ ପୂର୍ବତଟ ରେଳପଥର ଚିଫ୍ ବ୍ରିଜ୍ ଇଞ୍ଜିନିୟର, ଚିଫ୍ ଇଞ୍ଜିନିୟର (ବ୍ରିଜ୍ ପୁନର୍ବାସ), ଭୁବନେଶ୍ୱରରେ ଗ୍ରୁପ୍ ଜେନେରାଲ୍ ମ୍ୟାନେଜର, ଗଙ୍ଗା ବ୍ରିଜ୍ ପ୍ରକଳ୍ପର ମୁଖ୍ୟ (ନିର୍ମାଣ) ଇଞ୍ଜିନିୟର, ସମ୍ବଲପୁର ରେଳ ମଣ୍ଡଳର ବରିଷ୍ଠ ମଣ୍ଡଳ ଯନ୍ତ୍ରୀ (ସମନ୍ୱୟ), ପୂର୍ବତଟ ରେଳପଥର ଉପମୁଖ୍ୟ ସତର୍କତା ଅଧିକାରୀ ଏବଂ ପୂର୍ବ ସୀମାନ୍ତ ରେଳପଥର ମୁଖ୍ୟ (ନିର୍ମାଣ) ଇଞ୍ଜିନିୟର ଭାବେ କାର୍ଯ୍ୟ କରିଛନ୍ତି।



## ଓଡ଼ିଶା ଦିବସର ଶୁଭେଚ୍ଛା ଜଣାଇଲେ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀ

# ରାଜ୍ୟ ଓ ଦେଶର ବିକାଶରେ ଓଡ଼ିଆଙ୍କ ବଡ଼ ଅବଦାନ ରହିଛି: ରାଷ୍ଟ୍ରପତି

**ଭୁବନେଶ୍ୱର, ୧।୪ (ସମିସ):** ଓଡ଼ିଶା ଦିବସ ଅବସରରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଶୁଭେଚ୍ଛା ଜଣାଇଛନ୍ତି। ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ରାଷ୍ଟ୍ରପତି ଉଲ୍ଲେଖ କରିଛନ୍ତି ଯେ ଓଡ଼ିଶା ତା'ର ବିପୁଳ ପ୍ରାକୃତିକ ସମ୍ପଦ ଏବଂ ସମୃଦ୍ଧ ସାଂସ୍କୃତିକ ଐତିହ୍ୟ ପାଇଁ ସୁପରିଚିତ। ଯେକୌଣସି ପ୍ରତିକୂଳ ପରିସ୍ଥିତିର ସମ୍ମୁଖୀନ ହେବାର ସାମର୍ଥ୍ୟ ବହନ କରୁଥିବା ଓଡ଼ିଶାର ଜନସାଧାରଣଙ୍କର ରାଜ୍ୟ ତଥା ଦେଶର ବିକାଶରେ ବଡ଼ ଅବଦାନ ରହିଛି। ଶତାବ୍ଦୀ ଶତାବ୍ଦୀ ଧରି ଆଧୁନିକ ଭାରତର ନିର୍ମାତାମାନଙ୍କ ସମେତ ଅନେକ ବିଶିଷ୍ଟ ବ୍ୟକ୍ତିତ୍ୱଙ୍କୁ ଜନ୍ମ ଦେଇଛି ଓଡ଼ିଶା। ଅଧିକରୁ ଅଧିକ ସଫଳତା ଓ ସମୃଦ୍ଧି ପାଇଁ ରାଜ୍ୟ ଓ ରାଜ୍ୟବାସୀଙ୍କୁ ମହାପ୍ରଭୁ ଶ୍ରୀଜଗନ୍ନାଥ ଆଶୀର୍ବାଦ କରନ୍ତୁ ବୋଲି ରାଷ୍ଟ୍ରପତି କାମନା କରିଛନ୍ତି। ସେହିପରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମଧ୍ୟ ରାଜ୍ୟବାସୀଙ୍କୁ ଉତ୍କଳ ଦିବସର ଶୁଭେଚ୍ଛା ଜଣାଇଛନ୍ତି। ନିଜ ଶୁଭେଚ୍ଛା ବାର୍ତ୍ତାରେ ପ୍ରଧାନମନ୍ତ୍ରୀ ଲେଖିଛନ୍ତି ଯେ ଏହି ଦିନ ଆମକୁ ଓଡ଼ିଶାର ସମୃଦ୍ଧ ସଂସ୍କୃତି ଓ ଐତିହ୍ୟ ଏବଂ କର୍ମତତ୍ପର ଜନସାଧାରଣଙ୍କ ବିଷୟରେ ସ୍ମରଣ କରାଇଥାଏ। ରାଷ୍ଟ୍ରର ପ୍ରଗତିରେ ରାଜ୍ୟର ଉଲ୍ଲେଖନୀୟ ଯୋଗଦାନ ରହିଛି ବୋଲି କହିବା ସହ ପ୍ରଧାନମନ୍ତ୍ରୀ ଓଡ଼ିଶାବାସୀଙ୍କ ସଫଳତା ଓ ସମୃଦ୍ଧି କାମନା କରିଛନ୍ତି।

ସେହିପରି ରାଜ୍ୟପାଳ ରଘୁବର ଦାସ ମଧ୍ୟ ଓଡ଼ିଶାବାସୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ସେ 'ଏକ୍ସ'ରେ ଉଲ୍ଲେଖ କରିଛନ୍ତି ଯେ ଓଡ଼ିଶାକୁ ଏକ ସମୃଦ୍ଧ ଓ ବିକଶିତ ରାଜ୍ୟରେ ପରିଣତ କରିବା ପାଇଁ ସମସ୍ତେ ସଂକଳ୍ପବଦ୍ଧ ହେବାକୁ ସେ ଆହ୍ୱାନ ଜଣାଇଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜ୍ୟବାସୀଙ୍କୁ ଶୁଭେଚ୍ଛା ଜଣାଇବା ସହ ସବୁ କ୍ଷେତ୍ରରେ ଓଡ଼ିଶା ଏକ ଗରିମାମୟ ଇତିହାସ ଲେଖୁଛି ବୋଲି ଉଲ୍ଲେଖ କରିଛନ୍ତି। ପ୍ରତିଟି ଓଡ଼ିଆଙ୍କ ପ୍ରତିବଦ୍ଧତାରେ ଓଡ଼ିଶା ସମୃଦ୍ଧ ହୋଇଛି। ରୂପାନ୍ତରଣର ଏ ଯୁଗ ସହ ତାଳ ଦେଇ 'ବିକଶିତ ଓଡ଼ିଶା' ଗଠନ କରିବା ଓଡ଼ିଆର ସଙ୍କଳ୍ପ। ଏହି 'ଓଡ଼ିଶା ଦିବସ'ରେ ଅସ୍ମିତା ଓ ସ୍ୱାଭିମାନକୁ ଆହୁରି ବଳିଷ୍ଠ କରି 'ବିକଶିତ ଓଡ଼ିଶା' ଗଢ଼ିବା ଦିଗରେ ଆଗକୁ ବଢ଼ିବା ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

# ଜେଇଇ ମେନ୍ ପରୀକ୍ଷା ପାଇଁ ଆସିଲା ଆଡମିଟ୍ କାର୍ଡ

**ଭୁବନେଶ୍ୱର, ୧।୪(ସମିସ):** ଯୁଗ୍ମ ପ୍ରବେଶିକା ପରୀକ୍ଷା(ଜେଇଇ) ମେନ୍ ସେସନ୍-୨ ପାଇଁ ଆସିଲା ଆଡମିଟ୍ କାର୍ଡ। ଆସନ୍ତା ୪, ୫ ଓ ୬ ତାରିଖରେ ହେବାକୁ ଥିବା ପରୀକ୍ଷା ପାଇଁ ଆଡମିଟ୍ କାର୍ଡ ଜାରି କରାଯାଇଛି। ୮ ଓ ୯ ତାରିଖ ପରୀକ୍ଷା ପାଇଁ ପରବର୍ତ୍ତୀ ସମୟରେ ଆଡମିଟ୍ କାର୍ଡ ଆସିବ। ଆବେଦନ କରିଥିବା ପ୍ରାର୍ଥୀମାନେ ନିଜର ଆପ୍ଲିକେସନ୍ ନମ୍ବର ଓ ଜନ୍ମ ତାରିଖ ଦେଇhttps://jeemain.nta.ac.in ୱେବ୍‌ସାଇଟ୍‌ରୁ ଡାଉନ୍‌ଲୋଡ କରିପାରିବେ। ଆଡମିଟ୍ କାର୍ଡ ଡାଉନ୍‌ଲୋଡ୍ କରିବାରେ କୌଣସି ସମସ୍ୟା ଉପୁଜିଲେ jeemain@nta.ac.in ରେ ମେଲ୍ କିମ୍ବା ୦୧୧୪୦୭୫୯୦୦୦ ନମ୍ବରରେ ଯୋଗାଯୋଗ କରିବାକୁ ନେସନାଲ୍ ଟେଷ୍ଟିଂ ଏଜେନ୍ସି (ଏନ୍‌ଟିଏ) ପକ୍ଷରୁ ପରାମର୍ଶ ଦିଆଯାଇଛି।

# ଅହମ୍ମଦାବାଦ ଯୁବକଙ୍କ ବରଗଡ଼ରେ ସନ୍ଦେହଜନକ ମୃତ୍ୟୁ

**ବରଗଡ଼, ୧।୪(ସମିସ):** 'ଶାଦି ଡଟ୍ କମ୍' ଜରିଆରେ ପରିଚୟ ହେବା ପରେ ବରଗଡ଼ ଆସିଥିବା ଅହମ୍ମଦାବାଦର ଜଣେ ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ ହୋଇଛି। ମୃତ ଯୁବକ ହେଲେ, ଅହମ୍ମଦାବାଦର ଜିତେନ୍ଦ୍ର ସେନ। ପୁଲିସ ମୃତଦେହକୁ ଜବତ କରି ଶବାଗାରରେ ରଖିବା ସହ ତାଙ୍କ ପରିବାରବର୍ଗଙ୍କୁ ଖବର ଦେଇଛି। ତେବେ କେଉଁ ପରିସ୍ଥିତିରେ ଜିତେନ୍ଦ୍ରଙ୍କ ମୃତ୍ୟୁ ହେଲା, ସେନେଇ ପୁଲିସ୍ ଅଧିକ ତଦନ୍ତ ଚଳାଇଛି। ସୂଚନାନୁଯାୟୀ, ବରଗଡ଼ ଅଞ୍ଚଳର ଜଣେ ଯୁବତୀ ଶାଦି ଡଟ୍ କମ ଜରିଆରେ ଅହମ୍ମଦାବାଦର ଜିତେନ୍ଦ୍ର ସେନ୍‌ଙ୍କ ସହ ପରିଚିତ ହୋଇଥିଲେ। ପରେ ଜିତେନ୍ଦ୍ରଙ୍କ ପରିବାର ସମ୍ପୃକ୍ତ ଯୁବତୀଙ୍କୁ ଅହମ୍ମଦବାଦ ଡକାଇବା ସହ ତାଙ୍କ ପରିବାର ବିଷୟରେ ଜାଣିବାକୁ ଚାହିଁଥିଲେ। ଯୁବତୀଜଣକ ୨୦ ତାରିଖରେ ଅହମ୍ମଦାବାଦ ଯାଇଥିଲେ ଏବଂ ୧୦ ଦିନ ସେଠାରେ ରହଣି କରି ବରଗଡ଼ ଫେରି ଆସିଥିଲେ। ୩୦ ତାରିଖରେ ଜିତେନ୍ଦ୍ର ଏବଂ ତାଙ୍କ ଜଣେ ସାଙ୍ଗ ଯୁବତୀଙ୍କୁ ବରଗଡ଼ ଛାଡ଼ିବାକୁ ସାଙ୍ଗରେ ଆସିଥିଲେ। ୩୧ରେ ସେମାନେ ବରଗଡ଼ରେ ପହଞ୍ଚିବା ପରେ ଜିତେନ୍ଦ୍ର ଏବଂ ତାଙ୍କ ସାଙ୍ଗ ବରଗଡ଼ ରେଳଷ୍ଟେସନ୍ ପାଖ ଏକ ହୋଟେଲରେ ରାତ୍ରିଯାପନ କରିଥିଲେ। ତେବେ ୧ ତାରିଖ ସକାଳେ ଜିତେନ୍ଦ୍ର ହଠାତ୍ ଅସୁସ୍ଥ ହେବାରୁ ତାଙ୍କୁ ଜିଲ୍ଲା ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲେ ହେଁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ବିଜେପିକୁ ବିଜେଡିର କଡ଼ା ସମାଲୋଚନା

# ୮୦ ଆସନ ପାଇଁ ବି ପ୍ରାର୍ଥୀ ପାଉନି ରାଜ୍ୟ ବିଜେପି

**ଭୁବନେଶ୍ୱର, ୧।୪(ସମିସ):** ରାଜ୍ୟରେ ଡବଲ ଇଞ୍ଜିନ ସରକାର ଗଢ଼ିବାକୁ ଦମ୍ଭୋକ୍ତି ପ୍ରକାଶ କରୁଛି ବିଜେପି। ଲୋକସଭା ଆସନ ପାଇଁ ଦଳ ପକ୍ଷରୁ ୨୧ ଜଣ ପ୍ରାର୍ଥୀଙ୍କ ନାମ ଘୋଷଣା ବି ସରିଛି। ମାତ୍ର ଦଳ ପକ୍ଷରୁ ଏଯାବତ୍ ଜଣେହେଲେ ବିଧାୟକ ପ୍ରାର୍ଥୀଙ୍କ ନାମ ଘୋଷଣା ହୋଇପାରିଲା ନାହିଁ। ବିଧାନସଭା ପ୍ରାର୍ଥୀ ଘୋଷଣାକୁ ନେଇ ଦିନ ଗଡ଼ୁଥିବା ବେଳେ ଦଳରେ ପ୍ରାର୍ଥୀ ସଙ୍କଟ ରହିଥିବା ନେଇ ଏବେ ଆଲୋଚନା ଜୋର୍ ଧରିଛି। ଏତିକିବେଳେ ରାଜ୍ୟ ବିଜେପିକୁ ଶାଣିତ ସମାଲୋଚନା କରିଛି ବିଜେଡି। ବିଜୁ ଜନତା ଦଳ ପକ୍ଷରୁ ଯାହା ଆମେ ଯାହା ବାରମ୍ବାର କହି ଆସୁଛୁ ତାହା ସତ୍ୟ ବୋଲି ପ୍ରମାଣିତ ହେଉଛି। ଓଡ଼ିଶା ବିଜେପି ପାଖରେ ବିଧାନସଭା ନିର୍ବାଚନ ପାଇଁ ପ୍ରାର୍ଥୀ ସଙ୍କଟ ଦେଖାଦେଇଛି। ୧୪୭ ବିଧାନସଭା ଆସନ ପାଇଁ ପ୍ରାର୍ଥୀ ଛାଡନ୍ତୁ; ୮୦ ଆସନ ପାଇଁ ମଧ୍ୟ ଦଳ ପାଖରେ ପ୍ରାର୍ଥୀ ନାହାନ୍ତି ବୋଲି ବିଜେଡି ମୁଖପାତ୍ର ସ୍ୱୟମ ପ୍ରକାଶ ମହାପାତ୍ର କହିଛନ୍ତି।

ଶ୍ରୀ ମହାପାତ୍ର ଆଜି ଏଠାରେ ଗଣମାଧ୍ୟମକୁ ସମ୍ବୋଧନ କରି କହିଛନ୍ତି ଯେ ଗଣମାଧ୍ୟମ ଆଗରେ ବିଜେପି ନେତାଏ ୮୦ ଆସନରେ ଜିତିବାର ସିନା ବାହାସ୍ଫୋଟ ମାରିଛନ୍ତି, ହେଲେ ପ୍ରାର୍ଥୀ ନପାଇବା ରାଜ୍ୟ ବିଜେପି ପାଇଁ ବର୍ତ୍ତମାନ ମୁଣ୍ଡବିନ୍ଧାର କାରଣ ପାଲଟିଛି। ଯେଉଁଥିପାଇଁ ସେମାନେ ପ୍ରାର୍ଥୀ ତାଲିକା ଘୋଷଣା କରିପାରୁନାହାନ୍ତି। ପ୍ରଥମେ ଓଡ଼ିଶା ବିଜେପିର ପ୍ରାର୍ଥୀ ସନ୍ଧାନକାରୀ ଦଳ ଜିଲ୍ଲାରୁ ଜିଲ୍ଲା ବୁଲିଲେ। ଏମାନେ ପ୍ରାର୍ଥୀ ପାଇବା ତ ଦୂରର କଥା ବରଂ ତୃଣମୂଳ ସ୍ତରରେ ଦଳର ଅତି ଦୂର୍ବଳ ସଂଗଠନ ଦେଖି ଆଶ୍ଚର୍ଯ୍ୟ ଚକିତ ହୋଇଯାଇଥିଲେ। ଓଡ଼ିଶା ବିଜେପିର ସ୍ଥିତି ଏମିତି ହୋଇଛି ଯେ ସେମାନେ ଯାହାକୁ ଯେଉଁଠୁ ପାରୁଛନ୍ତି ଆଣି ଦଳରେ ସାମିଲ କରାଉଛନ୍ତି। ଯେନତେନ ପ୍ରକାରେ ୧୪୭ ଆସନ ପାଇଁ ତାଲିକା ପୂରଣ କରିବା ଉଦ୍ଦେଶ୍ୟରେ ଥିବା ଭଳି ସ୍ପଷ୍ଟ ଜଣାପଡୁଛି। ଅନ୍ୟ ଦଳର ବିତାଡ଼ିତ ଓ ଜନବିରୋଧୀ ନେତାଙ୍କ ସହ ଅପରାଧିକ କାର୍ଯ୍ୟରେ ଲିପ୍ତ ଥିବା ନେତା ଏବେ ଓଡ଼ିଶା ବିଜେପି ପାଇଁ ଏକମାତ୍ର ଆଶା ପାଲଟିଛନ୍ତି। ଠିକ୍ ଯେମିତି ବନ୍ୟାରେ ଭାସି ଯାଉଥିବା ବେଳେ ଜଣେ କୁଟାଖିଅକୁ ବି ଭରସା କରେ ବୋଲି ସ୍ୱୟମ୍ ତାତ୍ସ୍ୟଲ ଛଳରେ କହିଛନ୍ତି। ସ୍ଥିତି ବର୍ତ୍ତମାନ ଏମିତି ହୋଇଛି ଯେ ସେମାନେ ଗାଁ ଗହଳିରେ ପ୍ରାର୍ଥୀ ଦରାଣ୍ଡୁଛନ୍ତି। ବସ୍ ଷ୍ଟାଣ୍ଡ, ରେଳ ଷ୍ଟେସନ୍ ସବୁଠି ଉଣ୍ଡୁଛନ୍ତି। ଯାହାକୁ ଯେଉଁଠୁ ପାରୁଛନ୍ତି, ଦଳରେ ଆଣି ସାମିଲ କରିବାକୁ ଉଦ୍ୟମ କରୁଛନ୍ତି। ଏହା ଦେଖି ସାଢ଼େ ୪ କୋଟି ଓଡ଼ିଶାବାସୀ, ଓଡ଼ିଶା ବିଜେପି ଉପରେ ହସିବା ଆରମ୍ଭ କଲେଣି ବୋଲି ଶ୍ରୀ ମହାପାତ୍ର କହିଛନ୍ତି।



ଅପରପକ୍ଷେ ବିଜେଡିର ଏହି ଦାବି ଉପରେ ମଧ୍ୟ ଏକପ୍ରକାର ସମାନ ମତ ପ୍ରକାଶ କରିଛି ବୁଦ୍ଧିଜୀବୀ ମହଲ। ସେମାନଙ୍କ ଅନୁଯାୟୀ ବିଜେପିକୁ ୧୪୭ ବିଧାନସଭା ଆସନରେ ପ୍ରାର୍ଥୀ ମିଳୁନାହାନ୍ତି। ସେଥିପାଇଁ ସେମାନେ ଅନ୍ୟ ଦଳ ବିଶେଷକରି ବିଜେଡିରୁ ବଳି ପଡୁଥିବା ଅର୍ଥାତ୍ ଟିକେଟ ପାଉନଥିବା ନେତାଙ୍କୁ ବୁଝେଇ ସୁଝେଇ ଦଳରେ ସାମିଲ କରୁଛନ୍ତି। ଏପରିକି ଜନବିରୋଧୀ କାର୍ଯ୍ୟକଳାପରେ ଲିପ୍ତ ଥିବା ଅପରାଧିକ ପୃଷ୍ଠଭୂମିର ନେତାଙ୍କୁ ମଧ୍ୟ ଆଦରି ନେଉଛି ବିଜେପି। ପ୍ରଦୀପ ପାଣିଗ୍ରାହୀ, ପ୍ରଶାନ୍ତ ଜଗଦେବ ଏହାର ଜ୍ୱଳନ୍ତ ଉଦାହରଣ ହୋଇଥିବା ବେଳେ ରାଜ୍ୟ ବିଜେପିର ଏପରି ମାନସିକତା ଏବଂ ଆଭିମୁଖ୍ୟକୁ ନେଇ କର୍ମୀମାନେ ମଧ୍ୟ ଆଶ୍ଚର୍ଯ୍ୟ ପ୍ରକାଶ କଲେଣି। ଦଳ ନୀତି, ନୈତିକତା ଏବଂ ଆଦର୍ଶକୁ ଭୁଲି ସାଧାରଣ ଲୋକଙ୍କ ସ୍ୱାର୍ଥ ବିରୋଧରେ ଯାଇଥିବା ନେତାଙ୍କୁ କିପରି କୋଳେଇ ନେଉଛି ତାହାକୁ ତୃଣମୂଳ ସ୍ତରରେ କ୍ଷୋଭ ପ୍ରକାଶ ପାଉଛି। ଦିଶାହୀନ ନେତୃତ୍ୱ, ଲକ୍ଷ୍ୟହୀନ ରାଜନୀତି ସର୍ବୋପରି ବିକାଶକୁ ବିରୋଧ କରିବା କାରଣରୁ ଲୋକେ ବିଜେପିକୁ ବାରମ୍ବାର ମୁହଁ ମୋଡ଼ିଲେ। ଦଳ ନୂଆ ନେତା ସୃଷ୍ଟି କରିବାରେ ବିଫଳ ହେଲା। ଖାସ୍, ଏଥିପାଇଁ ରାଜ୍ୟ ବିଜେପି ଆଜି ଏପରି ସମସ୍ୟା ଭୋଗୁଛି ବୋଲି ବୁଦ୍ଧିଜୀବି ମହଲ ମତପ୍ରକାଶ କରିଛନ୍ତି।

- ଅନ୍ୟ ଦଳର ବିତାଡ଼ିତ ଓ ଜନବିରୋଧୀ ନେତା ବିଜେପି ପାଇଁ ଏକମାତ୍ର ଆଶା
- ବସ୍ ଷ୍ଟାଣ୍ଡ, ରେଳ ଷ୍ଟେସନରେ ପ୍ରାର୍ଥୀ ଦରାଣ୍ଡୁଛି ବିଜେପି
- ଯିଏ ଯୋଉଠି ମିଳୁଛନ୍ତି, ତାଙ୍କୁ ଦଳରେ ସାମିଲ ପାଇଁ ଉଦ୍ୟମ ହେଉଛି
- ଓଡ଼ିଶା ବିଜେପିର ଏପରି ସ୍ଥିତି ଦେଖି ହସିବା ଆରମ୍ଭ କଲେଣି ରାଜ୍ୟବାସୀ

# ବିଭିନ୍ନ ସ୍ଥାନରେ ଓଡ଼ିଶା ଦିବସ ପାଳିତ

**ବଲାଙ୍ଗିର, ୧।୪(ସମିସ)**

ବଲାଙ୍ଗିର ଜିଲ୍ଲା ପ୍ରଶାସନ ତଥା ସୂଚନା ଓ ଲୋକ ସମ୍ପର୍କ ବିଭାଗ ଆନୁକୂଲ୍ୟରେ ଏଥର ଜିଲ୍ଲାସ୍ତରୀୟ 'ଉତ୍କଳ ଦିବସ' ଆଦର୍ଶ ଆଚରଣ ବିଧି ଅନୁପାଳନ କରିବା ସହ ପାଳନ ହୋଇଛି। ଓଡ଼ିଶା ଦିବସ ପାଳନ ଅବସରରେ ବଲାଙ୍ଗିରର ଅତିରିକ୍ତ ଜିଲ୍ଲାପାଳ ଡ. ବିଜୟାନନ୍ଦ ସେଠୀ ଓ ଉପଜିଲ୍ଲାପାଳ ଆଲୋକ କୁମାର ପ୍ରଧାନ ଉପସ୍ଥିତ ରହି ଗାନ୍ଧୀନଗରପଡ଼ାସ୍ଥିତ ଜାତିର ପିତା ମହାତ୍ମା ଗାନ୍ଧୀ, ଜିଲ୍ଲାପାଳଙ୍କ କାର୍ଯ୍ୟାଳୟଠାରେ ଥିବା ଆମ୍ବେଦକରଙ୍କ ପ୍ରତିମୂର୍ତ୍ତି, ଗାନ୍ଧୀ ଭବନସ୍ଥିତ ମହାତ୍ମା ଗାନ୍ଧୀ ଓ ଜିଲ୍ଲାପାଳଙ୍କ ଆବାସ ସମ୍ମୁଖ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଏହାପରେ ଓଡ଼ିଶାକୁ ଏକ ସ୍ୱତନ୍ତ୍ର ପ୍ରଦେଶ ଭାବେ ଗଠନ କରିବା ପାଇଁ ସଂଗ୍ରାମ କରିଥିବା ମହାମନିଷୀଙ୍କ ଫଟୋ ଚିତ୍ରରେ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଏକକାଳୀନ ସାଧାରଣ ନିର୍ବାଚନ ପରିପ୍ରେକ୍ଷୀରେ ଭାରତୀୟ ନିର୍ବାଚନ କମିଶନଙ୍କ ଦ୍ୱାରା ଲାଗୁ କରାଯାଇଥିବା ଆଦର୍ଶ ଆଚରଣ ବିଧି ପାଳନ କରିବା ସହ ଓଡ଼ିଶା ଦିବସ ସଠିକ୍ ମର୍ଯ୍ୟାଦାର ସହ ପାଳନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସୂଚନା ଓ ଲୋକ ସମ୍ପର୍କ ବିଭାଗ ଓ ପୌରପରିଷଦର କର୍ମଚାରୀମାନେ ଉପସ୍ଥିତ ଥିଲେ।





**ବରପୁତ୍ରଙ୍କୁ ଶ୍ରଦ୍ଧାଞ୍ଜଳି**

**ଟିଟିଲାଗଡ଼:** ଟିଟିଲାଗଡ଼ ସହରରେ ଉପଖଣ୍ଡସ୍ତରୀୟ ଓଡ଼ିଶା ଦିବସ -୨୦୨୪ ପାଳନ କରାଯାଇଛି। ଏହାରେ ଟିଟିଲାଗଡ଼ ସହରରେ ଅବସ୍ଥାପିତ ଓଡ଼ିଶାର ବରପୁତ୍ର ସ୍ୱଭାବ କବି ଗଙ୍ଗାଧର ମେହେର ଏବଂ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତି ନିକଟରେ ପୌରପରିଷଦ ଟିଟିଲାଗଡ଼ ନିର୍ବାହୀ ଅଧିକାରୀ ଜୟସେନ ଧାରୁଆ ଓ ପୌରପରିଷଦର କର୍ମଚାରୀ ଉପସ୍ଥିତ ରହି ପୁଷ୍ପାର୍ପଣ ଓ ମାଲ୍ୟାର୍ପଣ କରିଥିଲେ। ଉପଜିଲ୍ଲାପାଳ, ଟିଟିଲାଗଡ଼ ରେହେନ ଖାତ୍ରୁଙ୍କ ଅଧ୍ୟକ୍ଷତାରେ ଏକ ମାଲ୍ୟାର୍ପଣ କାର୍ଯ୍ୟକ୍ରମ ସ୍ଥାନୀୟ ଉପଜିଲ୍ଲାପାଳଙ୍କ ବୈଠକ ଗୃହଠାରେ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ସହକାରୀ ଜିଲ୍ଲାପାଳ ସନ୍ଦୀପ କୁମାର ଚନ୍ଦ୍ରକାର, ଚନ୍ଦ୍ର ପ୍ରସାଦ ଦେହୁରି, ସନ୍ତୋଷ କୁମାର ଚନ୍ଦ୍ରକାର, ସହକାରୀ ଯୋଗାଣ ଅଧିକାରୀ ସଂକର୍ଷଣ ଭୁଏ, ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ଆକାଶ ପଣ୍ଡା, ଟିଟିଲାଗଡ଼ ଉପଜିଲ୍ଲାପାଳ କାର୍ଯ୍ୟାଳୟର ପ୍ରଶିକ୍ଷାନ ଅଧିକାରିଣୀ ମାଧୁରୀ ପଟ୍ଟନାୟକ, ବରିଷ୍ଠ ରାଜସ୍ୱ ସହାୟକ ଅନୁପମା ତ୍ରିପାଠୀ, ଶ୍ୟାମକୁମାର ସେଠ, ଦେବେନ୍ଦ୍ର ନାଇକ, ସନ୍ତୋଷ ବାଗ, କନିଷ୍ଠ ରାଜସ୍ୱ ସହାୟିକା ନିବେଦିତା ମୁଖାର୍ଜୀ, ଯୋଗେଶକେତନ ବଡ଼ିଆ, ହେମ ମଞ୍ଜରି ସାହୁ, ସ୍ୱାତି ନାଗ, ରାଜେଶ ରଣା, ଶୁଭମ ରଥ, ଶଶୀଭୂଷଣ ନାଗ, ଅଫିସ ଆସିଷ୍ଟାଣ୍ଟ ତଥା ଡିଇଓ ରାଧାକାନ୍ତ ମହାନ୍ତି, ଡିଇଓ ସୁଶାନ୍ତ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ବିଭାଗର କିରାଣୀ ତଥା ଗ୍ରନ୍ଥାଗାରିକ ଯୁଧିଷ୍ଠିର ପ୍ରଧାନୀ ସହଯୋଗ କରିଥିଲେ। ଜିଲ୍ଲାପୋଳ ସନ୍ତୋଷ କୁମାର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

## ରାସ୍ତା କାମରେ ବାଧାସୃଷ୍ଟି ଘଟଣା; ଥାନାରେ ଏତଲା

**ତୁରେକେଲା, ୧।୪(ସମିସ):** ସରକାର ଗ୍ରାମାଞ୍ଚଳ ଗମନାଗମନ ସଂଯୋଗ ପାଇଁ ପାଣି ଭଳି ଟଙ୍କା ଖର୍ଚ୍ଚ କରି ରାସ୍ତା ନିର୍ମାଣ କରୁଥିବା ବେଳେ ସେହି ଉପାନ୍ତ ଅଞ୍ଚଳକୁ ରାସ୍ତା ନିର୍ମାଣ କାମ ଚାଲୁଥିବାବେଳେ ରାସ୍ତା କାମରେ କିଛି ଜଣ ଖଳପ୍ରକୃତିର ଲୋକ ବାଧା ସୃଷ୍ଟି କରୁଥିବା ଅଭିଯୋଗ ହୋଇଛି। ଗତ ସୋମବାର ରାତିରେ ତୁରେକେଲା ବ୍ଲକ ଅଧୀନ ମହୁଲପାଟି ଗାଁରୁ ଡୋଲମାନ୍ଦଲ ଗାଁ ପର୍ଯ୍ୟନ୍ତ ରାସ୍ତାକାମ ଚାଲିଛି। ନୂତନ ଭାବେ ପିଚୁ ଢାଳୁଥିବାବେଳେ ରଫା କରିବାରେ କିଛି ଜଣ ଖଳପ୍ରକୃତିର ଲୋକ ପିଚୁ କାଢିଦେଇ ରାସ୍ତା କାମରେ ବାଧା ସୃଷ୍ଟି କରିବା ସହ ଠିକା ସଂସ୍ଥାକୁ ହଇରାଣ କରୁଥିବା ଅଭିଯୋଗ ହୋଇଛି। ଏନେଇ ତୁରେକେଲା ଥାନାରେ ରାକେଶ ଖମାରୀ ଲିଖିତ ଅଭିଯୋଗ କରିଥିବା ବେଳେ ତୁରେକେଲା ପୁଲିସ ଅଧିକ ତଦନ୍ତ ଆରମ୍ଭ କରିଛି।

## ୪ ଦିନିଆ ଫିଜିଓଥେରେପି କ୍ୟାମ୍ପ ଉଦ୍‌ଘାଟିତ




**ଟିଟିଲାଗଡ଼, ୧।୪(ସମିସ):** ଟିଟିଲାଗଡ଼ ପ୍ରେସ୍ କ୍ଲବ ଓ ମହିଳା ସମିତି ଆନୁକୂଲ୍ୟରେ ଏକ ନିଃଶୁଳ୍କ ଫିଜିଓଥେରେପି କ୍ୟାମ୍ପ ସ୍ଥାନୀୟ ମହାବୀର ପଞ୍ଚାୟତି ଧର୍ମଶାଳାରେ ଉଦ୍‌ଘାଟିତ ହୋଇଯାଇଛି। ଏଠାରେ ସବ୍ୟ ନାରାୟଣ ଗୁପ୍ତା ବିଶିଷ୍ଟ ଅତିଥି, ବରିଷ୍ଠ ସମାଜସେବୀ ବିନ୍ଦୁ ସାହୁ, ରଣିସତି ମନ୍ଦିରର ଅଧ୍ୟକ୍ଷ ସୁରଜମଲ ସୋନି, ସମ୍ମାନିତ ଅତିଥି ହିଫଜୁଲ ରହମାନ, ପ୍ରଶାନ୍ତ ଷଡ଼ଙ୍ଗୀ, ରାଜ୍ୟସଭା ସାଂସଦ ପ୍ରତିନିଧି ରମେଶ ଅଗ୍ରୱାଲ, ମାରୱାଡ଼ି ମହିଳା ସମିତି ଅଧ୍ୟକ୍ଷା ସରୋଜ ଅଗ୍ରୱାଲ, ମୁଖ୍ୟବକ୍ତା କବି ଟିକେଲାଲ ବେହେରାଙ୍କ ଉପସ୍ଥିତିରେ ଉଦ୍‌ଘାଟନ ହୋଇଯାଇଛି। ଏହି ସଭାକୁ ସାମ୍ବାଦିକ ଦୀପକ ସମନ୍ତରାୟ ପରିଚାଳନା କରିଥିବାବେଳେ ସାମ୍ବାଦିକ ଗୋପାଳ ଜୈନ ଧନ୍ୟବାଦ୍ ଦେଇଥିଲେ। ଏହିକ୍ୟାମ୍ପ ରାଜସ୍ଥାନର ହନୁମାନ ଗଡ଼ରୁ ଫିଜିଓଥେରେପିଷ୍ଟ ଅନିଲ ଯାଦବ, ରୋହିତ କୁମାର ଏବଂ ସଂକୈଳାଶ କୁମାର ଚିକିତ୍ସାର ଦାୟିତ୍ୱ ନେଇଥିଲେ। ଏଥିରେ ସାଧାରଣ ଏଣ୍ଠୁ ଗଣ୍ଠି, ଯେକୌଣସି ପୁରୁଣା ଅଣ୍ଟା ବଥା, ଗୁଣ୍ଡିଲ ବ୍ୟଥାର ଉପଚାର କରାଯାଇଛି। ଆଶା ଅଗ୍ରୱାଲ, ସୁପ୍ରିୟା ଲାଠ, ସବିତା ଅଗ୍ରୱାଲ, ସନ୍ତୋଷ ଅଗ୍ରୱାଲ, ଅଞ୍ଜଳି ବେହେରା, ସୁଧୀର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## କଦମପଡ଼ା ସରସ୍ୱତୀ ଶିଶୁ ମନ୍ଦିର

**ବଲାଙ୍ଗିର, ୧।୪(ସମିସ) :** ବଲାଙ୍ଗିର କଦମପଡ଼ା ସରସ୍ୱତୀ ଶିଶୁ ବିଦ୍ୟା ଜ୍ଞାନମନ୍ଦିରରେ 'ଉତ୍କଳ ଦିବସ' ପାଳନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବିଦ୍ୟାଳୟର ସଭାପତି ଡ.ଭବାନୀଶଙ୍କର ପଟେଲ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ସ୍ୱାଗତ ସଙ୍ଗୀତରେ ଛାତ୍ରୀ ସାକ୍ଷୀପ୍ରଜ୍ଞା ନାଏକ, ଅରୁଣିମା ଗୁରୁ, ଅଙ୍କିତା ସାଏ, ଶ୍ରୀମୟୀ ପଣ୍ଡା, ମୋନିକା ମହାପାତ୍ର ଗାନ କରିଥିଲେ। ପ୍ରଧାନାଚାର୍ଯ୍ୟ ସୁବ୍ରତ କୁମାର ବେହେରା ମଞ୍ଚାସୀନ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ସ୍ୱାତୀ ଦାଶ, ଇପସିତା ଅପରାଜିତା ସାହୁ ଉତ୍କଳ ଦିବସର ମାହାତ୍ମ୍ୟ ତଥା ଉତ୍କଳମଣି ଗୋପବନ୍ଧୁ ଦାଶଙ୍କ ଜୀବନୀ ବର୍ଣ୍ଣନା କରିଥିଲେ। ଛାତ୍ରୀ ସାକ୍ଷୀପ୍ରଜ୍ଞା ନାଏକ ଓ ସମୀକ୍ଷା ବେଦବାକ କରିଥିଲେ। ମୁଖ୍ୟବକ୍ତା ବିଦ୍ୟାଳୟର ସମ୍ପାଦକ ତରଣୀସେନ ପଟେଲ ଓଡ଼ିଶା ପ୍ରଦେଶର ଐକକରଣ ଉପରେ ଆଲୋକପାତ କରିଥିଲେ। ପରେ ଉପସଭାପତି ରବୀନ୍ଦ୍ର କୁମାର ପଣ୍ଡା ସାମ୍ପ୍ରତିକ ଓଡ଼ିଶାର ସ୍ଥିତି ତଥା ଶିଶୁଙ୍କ କର୍ତ୍ତବ୍ୟ ପ୍ରତି ସଚେତନ କରାଇଥିଲେ। ସଭାପତି ମଧ୍ୟ ନିଜ ଅଭିଭାଷଣ ପ୍ରଦାନ କରିଥିଲେ। ଏହାପରେ ସାମୂହିକ ଭାବରେ ରାଜ୍ୟ ସଙ୍ଗୀତ 'ବନ୍ଦେ ଉତ୍କଳ ଜନନୀ'ର ଗାନ ହୋଇଥିଲା। ଡ.ଭବାନୀ ଶଙ୍କର ପଟେଲ, ଉପସଭାପତି ରବୀନ୍ଦ୍ର କୁମାର ପଣ୍ଡା, ସମ୍ପାଦକ ତରଣୀସେନ ପଟେଲ ଉପସ୍ଥିତଥିଲେ। ପଞ୍ଚାନନ ସାଙ୍କ ସଞ୍ଚାଳନରେ କାର୍ଯ୍ୟକ୍ରମଟି ସମ୍ପନ୍ନ ହୋଇଥିଲା।

## ପୂର୍ବତନ ମୁଖ୍ୟମନ୍ତ୍ରୀ ରାଜେନ୍ଦ୍ର ନାରାୟଣ ସିଂହଦେଓଙ୍କ ଜୟନ୍ତୀ ପାଳିତ

**ବଲାଙ୍ଗିର, ୧।୪(ସମିସ):** ମହାରାଜା ରାଜେନ୍ଦ୍ର ନାରାୟଣ ସିଂହଦେଓ ସ୍ୱାଧୀନତା ପରେ ଗଣତନ୍ତ୍ର ଶାସନରେ ଅଂଶଗ୍ରହଣ କରି ନିଜକୁ ଜଣେ ସଫଳ ଗଣତନ୍ତ୍ର ବ୍ୟବସ୍ଥାକାରୀ ଭାବରେ ପରିଚିତି ଲାଭ କରିଥିଲେ। ତାଙ୍କର ପଦାଙ୍କ ଅନୁସରଣ କରି ଲୋକସେବା ପାଇଁ ଆମର ପରିବାର ରାଜନୀତିରେ। ଏମିତି କିଛି ମନ୍ତବ୍ୟ ଦେଇଛନ୍ତି ପୂର୍ବତନ ମନ୍ତ୍ରୀ ଅନଙ୍ଗ ଉଦୟ ସିଂହଦେଓ। ଶୈଳଶ୍ରୀ ପେଲେସ ଠାରେ ହଜାର ହଜାର ମହିଳା ଓ ପୁରୁଷଙ୍କ ଉପସ୍ଥିତିରେ ପାଟଣା ମହାରାଜା ରାଜେନ୍ଦ୍ର ନାରାୟଣ ସିଂହଦେଓ ଙ୍କ ୧୧୨ ତମ ଜୟନ୍ତୀ ପାଳିତ ହୋଇଥିଲା। ମହାରାଜା ରାଜେନ୍ଦ୍ର ନାରାୟଣ ସିଂହଦେଓଙ୍କ ପଦାଙ୍କ ଅନୁସରଣ କରି ବଲାଙ୍ଗିରର ସର୍ବାଙ୍ଗୀନ ବିକାଶ ସହ ଆମେ ଯୋଡିହୋଇ ଆସିଛୁ ବୋଲି ନିଜ ବକ୍ତବ୍ୟରେ କହିଥିଲେ ପୂର୍ବତନ ସାଂସଦ କଳିକେଶ ନାରାୟଣ ସିଂହଦେଓ। ମହାରାଜା ପାଟଣାଙ୍କ ସମ୍ପର୍କରେ ବହୁ ତଥ୍ୟ ଓ ପୁରୁଣା ସ୍ମୃତିକୁମନେ ପକାଇଥିଲେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ଲକ୍ଷ୍ମଣ କୁମାର ମେହେର, ବଲାଙ୍ଗିର ଜିଲ୍ଲାପରିଷଦ ଅଧ୍ୟକ୍ଷା ଦେବକୀ ସାହୁ ଓ ବଲାଙ୍ଗିର ପୌରାଧ୍ୟକ୍ଷା ଲିକା ସାହୁ। ଏହି ଅବସରରେ କ୍ରୀଡା, ବଲାଙ୍ଗିର ରାଜମିସ୍ତ୍ରୀ ନିର୍ମାଣ ଶ୍ରମିକ ସଂଘ, ଉଠା ଦୋକାନୀ ସଂଘ, ଆଲୋକ ସାଗର, ସ୍ୱର୍ଣ୍ଣ ଓ ରୌପ୍ୟ ବିଜେତା, ପାୱାର ଲିଫ୍ଟିଂରେ ଦୁର୍ଗାଚରଣ ବେହେରା ପୂର୍ବତନ କାଉନସିଲର ସମ୍ବର୍ଦ୍ଧିତ କରାଯାଇଥିଲା। ମଞ୍ଚକୁ ଉଦଘୋଷିକା ସୁଶୋଭିତା ଗୁରୁ ସଂଯୋଜନା କରିଥିଲେ।



## ରାମଚଣ୍ଡୀ ମନ୍ଦିର ପ୍ରତିଷ୍ଠା ଉତ୍ସବ ପାଇଁ କଳସ ଶୋଭାଯାତ୍ରା

**ଖପ୍ରାଖୋଲ, ୧।୪(ସମିସ):** ବଲାଙ୍ଗିର ଜିଲ୍ଲା ଖପ୍ରାଖୋଲ ବ୍ଲକ ଅଧୀନ ହରିଶଙ୍କର ଠାରେ କୁଲୁତା ସମାଜ ତରଫରୁ ନିର୍ମିତ ରଣେଶ୍ୱର୍ ରାମଚଣ୍ଡୀ ମନ୍ଦିରର ପ୍ରତିଷ୍ଠା ଉତ୍ସବ ପାଇଁ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଛି। ଏହି ଅବସରରେ ପ୍ରଥମେ ଗଙ୍ଗା ଆବାହନ ସହ ପବିତ୍ର ବୈଦିକ ମନ୍ତ୍ରରେ ପାପ ନାଶିନି ଝରଣାରେ ଗଙ୍ଗା ଆବାହନ ସହ ପାଣି ଭର୍ତ୍ତି କରାଯାଇଥିଲା। ଝରଣାରୁ ଏକ ଶୋଭାଯାତ୍ରା ରେ ଘଣ୍ଟା ଘଣ୍ଟ, ସଙ୍କୀର୍ତ୍ତନ ସହ ନିର୍ମାଣଧୀନ ମନ୍ଦିର ପରିସରରେରେ ପହଞ୍ଚି ଥିଲେ। କର୍ତ୍ତା ଭାବେ କୁଲୁତା ସମାଜ ଜିଲ୍ଲା ସଭାପତି ବେଲାର ସେନ ଭୋଇ, ଧୃବଚରଣ ବିଶ୍ୱାଳ ସ-ପତ୍ନିକ କାର୍ଯ୍ୟ ସମ୍ପାଦନ କରୁଥିବାବେଳେ ଷୋହଳ ପ୍ରହର ନାମଯଜ୍ଞ ରେ କର୍ତ୍ତାଭାବେ ଖଗେଶ୍ୱର ସାହୁ ସପତ୍ନିକ କାର୍ଯ୍ୟ ସମ୍ପାଦନ କରିବେ ବୋଲି ଜଣାଯାଇଛି। ଏହି ଅବସରରେ ପୂଜକ ଭାବେ ବୈଦ୍ୟନାଥ ମିଶ୍ର ଏବଂ ଅନ୍ୟ ମାନେ ଉପସ୍ଥିତ ଥିଲେ। ଭିକାରୀ ଚରଣ ବିଶ୍ୱାଳ, ସମ୍ପାଦକ କଳାକାହ୍ନୁ ସାହୁ, ବାସୁଦେବ ଗଡ଼ତ୍ୟା, ସମ୍ପାଦକ ମାଧବ ସାହୁ, ଧଣ୍ଡାମୁଣ୍ଡା ଆଞ୍ଚଳିକ କେନ୍ଦ୍ର ସଭାପତି ହଳଧର ଭୋଇ, ସମ୍ପାଦକ ମଧୁସୂଦନ ସାହୁ, ଅମୂଲ୍ୟ ଭୋଇ, ଜୟ କୃଷ୍ଣ ସାହୁ, କ୍ଷମା ନିଧି ଭୋଇ, ପଞ୍ଚାନନ ସାହୁ, କାଳିଆ ସାହୁ, ସୁଶାନ୍ତ ପ୍ରଧାନ, ଚତୁର୍ଭୁଜ ସାହୁ, ସରୋଜ ବିଶ୍ୱାଳ, ଅଚ୍ୟୁତ ସାହୁ, ଉମାକାନ୍ତ ପ୍ରଧାନ, ନରେନ୍ଦ୍ର ଭୋଇ ସମେତ ବହୁ ସଂଖ୍ୟାରେ ମହିଳା ପୁରୁଷ ଉପସ୍ଥିତ ଥିଲେ।

## ସଦର ରେଞ୍ଜରଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

**ବଲାଙ୍ଗିର, ୧।୪(ସମିସ):** ବଲାଙ୍ଗିର ବନଖଣ୍ଡ ଅଧୀନସ୍ଥ ସଦର ରେଞ୍ଜରେ କାର୍ଯ୍ୟରତ ରେଞ୍ଜର କେଶବ କିଶୋର ନାୟକ କାର୍ଯ୍ୟରୁ ଅବସର ଗ୍ରହଣ କରିଛନ୍ତି। ବଲାଙ୍ଗିର ବନଖଣ୍ଡ କାର୍ଯ୍ୟାଳୟରେ ତାଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଦୀର୍ଘ ୩୯ ବର୍ଷ ଧରି ବଲାଙ୍ଗିର ଜିଲ୍ଲାର ବିଭିନ୍ନ ସ୍ଥାନରେ ଜଙ୍ଗଲ ସୁରକ୍ଷା ପାଇଁ କାମ କରିଛନ୍ତି। କଣ୍ଟାବଞ୍ଜି ରେଞ୍ଜରୁ ନିଜର ଚାକିରି ଜୀବନ ଆରମ୍ଭ କରି ଲୋଇସିଂହା ଓ ପରେ ବଲାଙ୍ଗିର ସଦର ରେଞ୍ଜରେ ନିଜର କୁଶଳ କାର୍ଯ୍ୟଦକ୍ଷତା ଦେଖାଇଛନ୍ତି। ଜଙ୍ଗଲ ସୁରକ୍ଷା, ବନ୍ୟଜନ୍ତୁ ସୁରକ୍ଷା, ବେଆଇନ କାଠ ଚାଲାଣ ଓ ବନ୍ୟଜନ୍ତୁ ଚାଲାଣକୁ ରୋକିବା ଦିଗରେ ସେ ଅନେକ କାମ କରିଛନ୍ତି। ଏହା ସହିତ ପରିବେଶ ସୁରକ୍ଷା ପାଇଁ ଲୋକଙ୍କୁ ସଚେତନ କରିବା ସହିତ ଚାରା ରୋପଣ ପାଇଁ ପ୍ରୋତ୍ସାହନ କରିଛନ୍ତି। ତାଙ୍କର କାର୍ଯ୍ୟକାଳ ସମୟରେ ବିଭିନ୍ନ ଅନୁଷ୍ଠାନ, ଶିକ୍ଷାନୁଷ୍ଠାନ ସହ ସମନ୍ୱୟ ରକ୍ଷା କରି ବୃକ୍ଷରୋପଣ କାର୍ଯ୍ୟକୁ ତ୍ୱରାନ୍ୱିତ କରିଛନ୍ତି। ଆଜି ପର୍ଯ୍ୟଟନସ୍ଥଳୀ ଭାବରେ ଭୀମଡୁଙ୍ଗୁରୀ ର ରୂପାନ୍ତରଣ ଓ ବିକାଶ ଦିଗରେ ଯେଉଁ ସବୁ କାମ ହୋଇଛି ତହିଁରେ ସଦର ରେଞ୍ଜର କେଶବ କିଶୋର ନାୟକଙ୍କ ନେତୃତ୍ୱ ରହିଛି।



## ଷୋହଳ ପ୍ରହର ନାମଯଜ୍ଞ ଉଦ୍‌ଯାପିତ

**ଖପ୍ରାଖୋଲ, ୧।୪ (ସମିସ):** ବଲାଙ୍ଗିର ଜିଲ୍ଲା ଖପ୍ରାଖୋଲ ବ୍ଲକ ଅଧୀନ ଘୁନସର୍ ଗ୍ରାମରେ ଷୋହଳ ପ୍ରହର ନାମଯଜ୍ଞ ଉଦ୍‌ଯାପିତ ହୋଇଛି। ଗତ ତିନିଦିନ ଧରି ହୋଇଥିବା ଏହି ଧାର୍ମିକ ନାମଯଜ୍ଞରେ ପାଞ୍ଚୋଟି ସଙ୍କୀର୍ତ୍ତନ ଦଳ ଆସିଥିବାବେଳେ ନାମ ସଙ୍କୀର୍ତ୍ତନରେ ଘୁନସର ଗ୍ରାମରେ ଧାର୍ମିକ ପରିବେଶ ସୃଷ୍ଟି ହୋଇଥିଲା। ନାମଯଜ୍ଞରେ ପୂଜା କର୍ତ୍ତା ଭାବରେ ଗ୍ରାମର ଗୌନ୍ତିଆ ସସ୍ତ୍ରିକ ଅକ୍ରୁର ମାଝୀ ପୂଜା କାର୍ଯ୍ୟ ନିର୍ବାହ କରିଥିବା ବେଳେ ପୂଜକ ଭାବରେ କପୂର୍ଚ୍ଚନ ଦାଶ, ସୁଲଭ ଦାଶ, ଓ ଯୁଗେଶ୍ୱର ଦାଶ ପୌରୋହିତ୍ୟ କରିଥିଲେ। ଏଥିରେ ଘୁନସର ଗ୍ରାମର ସଙ୍କୀର୍ତ୍ତନ ପୂଜା କମିଟିର ପୂର୍ଣ୍ଣଚନ୍ଦ୍ର ବୁଡେକ, ବିକାଶ ଦାଶ, ଚିନ୍ତାମଣି ବାରିକ, ଫରମ୍ ସାଏ ମାଝୀ, ବବଲୁ ଦାଶ, ମାୟାଧର ସାହୁ, ଚକ୍ରଧର ସାହୁ, ଦେବରାଜ ପଧାନ, ଦ୍ୱିତୀୟା ତରିଆ, ନୃପସ୍ୱାଇଁ, ତିର୍ଥ ଭୋଇ, ଫକିର ତରିଆ, ଦୁର୍ଯ୍ୟୋଧନ ସାହୁ ପ୍ରମୁଖ ସଦସ୍ୟ ତଥା ଗ୍ରାମବାସୀ ସହଯୋଗ କରିଥିଲେ।



## ବଡ଼ମାଲ ଗୋଳାବାରୁଦ କାରଖାନାର ରେକର୍ଡ

**ବଲାଙ୍ଗିର, ୧।୪(ସମିସ):** ୨୦୨୩-୨୪ ଆର୍ଥିକ ବର୍ଷରେ ରେକର୍ଡ ସୃଷ୍ଟି କରିଛି ବଡ଼ମାଲ ଗୋଳାବାରୁଦ କାରଖାନା। ଗତ ଆର୍ଥିକ ବର୍ଷରେ ୭୫୮ କୋଟିର ସାମଗ୍ରୀ ଉତ୍ପାଦନ କରିବା ସହ ୨୫୬ କୋଟିର ଗୁଳିଗୋଳା ରପ୍ତାନୀ କରିଥିବା ଏକ୍ସ ମାଧ୍ୟମରେ ବଡ଼ମାଲ ଗୋଳାବାରୁଦ କାରଖାନା ପ୍ରଶାସନ ସୂଚନା ପ୍ରଦାନ କରିଛି।

## ଝାଟିମାଟି କୁଡ଼ିଆରେ ବିତୁଛି ବୃଦ୍ଧଙ୍କ ଜୀବନ

**ଦେଓଗାଁ, ୧।୪(ସମିସ):** ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକ କୁତୁର୍ଲା ପଞ୍ଚାୟତ ଅଧୀନ ମୁରସିଂହ ଗ୍ରାମ ନିକଟ ଜଙ୍ଗଲରେ ଥିବା ପ୍ରୋଜେକ୍ଟ ପାଖରେ ଜଣେ ବୃଦ୍ଧ ଏକ ଝାଟିମାଟି କୁଡିଆରେ ଅସହାୟ ଭାବେ ଦିନ କାଟୁଥିବା ନଜରକୁ ଆସିଛି। ଏହି ଗ୍ରାମର ରବି ଭୋଇ(୭୦) ବର୍ଷେ ହେଲା ଉକ୍ତ ଜଙ୍ଗଲରେ ବିପଦପୂର୍ଣ୍ଣ ଭାବେ ଦିନ କାଟୁଛନ୍ତି। ସରକାରୀ ସହାୟତା ଭାବେ ଭତ୍ତା ଓ ଚାଉଳ ପାଉଥିବା ବେଳେ ସ୍ଥାୟୀ ଆଶ୍ରୟସ୍ଥଳୀ ନ ଥିବାରୁ ସେ ଜଙ୍ଗଲରେ ରହୁଥିବା ପ୍ରକାଶ କରନ୍ତି। ସ୍ତ୍ରୀ ଆରପାରିକୁ ଚାଲିଥିବାବେଳେ ତାଙ୍କ ଗୋଟିଏ ଝିଅକୁ ବାହା ଦେଲାପରେ ସେ ଜଙ୍ଗଲକୁ ଯାଇ ରହୁଥିବା କହିଛନ୍ତି। ପରିତାପର ବିଷୟ ମୁରସିଂହ ଗ୍ରାମରେ ରହୁଥିବା ଉକ୍ତ ବୃଦ୍ଧ ତାଙ୍କ ଘରକୁ ଜଣକୁ ବନ୍ଧକ ଆକାରରେ ଦେଇଛନ୍ତି। କାରଣ ଝିଅକୁ ଆର୍ଥିକ ଅନାଟନ ଯୋଗୁଁ ବିବାହ କରିପାରି ନ ଥିବାବେଳେ ନିଜେ ରହୁଥିବା ଘରକୁ ଅନ୍ୟ ଜଣକୁ ଦେଇ କରଜ ଆଣି ଝିଅ ବାହା କରିଥଲେ। ଟଙ୍କା ସୁଝି ନ ପାରିବାରୁ ବୁଢାଟି ନିଜ ଭିଟାମାଟି ଛାଡି ଜଙ୍ଗଲ ଭିତରେ ଦୁର୍ଦ୍ଦିନ ଅବସ୍ଥାରେ ପଡ଼ିରହିଛି। ବୃଦ୍ଧ ଜଣକୁ କାହିଁକି ଏଠାରେ ରହୁଛ ରାତିରେ ପଶୁ ମାନଙ୍କ ଡରନାହିଁ କି ବୋଲି ପଚାରିବାରୁ, ନିଜ ଅଭାବର ଦୁଃଖ କଥା କୋହଭରା କଣ୍ଠରେ ବଖାଣିବା ସହ ପ୍ରଶାସନକୁ କହି ଥଇଥାନ କରିବାକୁ ନିବେଦନ କରିଥିଲେ। ବର୍ତ୍ତମାନ ଗ୍ରୀଷ୍ମର ତାତି ବଢ଼ି ଚାଲିଛି ଏଣୁ ଅଂଶୁଘାତ ଭୟ ମଧ୍ୟ ରହିଛି। ଏଣୁ ଏ ଦିଗରେ ପ୍ରଶାସନ ତୁରନ୍ତ ଦୃଷ୍ଟି ଦେଇ ଅସହାୟ ବୃଦ୍ଧକୁ ଥଇଥାନ କରିବାକୁ ଦାବି ହେଉଛି।



## ପଶ୍ଚିମ ଓଡ଼ିଶା ସଂକୀର୍ତ୍ତନ ପରିଷଦର ବାର୍ଷିକ ଉତ୍ସବ

**ବଲାଙ୍ଗିର, ୧।୪(ସମିସ):** ସ୍ଥାନୀୟ ସଦାଇପାଲି ପଲ୍ଲିଶ୍ରୀ ବିହାର ରାଧାକୃଷ୍ଣ ମନ୍ଦିର ପରିସରରେ ପଶ୍ଚିମ ଓଡ଼ିଶା ସଂକୀର୍ତ୍ତନ ପରିଷଦର ଚତୁର୍ଦ୍ଦଶ ବାର୍ଷିକ ଉତ୍ସବ ପାଳିତ ହୋଇଛି। ଏହି ଅବସରରେ ପଶ୍ଚିମ ଓଡ଼ିଶାର ୧୧ଟି ଜିଲ୍ଲାର ୧୯ ଟି ସଂକୀର୍ତ୍ତନ ଦଳ ସଦାଇପାଲି ଗ୍ରାମରେ ନଗରକୀର୍ତ୍ତନ କରିଥିଲେ। ପରିଷଦର ସଭାପତି ହେମନ୍ତ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ପ୍ରଥମ ଅଧିବେସନ ଆରମ୍ଭ ହୋଇଥିଲା। ଏହି ଅବସରରେ ଉତ୍କଳ ସଂକୀର୍ତ୍ତନ ମହାସଂଘର ସଦସ୍ୟ ବାବା ପଞ୍ଚୁଦେବ ଓ ଦ୍ୱାରିକାନାଥ ସେନାପତି, ପରିଷଦର ସମ୍ପାଦକ ଲୋକନାଥ ମିଶ୍ର ତଥା ପ୍ରଭାରୀ ରାଧେକୃଷ୍ଣ ପଣ୍ଡା, ତୁଷାର ରଞ୍ଜନ ବାରିକ ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ। ସମ୍ବଲପୁର ଜିଲ୍ଲାର ଅଇଁଲାପାଲି, ବରଗଡ଼ ଜିଲ୍ଲାର ଘନାମାଲ, ସୁବର୍ଣ୍ଣପୁର ଜିଲ୍ଲାର ଝରାପଡ଼ା, ବୌଦ୍ଧ ଜିଲ୍ଲାର ଖୁଣ୍ଟବନ୍ଧ, କନ୍ଧମାଳ ଜିଲ୍ଲାର ମିଶିଆଁ, ନୂଆପଡ଼ା ଜିଲ୍ଲାର ପଗାରପାଣି, ବଲାଙ୍ଗିର ଜିଲ୍ଲାର ସଦାଇପାଲିର ଉଭୟପୁରୁଷ ଓ ମହିଳା ଦଳ, ଆଡେନଡୁଙ୍ଗୁରୀ, ଡୁଡୁକା, କଳାସର, ସରଗାଡ଼, ଝାରବଲାଙ୍ଗିର, ମିର୍ଦ୍ଧାପାଲି, ବୁବେଲ ଓ ବ୍ରାହ୍ମଣୀ ଡୁଙ୍ଗୁରୀ ନିଜ ନିଜ ସଂକୀର୍ତ୍ତନ ପରିବେଷଣ କରିଥିଲେ। ଏହି ଅଧିବେସନରେ ମୁଖ୍ୟ ଅତିଥି ଭାବରେ ଓଡ଼ିଶା ଗୃହ ନିର୍ମାଣ ନିଗମର ଅଧ୍ୟକ୍ଷ କଳିକେଶ ନାରାୟଣ ସିଂହଦେଓ, ଜିଲ୍ଲା ପରିଷଦ ଅଧ୍ୟକ୍ଷା ଦେବକୀ ସାହୁ, ବଲାଙ୍ଗିର ବ୍ଲକ ଅଧ୍ୟକ୍ଷା ସରିତା ବାଗ ଏବଂ ପୂର୍ବ ଅଧ୍ୟକ୍ଷ ଗୋଲାପ ବାଗ ଯୋଗଦାନ କରି କୃତୀ କଳାକାରମାନଙ୍କୁ ସମ୍ମାନିତ କରିଥିଲେ। ତନ୍ମଧ୍ୟରୁ ଚୈତନ୍ୟ ସମ୍ମାନରେ ବରଗଡ଼ ଜିଲ୍ଲା ପଦ୍ମପୁରର ଗଙ୍ଗାଧର ଚିରଗୁନଙ୍କୁ ସମ୍ମାନିତ କରିଥିବା ବେଳେ ବଲାଙ୍ଗିର ସଦାଇପାଲିର ଶମ୍ଭୁ ପ୍ରସାଦ ନାଏକଙ୍କୁ ଗାୟକରତ୍ନ ଓ କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡାର ମନବେଶ ଭୋଇଙ୍କୁ ବାୟକ ରତ୍ନ ଉପାଧିରେ ସମ୍ମାନିତ କରାଯାଇଥିଲା। ଉପଦେଷ୍ଟା ସମାଜସେବୀ ଡ. ଶ୍ରୀକର ମିଶ୍ର, ସଂଯୋଜକ ଭରତ ସାହୁ, କୋଷାଧ୍ୟକ୍ଷ ରାଧାକାନ୍ତ ପାଣିଗ୍ରାହୀ, ପୂର୍ବତନ ସଭାପତି ରାଜେନ୍ଦ୍ର ଅଗ୍ରୱାଲ, ସହ-ସମ୍ପାଦକ ମାନଭଞ୍ଜନ ନାଏକ, ଅନ୍ୟତମ ଉପଦେଷ୍ଟା ରାଜେନ୍ଦ୍ର ବେହେରା, ଆଗଲପୁର ବ୍ଲକ ସଭାପତି ଗୌରଚରଣ ପଟେଲ, ଲୋଇସିହା ବ୍ଲକ ସଭାପତି ଚୈତନ୍ୟ ପଧାନ, ପୁଇଁନ୍ତଲା ବ୍ଲକ ସଭାପତି ଗୌରାଙ୍ଗ ମିଶ୍ର ଓ ବଲାଙ୍ଗିର ବ୍ଲକ ସଭାପତି ରମେଶ ନାଏକ, ପ୍ରଫୁଲ୍ଲ ମିଶ୍ର, ଆଦିତ୍ୟ ପଟ୍ଟନାୟକ, ଲୋକନାଥ ସିଂହ, ପ୍ରେମାନନ୍ଦ ସାଏ, ସାନ୍ତନୁ ମିଶ୍ର, ସନ୍ତୋଷ ବ୍ରହ୍ମା ପ୍ରମୁଖ ସହଯୋଗ କରିଥିଲେ। ସମ୍ବଲପୁର ସଂକୀର୍ତ୍ତନ ଜିଲ୍ଲା ସଭାପତି ସନ୍ତୋଷ ବାରିକ ଧନ୍ୟବାଦ ଦେଇଥିଲେ।



## ବିଭିନ୍ନ ପଞ୍ଚାୟତରେ ଟୁକୁନୀ ସାହୁଙ୍କ ନିର୍ବାଚନୀ ପ୍ରଚାର

**ତୁଷୁରା, ୧।୪ (ସମିସ):** ବିଜେଡି ପକ୍ଷରୁ ଟିଟିଲାଗଡ଼ ବିଧାନସଭା ପ୍ରାର୍ଥୀ ଭାବରେ ଟୁକୁନୀ ସାହୁଙ୍କ ନାମ ଘୋଷଣା ହୋଇସାରିଥିଲାବେଳେ ସୋମବାରଠାରୁ ଟୁକୁନୀ ସାହୁ ମାରାଥନ୍ ପ୍ରଚାର ଆରମ୍ଭ କରିଛନ୍ତି। ସେହିପରି ଗୁଡଭେଲା ବ୍ଲକ ଅଧୀନ ବଡ଼ଙ୍ଗୋମୁଣ୍ଡା ପଞ୍ଚାୟତ, ନୂଆଁପଡ଼ା ପଞ୍ଚାୟତ, ସମରା ପଞ୍ଚାୟତରେ ଥିବା ବିଭିନ୍ନ ଗ୍ରାମ ଏବଂ ତୁଷୁରା ଏନ୍‌ଏସିରେ ଟୁକୁନୀ ସାହୁ ନିର୍ବାଚନୀ ପ୍ରଚାର ଆରମ୍ଭ କରିଛନ୍ତି। ପ୍ରଥମେ ବଡ଼ଙ୍ଗୋମୁଣ୍ଡା ପଞ୍ଚାୟତର ଟେପରାମୁଣ୍ଡା ଗ୍ରାମରେ ପ୍ରଚାର ଆରମ୍ଭ କରିଥିବାବେଳେ ଡ଼ଙ୍ଗାପଥର, ସର୍ଗଡା, ସିନ୍ଦିରାବାହାଲି, ନରସିଂହପୁର, ଗ୍ରାମରେ ନିର୍ବାଚନୀ ପ୍ରଚାରରେ ନବୀନ ପଟ୍ଟନାୟକଙ୍କ ବିକାଶମୂଳକ କାର୍ଯ୍ୟ, ମିଶନଶକ୍ତି ଜରିଆରେ ମହିଳାମାନଙ୍କୁ ସଶକ୍ତୀକରଣ, ୫-ଟି ଜରିଆରେ ବିଦ୍ୟାଳୟ, ମନ୍ଦିରର ରୂପାନ୍ତରଣ ବିଷୟରେ କହିଥିଲେ। ତୁଷୁରା ଏନ୍‌ଏସି ଚେୟାରମ୍ୟାନ ଅଜୟ କୁମାର ଜୟଶ୍ୱାଳ, ଜିଲ୍ଲା ପରିଷଦ ସଭ୍ୟ ପ୍ରଦୀପ ପଣ୍ଡା, ଗୁଡଭେଲା ବ୍ଲକ ବିଜେଡି ସଭାପତି ଅରୁଣ ପ୍ରଧାନ, ଅଶୋକ ଜେନା, ଅଭିଷେକ ସାହୁ, ଶରତ ଚନ୍ଦ୍ର ସାହୁ, ରତନ ଜୈନ, ଜ୍ୟୋତିର୍ମୟ ମହାପାତ୍ରଙ୍କ ସମେତ ଅନେକ ବିଜେଡି କର୍ମୀସାମିଲ ଥିଲେ।

## ମା' ବସ୍ତ୍ରେନ ଫୁଟବଲ ଟୁର୍ଣ୍ଣାମେଣ୍ଟ: ଟିଟିଲାଗଡ଼ ବିଜୟୀ

**ମୁରିବାହାଲ, ୧।୪ (ସମିସ)**

ବଲାଙ୍ଗିର ଜିଲ୍ଲା ମୁରିବାହାଲ ପଞ୍ଚାୟତି ହାଇସ୍କୁଲ ଖେଳପଡ଼ିଆଠାରେ ଆଦିବାସୀ ଯୁବକ ସଙ୍ଘ ଆନୁକୂଲ୍ୟରେ ଦ୍ୱିତୀୟ ବାର୍ଷିକ ମା' ବସ୍ତ୍ରେନ ଫୁଟବଲ ଟୁର୍ଣ୍ଣାମେଣ୍ଟ ଦ୍ୱିତୀୟ ଦିବସରେ ମୁରିବାହାଲଙ୍କୁ ହରାଇ ଟିଟିଲାଗଡ଼ ବିଜୟୀ ହୋଇଛି। ଦ୍ୱିତୀୟ ଦିବସରେ ଆୟୋଜନ ମୁରିବାହାଲ ଓ ଟିଟିଲାଗଡ଼ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍‌ରେ ଟିଟିଲାଗଡ଼ ଏକ ତରଫା ଭାବରେ ୪/୦ ଗୋଲରେ ବିଜୟୀ ହୋଇ ଦ୍ୱିତୀୟ ଦଳ ଭାବରେ ସେମି ଫାଇନାଲରେ ପ୍ରବେଶ କରିଛି। ଦ୍ୱିତୀୟ ଦିବସରେ ବିଶିଷ୍ଟ କ୍ରୀଡ଼ାବିତ ରାମରତନ ମେହେର, ଶ୍ରୀପତି ଷଣ୍ଡ, ମନୋଜ କୁମାର କର, ତରୁଣ ପୋଡ଼, ମଧୁସୂଦନ ନାଗ ପ୍ରମୁଖ ଉପସ୍ଥିତ ଥିଲେ। ମ୍ୟାଚକୁ ଶ୍ରୀବତ୍ସ ବେହେରା, ଗଣେଶ ଭୋଇ, ଯୁବରାଜ ଭୋଇ, କେଦାର ବଡ଼ ଜେନା, ପରିଚାଳନା କରିଥିଲେ। ସଭାପତି ଅଭିଳାଷ ବଘାର, ଉପସଭାପତି ଯୁବରାଜ ଭୋଇ, ସମ୍ପଦକ ମନୋଜ ଭୋଇ, ସହ ସମ୍ପାଦକ ଦୁର୍ବାଦଳ ଭୋଇ, କୋଷାଧକ୍ଷ ଖଗେଶ୍ୱର ଭୋଇ, ଶମ୍ଭୁ ପ୍ରସାଦ ଭୋଇ, ସୁଦାମ ବଘାର, ପିଙ୍କୁ ଭୋଇଙ୍କ ନେତୃତ୍ୱରେ ଆଦିବାସୀ ଯୁବକ ସଂଘର ସଦସ୍ୟ ଅନିଲ ଭୋଇ, ଓଁକାର ଭୋଇ, ଚୂଡ଼ାମଣି ଭୋଇ, ଚତୁର ମାଝୀ, ଗୋବିନ୍ଦ ଭୋଇ, ରିଙ୍କୁ ଭୋଇ, କ୍ରିଷ୍ଣା ଭୋଇ, ସୁଧାଂଶୁ ଭୋଇ, ପ୍ରବୀଣ ଭୋଇ ସହଯୋଗ କରିଥିଲେ। ଧାରାବିବରଣୀ ଲିଲୁ ମୋହନ ପଧାନ ପଠନ କରିଥିଲେ।



## ଅଘରିଆ ସମାଜର ତୃତୀୟ କାର୍ଯ୍ୟକାରୀ ବୈଠକ

**ବଲାଙ୍ଗିର, ୧।୪(ସମିସ):** ବଲାଙ୍ଗିର ଜିଲ୍ଲା ୮୪ ଘର ଅଘରିଆ ସମାଜ ଆଞ୍ଚଳିକ କମିଟି ବୈଠକ ବାରପୁଡୁଗିଆ ଗୁଡ଼ି ଅଧୀନସ୍ଥ କୁଟୁମଡୋଲାଠାରେ ୧୮ ଗୁଡ଼ି ସଭାପତି ଓ କର୍ମକର୍ତ୍ତା, ୪ ମଣ୍ଡଳ ସଭାପତି ଓ କର୍ମକର୍ତ୍ତା, ଉପଦେଷ୍ଟା ମଣ୍ଡଳୀ, କୃଷକ ମଞ୍ଚ, ଯୁବା ମଞ୍ଚ, ମହିଳା ମଞ୍ଚ, ନିର୍ମାଣ କମିଟି, ପୁସ୍ତକ କମିଟି, ଶିକ୍ଷା କମିଟି ଓ କର୍ମକର୍ତ୍ତା ସମେତ ଗ୍ରାମ୍ୟ କମିଟିର ସମସ୍ତ କର୍ମକର୍ତ୍ତାଙ୍କ ଦ୍ୱାରା ଆୟୋଜିତ ହୋଇଥିଲା।ସଭାପତି ଶୁଭ୍ରାଂଶୁ ଶେଖର ପଟେଲଙ୍କ ଦ୍ୱାରା ସଭା ଆରମ୍ଭ କରାଯାଇଥିଲା। ଗୁଡ଼ି ସଭାପତି ସାରଥୀ ପଟେଲଙ୍କ ଆବାହକତ୍ୱରେ, ସମ୍ପାଦକୀୟ ବିବରଣୀ ପାଠ କରିଥିଲେ ଦିଗାମ୍ବର ନାଏକ। ଭଇଁସା ମଣ୍ଡଳ ସଭାପତି ଚିନ୍ତାମଣି ରାଉତ ମଞ୍ଚାସୀନ ଥିଲେ। ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପାଇଥିବା ୫ ଜଣ ଶିକ୍ଷକ ଓ ୨ ଜଣ ଚାଷୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସୁଧାଂଶୁ ପଟେଲ ଧନ୍ୟବାଦ ଅର୍ପଣ କରିଥିଲେ।

# ଓଡ଼ିଶା ଦିବସ, ଜିଲ୍ଲା ପ୍ରତିଷ୍ଠା ଦିବସରେ ରକ୍ତଦାନ



**ନୂଆପଡ଼ା, ୧।୪ (ସମିସ):** ନୂଆପଡ଼ା ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ତରଫରୁ ତଥା ଶିକ୍ଷା ପରିବାର ଆନୁକୂଲ୍ୟରେ ଗିଧିନିପାନୀ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଓଡ଼ିଶା ଦିବସ ଓ ନୂଆପଡ଼ା ଜିଲ୍ଲା ପ୍ରତିଷ୍ଠା ଦିବସ ପାଳନ ଅବସରରେ ଏକ ରକ୍ତଦାନ ଶିବିର ଆୟୋଜିତ ହୋଇଯାଇଛି। ଏଥିରେ ୩୮ ଜଣ ରକ୍ତଦାନ କରିଥିଲେ। ଏହି ଶିବିରରେ ମୁଖ୍ୟ ଅତିଥି ଭାବେ ଉପଜିଲ୍ଲାପାଳ ଯୋଗେନ୍ଦ୍ର ମାଝୀ, ସମ୍ମାନୀତ ଅତିଥି ଭାବେ ଶିକ୍ଷାବିତ ଡ. ଶିବପ୍ରସାଦ ବେହେରା ଯୋଗଦେଇ ଶିବିରକୁ ଶୁଭ ଉଦ୍‌ଘାଟନ କରିଥିଲେ। ଗୋଷ୍ଠୀ ଶିକ୍ଷା ଅଧିକାରୀ ହେମସାଗର ମହାନନ୍ଦଙ୍କ ସଭାପତିତ୍ୱରେ ଆୟୋଜିତ ରକ୍ତଦାନ ଶିବିରରେ ସହ ଗୋଷ୍ଠୀ ଶିକ୍ଷା ଅଧିକାରୀ ତଥା ବିଆରସିସି ଉତ୍କଳମଣି ଅଗସ୍ତି, ସହଗୋଷ୍ଠୀ ଶିକ୍ଷା ଅଧିକାରୀ ଚୈତ୍ରାମ ନାଏକ, ଚନ୍ଦ୍ରକଳା ଜଗତ ପ୍ରମୁଖ ସହଯୋଗ କରିଥିଲେ। ରକ୍ତଦାତ୍ରୀ ସୁପ୍ରିୟା ସତ୍ୟବତୀ ଓ ରକ୍ତଦାତା ସମୀର ଦାସଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଆୟୋଜନରେ ସହଯୋଗ କରିଥିବା ମୋହରାଡିହି କ୍ଲଷ୍ଟରର ସମସ୍ତ ବିଦ୍ୟାଳୟକୁ ମାନପତ୍ର ପ୍ରଦାନ କରାଯାଇଥିଲା। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ରକ୍ତଦାନ କେନ୍ଦ୍ରରୁ ମେଡିକାଲ ଅଫିସର ଡା. ବିକାଶ ଖୁରା, ଏଲ୍ ଟି ପ୍ରଶାନ୍ତ ସାହୁ, ବାବୁଲାଲ ନାଏକ ରକ୍ତ ସଂଗ୍ରହ କରିଥିଲେ। ପ୍ରଧାନ ଶିକ୍ଷକ ଦିନେଶ ମାଝୀ, ସିଆର୍‌ସିସି ସନ୍ତୋଷ ସାହୁଙ୍କୁ ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ତରଫରୁ ମାନପତ୍ର ଓ ସ୍ମୃତି ଫଳକ ପ୍ରଦାନ କରାଯାଇଥିଲା।

# ନୂଆପଡ଼ାରେ ପୁଲିସ ପ୍ରତିଷ୍ଠା ଦିବସ



**ନୂଆପଡ଼ା, ୧।୪(ସମିସ):** ସ୍ଥାନୀୟ ଜିଲ୍ଲା ରିଜର୍ଭ ପୁଲିସ ପଡ଼ିଆରେ ଜିଲ୍ଲା ପୁଲିସ ବିଭାଗ ତରଫରୁ ୮୯ତମ ପୁଲିସ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। କମାଣ୍ଡର ଲିଙ୍ଗରାଜ ମାଝୀଙ୍କ ନେତୃତ୍ୱରେ ଆୟୋଜିତ ପରେଡରେ ଏସ୍‌ପି ଜିଆର୍ ରାଘବେନ୍ଦ୍ର ରେଡ୍ଡୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଅଭିବାଦନ ଗ୍ରହଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସେକେଣ୍ଡ ଇନ କମାଣ୍ଡ ମିତ୍ରଭାନୁ ବେହେରା, ଏଏସ୍‌ପି ଇନ୍ଦ୍ରମଣୀ ବେହେରା, ଏସ୍‌ଡିପିଓ ଅମ୍ରିତପାଲ ସିଂ, ଡିଆଇବି ଡିଏସ୍‌ପି ଗୋପିନାଥ ମଲ୍ଲିକ, ସିଆରପିଏଫ୍ କମାଣ୍ଡାଣ୍ଟ ଏରିକ ଗିଲବର୍ଟ ଯୋଷ, ଆରସି ମିଶ୍ର, ଡିସିଆରବି ଇନ୍ସପେକ୍ଟର କ୍ଷୀରେଶ୍ୱର ସାହୁ, ଡିଏସପି ପିସିଆର ସେଲ୍‌ଫ ଆଦିତ୍ୟ ସେନ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ଏସ୍‌ଆଇ କୁଳମଣୀ ବୁର୍ଡା, ଏଏସ୍‌ଆଇ ଭାବେ ରାମଲାଲ ଜୁରିଆ, ହାବିଲଦାର ଚିତ୍ତରଞ୍ଜନ ମାଝୀ, ଏପିଆର ଭୋଜରାଜ ବାରିକ, ନିଶାକାନ୍ତ ଯୋଷୀଙ୍କୁ ସମ୍ମାନୀତ କରାଯାଇଛି।

# ଏସ୍‌ସି ଫେଡେରେସନର ନୂତନ କମିଟି



**ଗାଇଗାଁ, ୧।୪(ସମିସ):** କେସିଙ୍ଗା ବ୍ଲକ ଦେଓଗାଁ ପଞ୍ଚାୟତରେ କେସିଙ୍ଗା ବ୍ଲକ ଅଲ ଓଡ଼ିଶା ସିଡ୍ୟୁଲ କାଷ୍ଟ ଫେଡେରେସନ ସଭାପତି ତେଜରାଜ ବେହେରାଙ୍କ ସଭାପତିତ୍ୱରେ ପଞ୍ଚାୟତସ୍ତରୀୟ ନୂତନ କମିଟି ଗଠନ କରାଯାଇଛି। ଏଥିରେ ପୁରୁଣା କମିଟି କର୍ମକର୍ତ୍ତାଙ୍କୁ ବଦଳାଇ ନୂତନ ଭାବେ କମିଟି ସଦସ୍ୟ ଚୟନ କରାଯାଇଛି। ଦେଓଗାଁ ଏଓଏସସିଏଫ ପଞ୍ଚାୟତ ସଭାପତି ଭାବେ ସମ୍ପତି ବେହେରା, ଉପସଭାପତି ହେମରାଜ ସୁନା, ସମ୍ପାଦକ କ୍ଷୀରୋଦ ବାଗ, ସହ ସମ୍ପାଦକ ଅନିଲ ବେହେରା, କୋଷାଧ୍ୟକ୍ଷ ସୁରେଶ ସୁନା ମନୋନୀତ ହୋଇଛନ୍ତି। ସେହିପରି ଏହି ବୈଠକରେ କେସିଙ୍ଗା ବ୍ଲକ ଏଓଏସସିଏଫ ସଭାପତି ତେଜରାଜ ବେହେରା, ଜିଲ୍ଲା ସାମାଜିକ ଉପମୁଖ୍ୟ ଗିରିଜା ବେହେରା, ତିନି ନମ୍ବର ଜୋନ ସଭାପତି ଯୁଧିଷ୍ଠିର ଭଗତ, ସମ୍ପାଦକ ଡମ୍ବରୁ କରୁଆଁ, କାର୍ଯ୍ୟକାରୀ ସଭାପତି ମନୋଜ ବାଗଙ୍କ ସହିତ ଉକ୍ତ ଗ୍ରାମର ତପିମଣି କରୁଆଁ, ରାମଚନ୍ଦ୍ର କୁମାର, ଲକ୍ଷ୍ମଣ ଛତ୍ରିଆ, ଚଞ୍ଚଳା ସୁନା, ତନୁଶ୍ରୀ ବାଗ, ଲତା ବେହେରା, କୁନ୍ତଳା କରୁଆଁ, ପାରମିତା ବାଗ, ବହ୍ନିମିତା କରୁଆଁ, ବବଲୀ ବାଗ, କମଳୀ ମଙ୍ଗରାଜ ପ୍ରମୁଖ ଉପସ୍ଥିତ ଥିଲେ। ରଜନୀ ବେହେରା, ପରୀକ୍ଷିତ ବେହେରା, କାଳିନ୍ଦର କରୁଆଁ, ବଶିଷ୍ଠ କରୁଆଁ ବିଶେଷ ଭାବେ ସହଯୋଗ କରିଥିଲେ।

## ୮୯ତମ ଓଡ଼ିଶା ଦିବସ ମହାସମାରୋହରେ ପାଳିତ

# ବରପୁତ୍ର ମାନଙ୍କ ନିଃସ୍ୱାର୍ଥ ତ୍ୟାଗର ସ୍ମୃତିଚାରଣ

**ଭବାନୀପାଟଣା, ୧।୪(ସମିସ)**

ସ୍ଥାନୀୟ ଟାଉନହଲଠାରେ ଜିଲ୍ଲାସ୍ତରୀୟ ୮୯ତମ ଓଡ଼ିଶା ଦିବସ ମହାସମାରୋହରେ ପାଳିତ ହୋଇଛି। ଏଥିରେ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ତନ୍ମୟ କୁମାର ଦରୱାନ, ଜିଲ୍ଲା ଶିକ୍ଷା ଅଧିକାରୀ ସୁଶାନ୍ତ କୁମାର ଚୋପଦାର, ଲାଞ୍ଜିଗଡ଼ ତହସିଲଦାର କିରଣ କୁମାର ମହାନ୍ତି ଏବଂ ମୁଖ୍ୟବକ୍ତା ବୋର୍ଡା ହାଇସ୍କୁଲ ପ୍ରଧାନଶିକ୍ଷକ ପ୍ରକାଶ ଚନ୍ଦ୍ର ନିଶଙ୍କ ପ୍ରମୁଖ ଯୋଗ ଦେଇଥିଲେ। ଅତିଥିଗଣ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନରେ ଓଡ଼ିଶାର ବରପୁତ୍ରମାନଙ୍କର ନିସ୍ୱାର୍ଥପର ତ୍ୟାଗ, ବଳିଦାନ ଓ ଉଦ୍ୟମ ସମ୍ପର୍କରେ ସ୍ମୃତିଚାରଣ ସହ ସମୃଦ୍ଧ ଓ ସଶକ୍ତ ଓଡ଼ିଶା ତଥା ଓଡ଼ିଆର ସ୍ୱାଭିମାନକୁ ପାଥେୟ କରି ସ୍ୱପ୍ନର ଓଡ଼ିଶା ସାକାର କରିବାରେ ସମସ୍ତଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ଓଡ଼ିଶାର ଭାଷା, ସଂସ୍କୃତି, ଐତିହ୍ୟ, ପରମ୍ପରା, ଚଳଣି, ସାହିତ୍ୟ, ଅସ୍ମିତାକୁ ବଜାୟ ରଖିବାକୁ ଉଦ୍ୟମ ଜାରି ରଖିବା ସହ ଏହାର ଉତ୍ତରୋତ୍ତର ଉନ୍ନତି ପାଇଁ ସମସ୍ତେ ଚେଷ୍ଟା କରିବାକୁ ମତ ପ୍ରକାଶ ପାଇଥିଲା। ସକାଳ ୭.୩୦ରେ ସହରରେ ଅବସ୍ଥାପିତ ୧୩ ଗୋଟି ମହାପୁରୁଷ ପ୍ରତିମୂର୍ତ୍ତିରେ ନିକଟସ୍ଥ ବିଦ୍ୟାଳୟ ଛାତ୍ର ଛାତ୍ରୀମାନଙ୍କ ଦ୍ୱାରା ପୁଷ୍ପମାଲ୍ୟ ଅର୍ପଣ ଓ ପୂଜ୍ୟପୂଜା କରାଯାଇଥିଲା। ସାନ୍ଧ୍ୟ କାର୍ଯ୍ୟକ୍ରମରେ ଟାଉନ ହଲଠାରେ ସଭାକାର୍ଯ୍ୟ ପରେ ହାଇସ୍କୁଲ ଓ ଉଚ୍ଚ ପ୍ରାଥମିକ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଅନୁଷ୍ଠିତ ଓଡ଼ିଆ ବକ୍ତୃତା ଓ ପ୍ରବନ୍ଧ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ମୁଖ୍ୟ ଅତିଥି ସାର୍ଟିଫିକେଟ, ଟ୍ରଫି ପ୍ରଦାନ କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମରେ କଳାହାଣ୍ଡି କଳାକେନ୍ଦ୍ର ଦ୍ୱାରା ଓଡିଶୀ ନୃତ୍ୟ, ଜେକେ ସ୍କୁଲ ଅଫ ଡାନ୍ସ, ବୃନ୍ଦାବନ ସ୍ମାର୍ଟ ସ୍କୁଲ, ସରକାରୀ ହାଇସ୍କୁଲ ଲାଞ୍ଜିଗଡ଼ ରୋଡ, ନୃତ୍ୟ ରସିକା ଡାନ୍ସ ଏକାଡେମୀ ସମ୍ବଲପୁରୀ ଓ ଲୋକ ନୃତ୍ୟ ପରିବେଷଣ କରିଥିଲେ। ସରସ୍ୱତୀ ବିଦ୍ୟା ମନ୍ଦିର ବ୍ରଜବିହାରର ଛାତ୍ରୀମାନେ ପ୍ରାରମ୍ଭରେ 'ବନ୍ଦେ ଉତ୍କଳ ଜନନୀ' ଗାନ କରିଥିଲେ। ଏହି ଅବସରରେ ୧ ତାରିଖ ରାତିରେ ବିଭିନ୍ନ ସରକାରୀ, ବେସରକାରୀ କୋଠା ମାନଙ୍କରେ ଲିଚୁ ଲାଇଟ୍ ଦ୍ୱାରା ସୁସଜ୍ଜିତ କରାଯାଇଥିଲା। ସ୍ୱାଗତ ଭାଷଣ ସହ ସଭା କାର୍ଯ୍ୟକ୍ରମର ପରିଚାଳନା ଓ ଆୟୋଜନ କରିଥିଲେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋଜ ବେହେରା ଏବଂ କାର୍ଯ୍ୟକ୍ରମକୁ ବିରଞ୍ଚି ମୁଣ୍ଡ ସଞ୍ଚାଳନ କରିଥିଲେ। କାର୍ଯ୍ୟକ୍ରମରେ ଶିକ୍ଷକ ରବି କାନୁନଗୋ, ଜିଲ୍ଲା ସଂସ୍କୃତି କାର୍ଯ୍ୟାଳୟ ଓ ସୂଚନା ଲୋକସମ୍ପର୍କ କାର୍ଯ୍ୟାଳୟର କର୍ମଚାରୀ ସହଯୋଗ କରିଥିଲେ। ସଭାରେ ବିଭିନ୍ନ ସ୍କୁଲର ଛାତ୍ର ଛାତ୍ରୀ, ଶିକ୍ଷକ ଶିକ୍ଷୟତ୍ରୀ, କଳାକାର ଅନୁଷ୍ଠାନର କର୍ମକର୍ତ୍ତା, ବୁଦ୍ଧିଜୀବୀ ପ୍ରମୁଖ ଉପସ୍ଥିତ ଥିଲେ।








## ବିବେକାନନ୍ଦ ଲୋକ ସଂସଦ

**ଭବାନୀପାଟଣା:** ବିବେକାନନ୍ଦ ଲୋକ ସଂସଦ କଳାହାଣ୍ଡି ଶାଖାର ଉତ୍କଳ, କଳା ଓ ସଂସ୍କୃତି ପ୍ରତିଷ୍ଠାନ ଆନୁକୂଲ୍ୟରେ ଜୁନାଗଡ଼ ବ୍ଲକସ୍ଥିତ ମହାରାଣୀ କସ୍ତୁରୀକା ମୋଦିନୀ ଇଂରାଜୀ ମାଧ୍ୟମ ବିଦ୍ୟାଳୟ ଠାରେ ଉତ୍କଳ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ସଂସଦର ଜିଲ୍ଲା ସଭାପତି ଇଂ. ନିରଞ୍ଜନ ପ୍ରଧାନଙ୍କ ଅଧ୍ୟକ୍ଷତାରେ ମୁଖ୍ୟବକ୍ତା ଭାବେ ଅଧ୍ୟାପକ ତଥା ଜିଲ୍ଲା ସହ ସମ୍ପାଦକ ବିଶ୍ୱ ରଞ୍ଜନ ବେହେରା ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସଂସଦର ଜିଲ୍ଲା ସମ୍ପାଦକ ଅବସରପ୍ରାପ୍ତ ପ୍ରାଧ୍ୟାପକ ବିବେକାନନ୍ଦ ଠାକୁର, ଘନଶ୍ୟାମ ମେହେର, ହିମାଂଶୁ ଶେଖର ମେହେର, ସଂସଦର ସଦସ୍ୟ ଭାଗ୍ୟବାନ ମେହେର ପ୍ରମୁଖ ଯୋଗ ଦେଇଥିଲେ। ସମଗ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ଅବସରପ୍ରାପ୍ତ ପ୍ରାଧ୍ୟାପକ ସୀମାଞ୍ଚଳ ମିଶ୍ର। ବୈଦିକ ମନ୍ତ୍ରରେ ସଭା ଆରମ୍ଭ ହୋଇ ଶାନ୍ତି ପାଠରେ ସମାପ୍ତ ହୋଇଥିଲା। ସ୍କୁଲର ଛାତ୍ରମାନେ ଏହି କାର୍ଯ୍ୟକ୍ରମରେ ଯୋଗଦାନ କରିଥିଲେ। ସଭାରେ ବକ୍ତା ମାନେ ଓଡିଆ ଅସ୍ମିତା ବଜାୟ ରଖି ରାଜ୍ୟର ସର୍ବାଙ୍ଗୀନ ଉନ୍ନତି କରିବାରେ ସହାୟକ କରିବାକୁ ବକ୍ତବ୍ୟ ପ୍ରଦାନ କରିଥିଲେ। ଅନୁଷ୍ଠିତ କାର୍ଯ୍ୟକ୍ରମରେ ନବଘନ ସାହୁ, ନିରଞ୍ଜନ ସାହାଣୀ, କଙ୍ଗାଲୁ ପ୍ରଧାନୀ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ଚନ୍ଦ୍ରହାସ୍ୟ ମେହେର ଧନ୍ୟବାଦ ଅର୍ପଣ କରିଥିଲେ।

## ବାଳଗୋପାଳ ସେବା ନିକେତନ

**ଭବାନୀପାଟଣା:** ବାଳ ଗୋପାଳ ସେବା ନିକେତନ ଶିଶୁ ଯତ୍ନ ଅନୁଷ୍ଠାନରେ ୮୯ତମ ଉତ୍କଳ ଦିବସ ପାଳିତ ହୋଇ ଯାଇଛି। ଏହି ଅବସରରେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋଜ କୁମାର ବେହେରା, ମୁଖ୍ୟବକ୍ତା, ଆରଟିଓ ଗତିକୃଷ୍ଣ ସାମନ୍ତରାୟ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଶିଶୁ ମଙ୍ଗଳ ସମିତିର ଅଧ୍ୟକ୍ଷ ରୂପେଶ କୁମାର ହୋତା ସଭାପତିତ୍ୱ କରିଥିଲେ। ଅନୁଷ୍ଠାନର ପ୍ରତିଷ୍ଠାତା ହେମନ୍ତ କୁମାର ମୁଣ୍ଡ ଧନ୍ୟବାଦ ଅର୍ପଣ କରିଥିଲେ। ଶିଶୁମାନଙ୍କ ବକ୍ତବ୍ୟ ଏବଂ ଶିଶୁମାନଙ୍କ ଦ୍ୱାରା ପ୍ରାରମ୍ଭିକ ସଙ୍ଗୀତ ବନ୍ଦେ ଉତ୍କଳ ଜନନୀ ଗାନ କରାଯାଇଥିଲା। ଏହି ଅବସରରେ ବାଳ ଗୋପାଳ ସେବା ନିକେତନ ଅନ୍ତେବାସୀ ଓ କର୍ମକର୍ତ୍ତାଙ୍କ ଦ୍ୱାରା ଷ୍ଟେସନ ଛକ ନିକଟସ୍ଥ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା।

# ନିର୍ବାଚନ ସକାଶେ ପୁଲିସର ଫ୍ଲାଗ୍‌ମାର୍ଚ୍ଚ

**ନୂଆପଡ଼ା/କୋମନା, ୧।୪(ସମିସ):** ଆଗକୁ ସାଧାରଣ ନିର୍ବାଚନ। ଏକ ଶାନ୍ତିପୂର୍ଣ୍ଣ ନିର୍ବାଚନ ପରିଚାଳନା ସକାଶେ ଜିଲ୍ଲା ପୁଲିସ ପ୍ରସ୍ତୁତି ଜୋରଦାର କରିଦେଇଛି। ଏହିକ୍ରମରେ ସୋମବାର ଅପରାହ୍ନରେ ନୂଆପଡ଼ା ଜିଲ୍ଲା କୋମନା ଥାନା ଅଧୀନ କୋମନା ଏବଂ ଉଦ୍ୟାନବନ୍ଧ ସହରରେ ପୁଲିସ ଫ୍ଲାଗମାର୍ଚ୍ଚ କରିଛି। ଏକ ଶାନ୍ତିପୂର୍ଣ୍ଣ ଓ ନିରପେକ୍ଷ ନିର୍ବାଚନ କରାଯାଉଥିବା ସଙ୍କେତ ଦେଇ ଜନସାଧାରଣଙ୍କୁ ସଚେତନ କରାଯାଇଛି। ଶାନ୍ତିର ବାର୍ତ୍ତା ଦେଇଛି ପୁଲିସ। ଏଥିରେ କୋମନା ଥାନା ଅଧିକାରୀ ସୁମନ୍ତ ସାହୁ, ନୂଆପଡ଼ା ଏସ୍‌ଡିପିଓ ଅମ୍ରିତ ପାଲ ସିଂ, ବରକୋଟ ସିଆରପିଏଫ କ୍ୟାମ୍ପର ଇନ୍ସପେକ୍ଟର ରାଜେନ୍ଦ୍ର ଯାଦବ ପ୍ରମୁଖ ସାମିଲ ଥିଲେ।



# ବିଜେଡିରେ ମିଶିଲେ ଅନ୍ୟ ଦଳର ୪୦ କର୍ମୀ



**ନୂଆପଡ଼ା/କୋମନା, ୧।୪ (ସମିସ):** ନୂଆପଡ଼ା ଜିଲ୍ଲା କୋମନା କଲ୍ୟାଣ ମଣ୍ଡପରେ ବିଜେଡିର ଏକ ନିର୍ବାଚନୀ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଜେପି ଓ କଂଗ୍ରେସ ଛାଡି ୪୦ରୁ ଅଧିକ କର୍ମୀ ବିଜେଡିରେ ଯୋଗ ଦେଇଥିଲେ। ତେବେ ମଖ୍ୟ ଅତିଥି ଭାବେ ନୂଆପଡ଼ା ନିର୍ବାଚନ ମଣ୍ଡଳି ବିଜେଡି ପ୍ରାର୍ଥୀ ରାଜେନ୍ଦ୍ର ଢୋଲକିଆ ଯୋଗ ଦେଇଥିଲେ। ରାଜ୍ୟ ସରକାର ୨୫ ବର୍ଷରେ ୭୦୦ ଯୋଜନା କରଛନ୍ତି। ସେହି ଯୋଜନାଗୁଡିକର ସଫଳତା ନେଇ ଲୋକଙ୍କ ପାଖକୁ ଯିବାକୁ କର୍ମୀଙ୍କୁ ଢୋଲକିଆ କହିଥିଲେ। କାର୍ଯ୍ୟକ୍ରମରେ କୋମନା ବ୍ଲକ ସଭାପତି ଜୟଦେବ ପ୍ରଧାନ ସଭାପତିତ କରିଥିଲେ। ବୈଠକରେ ବ୍ଲକ ଅଧ୍ୟକ୍ଷା ଅନୁସ୍ୱୟା କୁମ୍ଭାର, ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ଦୀପିକା ଦୀପ, ଏସଡିସି ଭଗତ ରାମ ମାଝୀ, ଜିଲ୍ଲା ପରିଷଦ ସଭ୍ୟ ଅବନି ରଞ୍ଜନ ଯୋଷୀ, ଜୟ ଢୋଲକିଆ ପ୍ରମୁଖ ଯୋଗ ଦେଇଥିଲେ। କାର୍ତ୍ତିକ ଦୀପ ମଞ୍ଚ ପରିଚାଳନା କରିଥିଲେ।

## ସୁନାବେଡ଼ାରେ ପ୍ଲାଷ୍ଟିକମୁକ୍ତ ଅଭିଯାନ

**ନୂଆପଡ଼ା, ୧।୪ (ସମିସ):** ନୂଆପଡ଼ା ଜିଲ୍ଲାର ସୁନାବେଡା ଅଭୟାରଣ୍ୟକୁ ସମ୍ପୂର୍ଣ୍ଣ ଭାବେ ପ୍ଲାଷ୍ଟିକମୁକ୍ତ କରିବାକୁ ବନ୍ୟପ୍ରାଣୀ ବିଭାଗ ତରଫରୁ ଅଭିଯାନ ଆରମ୍ଭ କରାଯାଇଛି। ସୋମବାରଠାରୁ କଡାକଡି ଯାଞ୍ଚ ଆରମ୍ଭ କରାଯାଇଛି। ବନ୍ୟପ୍ରାଣୀ ବିଭାଗ ବନଖଣ୍ଡ ଅଧିକାରୀ ମହାଦେବ ବୁଡେକଙ୍କ ନିର୍ଦ୍ଦେଶକ୍ରମେ ଅଭୟାରଣ୍ୟର ୩ ପ୍ରବେଶ ପଥ ଚେରେଚୁଆଁ ଘାଟି, କେରମେଲି ଏବଂ ଭରୁଆମୁଣ୍ଡା ଘାଟିରେ କଡାକଡି ଯାଞ୍ଚ ପ୍ରକ୍ରିୟା ଆରମ୍ଭ କରାଯାଇଛି। ବନ୍ୟପ୍ରାଣୀ ବିଭାଗର ୩ଟି ଟିମ୍ ଯାତ୍ରୀଙ୍କୁ ସଚେତନ କରିବା ସହ ଯାଞ୍ଚ କରିଛନ୍ତି। ପର୍ଯ୍ୟଟକ ସହଯୋଗ କରିବାକୁ ବନ୍ୟପ୍ରାଣୀ ବିଭାଗ ୱାର୍ଡେନ ମାୟାଧର ସରାଫ ଆହ୍ୱାନ ଦେଇଛନ୍ତି।

# ସାମ୍ବାଦିକଙ୍କ ମାତୃ ବିୟୋଗରେ ଶ୍ରଦ୍ଧାଞ୍ଜଳି ସଭା

**କଳମପୁର, ୧।୪(ସମିସ):** କଳାହାଣ୍ଡି ଜିଲ୍ଲା କଳମପୁର ବ୍ଲକ ଦେପୁର ପଞ୍ଚାୟତ ଅନ୍ତର୍ଗତ ବାଲିଛଡ଼ା ଗ୍ରାମର ଗଉନ୍ତିଆ ସ୍ୱର୍ଗୀୟ ପଦ୍ମକିଶୋର ବେହେରାଙ୍କ ଧର୍ମପତ୍ନୀ ତଥା କଳମପୁର ବ୍ଲକ ସାମ୍ବାଦିକ ଶଙ୍କର୍ଷଣ ବେହେରାଙ୍କ ମାତା ଧର୍ମ ପରାୟଣା ଅନ୍ନପୂର୍ଣ୍ଣା ଦେବୀଙ୍କ ବିୟୋଗର ଦ୍ୱାଦଶାହ ଦିବସରେ ଆତ୍ମାଙ୍କ ସଦଗତି କାମନା ତଥା ଈଶ୍ୱରୀୟ ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଚିନ୍ମୟ ମିଶନ ଭବାନୀପାଟଣା କେନ୍ଦ୍ର ଆଚାର୍ଯ୍ୟ ସ୍ୱାମୀ ଅମେୟାନନ୍ଦ ସରସ୍ୱତୀ ମହାରାଜ ଯୋଗଦେଇ ଆଶୀର୍ବଚନ ଦେଇଥିଲେ। ତାଳଚେର ମହାବିଦ୍ୟାଳୟ ଅବସରପ୍ରାପ୍ତ ପ୍ରଫେସର ପ୍ରଶାନ୍ତ ରଥ ଯୋଗ ଦେଇ ସ୍ମୃତିଚାରଣ କରିଥିଲେ। ଅନ୍ୟତମ ସଂସ୍କୃତ ବିଶାରଦ ଅବସରପ୍ରାପ୍ତ ପ୍ରଫେସର ଅଶୋକ ଶର୍ମା, ବିଶ୍ୱହିନ୍ଦୁ ପରିଷଦ କଳାହାଣ୍ଡି ସଭାପତି ଶାନ୍ତନୁ ମୁଣ୍ଡ, ପୂର୍ବତନ ଓଷ୍ଟା ସଭାପତି ଆଶୁତୋଷ ମିଶ୍ର, ପୂର୍ବତନ କଳମପୁର ବ୍ଲକ ଅଧ୍ୟକ୍ଷ ମହେନ୍ଦ୍ର ସାହୁ, ପୂର୍ବତନ ସମବାୟ ନିରୀକ୍ଷକ ଗୋପାଳ ସାହୁ, ବୃନ୍ଦାବନ ସ୍ମାର୍ଟ ସ୍କୁଲ ନିର୍ଦ୍ଦେଶିକା ରେଣୁବାଳା ପାଣିଗ୍ରାହୀ, ଅଧ୍ୟକ୍ଷ ଅରୁଣ ପାଣିଗ୍ରାହୀ, ଚିନ୍ମୟ ମିଶନ ଉପାଧ୍ୟକ୍ଷ ବିଶ୍ୱନାଥ ଦାସ, ବ୍ରହ୍ମାକୁମାରୀ ପ୍ରେମଲାଲ ଭାଇ, କଳମପୁର ସମବାୟ ସମିତିର ସମସ୍ତ କର୍ମଚାରୀ ଏଥିରେ ଯୋଗ ଦେଇଥିଲେ। ଡାକ୍ତର ଯଶୋବନ୍ତ ବେହେରା ସମସ୍ତଙ୍କୁ ସାଧୁବାଦ ଜ୍ଞାପନ କରିଥିଲେ। ବାଳ ଗୋପାଳ ସେବା ନିକେତନ ଭବାନୀପାଟଣା ସଂସ୍ଥାପକ ହେମନ୍ତ କୁମାର ମୁଣ୍ଡ ମଞ୍ଚ ପରିଚାଳନା କରିଥିଲେ। ଏକାଦଶ ଦିବସରେ ପୂର୍ବତନ ମନ୍ତ୍ରୀ ପୁଷ୍ପେନ୍ଦ୍ର ସିଂଦେଓ, ବିଜେଡି ଜିଲ୍ଲା ସମ୍ପାଦକ ନବୀନ ପଣ୍ଡା, କଳମପୁର ମହିଳା ସଭାନେତ୍ରୀ ମଧୁଛନ୍ଦା ଭଞ୍ଜ, ବିଧାୟକ ପ୍ରତିନିଧି ସଦାନନ୍ଦ ଚନ୍ଦନ, ସାଧାରଣ ସମ୍ପାଦକ ମନୋରଞ୍ଜନ ମୁଣ୍ଡ, ବିଜେଡି ବ୍ଲକ ସଭାପତି ଅଭି ବାଗ, ଅଭିନ୍ନ ସାହୁ ପ୍ରମୁଖ ଯୋଗ ଦେଇ ଆତ୍ମାର ସଦ୍‌ଗତି କାମନା କରିଥିଲେ।

# ବିଭିନ୍ନ ଗାଁ ବୁଲିଲେ ବିଜେଡି ସାଂସଦ ପ୍ରାର୍ଥୀ ଲମ୍ବୋଦର

## କର୍ମୀ ମହଲରେ ଉତ୍ସାହ, ସବୁଠି ମିଳିଲା ବିପୁଳ ସ୍ୱାଗତ

**କୋକସରା, ୧।୪(ସମିସ)**

କଳାହାଣ୍ଡି ଲୋକସଭା ଆସନ ପାଇଁ ବିଜୁ ଜନତା ଦଳ ପକ୍ଷରୁ ଲମ୍ବୋଦର ନିଆଲକୁ ଟିକେଟ ମିଳିଛି। କଳାହାଣ୍ଡିର ଅଧିଷ୍ଠାତ୍ରୀ ଦେବୀ ମା ମାଣିକେଶ୍ୱରୀଙ୍କ ଦର୍ଶନ କରି ସାଂସଦ ପ୍ରାର୍ଥୀ ଶ୍ରୀ ନିଆଲ ସୋମବାର ଧର୍ମଗଡ଼ ନିର୍ବାଚନମଣ୍ଡଳୀର ବିଭିନ୍ନ ଅଞ୍ଚଳଗସ୍ତ କରି କର୍ମୀମାନଙ୍କୁ ସାକ୍ଷାତ କରିଛନ୍ତି। ଧର୍ମଗଡ଼ରୁ ସାଂସଦ ପ୍ରାର୍ଥୀ ଶ୍ରୀ ନିଆଲ ବେହେରା ଗ୍ରାମରେ ପହଞ୍ଚିବାରେ ଦଳୀୟ କର୍ମୀମାନେ ସ୍ୱାଗତ କରିଥିଲେ। ପରେ ସ୍ଥାନୀୟ ଦନ୍ତେଶ୍ୱରୀ ମନ୍ଦିରରେ ଦର୍ଶନ କରି କର୍ମୀମାନଙ୍କ ସହ ନିର୍ବାଚନୀ ସଭା କରିଥିଲେ। ସେଠାରୁ କୋକସରା ବ୍ଲକ ଗୋତମୁଣ୍ଡା ପହଞ୍ଚି ମା' ସର୍ବମଙ୍ଗଳା ଦେବୀଙ୍କୁ ଦର୍ଶନ କରିଥିଲେ। ପରେ ସାନପୋଡାଗୁଡା ଓ କଳାହାଣ୍ଡିର ଆରାଧ ଦେବତା ପ୍ରଭୁ ବୁଢ଼ାରଜାଙ୍କ ପୀଠ ଆମପାଣିକୁ ପହଞ୍ଚି ମନ୍ଦିର ଦର୍ଶନ କରିଥିଲେ। କର୍ମୀମାନଙ୍କୁ ସାକ୍ଷାତ କରି ବିଜୁ ଜନତା ଦଳର ସମସ୍ତ ପ୍ରାର୍ଥୀଙ୍କୁ ବିପୁଳ ସମର୍ଥନ କରି ବିଜୟୀ କରାଇବା ସହ ନବୀନ ପଟ୍ଟନାୟକଙ୍କୁ ଷଷ୍ଠଥର ପାଇଁ ମୁଖ୍ୟମନ୍ତ୍ରୀ କରିବା ପାଇଁ ଅନୁରୋଧ କରିଥିଲେ। ଏହି ଗସ୍ତ ସମୟରେ ଡାକେଶ୍ୱର ଲହଜଲ, ଧର୍ମଗଡ଼ ବ୍ଲକ ବିଜେଡି ସଭାପତି ଟିକମନ ଯାଦବ, ପିଣ୍ଟୁ ତିୱାରୀ, ଭବେଶ ଗଇନ୍ତା, ଜିଲ୍ଲା ପରିଷଦ ସଭ୍ୟ ଶଙ୍କର ଯୁଏଡ, ପୂର୍ବତନ ଧର୍ମଗଡ଼ ବ୍ଲକ ଅଧ୍ୟକ୍ଷ ବଳରାମ ପୁଝାରୀ, ଲବଣୀ ରାଉତ, ଗୌର ବାଗ, ତୁଳସୀ ରାମ ବାରିକ, ତେଣ୍ଡାପାଲି ସରପଞ୍ଚ ଗୌଲୋଚନ ଗୋପାଳ, ମଣ୍ଟୁ ଅଗ୍ରୱାଲ ପ୍ରମୁଖ ଉପସ୍ଥିତ ରହିଥିଲେ। ଆମପାଣିଠାରେ ଜିଲ୍ଲା ପରିଷଦ ସଭ୍ୟ ହେମନ୍ତ ମାଝୀ, ସୁରେଶ ଚନ୍ଦ୍ର ସାହୁ, ବିନୋଦ ସିଂ, ବିଜୟ ପଣ୍ଡା, ମନୋରଞ୍ଜନ ବାଣୁଆ, ସରପଞ୍ଚ ରୁକ୍ମିଣୀ ବାଣୁଆ, ସମିତି ସଭ୍ୟା ନର୍ତ୍ତକୀ ଦଣ୍ଡସେନା, ନିତ୍ୟାନନ୍ଦ ମାଝୀ, ଭାସ୍କର ଦଣ୍ଡସେନା ପ୍ରମୁଖ ସହ ଦଳୀୟ କର୍ମକର୍ତ୍ତା ମାନେ ଉପସ୍ଥିତ ଥିଲେ।



# ମେହେର ସମାଜ ବାର୍ଷିକ ଅଧିବେଶନ

**ଗଣ୍ଡାବାହାଲି/ଖଡ଼ିଆଲ, ୧।୪(ସମିସ):** ନୂଆପଡ଼ ଜିଲ୍ଲା ମେହେର(ଭୁଲିଆ) ସମାଜର ୪୨ତମ ଜିଲ୍ଲାସ୍ତରୀୟ ବାର୍ଷିକ ଅଧିବେଶନ ଓ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଶ୍ରାଦ୍ଧ ଶତ ବାର୍ଷିକ ସମାରୋହ ଡୁକଲାରେ ଅନୁଷ୍ଠିତ ହୋଇଛି। ଜିଲ୍ଲା ସଭାପତି ବୈଶମ୍ପାୟନ ମେହେର ଏଥିରେ ଅଧ୍ୟତା କରିଥିଲେ। ପୂର୍ଣ୍ଣଚନ୍ଦ୍ର ମେହେର, ରାହାସ ବିହାରୀ ମେହେର, ହରିହର ମେହେର, ତ୍ରିଲୋଚନ ମେହେର, ରତ୍ନାକର ମେହେର, ନବୀନଚନ୍ଦ୍ର ମେହେର, ସୁରେଶ୍ୱର ମେହେର, ରୂପେଶ ଚନ୍ଦ୍ର ମେହେର, ଝର ମେହେର, ରାମେଶ୍ୱର ମେହେର, ବିଜୟା ମେହେର, ଆଲୋକ ମେହେର, ଲିଙ୍ଗରାଜ ମେହେର, ଦେବୀଚରଣ ମେହେର, ହୀରାଧର ମେହେର ପ୍ରମୁଖ ମଞ୍ଚାସୀନ ଥିଲେ। ଦୁଲ୍ଲମଣି ମେହେର, ପୂର୍ଣ୍ଣଚନ୍ଦ୍ର ମେହେର, ବୁଣାକାର ଜୟସିଂ ମେହେର, ତୁଳସୀରାମ ମେହେର ଓ ବିଶିଷ୍ଟ ନୃତ୍ୟଶିଳ୍ପୀ ଧର୍ମେଶ ମେହେରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିଭଳି ମାଟ୍ରିକ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖିଥିବା ନମିତା ମେହେର ଓ ସୌମ୍ୟରଞ୍ଜନ ମେହେରଙ୍କୁ ସମ୍ମାନିତ କରାଯାଇଥିଲା। ବେଣୁଧର ମେହେର, ତୁଷାରକାନ୍ତ ମେହେର, ବସନ୍ତ ମେହେର, ଦେବୀଚରଣ ମେହେର, ଦୁର୍ଲ୍ଲଭ ମେହେର, ମଧୁସୂଦନ ମେହେର, ନରେଶ ମେହେର ମାନପତ୍ର ପଠନ କରିଥିଲେ। ଶେଷରେ ଅଧ୍ୟାପକ ଝର ମେହେର ଧନ୍ୟବାଦ ଦେଇଥିଲେ।



# ବିଜେଡିକୁ ସୁହାଇବ କି କଂଗ୍ରେସର ଖରାପଦଶା

## ସୁରେନ୍ଦ୍ର ସିଂ ଭୋଇଙ୍କ ଯୋଗଦାନ ପରେ ମଜଭୁତ ସ୍ଥିତିରେ ବିଜେଡି

**ବଲାଙ୍ଗିର ଲୋକସଭା ନିର୍ବାଚନମଣ୍ଡଳୀ**

**ବଲାଙ୍ଗିର,୧।୪ (ସମିସ):** ରାଜ ପରିବାର, ଦିଅର-ଭାଉଜ ଲଢ଼େଇ ଭଳି ବିଭିନ୍ନ କାରଣକୁ ନେଇ ବଲାଙ୍ଗିର ଲୋକସଭା ଆସନଟି ନିର୍ବାଚନ ବେଳେ ଚର୍ଚ୍ଚା, ଆଲୋଚନାରେ ରହିଥାଏ। ୨୦୦୮ ମସିହାରେ ପୁନଃ ସୀମା ନିର୍ଦ୍ଧାରଣ ପରେ ଏହି ସଂସଦୀୟ କ୍ଷେତ୍ରରେ ବର୍ତ୍ତମାନ ବଲାଙ୍ଗିର ଜିଲ୍ଲାର ପାଞ୍ଚଟି ବିଧାନସଭା କ୍ଷେତ୍ର ଓ ସୋନପୁର ଜିଲ୍ଲାର ଦୁଇଟି ବିଧାନସଭା କ୍ଷେତ୍ର ରହିଛି। ୨୦୧୯ ସାଧାରଣ ନିର୍ବାଚନରେ ଏହି ଆସନରୁ ବିଜେପିର ସଙ୍ଗୀତା କୁମାରୀ ସିଂହଦେଓ ବିଜୟୀ ହୋଇଥିଲେ। ସେ ନିଜ ଦିଅର ବିଜେଡିର କଳିକେଶ ନାରାୟଣ ସିଂହଦେଓଙ୍କୁ ଅତି କମ୍ ଭୋଟ ବ୍ୟବଧାନରେ ହରାଇଥିଲେ। ୨୦୧୯ ନିର୍ବାଚନରେ ବିଜେପି ଏଠାରୁ ୪ ଲକ୍ଷ ୯୮ ହଜାର ୮୬ ଖଣ୍ଡ ଭୋଟ୍ ପାଇଥିବା ବେଳେ ବିଜେଡି ୪ ଲକ୍ଷ ୭୮ ହଜାର ୫୭୦ ଭୋଟ ପାଇଥିଲା। ଭୋଟ ବ୍ୟବଧାନ ମାତ୍ର ୧୯ ହଜାର ରହିଥିଲା। ସେହିପରି କଂଗ୍ରେସ ୨ ଲକ୍ଷ ୭୧ ହଜାର ୫୬ ଖଣ୍ଡ ଭୋଟ ପାଇ ତିନି ନମ୍ବରରେ ରହିଥିଲା। ତେଣୁ ଏହି ଆସନରେ ତିନି ପ୍ରମୁଖ ଦଳର ନିଜସ୍ୱ ଭୋଟବ୍ୟାଙ୍କ ରହିଛି ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ। ସେହିପରି ନିର୍ବାଚନୀ ଇତିହାସକୁ ଆଉ ଟିକିଏ ଫେରି ଚାହିଁଲେ ଦେଖାଯାଏ ଯେ ୨୦୧୪ ନିର୍ବାଚନରେ ବିଜେଡିରୁ କଳିକେଶ ନାରାୟଣ ସିଂହଦେଓ ୪ଲକ୍ଷ ୫୩ ହଜାର ୫୧୯ ଖଣ୍ଡ ଭୋଟ୍ ପାଇ ବିଜେପି ପ୍ରାର୍ଥୀ ସଙ୍ଗୀତା କୁମାରୀ ସିଂହଦେଓଙ୍କୁ ହରାଇଥିଲେ। ସଙ୍ଗୀତା ୩ ଲକ୍ଷ ୪୯ ହଜାର ୨୨୦ ଖଣ୍ଡ ଭୋଟ ପାଇଥିଲେ।

କିନ୍ତୁ ଗତ ୫ବର୍ଷରେ ଏଠାକାର ରାଜନୈତିକ ସମୀକରଣ ବଦଳିଛି। ମୁଖ୍ୟମନ୍ତ୍ରୀଙ୍କ ଲୋକପ୍ରିୟତା, ବିଭିନ୍ନ ଜନକଲ୍ୟାଣମୂଳକ କାର୍ଯ୍ୟ, ଗରିବଙ୍କ ପାଇଁ ମାଳମାଳ ସରକାରୀ ଯୋଜନା ଯୋଗୁଁ ଏଠାରେ ବିଜେଡିର ସଂଗଠନ ଅଧିକ ମଜଭୁତ୍ ଥିବା ରାଜନୈତିକ ବିଶାରଦମାନେ କହିଛନ୍ତି। ସେମାନଙ୍କ କହିବା କଥା, ଦେଶ ଏବଂ ଗୋଟିଏ ପରେ ଗୋଟିଏ ରାଜ୍ୟରେ କଂଗ୍ରେସ ପରାଜୟର ମୁହଁ ଦେଖିବା ଘଟଣା ଏଠାକାର ସଂଗଠନ ଉପରେ ମଧ୍ୟ ଗଭୀର ପ୍ରଭାବ ପକାଇଛି। ଜଣେ ଟାଣୁଆ କଂଗ୍ରେସ ସଂଗଠକ ଭାବେ ଜଣାଶୁଣା ବଲାଙ୍ଗିର ଜିଲ୍ଲା କଂଗ୍ରେସ ସଭାପତି ତଥା ପୂର୍ବତନ ମନ୍ତ୍ରୀ ସୁରେନ୍ଦ୍ର ସିଂ ଭୋଇ ନିକଟ ଅତୀତରେ ନିଜର କର୍ମୀମାନଙ୍କ ସହ ବିଜେଡିରେ ଯୋଗ ଦେଇଛନ୍ତି। ତେଣୁ ଏ ଦୃଷ୍ଟିରୁ ଦେଖିଲେ, ବିଜେଡି ଏଠି ଆହୁରି ବଳୀୟାନ୍ ହୋଇଛି। ତେଣୁ ଏଥର ନିର୍ବାଚନରେ ବିଜେଡି ଏଥିରୁ ଫାଇଦା ଉଠାଇବାକୁ ଚେଷ୍ଟା କରିବ।

ଲୋକସଭା ନିର୍ବାଚନମଣ୍ଡଳୀ ପାଇଁ ବିଜେଡି ଓ କଂଗ୍ରେସ ଏଯାବତ୍ ପ୍ରାର୍ଥୀ ଘୋଷଣା କରି ନଥିବା ବେଳେ ବିଜେପି ପୁଣିଥରେ ସଙ୍ଗୀତା କୁମାରୀ ସିଂହଦେଓଙ୍କ ଉପରେ ଭରସା କରିଛି। କିନ୍ତୁ ଦିଅର କଳିକେଶଙ୍କୁ ବିଜେଡି ଏଥର ବଲାଙ୍ଗିର ବିଧାନସଭାରୁ ପ୍ରୋଜେକ୍ଟ କରିଥିବାରୁ ୨୦୧୯ ଲଢ଼େଇର ପୁନରାବୃତ୍ତି ହେବା ଉପରେ ପୂର୍ଣ୍ଣଛେଦ ପଡ଼ିଛି। ତେଣୁ ବିଜେଡି ସୁପ୍ରିମୋ ଏଠାରୁ କାହାକୁ ଟିକଟ ଦେଇ ବିରୋଧୀ ଶିବିରରେ କମ୍ପନ ସୃଷ୍ଟି କରିବେ, ତାହା ଉପରେ ରାଜ୍ୟବାସୀଙ୍କ ନଜର ରହିଛି।

ଅପରପକ୍ଷେ, କଂଗ୍ରେସ ସହ ଦଶନ୍ଧି ଦଶନ୍ଧି ଧରି ଜଡ଼ିତ ଥିବା ଟାଣୁଆ ନେତା ତଥା ପୂର୍ବତନ ମନ୍ତ୍ରୀ ସୁରେନ୍ଦ୍ର ସିଂ ଭୋଇ ନିର୍ବାଚନ ପୂର୍ବରୁ ଦଳ ଛାଡ଼ି ଦେଇଥିବାରୁ ଦଳ ଏବେ ଅକଳରେ ପଡ଼ିଯାଇଛି। କଂଗ୍ରେସର ସଂଗଠନ ବି ଏଠାରେ ଏକପ୍ରକାର ଦୁର୍ବଳ ହୋଇଯାଇଛି। ସେହିପରି ଗତ ନିର୍ବାଚନରେ ଲୋକସଭା ପାଇଁ ଲଢ଼ିଥିବା ସମରେନ୍ଦ୍ର ମିଶ୍ର ଏଥର ଲୋକସଭା ବଦଳରେ ତାଙ୍କ ବାପାଙ୍କ ଆସନ ବଲାଙ୍ଗିର ସଦର ବିଧାନସଭା ଟିକଟ ପାଇଁ ଆଶାୟୀ ଥିବା ତାଙ୍କ ନିକଟତମ ମହଲରୁ ସୂଚନା ମିଳିଚି। ତେଣୁ, ଏପରି ସ୍ଥିତିରେ କଂଗ୍ରେସ କାହାକୁ ପ୍ରାର୍ଥୀ କରି ମଇଦାନକୁ ଓହ୍ଲାଇବ, ତାହା ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି।

ସୂଚନାଯୋଗ୍ୟ, ୧୯୬୨ ମସିହାରେ ଗଠିତ ଏହି ନିର୍ବାଚନମଣ୍ଡଳୀରେ ପୂର୍ବରୁ ବଲାଙ୍ଗିର, ଲୋଇସିଂହା, କଣ୍ଟାବାଞ୍ଜି, ଟିଟିଲାଗଡ଼, ପାଟଣାଗଡ଼, ସଇଁନ୍ତଳା ଓ ନୂଆପଡ଼ା ବିଧାନସଭା ନିର୍ବାଚନମଣ୍ଡଳୀ ରହିଥିଲା। କିନ୍ତୁ ୨୦୦୮ ମସିହାରେ ନୂଆପଡ଼ାକୁ ଏଥିରୁ ବାଦ୍ ଦେଇ ସୋନପୁର ଓ ବୀରମହାରାଜପୁର ବିଧାନସଭା ନିର୍ବାଚନମଣ୍ଡଳୀକୁ ସାମିଲ କରାଯାଇଛି। ପୂର୍ବ ରେକର୍ଡ ଅନୁସାରେ, ୧୯୬୨ରେ ହୃଷୀକେଶ ମହାନନ୍ଦ (ଗଣତନ୍ତ୍ର ପରିଷଦ)ରୁ ସାଂସଦ ଭାବେ ନିର୍ବାଚିତ ହୋଇଥିବା ବେଳେ ୧୯୬୭-୧୯୭୧ରେ ରାଜରାଜ ସିଂହ ଦେଓ (ସ୍ୱତନ୍ତ୍ର ପାର୍ଟି), ୧୯୭୭ ଅଇଁଠୁ ସାହୁ (ଜନତା ପାର୍ଟି), ୧୯୮୦-୧୯୮୪ ରେ ନିତ୍ୟାନନ୍ଦ ମିଶ୍ର (କଂଗ୍ରେସ), ୧୯୮୯ରେ ବାଲଗୋପାଳ ମିଶ୍ର (ଜନତା ଦଳ), ୧୯୯୧-୧୯୯୬ ରେ ଶରତ ପଟ୍ଟନାୟକ(କଂଗ୍ରେସ), ୧୯୯୮-୧୯୯୯ ଓ ୨୦୦୪ ଓ ୨୦୧୯ରେ ସଙ୍ଗୀତା କୁମାରୀ ସିଂହଦେଓ(ବିଜେପି), ୨୦୦୯ ଓ ୨୦୧୪ରେ କଳିକେଶ ନାରାୟଣ ସିଂହଦେଓ (ବିଜେଡି) ସାଂସଦ ଭାବେ ନିର୍ବାଚିତ ହୋଇସାରିଛନ୍ତି।

**ନୂଆପଡ଼ା ବିଧାନସଭା ନିର୍ବାଚନମଣ୍ଡଳୀ**

# ଆଗରେ ବିଜେଡି; ନିଷ୍ପତ୍ତି ନେଇପାରୁନି ବିଜେପି, କଂଗ୍ରେସ



**ନୂଆପଡ଼ା,୧।୪(ସମିସ):** ନିର୍ବାଚନ ପ୍ରକ୍ରିୟା ଆରମ୍ଭ ହୋଇଯାଇଛି। ଏଥିପାଇଁ ବିଭିନ୍ନ ରାଜ୍ୟ ତଥା କେନ୍ଦ୍ରୀୟ ରାଜନୈତିକ ଦଳଗୁଡ଼ିକ ନିଜନିଜର ଦଳୀୟ ପ୍ରାର୍ଥୀ ତାଲିକା ପ୍ରସ୍ତୁତି କରିବାରେ କସରତ ଚଳାଇଛନ୍ତି। ଏ ଦୌଡ଼ରେ ବିଜେଡି ଆଗରେ ରହିଛି। ନୂଆପଡ଼ା ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ବିଜେଡି ରାଜେନ୍ଦ୍ର ପ୍ରସାଦ ଢୋଲକିଆଙ୍କୁ ପ୍ରାର୍ଥୀ ଘୋଷଣା କରିବା ପରେ ସେ ତାଙ୍କର ରାଜନୈତିକ ଗତିବିଧି ଆରମ୍ଭ କରିଦେଇଛନ୍ତି। ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମ, ପୂଜାପାର୍ବଣରେ ତାଙ୍କର ଉପସ୍ଥିତି ଦେଖିବାକୁ ମିଳୁଛି। କିନ୍ତୁ ବିଜେପି ଏବଂ କଂଗ୍ରେସର ମାନସମନ୍ଥନ ଏଯାଏଁ ସରିନଥିବାରୁ ଦୁଇ ଦଳର ଆଶାୟୀ ଓ କର୍ମୀମାନେ ଏକ ଅକଳିଆ ସ୍ଥିତିରେ ରହିଛନ୍ତି।

ବିଜେପିର ପ୍ରାର୍ଥୀ ତାଲିକା ଘୋଷଣାରେ ବିଳମ୍ବ ହେଉଥିବାରୁ କଳ୍ପନାଜଳ୍ପନା ଦେଖାଦେଇଛି। କଳାହାଣ୍ଡି ସାଂସଦ ବସନ୍ତ ପଣ୍ଡାଙ୍କୁ ସାଂସଦ ପ୍ରାର୍ଥୀ ତାଲିକାରୁ ବାଦ୍ ଦେବା ପରଠାରୁ ତାଙ୍କୁ କୁଆଡ଼େ ଏଠାରେ ବିଧାୟକ ପ୍ରାର୍ଥୀ ଭାବେ ଦଳ ଅବତାରଣ କରିପାରେ ବୋଲି ଚର୍ଚ୍ଚା ଜୋର୍ ଧରିଛି। ତାଙ୍କ ପଛକୁ ମଧ୍ୟ ଆହୁରି ଅନେକ ନେତା ଧାଡ଼ିରେ ରହିଛନ୍ତି। ଯଦି ବସନ୍ତଙ୍କୁ ଦଳ ଟିକଟ ନ ଦିଏ କିମ୍ବା ସେ ପ୍ରାର୍ଥୀ ହେବାକୁ ଇଚ୍ଛା ପ୍ରକାଶ ନ କରନ୍ତି, ତେବେ ଦଳ କାହାକୁ ପ୍ରାର୍ଥୀ କରିବ, ତାକୁ ନେଇ ଅଙ୍କକଷା ଚାଲିଛି।

ଅନ୍ୟପଟେ କଂଗ୍ରେସରେ ଦୀର୍ଘ ଦିନ ଧରି କସରତ କରୁଥିବା ପୂର୍ବତନ ଜିଲ୍ଲା ସଭାପତି ଘାସିରାମ ମାଝୀ ଟିକଟ ଲବିରେ ରହିଛନ୍ତି। ସେ ଗତଥର ନିର୍ବାଚନରେ ଦ୍ୱିତୀୟ ସ୍ଥାନରେ ଥିଲେ। ଏଭଳି ସ୍ଥିତିରେ କିନ୍ତୁ ରାଜ୍ୟ କଂଗ୍ରେସ ସଭାପତି ଶରତ ପଟ୍ଟନାୟକ ମଧ୍ୟ ଏଠାରେ ପ୍ରାର୍ଥୀ ହେବାକୁ ସମର୍ଥକ ଯୋଗାଡ଼ କରିବାରେ ଅଣ୍ଟା ଭିଡ଼ିଛନ୍ତି। ତେଣୁ ଏଭଳି ଅସାମଞ୍ଜସ୍ୟ ସ୍ଥିତିକୁ ନେଇ ଏହି ଦୁଇ ଦଳରେ ପ୍ରାର୍ଥୀକୁ ନେଇ ଅଙ୍କ ଛିଡୁନି। ତେବେ ପ୍ରାର୍ଥୀ ଦେବାରେ କଂଗ୍ରେସ ଓ ବିଜେପି ଯେତେ ବିଳମ୍ବ କରିବେ, ତାହା ବିଜେଡିକୁ ସେତେ ଫାଇଦାରେ ରଖିବ ବୋଲି ସାଧାରଣରେ କୁହାଯାଉଛି।

**ଚୌଦ୍ୱାର-କଟକ ବିଧାନସଭା କ୍ଷେତ୍ର**

# ବିଜେପି ଓ କଂଗ୍ରେସକୁ ଘାରିଛି ଦୁର୍ବଳ ନେତୃତ୍ୱ ଓ ଗୋଷ୍ଠୀକନ୍ଦଳ ଚିନ୍ତା

**କଟକ, ୧।୪ (ସମିସ):** ୨୦୦୯ ମସିହାରେ ନିର୍ବାଚନମଣ୍ଡଳୀ ପୁନର୍ଗଠନ ପରେ ସୃଷ୍ଟି ହୋଇଥିଲା ଚୌଦ୍ୱାର-କଟକ ବିଧାନସଭା କ୍ଷେତ୍ର। ଆସନ୍ତା ସାଧାରଣ ନିର୍ବାଚନରେ ଏହି ବିଧାନସଭା କ୍ଷେତ୍ର ପାଇଁ ବିଜୁ ଜନତା ଦଳ ବିଧାୟକ ସୌଭିକ ବିଶ୍ୱାଳଙ୍କୁ ଆଗୁଆ ପ୍ରାର୍ଥୀ ଘୋଷଣା କରି ପ୍ରଚାର ମଇଦାନକୁ ଓହ୍ଲାଇ ସାରିଛି। ତେବେ ଉଭୟ କଂଗ୍ରେସ ଓ ବିଜେପିରେ ପ୍ରାର୍ଥୀ ଘୋଷଣାକୁ ନେଇ ଏବେ ବି ଛକାପଞ୍ଝା ଜାରି ରହିଛି। ବିଶେଷକରି ଏହି ନିର୍ବାଚନମଣ୍ଡଳୀରେ ଦୁର୍ବଳ ନେତୃତ୍ୱ ଓ ଦଳୀୟ କନ୍ଦଳ ଉଭୟ ବିଜେପି ଏବଂ କଂଗ୍ରେସ ପାଇଁ ଚିନ୍ତାର କାରଣ ହୋଇଥିବା ରାଜନୈତିକ ମହଲରେ ଚର୍ଚ୍ଚା ହେଉଛି।

ବିଗତ ରେକର୍ଡକୁ ଅନୁଧ୍ୟାନ କଲେ ଜଣାଯାଏ ଯେ ଏହି ନିର୍ବାଚନମଣ୍ଡଳୀଟି ଗତ ୨୦୦୪ ମସିହାରୁ ବିଜୁ ଜନତା ଦଳ ଅକ୍ତିଆରରେ ରହିଆସିଛି। ୨୦୦୪ରେ ବିଜେପି-ମେଣ୍ଟ ଶାସନ ସମୟରେ ଧର୍ମାନନ୍ଦ ବେହେରା ଚୌଦ୍ୱାର ବିଧାନସଭା ଆସନରୁ ବିଜୟ ଲାଭ କରିଥିଲେ। ୨୦୦୯ରେ ପୁନର୍ଗଠିତ ଚୌଦ୍ୱାର-କଟକ ବିଧାନସଭା ନିର୍ବାଚନମଣ୍ଡଳୀରୁ ବିଜେଡି ପ୍ରାର୍ଥୀ ପ୍ରଭାତରଞ୍ଜନ ବିଶ୍ୱାଳ ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ। ଏହା ପରେ ୨୦୧୪ରେ ସେ ପୁନର୍ବାର ବିଜେଡିରୁ ଲଢ଼ି ବିଜୟୀ ହୋଇଥିଲେ। ୨୦୧୯ରେ ପ୍ରଭାତଙ୍କ ପୁତ୍ର ସୌଭିକ ବିଶ୍ୱାଳଙ୍କୁ ବିଜେଡି ପ୍ରାର୍ଥୀ କରିଥିଲା। ଏହି ନିର୍ବାଚନରେ ସୌଭିକ ମଧ୍ୟ ଜିତାପଟ ହାସଲ କରିଥିଲେ। ବିଗତ ତିନି ଗୋଟି ନିର୍ବାଚନରେ କଂଗ୍ରେସ ଏହି ବିଧାନସଭା କ୍ଷେତ୍ର ପାଇଁ ପ୍ରାର୍ଥୀ ବଦଳାଇଥିଲେ ମଧ୍ୟ ନିରାଶାଜନକ ପ୍ରଦର୍ଶନ କରି ଆସିଛି।

**୨୦୦୪ରୁ ବିଜେଡି ଦଖଲରେ ନିର୍ବାଚନ ମଣ୍ଡଳୀ**

**୨୦୧୯ର ଫଳାଫଳ**

ସୌଭିକ ବିଶ୍ୱାଳ(ବିଜେଡି): ୬୬, ୩୮୬ଖଣ୍ଡ ଭୋଟ(୪୮.୪୧ପ୍ରତିଶତ)
ନୟନ କିଶୋର ମହାନ୍ତି(ବିଜେପି): ୪୪, ୨୮୩ଖଣ୍ଡ ଭୋଟ(୩୨.୨୯ପ୍ରତିଶତ)
ଦୀପକ କୁମାର ବାରିକ(ସ୍ୱାଧୀନ): ୧୪, ୯୭୯ଖଣ୍ଡ ଭୋଟ(୧୦.୯୨ପ୍ରତିଶତ)
ଜଗଦୀଶ ଚନ୍ଦ୍ର ମହାନ୍ତି(କଂଗ୍ରେସ): ୬୮୯୨ଖଣ୍ଡ ଭୋଟ(୫.୦୩ପ୍ରତିଶତ)

୨୦୦୯ରେ କଂଗ୍ରେସ ପ୍ରାର୍ଥୀ ସାବିତ୍ରୀ ଚୌଧୁରୀ ଚତୁର୍ଥ ସ୍ଥାନରେ ରହି ଅମାନତ ହରାଇଥିଲେ। ୨୦୧୪ରେ କଂଗ୍ରେସରୁ ପ୍ରାର୍ଥୀ ହୋଇ ସୁରେଶ ମହାପାତ୍ର ଦ୍ୱିତୀୟ ସ୍ଥାନରେ ରହିଥିଲେ। ୨୦୧୯ରେ କଂଗ୍ରେସ ପ୍ରାର୍ଥୀ ଜଗଦୀଶ ଚନ୍ଦ୍ର ମହାନ୍ତିଙ୍କୁ ମାତ୍ର ୫ ପ୍ରତିଶତ ଭୋଟ ପାଇ ଚତୁର୍ଥ ସ୍ଥାନରେ ସନ୍ତୁଷ୍ଟ ହେବାକୁ ପଡ଼ିଥିଲା। ଏହି ନିର୍ବାଚନ ମଣ୍ଡଳୀରେ କଂଗ୍ରେସର ସ୍ଥିତି ଯେ କେତେ ଦୁର୍ବଳ, ତାହା ବିଗତ ନିର୍ବାଚନ ଫଳାଫଳରୁ ସ୍ପଷ୍ଟ ହୋଇଛି।

୨୦୦୯, ୨୦୧୪ ଓ ୨୦୧୯ରେ ବିଜେପି ପ୍ରାର୍ଥୀ ହୋଇ ନୟନ କିଶୋର ମହାନ୍ତି ହ୍ୟାଟ୍ରିକ ପରାଜୟ ବରଣ କରିଥିଲେ। ୨୦୦୯ ଓ ୨୦୧୪ରେ ବିଜେପି ପ୍ରାର୍ଥୀ ତୃତୀୟ ସ୍ଥାନରେ ରହିଥିବା ବେଳେ ୨୦୧୯ରେ ଦ୍ୱିତୀୟ ସ୍ଥାନରେ ରହି ପରାଜିତ ହୋଇଥିଲେ। ଏପରିକି ୨୦୦୯ରେ ସ୍ୱାଧୀନ ପ୍ରାର୍ଥୀ ଦୀପକ ବାରିକ ମଧ୍ୟ ବିଜେପିକୁ ପଛରେ ପକାଇ ଦ୍ୱିତୀୟ ସ୍ଥାନରେ ରହିଥିଲେ। ନଗର କଂଗ୍ରେସ ସଭାପତି ସୁରେଶ ମହାପାତ୍ର, ଜିଲ୍ଲା କଂଗ୍ରେସ ସଭାପତି ମାନସ ଚୌଧୁରୀ ଓ ଏପରିକି ବାରବାଟୀ-କଟକ ବିଧାୟକ ଇଂ ମହମ୍ମଦ ମୋକିମ ଅନୁଗତଙ୍କ ସମାନ୍ତରାଳ ସଂଗଠନ ଏହି ନିର୍ବାଚନ ମଣ୍ଡଳୀରେ ରହିଛି। ସେହିପରି ବିଜେପିରେ ବି ଥିବା ଗୋଷ୍ଠୀକନ୍ଦଳ କାହାରିକୁ ଅଛପା ନାହିଁ। ଏସବୁ ଭିତରେ ଉଭୟ ଦଳ କାହାକୁ ପ୍ରାର୍ଥୀ କରୁଛି ତାହା ଦେଖିବାକୁ ବାକି ରହିଛି। ଚୌଦ୍ୱାର-କଟକ ବିଧାନସଭା କ୍ଷେତ୍ରରେ କଟକ ମହାନଗର ନିଗମର ୨୫ ନମ୍ବର ୱାର୍ଡ, ୨୭ରୁ ୪୨ ନମ୍ବର ପର୍ଯ୍ୟନ୍ତ ୱାର୍ଡ, ୪୪ଓ ୪୫ ନମ୍ବର ୱାର୍ଡ, ଟାଙ୍ଗୀ-ଚୌଦ୍ୱାର ବ୍ଲକର ୪ଟି ପଞ୍ଚାୟତ, ଚୌଦ୍ୱାର ମ୍ୟୁନସିପାଲଟି ଆଦି ଅଞ୍ଚଳ ରହିଛି।



**୨୦୨୪ରେ ମତଦାନ କରିବେ**
୧, ୧୭.୬୫୨(ପୁରୁଷ),
୧, ୧୨, ୩୩୦(ମହିଳା),
୧୦୨(ଅନ୍ୟାନ୍ୟ),
ମୋଟ ଭୋଟର ସଂଖ୍ୟା-୨, ୩୦, ୦୮୪ଜଣ

**ଶୀର୍ଷ ନେତୃତ୍ୱଙ୍କୁ ଖାରବେଳଙ୍କ ଦୁଇଟି ପ୍ରସ୍ତାବ**

# ପ୍ରତାପଙ୍କୁ କନ୍ଧମାଳ ଲୋକସଭା, ନଚେତ୍ ନୀଳଗିରିରୁ ବିଧାନସଭା ଟିକଟ

**ବାଲେଶ୍ୱର,୧।୪(ସମିସ):** ବାଲେଶ୍ୱର ଲୋକସଭା ଟିକଟ ଆଶା ମଉଳିଯିବାରୁ ରାଜ୍ୟ ଓ କେନ୍ଦ୍ର ବିଜେପି ନେତୃତ୍ୱଙ୍କୁ ଧମକ ଦେଇଥିବା ପୂର୍ବତନ ସାଂସଦ ଐର ଖାରବେଳ ସ୍ୱାଇଁ ଆଜି ନିଜ ମତ ପରିବର୍ତ୍ତନ କରିଛନ୍ତି। ବାଲେଶ୍ୱର ଲୋକସଭା ଆସନରୁ ସ୍ୱାଧୀନ ଭାବେ ଲଢ଼ିବା ନେଇ ସେ ଯେଉଁ ଧମକ ଦେଇଥିଲେ, ଆଜି ତାହା ପ୍ରତ୍ୟାହାର କରିନେଇଛନ୍ତି। ଦଳ ପକ୍ଷରୁ ପ୍ରାର୍ଥିପତ୍ର ଘୋଷଣା



ପରେ ଉତ୍ତେଜନାର ବଶବର୍ତ୍ତୀ ହୋଇ ସେ ସ୍ୱାଧୀନ ପ୍ରାର୍ଥୀ ହେବେ ବୋଲି କହି ଦେଇଥିଲେ। କିନ୍ତୁ କୌଣସି ପରିସ୍ଥିତିରେ ସେ ଦଳ ଛାଡ଼ିବେ ନାହିଁ ବୋଲି ଆଜି ସ୍ଥାନୀୟ ଅଙ୍ଗାରଗଡ଼ିଆସ୍ଥିତ ବାସଭବନରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ସ୍ୱାଇଁ କହିଛନ୍ତି। ତେବେ ବାଲେଶ୍ୱର ଲୋକସଭା ନିର୍ବାଚନମଣ୍ଡଳୀ ପାଇଁ ସେ ଆଶାୟୀ ଥିବାରୁ ରାଜ୍ୟ ନେତୃବର୍ଗଙ୍କ ଉଦ୍ଦେଶ୍ୟରେ ଏକ ପ୍ରସ୍ତାବ ଦେଇଛନ୍ତି। ପୂର୍ବରୁ ସେ ୩ଥର ସାଂସଦ ଭାବେ ବିଜୟୀ ହୋଇଥିବାରୁ ତାଙ୍କୁ ଏଠାରୁ ଦଳୀୟ ପ୍ରାର୍ଥୀ କରାଯାଉ। ଯଦି ବର୍ତ୍ତମାନର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ପୁନର୍ବାର ସାଂସଦ ଭାବେ ଲଢ଼ିବାକୁ ଇଚ୍ଛା ପ୍ରକାଶ କରୁଛନ୍ତି, ତା'ହେଲେ ତାଙ୍କୁ କନ୍ଧମାଳକୁ ପଠାଯାଉ। ଫଳରେ ଉଭୟ ବିଜୟୀ ହୋଇପାରିବେ ବୋଲି ଶ୍ରୀ ସ୍ୱାଇଁ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।

ସେ କହିଛନ୍ତି, ୨୦୧୯ରେ କନ୍ଧମାଳରେ ମାତ୍ର ୧୪ ଦିନ ପ୍ରଚାର କରି ଶ୍ରୀ ଷଡ଼ଙ୍ଗୀ ବିଜେପିର ଭୋଟ ସଂଖ୍ୟା ୨୦ ପ୍ରତିଶତ ବୃଦ୍ଧି ସହ ୩ଲକ୍ଷ ୧୨ହଜାରରେ ପହଞ୍ଚାଇ ପାରିଥିଲେ। ତେଣୁ ଶ୍ରୀ ଷଡ଼ଙ୍ଗୀଙ୍କୁ କନ୍ଧମାଳରେ କିଛି ଅସୁବିଧା ହେବ ନାହିଁ। ଏହା ସହିତ ସେ ନିଜେ କନ୍ଧମାଳ ଯାଇ ଶ୍ରୀ ଷଡ଼ଙ୍ଗୀଙ୍କୁ ଅଞ୍ଚଳ ବୁଲାଇବା ସହ ତାଙ୍କ ପାଇଁ ପ୍ରଚାର କରିବେ ବୋଲି ଶ୍ରୀ ସ୍ୱାଇଁ ମତ ଦେଇଛନ୍ତି। ଯଦି

**ନରମିଲେ ଖାରବେଳ; ସ୍ୱାଧୀନ ଲଢ଼ିବେନି**

ଏଥିରେ ଶ୍ରୀ ଷଡ଼ଙ୍ଗୀ ରାଜି ନୁହଁନ୍ତି; ତେବେ ତାଙ୍କୁ ନୀଳଗିରି ବିଧାନସଭା ଟିକଟ ଦିଆଯାଉ ବୋଲି ଶ୍ରୀ ସ୍ୱାଇଁ ପରାମର୍ଶ ଦେଇଛନ୍ତି। ଦୁଇ ଦିନ ତଳେ ବର୍ତ୍ତମାନର ବିଧାୟକ ସୁକାନ୍ତ ନାୟକ ଦଳ ଛାଡ଼ି ବିଜେଡିକୁ ପଳାଇଛନ୍ତି। ତେଣୁ ନୀଳଗିରିରେ ସୃଷ୍ଟି ହୋଇଥିବା ଶୂନ୍ୟସ୍ଥାନ ପାଇଁ ଶ୍ରୀ ଷଡ଼ଙ୍ଗୀ ପାଇଁ ସୁଯୋଗ ରହିଛି। ଏହା ବ୍ୟତୀତ ସେ ନୀଳଗିରିରେ ପୂର୍ବରୁ ଏକାଧିକଥର ବିଧାୟକ ଥିବାରୁ ଚଳିତ ନିର୍ବାଚନରେ ବିଜୟୀ ହେବାକୁ ସେମିତି କିଛି ଅସୁବିଧା ହେବ ନାହିଁ ବୋଲି ଶ୍ରୀ ସ୍ୱାଇଁ କହିଛନ୍ତି।

ଅନ୍ୟପକ୍ଷରେ ଦଳ ପ୍ରାର୍ଥୀ ଘୋଷଣା କରିସାରିଥିବା ବେଳେ କେମିତି ପୁଣି ପରିବର୍ତ୍ତନ ହେବ ବୋଲି ସାମ୍ବାଦିକଙ୍କ ପ୍ରଶ୍ନରେ ଶ୍ରୀ ସ୍ୱାଇଁ କହିଛନ୍ତି ଯେ ଦଳ ବେଳେବେଳେ ଏମିତି ଭୁଲ କରିଥାଏ। ପ୍ରାର୍ଥିପତ୍ର ଦାଖଲ ପୂର୍ବରୁ ପରିବର୍ତ୍ତନ ସମ୍ଭବ। ତେବେ କନ୍ଧମାଳ ପାଇଁ ଘୋଷଣା ହୋଇଥିବା ପ୍ରାର୍ଥୀଙ୍କ ଭବିଷ୍ୟତ ବାବଦରେ ସେ କହିଛନ୍ତି ଯେ ସେ ୨୦୧୪ରେ ପ୍ରାର୍ଥୀ ହୋଇଥିଲେ। ତାଙ୍କର କୌଣସି ଜନାଧାର ନାହିଁ।



ତେଣୁ ତାଙ୍କୁ ପ୍ରାର୍ଥୀ ହେବାରୁ ବିରତି ଦେଲେ, କାହାର କିଛି ଅସୁବିଧା ହେବ ନାହିଁ। ସେହିପରି ବାଲେଶ୍ୱର ଲୋକସଭା ଆସନରୁ ପ୍ରାର୍ଥୀ ହେବାକୁ ଯାଉଥିବା ଶ୍ରୀ ଷଡ଼ଙ୍ଗୀ କାହିଁକି ରାଜି ହେବେ ବୋଲି ପ୍ରଶ୍ନରେ ଶ୍ରୀ ସ୍ୱାଇଁ କହିଛନ୍ତି ଯେ ଏ ବାବଦରେ ସେ ଶ୍ରୀ ଷଡ଼ଙ୍ଗୀଙ୍କ ସହ ଆଲୋଚନା କରିବେ। ରାଜ୍ୟ ନେତୃବର୍ଗଙ୍କୁ ମଧ୍ୟ ଏ ସମ୍ପର୍କରେ ସେ ଅବଗତ କରାଇସାରିଛନ୍ତି। ଯଦି ଦଳ ତାଙ୍କ ପ୍ରସ୍ତାବରେ ରାଜି ନ ହୁଏ, ତାହା ହେଲେ ପରବର୍ତ୍ତୀ ପଦକ୍ଷେପ ବିଷୟରେ ଆସନ୍ତା ମେ' ୭ ତାରିଖ ପୂର୍ବରୁ ସୂଚନା ଦେବେ ବୋଲି ଶ୍ରୀ ସ୍ୱାଇଁ କହିଛନ୍ତି।

# ଓଡ଼ିଶାର ରାଜନୈତିକ ଦୃଶ୍ୟପଟରୁ ଛୋଟ ଦଳ ଉଭାନ୍

- ନିର୍ବାଚନରେ ତିନି ପ୍ରମୁଖ ଦଳ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା
- ଏପର୍ଯ୍ୟନ୍ତ ନିର୍ବାଚନ ବୈଠକ କରିନାହାନ୍ତି ଅନେକ ଦଳ
- ନିର୍ବାଚନୀ ବୈତରଣୀ ପାର ହୋଇଛନ୍ତି ଜାତୀୟ ଦଳର ପ୍ରାର୍ଥୀ

**ଭୁବନେଶ୍ୱର,୧।୪(ସମିସ):** ଓଡ଼ିଶାରେ ନିର୍ବାଚନୀ ବିଗୁଲ ବାଜିବା ସହିତ ଉଷ୍ମତା ବୃଦ୍ଧି ପାଇଛି। ବିଭିନ୍ନ ରାଜନୈତିକ ଦଳ ପକ୍ଷରୁ ପ୍ରାର୍ଥୀ ଚୟନ, ପ୍ରଚାର ରଣନୀତି ପ୍ରସ୍ତୁତି ଚାଲିଛି। ରାଜଧାନୀରୁ ନେଇ ଗାଁ ପର୍ଯ୍ୟନ୍ତ ସବୁଠି ଚାଲିଛି ନେତାଙ୍କ ମିଶ୍ରଣ ପର୍ବ। କିନ୍ତୁ ଓଡ଼ିଶା ରାଜନୈତିକ ମାନଚିତ୍ରରେ ତିନି ପ୍ରମୁଖ ଦଳ ବିଜେଡି, ବିଜେପି ଓ କଂଗ୍ରେସକୁ ବାଦ୍ ଦେଲେ ଅନ୍ୟ କୌଣସି ରାଜନୈତିକ ଦଳ ଲୋକଲୋଚନକୁ ଆସିପାରି ନାହାନ୍ତି। ବିଜେଡି, ବିଜେପି ପ୍ରାର୍ଥୀ ଚୟନକୁ ନେଇ ନିର୍ବାଚନ ମାହୋଲ୍ ବେଶ୍ ସରଗରମ୍ ଥିବା ବେଳେ ଏପର୍ଯ୍ୟନ୍ତ ପ୍ରାର୍ଥୀ ଘୋଷଣା କରି ନ ଥିବା କଂଗ୍ରେସ ନିଜ ଗଡ଼ଗୁଡ଼ିକୁ ବଞ୍ଚାଇବା ଉଦ୍ୟମରେ ଅଛି।

ଓଡ଼ିଶାରେ ଏବେ ପ୍ରାୟ ୩୦ଟି ପଞ୍ଜିକୃତ ରାଜନୈତିକ ଦଳ ଅଛନ୍ତି। ବିଜେଡି ସହିତ କିଛି ଆଞ୍ଚଳିକ ଦଳ ଏବଂ ଜାତୀୟ ଜଳ ଓଡ଼ିଶାର ରାଜନୈତିକ ଦୃଶ୍ୟପଟରେ ବେଶ୍ ଚଳଚଞ୍ଚଳ ଅଛନ୍ତି। ପ୍ରତିଥର ଉଭୟ ବିଧାନସଭା ଓ ଲୋକସଭା ନିର୍ବାଚନରେ ଅଧିକାଂଶ ରାଜନୈତିକ ଦଳ ନିଜ ପ୍ରାର୍ଥୀମାନଙ୍କୁ ରଣାଙ୍ଗନରେ ଓହ୍ଲାଇଥା'ନ୍ତି। ଯଦିଓ ବିଜୁ ଜନତା ଦଳ କ୍ରମାଗତ ଭାବେ ପାଞ୍ଚଥର ଓଡ଼ିଶାରେ ଶାସନ କ୍ଷମତାକୁ ଆସିଛି; ତଥାପି ଛୋଟମୋଟ ଦଳର ପ୍ରାର୍ଥୀ ମଧ୍ୟ ପ୍ରଭାବ ବିସ୍ତାର ପାଇଁ ପ୍ରାଣମୂର୍ଚ୍ଛା ଉଦ୍ୟମ କରିଥା'ନ୍ତି। କିନ୍ତୁ ଚଳିତ ନିର୍ବାଚନରେ ଏହାର ଘୋର ବ୍ୟତିକ୍ରମ ଦେଖାଦେଇଛି। ନିର୍ବାଚନକୁ ନେଇ ଏବେ ସୁଦ୍ଧା ଯାହା କିଛି ଗତିବିଧି ରହିଛି, ତାହା କେବଳ ଏହି ତିନି ଦଳରେ ହିଁ ଦେଖିବାକୁ ମିଳିଛି। ନିର୍ବାଚନକୁ ନେଇ ଅବଶିଷ୍ଟ ଶିବିରରେ ଏକ ପ୍ରକାର ସ୍ଥାଣୁତା ଲାଗି ରହିଛି। ଅନ୍ୟପକ୍ଷରେ ପ୍ରାର୍ଥୀ ଘୋଷଣା ବିଳମ୍ବିତ ହେଉଥିବା ଦେଖି କଂଗ୍ରେସର ଅନେକ ଛାମୁଆ ନେତା ଦଳ ଛାଡ଼ିବା ଆରମ୍ଭ କରିଦେଇଛନ୍ତି। ଓଡ଼ିଶାର ସାଂପ୍ରତିକ ରାଜନୈତିକ ପାଣିପାଗକୁ ଦେଖି ଅଧିକାଂଶ ଦଳ ଏଥର ପ୍ରାର୍ଥୀ ନ ଦେବା ଯୋଜନାରେ ଥିବା ରାଜନୈତିକ ବିଶେଷଜ୍ଞମାନେ ମତ ଦେଇଛନ୍ତି।

୨୦୧୯ ନିର୍ବାଚନରେ ଓଡ଼ିଶାରେ ୭ଟି ଜାତୀୟ ଦଳ ସମେତ ବିଜୁ ଜନତା ଦଳ, ଅନ୍ୟ ରାଜ୍ୟର ୪ଟି ଆଞ୍ଚଳିକ ଦଳ, ୨୯ଟି ପଞ୍ଜିକୃତ (ଅଣସ୍ୱୀକୃତିପ୍ରାପ୍ତ) ଦଳର ପ୍ରାର୍ଥୀମାନେ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ। ସେହିପରି ଅନେକ ନିର୍ବାଚନମଣ୍ଡଳୀରେ ସ୍ୱାଧୀନ ପ୍ରାର୍ଥୀ ମଧ୍ୟ ନାମାଙ୍କନ ଦାଖଲ କରିଥିଲେ। ଓଡ଼ିଶା ରାଜନୈତିକ ଇତିହାସରେ ସିପିଆଇ, ଏନ୍‌ସିପି, ବିଏସ୍‌ପି ଭଳି ଜାତୀୟ ଦଳର ପ୍ରାର୍ଥୀମାନେ ନିର୍ବାଚନ ଲଢ଼ି ବିଜୟୀ ହେବାର ନଜିର ରହିଛି। କିନ୍ତୁ କାଳକ୍ରମେ ଏପରି ଜାତୀୟ ଦଳ ଓଡ଼ିଶାରେ ଏକପ୍ରକାର ନିଜ ଅସ୍ତିତ୍ୱ ହରାଇବାକୁ ବସିଛନ୍ତି। ୨୦୧୯ ନିର୍ବାଚନରେ ତୃଣମୂଳ କଂଗ୍ରେସ, ବହୁଜନ ସମାଜବାଦୀ ପାର୍ଟି, ଭାରତୀୟ ଜାତୀୟ କଂଗ୍ରେସ, ନ୍ୟାସନାଲିଷ୍ଟ କଂଗ୍ରେସ ପାର୍ଟି, ଆମ୍ ଆଦ୍‌ମୀ ପାର୍ଟି, ଅଲ୍ ଇଣ୍ଡିଆ ଫରୱାର୍ଡ ବ୍ଲକ୍, ଝାଡ଼ଖଣ୍ଡ ମୁକ୍ତିମୋର୍ଚ୍ଚା, ସମାଜବାଦୀ ପାର୍ଟି, ଆମ୍ବେଦକର ନ୍ୟାସନାଲ କଂଗ୍ରେସ, ହିନ୍ଦୁସ୍ଥାନ ନିର୍ମାଣ ଦଳ, ଜୟ ପ୍ରକାଶ ଜନତା ଦଳ, କୃପା ପାର୍ଟି, ରାଷ୍ଟ୍ରୀୟ ଇଣ୍ଡିପେଣ୍ଡେଣ୍ଟ ମୋର୍ଚ୍ଚା, ସମତା କ୍ରାନ୍ତି ଦଳ ଭଳି ଅନେକ ରାଜନୈତିକ ଦଳ ନିଜ ପ୍ରାର୍ଥୀଙ୍କୁ ମଇଦାନକୁ ଆଣିଥିଲେ। କମ୍ ପରିମାଣର ହେଲେ ବି ଜନତାଙ୍କ ଭୋଟ ହାତେଇବାରେ ମଧ୍ୟ ଅନେକ ପ୍ରାର୍ଥୀ ସକ୍ଷମ ହୋଇଥିଲେ। କିଛି ସ୍ଥାନରେ ବି ଆଗୁଆ ରହିଥିବା ପ୍ରାର୍ଥୀଙ୍କ ଭୋଟ କାଟିବାରେ ଏହି ପ୍ରାର୍ଥୀମାନେ କିଛି କମ୍ ଭୂମିକା ନିଭାଇ ନାହାନ୍ତି।

ଛୋଟମୋଟ ଦଳଗୁଡ଼ିକର ଏ ପ୍ରକାର ସ୍ଥିତିକୁ ନେଇ ସମାଜବାଦୀ ପାର୍ଟିର ଓଡ଼ିଶା ସଭାପତି ରବି ବେହେରା କହିଛନ୍ତି, ସମ୍ପ୍ରତି ନିର୍ବାଚନଗୁଡ଼ିକ ଅତ୍ୟନ୍ତ ବ୍ୟୟବହୁଳ ହୋଇଛି। ଓଡ଼ିଶାରେ ଆଗଧାଡ଼ିର ରାଜନୈତିକ ଦଳ ମଧ୍ୟ ଅତୀତରେ ଛୋଟ ଦଳ ଥିଲେ। କିନ୍ତୁ ସେମାନଙ୍କର ସାଂଗଠନିକ କାର୍ଯ୍ୟକ୍ରମ, ରଣନୀତି ଆଜି ସେମାନଙ୍କୁ ଲୋକପ୍ରିୟ କରାଇଛି। ଆଜିର କର୍ପୋରେଟ୍ ଶୈଳୀରେ ରାଜନୀତି ପରିଚାଳନା ଭିତରେ ଛୋଟ ଛୋଟ ଦଳଗୁଡ଼ିକ ନିଜ ପାଇଁ ସ୍ଥାନ ସୃଷ୍ଟି କରିବାରେ ବିଫଳ ହେଉଛନ୍ତି।

ରାଜନୈତିକ ସମୀକ୍ଷକଙ୍କ ମତରେ ଯେକୌଣସି ରାଜନୈତିକ ଦଳ ଲୋକଙ୍କ ମଧ୍ୟରେ ନିଜ ପ୍ରଭାବ ବିସ୍ତାର କରିବା ଜରୁରୀ। କ୍ଷମତାରେ ରହି ହେଉ ଅବା ବିରୋଧୀ ଦଳରେ; ସମସ୍ତେ ସୁଯୋଗର ସଦୁପଯୋଗ କରିବା ଜରୁରୀ। ଯେଉଁମାନେ ପଛରେ ରହିଯାଉଛନ୍ତି, ସେମାନେ ରାଜନୈତିକ ଦୃଶ୍ୟପଟରୁ ହଜି ଯାଉଛନ୍ତି। ଦୀର୍ଘ ଦିନ ଧରି କ୍ଷମତାରେ ରହିଥିବା ଦଳର ପ୍ରଭାବ ଏବଂ ଲୋକପ୍ରିୟତା ବୃଦ୍ଧି ପାଇବା ସ୍ୱାଭାବିକ। କିନ୍ତୁ ଛୋଟଛୋଟ ଦଳ ପାଇଁ ଏହା ଅସ୍ତିତ୍ୱର ପ୍ରଶ୍ନ ସୃଷ୍ଟି କରିଥାଏ।

**ବାରିପଦା ବିଧାନସଭା ନିର୍ବାଚନମଣ୍ଡଳୀ**

# ବିଜେଡିକୁ ଫାଇଦା ବିଜେପିର ଦୁର୍ବଳ ସଂଗଠନ

**ବାରିପଦା, ୧।୪ (ସମିସ):** ରାଜ୍ୟର ବୃହତ୍ ଆଦିବାସୀବହୁଳ ଜିଲ୍ଲା ଭାବେ ପରିଚିତ ମୟୂରଭଞ୍ଜରେ ୯ଟି ବିଧାନସଭା ନିର୍ବାଚନମଣ୍ଡଳୀ ରହିଥିବା ବେଳେ ବାରିପଦା ସଂରକ୍ଷିତ ବିଧାନସଭା ନିର୍ବାଚନମଣ୍ଡଳୀ ବେଶ ଗୁରୁତ୍ୱ ବହନ କରିଥାଏ। ଗତ ୨୦୦୯ରୁ ଏହି ଆସନ ଅନୁସୂଚିତ ଜନଜାତି ପାଇଁ ସଂରକ୍ଷିତ ହୋଇଛି। ଏହି ନିର୍ବାଚନମଣ୍ଡଳୀ ବାରିପଦା ପୌରପରିଷଦ, ବାରିପଦା ସଦର ବ୍ଲକ, ଖୁଣ୍ଟା ବ୍ଲକ ଓ ବଡ଼ସାହି ବ୍ଲକ୍‌ର ୯ଟି ପଞ୍ଚାୟତକୁ ନେଇ ଗଠିତ। ବାରିପଦା ବିଧାନସଭା ନିର୍ବାଚନମଣ୍ଡଳୀରେ ମୋଟ ୨,୨୩, ୩୪୦ ମତଦାତା ରହିଛନ୍ତି। ସେଥିରୁ ୧,୧୩,୬୯୯ ମହିଳା ଓ ୧, ୦୯, ୬୩୩ ପୁରୁଷ ମତଦାତା।

ବିଜେଡିର ଗଡ଼ ଭାବେ ପରିଚିତ ଏହି ନିର୍ବାଚନମଣ୍ଡଳୀରୁ ସାନନ୍ଦ ମାରାଣ୍ଡି ଗତ ୨୦୦୯ ଓ ୨୦୧୪ରେ ଦୁଇଥର ବିଧାୟକ ନିର୍ବାଚିତ ହୋଇଥିଲେ। ହେଲେ ୨୦୧୯ ନିର୍ବାଚନରେ ବିଜେପି ଖାତାକୁ ଏହି ଆସନଟି ଯାଇଥିଲା। ବିଜେପି ପ୍ରାର୍ଥୀ ପ୍ରକାଶ ସୋରେନ ବାରିପଦା ବିଧାୟକ ଭାବେ ବିଜୟୀ ହୋଇଥିଲେ। କିନ୍ତୁ ଇତିମଧ୍ୟରେ ବାରିପଦା ରାଜନୀତି ପାଣିପାଗରେ ଢେର୍ ପରିବର୍ତ୍ତନ ହୋଇଛି। ବିଜେଡି ନିଜ ସଂଗଠନ ଆହୁରି ମଜଭୁତ କରିଛି। ଗତ ପୌର ନିର୍ବାଚନରେ ସମସ୍ତ ୫ଟିଯାକ ଜିଲ୍ଲା ପରିଷଦ ଆସନରେ ବାଜିମାତ୍ କରିବା ସହ ବାରିପଦା ପୌର ପରିଷଦର ୨୩ଟି କାଉନସିଲର ପଦ ଓ ଅଧ୍ୟକ୍ଷ ଆସନ ହାତେଇଥିଲା। ସେହିପରି ବାରିପଦା, ବଡ଼ସାହି ଓ ଖୁଣ୍ଟା ବ୍ଲକ ଅଧ୍ୟକ୍ଷ ଓ ଉପାଧ୍ୟକ୍ଷ ଆସନ ମଧ୍ୟ ବାଜି ମାରିଥିଲା ବିଜେଡି। ତେଣୁ ୨୦୨୪ର ନିର୍ବାଚନ ମଇଦାନରେ ଏହା ବିଜେଡିକୁ ଆଗୁଆ ରଖିବ ବୋଲି ରାଜନୈତିକ ମହଲରେ ଚର୍ଚ୍ଚା ହେଉଛି।

**ପଞ୍ଚାୟତ ନିର୍ବାଚନରେ ପ୍ରତିଫଳନ ହୋଇଥିଲା ବିଜେଡିର ବଳ**

ଗତ ପଞ୍ଚାୟତ ନିର୍ବାଚନରେ ବିଜେଡି ଆଶାତୀତ ସଫଳତା ହାସଲ କରିଥିବା ବେଳେ ବାରିପଦା ପୌରପାଳିକାର ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟ ସମ୍ପାଦନା କରି ଲୋକଙ୍କ ପ୍ରଶଂସା ଭାଜନ ହୋଇଛି। ଅନ୍ୟପକ୍ଷେ ବର୍ତ୍ତମାନର ବିଜେପି ବିଧାୟକ ପ୍ରକାଶ ସୋରେନଙ୍କ ସାଂଗଠନିକ ଦୁର୍ବଳତା ବିଜେଡିକୁ ସୁହାଇବ ବୋଲି ମଧ୍ୟ ସାଧାରଣରେ ଚର୍ଚ୍ଚା ହେଉଛି। ଗତ ୫ ବର୍ଷ ଭିତରେ ବିଧାୟକ ପ୍ରକାଶ ସୋରେନ ଲୋକଙ୍କଠାରୁ ଦୂରରେ ରହିଥିବାରୁ ବିଜେପି ଏଠାରେ ନୂଆ ମୁହଁକୁ ଓହ୍ଲାଇବା ପାଇଁ ଯୋଜନା କରୁଥିବା ନେଇ ମଧ୍ୟ ମସୁଧା ଚଳାଇଛି ବୋଲି ଏକ ବିଶ୍ୱସ୍ତ ସୂତ୍ରରୁ ଜଣାଯାଇଛି।

୨୦୧୪ ନିର୍ବାଚନରେ ସାନନ୍ଦ ମାରାଣ୍ଡି ପ୍ରାୟ ୩୭.୪୯ ପ୍ରତିଶତ ହାରରେ ୫୪, ୧୩୧ ଖଣ୍ଡ ଭୋଟ ପାଇ ଜିତିଥିଲେ। ତାଙ୍କର ନିକଟତମ ପ୍ରତିଦ୍ୱନ୍ଦ୍ୱୀ ବିଜେପିର ନିଶାମଣି ବାସ୍କେ ୨୫.୬୪ ପ୍ରତିଶତ ହାରରେ ୩୭, ୦୧୭, ତୃତୀୟ ସ୍ଥାନରେ ରହିଥିବା କଂଗ୍ରେସର ପ୍ରିୟବ୍ରତ ମାଝୀ ୧୫.୧୯ ପ୍ରତିଶତ ହାରରେ ୨୧, ୯୩୩ ଓ ଚତୁର୍ଥ ସ୍ଥାନରେ ଜେଏମ୍‌ଏମ୍‌ର ଫାଗୁ ହାଁସଦା ୧୩.୩୧ ପ୍ରତିଶତ ହାରରେ ୧୯, ୨୧୪ ଖଣ୍ଡ ଭୋଟ ପାଇଥିଲେ। ସେହିପରି ୨୦୧୯ ନିର୍ବାଚନରେ ବିଜେପି ପ୍ରାର୍ଥୀ ପ୍ରକାଶ ସୋରେନ ୭୨, ୨୨୫ ଖଣ୍ଡ ଭୋଟ ପାଇ ବିଜୟ ଲାଭ କରିଥିଲେ। ତାଙ୍କର ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଭାବେ ବିଜେଡିର ସରୋଜିନୀ ହେମ୍ବ୍ରମ ୫୨,୮୧୪ ଖଣ୍ଡ ଭୋଟ ପାଇଥିଲେ। କଂଗ୍ରେସର ଦଶରଥ ସିଂ ୨୬, ୯୭୮ ଖଣ୍ଡ ଭୋଟ ସହ ତୃତୀୟ ସ୍ଥାନରେ ରହିଥିଲେ। କଂଗ୍ରେସ ସହ ମେଣ୍ଟ ଯୋଗୁଁ ବାରିପଦା ଆସନରେ ଜେଏମ୍‌ଏମ୍ ପ୍ରାର୍ଥୀ ଦେଇ ନ ଥିଲା।



୨୦୧୯ ନିର୍ବାଚନରେ ମୟୂରଭଞ୍ଜ ରାଜନୀତିରେ ପରିବର୍ତ୍ତନ ଦେଖିବାକୁ ମିଳିଥିଲା। ୯ଟି ବିଧାନସଭା ଆସନ ମଧ୍ୟରୁ ୬ଟିରେ ବିଜେପି ଏବଂ ୩ଟିରେ ବିଜେଡି ବିଜୟୀ ହୋଇଥିଲା। ମାତ୍ର ଇତିମଧ୍ୟରେ ଦଳୀୟ ସ୍ଥିତିକୁ ବିଜେଡି ନେତୃବୃନ୍ଦ ପୁଣି ସୁଧାରିବାରେ ଏକପ୍ରକାର ସଫଳ ହୋଇଛନ୍ତି। ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସଙ୍କ ଗୋଟିଚାଳନାରେ ଏଠାରେ ଦଳ ପୁଣି ସୁଦୃଢ଼ ହୋଇଛି ଏବଂ ଏହାର ପ୍ରତିଫଳନ ଗତ ପଞ୍ଚାୟତ ନିର୍ବାଚନରେ ଦେଖିବାକୁ ମିଳିଥିଲା। ଜିଲ୍ଲାର ୫୬ଟି ଜିଲ୍ଲା ପରିଷଦ ଆସନ ମଧ୍ୟରୁ ୫୩ଟିରେ ବିଜେଡି ବିଜୟ ଲାଭ କରିଥିଲା। ୩ଟି ଆସନ ଜେଏମ୍‌ଏମ୍ ଅକ୍ତିଆର କରିଥିବା ବେଳେ ବିଜେପି ଖାତା ଖୋଲି ପାରିନଥିଲା।

ଅପରପକ୍ଷେ, ୨୦୧୯ରେ କଂଗ୍ରେସରୁ ପ୍ରାର୍ଥୀ ହୋଇଥିବା ଦଶରଥ ସିଂ ଏବେ ବିଜେଡିରେ ସାମିଲ ହୋଇଛନ୍ତି। ଅନ୍ୟପଟେ ଜିଲ୍ଲାର ପ୍ରମୁଖ ବିରୋଧୀ ଦଳ କୁହାଯାଉଥିବା ଜେଏମ୍‌ଏମ୍ କ୍ରମଶଃ ଦୁର୍ବଳ ହେବାରେ ଲାଗିଛି। ତେଣୁ ବର୍ତ୍ତମାନ ଅନ୍ୟ ଦଳ ତୁଳନାରେ ବିଜେଡି ଏଠାରେ ଭଲ ସ୍ଥିତିରେ ରହିଛି ବୋଲି ବରିଷ୍ଠ ସାମ୍ବାଦିକ ତଥା ରାଜନୀତି ସମୀକ୍ଷକ କଲ୍ୟାଣ ସିହ୍ନା କହିଛନ୍ତି।

---

**କନ୍ଧମାଳ ଲୋକସଭା ଆସନ**

# ୧୫ବର୍ଷ ହେବ ବିଜେଡି ଭୋଟ୍ ହାର ସ୍ଥିର

**ଫୁଲବାଣୀ, ୧।୪ (ସମିସ):** ଗତ ତିନିଟି ସାଧାରଣ ନିର୍ବାଚନରେ କନ୍ଧମାଳ ଲୋକସଭା ଆସନରେ ବିଜେଡି ଭୋଟ୍ ହାର କେହି ନେଇ ପାରୁ ନଥିବା ପରିଲକ୍ଷିତ ହେଉଛି। ଭାରତୀୟ ଜନତା ପାର୍ଟିର ଭୋଟ୍ ପ୍ରତିଶତ କିଛି ମାତ୍ରାରେ ବଢ଼ିଛି। ଏହି ସମୟ ମଧ୍ୟରେ ଦଳର ଭୋଟରେ ମାତ୍ର ୨୦ପ୍ରତିଶତ ବୃଦ୍ଧି ହୋଇଛି। ଅପରପକ୍ଷେ, ବିଜେଡିର ଭୋଟ୍ ମୋଟାମୋଟି ଭାବେ ସ୍ଥିର ରହିଥିବା ବେଳେ କଂଗ୍ରେସ ପ୍ରାୟ ୧୩ ପ୍ରତିଶତ ଭୋଟ୍ ହରାଇଛି।

୨୦୦୯ ନିର୍ବାଚନରେ ବିଜେପିରୁ ପ୍ରାର୍ଥୀ ହୋଇ ଅଶୋକ କୁମାର ସାହୁ ପାଇଥିଲେ ୧ ଲକ୍ଷ ୪୦ ହଜାର ୭୨୦ ଭୋଟ। ଯାହାକି ସମୁଦାୟ ଭୋଟର ୧୩.୮୦ ପ୍ରତିଶତ ଥିଲା। ଏହି ନିର୍ବାଚନରେ ବିଜେଡିର ରୁଦ୍ରମାଧବ ରାୟ ୨୯.୭୦ ପ୍ରତିଶତ ସହ ୩ଲକ୍ଷ ୧୫ ହଜାର ୩୧୪ ଭୋଟ୍ ପାଇଥିଲେ। କଂଗ୍ରେସ ପ୍ରାର୍ଥୀ ସୁଜିତ ପାଢ଼ୀ ୧୫.୪୨ ପ୍ରତିଶତରେ ସମୁଦାୟ ୧ ଲକ୍ଷ ୬୪ ହଜାର ୩୦୭ ଭୋଟ୍ ପାଇଥିଲେ। ୨୦୧୪ ନିର୍ବାଚନରେ ବିଜେପିର ଭୋଟ୍ ହାରରେ ସାମାନ୍ୟ ହ୍ରାସ ହୋଇଥିଲା। ଦଳୀୟ ପ୍ରାର୍ଥୀ ସୁକାନ୍ତ କୁମାର ପାଣିଗ୍ରାହୀ ପାଇଥିଲେ ୧ ଲକ୍ଷ ୮ ହଜାର ୭୪୪ ଭୋଟ୍, ଯାହାକି ସମୁଦାୟ ଭୋଟର ୧୨.୯୫ ପ୍ରତିଶତ ଥିଲା। ଏହି ନିର୍ବାଚନରେ ବିଜେଡିରୁ ପ୍ରାର୍ଥୀ ହୋଇଥିବା ହେମେନ୍ଦ୍ର ନାରାୟଣ ସିଂ ୪ ଲକ୍ଷ ୨୧ ହଜାର ୪୫୮ ଭୋଟ୍ ହାସଲ କରିବାରେ ସକ୍ଷମ ହୋଇଥିଲେ। ସେ ପାଇଥିବା ଭୋଟ୍ ୫୦.୨୧ ପ୍ରତିଶତ ଥିଲା, ଯାହାକି ପୂର୍ବଥର ତୁଳନାରେ ୨୧ ପ୍ରତିଶତ ଅଧିକ ଥିଲା। କଂଗ୍ରେସର ଭୋଟ ପ୍ରତିଶତ ମଧ୍ୟ ବୃଦ୍ଧି ହୋଇ ୨୮.୬୪ରେ ପହଞ୍ଚିଥିଲା। ଦଳୀୟ ପ୍ରାର୍ଥୀ ହରିହର କରଣ ପାଇଥିଲେ ୨ ଲକ୍ଷ ୪୦ ହଜାର ୪୧୧ ଭୋଟ୍। ମାତ୍ର ୨୦୧୬ରେ ହେମେନ୍ଦ୍ରଙ୍କ ଅକାଳ ବିୟୋଗ ଯୋଗୁଁ ପୁଣି ଉପନିର୍ବାଚନ ଅନୁଷ୍ଠିତ ହୋଇଥିଲା। ଏହି ନିର୍ବାଚନରେ ବିଜେଡି ପ୍ରାର୍ଥୀ ହୋଇଥିବା ହେମେନ୍ଦ୍ରଙ୍କ ପତ୍ନୀ ପ୍ରତ୍ୟୁଷା ରାଜେଶ୍ୱରୀ ସମ୍ବେଦନା ଭୋଟ ପାଇ ଦଳୀୟ ଭୋଟକୁ ୪ ଲକ୍ଷ ୭୭ ହଜାର ୫୨୯ରେ ପହଞ୍ଚାଇଥିଲେ। ଏହି ନିର୍ବାଚନରେ ବିଜେଡିର ଭୋଟ ପ୍ରତିଶତ ଥିଲା ୬୧.୫୪, ଯାହାକି ଦଳ ପାଇଁ ଆଜି ପର୍ଯ୍ୟନ୍ତ ସର୍ବାଧିକ।

**କମିଛି କଂଗ୍ରେସ, ବିଜେପି ଉପରତଳ**

ବିଜେପି ପ୍ରାର୍ଥୀ ରୁଦ୍ରମାଧବ ରାୟ ଦଳୀୟ ଭୋଟରେ ୧୦.୦୭ ପ୍ରତିଶତ ବୃଦ୍ଧି କରିବା ସହ ଏହାକୁ ୨୩.୦୨ରେ ପହଞ୍ଚାଇଥିଲେ। ସେ ସମୁଦାୟ ୧ ଲକ୍ଷ ୭୮ ହଜାର ୬୬୧ ଭୋଟ ପାଇଥିଲେ। କଂଗ୍ରେସର ଭୋଟ୍ ପ୍ରତିଶତରେ ୧୬.୯୮ ହ୍ରାସ ହୋଇ ୧୧.୬୬ରେ ପହଞ୍ଚିଥିଲା। ପ୍ରାର୍ଥୀ ଅଭିମନ୍ୟୁ ବେହେରା ପାଇଥିଲେ ୯୦ ହଜାର ୫୩୬ ଭୋଟ୍, ଯାହାକି ଦଳ ପାଇଁ ଆଜି ପର୍ଯ୍ୟନ୍ତ ସର୍ବନିମ୍ନ। ୨୦୧୯ ନିର୍ବାଚନରେ ଭାରତୀୟ ଜନତା ପାର୍ଟି ତା'ର ଭୋଟ ହାରରେ ଆଉ ୧୦ ପ୍ରତିଶତ ବୃଦ୍ଧି କରିବାରେ ସଫଳ ହୋଇଥିଲା। ଦଳୀୟ ପ୍ରାର୍ଥୀ ଖରବେଳ ସ୍ୱାଇଁ ୩୩.୧୭ ପ୍ରତିଶତ ସହିତ ସମୁଦାୟ ୩ ଲକ୍ଷ ୧୨ ହଜାର ୪୬୩ ଭୋଟ୍ ପାଇବାରେ ସକ୍ଷମ ହୋଇଥିଲେ। ୨୦୧୪ ତୁଳନାରେ ଦଳର ଭୋଟ୍ ହାରରେ ପ୍ରାୟ ୨୦ ପ୍ରତିଶତ ବୃଦ୍ଧି ଲକ୍ଷ୍ୟ କରାଯାଇଥିଲା। ଏହି ନିର୍ବାଚନରେ ବିଜେଡି ପ୍ରାର୍ଥୀ ଅଚ୍ୟୁତ ସାମନ୍ତ ପାଇଥିଲେ ୪ ଲକ୍ଷ ୬୧ ହଜାର ୬୭୮ ଭୋଟ୍, ଯାହାକି ସମୁଦାୟ ଭୋଟର ୪୯.୦୧ ପ୍ରତିଶତ ଥିଲା। ଏହି ନିର୍ବାଚନରେ କଂଗ୍ରେସ ପ୍ରାର୍ଥୀ ମନୋଜ ଆଚାର୍ଯ୍ୟ ପାଇଥିଲେ ୧ ଲକ୍ଷ ୩୮ ହଜାର ୯୯୩ ଭୋଟ୍। ପୂର୍ବଥର ତୁଳନାରେ ଦଳର ଭୋଟ୍ ବୃଦ୍ଧି ହୋଇଥିଲେ ମଧ୍ୟ ୨୦୧୪ ତୁଳନାରେ ଏହା ୧୩.୮୮ ପ୍ରତିଶତ କମ୍ ଥିଲା। ମୋଟାମୋଟି ଭାବେ ଗତ ନିର୍ବାଚନମାନଙ୍କରେ ବିଜେଡି ଭୋଟ୍ ଦିଗହରା ନହୋଇ ସ୍ଥିର ରହିଛି। ବିଜେପି ଭୋଟ ଉପରତଳ ହୋଇଥିବା ବେଳେ କଂଗ୍ରେସର ଭୋଟ୍ କମୁଥିବା ଲକ୍ଷ୍ୟ କରାଯାଇଛି।

---

# କଂଗ୍ରେସ ବିଧାୟକ ଦାଶରଥୀ ଗମାଙ୍ଗଙ୍କୁ ଘୋର୍ ବିରୋଧ

**ମୋହନା, ୧।୪(ସମିସ):** ଗଜପତି ଜିଲ୍ଲା ମୋହନା ବିଧାୟକ ଦାଶରଥୀ ଗମାଙ୍ଗଙ୍କୁ ବିରୋଧ କରିଛନ୍ତି ଖୋଦ୍ ତାଙ୍କ ଦଳର କଂଗ୍ରେସ ନେତା। ସୋମବାର କଣ୍ଟେଇକୋଲିରେ ଆୟୋଜିତ ବୈଠକରେ ବିଧାୟକ ଦାଶରଥୀଙ୍କ କାର୍ଯ୍ୟଶୈଳୀରେ ଅସନ୍ତୋଷ ପ୍ରକାଶ କରିଛନ୍ତି ବରିଷ୍ଠ ନେତା। କଂଗ୍ରେସରୁ ବିଧାୟକ ଭାବେ ଦାଶରଥୀ ନିର୍ବାଚିତ ହେବା ପରେ ଲୋକଙ୍କୁ ଯେଉଁ ପ୍ରତିଶ୍ରୁତି ଦେଇଥିଲେ, ତାହା ପୂରଣ କରିନାହାନ୍ତି। ଦଳୀୟ ସଂଗଠନ ପ୍ରତି ମଧ୍ୟ ଦୃଷ୍ଟି ଦେଇନାହାନ୍ତି। ବିଧାୟକ ନିଜ ସ୍ୱାର୍ଥ ପାଇଁ ହିଁ କାମ କରିଛନ୍ତି ବୋଲି ବିଧାୟକ ପ୍ରତିନିଧି ନିର୍ମଳ ପାଲ ଅଭିଯୋଗ କରିଛନ୍ତି।

- ମୋହନାରେ ନୂତନ ପ୍ରାର୍ଥୀ ଦାବି କଲେ କର୍ମୀ
- ପ୍ରତିକ୍ରିୟା ରଖିଲେ ବିଧାୟକ; ଅଭିଯୋଗ ଭିତ୍ତିହୀନ

ବିଧାୟକ ସହ ଜିଲ୍ଲା କଂଗ୍ରେସ କମିଟିର ସଭାପତି ମଧ୍ୟ ଅଛନ୍ତି ଦାଶରଥୀ। କିନ୍ତୁ ଜିଲ୍ଲାରେ ଦଳୀୟ ସଂଗଠନ ଦୁର୍ବଳ ହୋଇଯାଇଛି। ନିର୍ବାଚନମଣ୍ଡଳୀର କୌଣସି ବିକାଶ ହୋଇ ନଥିବା ଯୋଗୁଁ ଲୋକେ ସ୍ଥାନୀୟ କଂଗ୍ରେସ କର୍ମୀଙ୍କ ଉପରେ ଅସନ୍ତୋଷ ପ୍ରକାଶ କରୁଛନ୍ତି। ତେଣୁ ଚଳିତ ନିର୍ବାଚନରେ ମୋହନା ବିଧାନସଭା ଆସନ ପାଇଁ କଂଗ୍ରେସରୁ ଜଣେ ନୂତନ ପ୍ରାର୍ଥୀ ଦେବା ପାଇଁ ଦାବି କରିଛନ୍ତି ବହୁ ବରିଷ୍ଠ କଂଗ୍ରେସ ନେତା। ବିଧାୟକ ପାଇଁ ପ୍ରାୟ ୧୨ଜଣ ଆଶାୟୀ ପ୍ରାର୍ଥୀ ଥିବା ବେଳେ ମୋହନା ବ୍ଲକରୁ ୪ଜଣ ଆଶାୟୀ ଆବେଦନ କରିଛନ୍ତି। ତେଣୁ ମୋହନା ବ୍ଲକରୁ ଜଣକୁ କଂଗ୍ରେସ ପ୍ରାର୍ଥୀ କରିବାକୁ ଦାବି କରିଛନ୍ତି। ଏହି ବୈଠକରେ ବରିଷ୍ଠ ନେତା ଯାକୁବ ମାଝୀ, ଯୁବନେତା ସାଗର ବଳିୟାରସିଂଙ୍କ ସମେତ ବହୁ ନେତା ଯୋଗ ଦେଇଥିଲେ।

ତେବେ ଏହି ଅଭିଯୋଗକୁ ମୋହନାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ କଡ଼ା ଭାଷାରେ ଖଣ୍ଡନ କରିଛନ୍ତି ବିଧାୟକ ଶ୍ରୀ ଗମାଙ୍ଗ। ତାଙ୍କୁ ବିରୋଧ କରୁଥିବା ନେତାଙ୍କ ବିରୋଧରେ ବର୍ଷିଛନ୍ତି ବିଧାୟକ। ଗଣତନ୍ତ୍ରରେ ନିର୍ବାଚନ ଲଢ଼ିବା ପାଇଁ ସମସ୍ତଙ୍କ ଅଧିକାର



ଅଛି। ସେହିପରି ଆଗାମୀ ବିଧାନସଭା ନିର୍ବାଚନ ପାଇଁ କଂଗ୍ରେସର ମଧ୍ୟ ବହୁ ଆଶାୟୀ ପ୍ରାର୍ଥୀ ଦରଖାସ୍ତ ପ୍ରଦାନ କରିଛନ୍ତି। ସେ ସମସ୍ତ ଆଶାୟୀ ପ୍ରାର୍ଥୀଙ୍କୁ ସ୍ୱାଗତ କରୁଛନ୍ତି। କିନ୍ତୁ ସେ କିଛି ବିକାଶ କାର୍ଯ୍ୟ କରିନାହାନ୍ତି ବୋଲି ଯେଉଁ ଅଭିଯୋଗ ଆସିଛି, ତାହାକୁ ଖଣ୍ଡନ କରିଛନ୍ତି। ଯେଉଁମାନେ ଅଭିଯୋଗ କରିଛନ୍ତି, ସେମାନେ ଦଳର ଶୃଙ୍ଖଳାଭଙ୍ଗ କରୁଛନ୍ତି। ଜଣେ ବିରୋଧୀ ଦଳର ବିଧାୟକ ଭାବେ ଅଞ୍ଚଳର ବିକାଶ ପାଇଁ ସେ ସମସ୍ତ ଚେଷ୍ଟା କରିଛନ୍ତି। ବିକାଶ ମଧ୍ୟ ହୋଇଛି ବୋଲି କହିଛନ୍ତି ବିଧାୟକ। ତେଣୁ ଆଗାମୀ ନିର୍ବାଚନରେ ସେ ପୁଣିଥରେ ବିଧାୟକ ଭାବେ ନିର୍ବାଚିତ ହେବେ ବୋଲି ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।

---

**ଯାଜପୁର ଜିଲ୍ଲା**

# ଦ୍ୱନ୍ଦ୍ୱରେ ବିଜେପି, ଚିନ୍ତାରେ କଂଗ୍ରେସ

**ଯାଜପୁର, ୧।୪ (ସମିସ):** ଯାଜପୁର ଜିଲ୍ଲା ରାଜ୍ୟର ଅଣକଂଗ୍ରେସ ଗଡ଼ ଭାବେ ପରିଚିତ। ଜିଲ୍ଲାର ସମସ୍ତ ବ୍ଲକ ଅଧ୍ୟକ୍ଷ, ଉପାଧ୍ୟକ୍ଷଠାରୁ ଆରମ୍ଭ କରି ପୌରାଧ୍ୟକ୍ଷ, ଉପାଧ୍ୟକ୍ଷ, ୭ ବିଧାନସଭା ଓ ଗୋଟିଏ ଲୋକସଭା ଆସନକୁ ଅକ୍ତିଆର କରିଛି ଶାସକ ବିଜୁ ଜନତା ଦଳ। ଏଥିପାଇଁ ଏହି ଜିଲ୍ଲା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ପ୍ରିୟ ଜିଲ୍ଲା ଭାବେ ରାଜ୍ୟରେ ବେଶ୍ ପରିଚିତ। ବିଜୁ ଜନତା ଦଳର ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଏହି ଜିଲ୍ଲାରୁ ପ୍ରତିନିଧିତ୍ୱ କରିବା ସହିତ ତାଙ୍କ ଦକ୍ଷତା ଉପରେ ଭରସା କରି ମୁଖ୍ୟମନ୍ତ୍ରୀ ତାଙ୍କୁ ସମ୍ବଲପୁର ସଂସଦୀୟ କ୍ଷେତ୍ରରେ ପ୍ରତିଦ୍ୱନ୍ଦ୍ୱିତା କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି। ଜିଲ୍ଲାରେ ବିଜେଡିର ଦୃଢ଼ ସଂଗଠନ ଫଳରେ ଅନ୍ୟ ନେତା ଓ କର୍ମୀଙ୍କ ଉପରେ ଦଳୀୟ ନେତାଙ୍କ ବିଶ୍ୱାସ ଥିବା ଯୋଗୁଁ ଏଭଳି ନିଷ୍ପତ୍ତି ନିଆଯାଇଥିବା କୁହାଯାଉଛି। ଯାଜପୁର ଜିଲ୍ଲାରେ ଶେଷ ପର୍ଯ୍ୟାୟରେ ଭୋଟ ଗ୍ରହଣ ହେବାକୁ ଥିଲେ ହେଁ ପ୍ରାର୍ଥୀ ଘୋଷଣାରେ ବିଜୁ ଜନତା ଦଳ ଆଗରେ ରହିଛି। ବର୍ତ୍ତମାନ ସୁଦ୍ଧା ଜିଲ୍ଲାର ଯାଜପୁର, ବିଞ୍ଝାରପୁର, ଧର୍ମଶାଳା ଓ ସୁକିନ୍ଦା ବିଧାନସଭା ଆସନ ପାଇଁ ପ୍ରାର୍ଥୀ ଘୋଷଣା କରିଥିବା ବେଳେ ଯାଜପୁର ଲୋକସଭା ଆସନ ପାଇଁ ମଧ୍ୟ ପ୍ରାର୍ଥୀଙ୍କ ନାଁ ଘୋଷଣା ହୋଇଛି।



**ଆଗରେ ବିଜେଡି**

ଯାଜପୁର ବିଧାନସଭା ଆସନରୁ ପ୍ରଥମଥର ପାଇଁ ବିଜୁ ଜନତା ଦଳ ଜଣେ ମହିଳାଙ୍କୁ ପ୍ରାର୍ଥୀ କରିଛି। ପୂର୍ବରୁ ଦଶରଥପୁର ବ୍ଲକ ଅଧ୍ୟକ୍ଷା ଓ ଜିଲ୍ଲା ମିଶନ ଶକ୍ତି ସଭାନେତ୍ରୀ ଭାବେ କାର୍ଯ୍ୟ କରୁଥିବା ସୁଜାତା ସାହୁଙ୍କୁ ବିଧାୟିକା ପ୍ରାର୍ଥୀ ଭାବେ ଘୋଷଣା କରିଛି ଦଳ। ଯେଉଁ ଆସନରୁ ଲଗାତାର ୩ଥର ପ୍ରଣବ ପ୍ରକାଶ ଦାସ ବିଜୟୀ ଲାଭ କରିଆସୁଛନ୍ତି, ସେହି ଆସନରୁ ପ୍ରାର୍ଥୀ ହେବା ପାଇଁ ସୁଜାତାଙ୍କୁ ସୁଯୋଗ ଦେଇଛି ଦଳ। ମୁଖ୍ୟମନ୍ତ୍ରୀ ସବୁବେଳେ ମହିଳାଙ୍କୁ କ୍ଷମତା ଦେବା ପାଇଁ ପ୍ରାଥମିକତା ଦେଉଥିବା ବେଳେ ଏଭଳି ଗୁରୁତ୍ୱପୂର୍ଣ୍ଣ ଆସନ ଜଣେ ମହିଳାଙ୍କୁ ଦେବା ପରେ ବିରୋଧୀ ଦଳ ଅଡୁଆରେ ପଡ଼ି ଯାଇଛନ୍ତି। କାରଣ ଏଠାରୁ ବିଜେପି ପକ୍ଷରୁ ଗୌତମ ରାୟ ବାରମ୍ବାର ପ୍ରଣବଙ୍କଠାରୁ ହାରି ଆସୁଥିବା ବେଳେ ଚଳିତଥର ଦଳ କାହାକୁ ପ୍ରାର୍ଥୀ କରିବ, ତାହା ଏ ପର୍ଯ୍ୟନ୍ତ ସ୍ଥିର କରିପାରିନି। ସେହିଭଳି କଂଗ୍ରେସ ମଧ୍ୟ କୌଣସି ସିଦ୍ଧାନ୍ତରେ ପହଞ୍ଚିପାରିନି।

ବିଞ୍ଝାରପୁରରେ ବିଜେଡି ପୁଣି ପୂର୍ବତନ ମନ୍ତ୍ରୀ ତଥା ବାଚସ୍ପତି ପ୍ରମିଳା ମଲ୍ଲିକଙ୍କ ଉପରେ ଆସ୍ଥା ପ୍ରକଟ କରିଛି। ପ୍ରମିଳା ଗତ ୨୦୦୦ ମସିହାରୁ ଲଗାତର ବିଜେଡିରୁ ନିର୍ବାଚିତ ହୋଇଆସୁଛନ୍ତି। ଚଳିତ ନିର୍ବାଚନରେ ପୁଣି ଦଳ ତାଙ୍କୁ ପ୍ରାର୍ଥୀ କରିବା ପରେ ବିଜେପି କିମ୍ବା କଂଗ୍ରେସ ପକ୍ଷରୁ କିଏ ପ୍ରାର୍ଥୀ ହେବ, ତାକୁ ନେଇ କୌଣସି ଚର୍ଚ୍ଚା ହେଉନାହିଁ। ବିଜେଡିର ଏହି ହେଭିୱେଟ୍ ନେତାଙ୍କ ବିରୋଧରେ କେଉଁ ଦଳ କିଭଳି ପ୍ରାର୍ଥୀ ଦେଉଛି, ତା' ଉପରେ ଭୋଟରଙ୍କ ନଜର ମଧ୍ୟ ରହିଛି।

ସୁକିନ୍ଦା ନିର୍ବାଚନମଣ୍ଡଳୀ ପାଇଁ ବିଜେଡି ମନ୍ତ୍ରୀ ପ୍ରୀତିରଞ୍ଜନ ଘଡ଼ାଇଙ୍କୁ ବିଜେଡି ପ୍ରାର୍ଥୀ କରିଛି। ଏହି ଆସନରେ ୧୯୯୦ରୁ ୨୦୧୪ ପର୍ଯ୍ୟନ୍ତ ପ୍ରଫୁଲ୍ଲ ଘଡ଼ାଇ ବିଜୟୀ ହୋଇଥିବା ବେଳେ ୨୦୧୪ରୁ ଏପର୍ଯ୍ୟନ୍ତ ତାଙ୍କ ପୁଅ ପ୍ରୀତିରଞ୍ଜନ ବିଜେଡିରୁ ବିଜୟୀ ହେଉଛନ୍ତି। ବିଜୁ ଜନତା ଦଳର ଏହି ଗଡ଼ରେ ବାରମ୍ବାର ବିରୋଧୀ ବିଜେପି ଓ କଂଗ୍ରେସ ପରାଜୟର ସ୍ୱାଦ ଚାଖୁଛନ୍ତି। କିନ୍ତୁ ଚଳିତ ନିର୍ବାଚନରେ ବିଜେପି ଟିକଟ ଦୌଡ଼ରେ ବିଜେପି ପକ୍ଷରୁ ପ୍ରଦୀପ ବଳସାମନ୍ତ ଆଗରେ ଥିବା ବେଳେ କଂଗ୍ରେସ ପକ୍ଷରୁ କିଏ ପ୍ରାର୍ଥୀ ହେବ ତାହା ସ୍ପଷ୍ଟ ହୋଇନାହିଁ। ପୂର୍ବରୁ ଶରତ ରାଉତ ନିର୍ବାଚନ ଲଢ଼ିବେ ନାହିଁ ବୋଲି ଘୋଷଣା କରିସାରିଛନ୍ତି।

ସେହିପରି ଧର୍ମଶାଳା ବିଧାନସଭା ଆସନ ପାଇଁ ବିଜେଡି ପକ୍ଷରୁ ବିଧାୟକ ପ୍ରଣବ ବଳବନ୍ତରାୟଙ୍କୁ ପ୍ରାର୍ଥୀ କରାଯାଇଛି। ଏଠାରେ ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ କଳ୍ପତରୁ ଦାସ ଏକାଧିକବାର ବିଧାୟକ ନିର୍ବାଚିତ ହୋଇଥିବା ବେଳେ ପୁଅ ପ୍ରଣବ ଚଳିତଥର ହ୍ୟାଟ୍ରିକ୍ ମାରିବା ଲକ୍ଷ୍ୟରେ ଅଛନ୍ତି। ଏଠାରେ ବିରୋଧୀ ବିଜେପି ଓ କଂଗ୍ରେସ ପକ୍ଷରୁ ଏକାଧିକ ପ୍ରାର୍ଥୀ ଆଶାୟୀ ଥିବା ଯୋଗୁଁ ପ୍ରାର୍ଥୀ ତାଲିକା ଘୋଷଣା ବିଳମ୍ବ ହେଉଥିବା ଚର୍ଚ୍ଚା ହେଉଛି। ସେହିପରି ବାକି କୋରେଇ, ବଡ଼ଚଣା ଓ ବରୀ ନିର୍ବାଚନ ମଣ୍ଡଳୀରେ ବିଜେଡି ନୂତନ ପ୍ରାର୍ଥୀ ଦେବାର ସମ୍ଭାବନା ରହିଥିବା ଚର୍ଚ୍ଚା ହେଉଛି। ବିଜେପି ପକ୍ଷରୁ ବିଜେଡିର ବଳକା ପ୍ରାର୍ଥୀଙ୍କୁ ନେଇ ମଇଦାନକୁ ଓହ୍ଲାଇବାକୁ ପ୍ରସ୍ତୁତି ଚଳାଇଥିବା ବେଳେ କଂଗ୍ରେସ କିଭଳି ରଣନୀତି କରିବ, ତାକୁ ନେଇ ଖୋଦ୍ ସନ୍ଦେହରେ ପଡ଼ିଥିବା ମନେ ହେଉଛି।

---

**ନିର୍ବାଚନୀ ବୈତରଣୀ ପାର ହେବା ପାଇଁ ପ୍ରକୃଷ୍ଟ ମାଧ୍ୟମ ସାଜିଛି ବଳିଷ୍ଠ ପ୍ରଚାର**

# ଭୁବନେଶ୍ୱରରେ ଡେରା ପକାଇଲେଣି ଜାତୀୟ ଜନସଂପର୍କ ସଂସ୍ଥା

**ଭୁବନେଶ୍ୱର,୧।୪(ସମିସ):** ନିର୍ବାଚନ ଯେତିକି ପାଖେଇ ଆସୁଛି, ପ୍ରଚାର ରଣନୀତି ସେତିକି ଜୋର୍ ଧରୁଛି। ବିଜୁ ଜନତା ଦଳ ପ୍ରଥମ ପର୍ଯ୍ୟାୟରେ ଉଭୟ ବିଧାନସଭା ଓ ଲୋକସଭା ଆସନ ପାଇଁ ପ୍ରାର୍ଥୀ ଘୋଷଣା କରିଥିବା ବେଳେ ଆଉ କୌଣସି ଦଳ ଏପର୍ଯ୍ୟନ୍ତ ପ୍ରାର୍ଥୀ ଘୋଷଣା କରିପାରିନାହାନ୍ତି। ବିଜେପି କେବଳ ସମସ୍ତ ଲୋକସଭା ଆସନ ପାଇଁ ପ୍ରାର୍ଥୀ ଘୋଷଣା କରିସାରିଛି। ତେବେ ନିର୍ବାଚନ ଉଷ୍ମତା ବଢ଼ିବା ସହ ଭଲ ଭାବେ ପ୍ରଚାର କେମିତି ହେବ, ସେହି ଯୋଜନାରେ ଅଛନ୍ତି ଟିକଟ ପାଇଥିବା ଏବଂ ଆଶାୟୀ ପ୍ରାର୍ଥୀ। ନିର୍ବାଚନ ବୈତରଣୀ ପାର୍ ହେବା ଲାଗି ପ୍ରଚାର ହିଁ ସବୁଠାରୁ ଶକ୍ତିଶାଳୀ ମାଧ୍ୟମ ହୋଇଥିବା ବେଳେ ଏବେ ଜାତୀୟସ୍ତରର ଜନସମ୍ପର୍କ ସଂସ୍ଥା ଓଡ଼ିଶାରେ କାରବାର ପାଇଁ ଆଗେଇ ଆସିଲେଣି। ପ୍ରଚାରପ୍ରସାର ବ୍ୟବସାୟ ସହିତ ଜଡ଼ିତ ଜନସମ୍ପର୍କ ସଂସ୍ଥା ଓଡ଼ିଶାର ପ୍ରାର୍ଥୀଙ୍କୁ ମନାଇବା ଆରମ୍ଭ କଲେଣି। ଲୋଭନୀୟ ଅଫର୍ ସହ ସେମାନେ ବିଭିନ୍ନ ରାଜନୈତିକ ଦଳର ପ୍ରାର୍ଥୀଙ୍କ ସହିତ ବୁଝାମଣା ପାଇଁ ଉଦ୍ୟମ ଚଳାଇଛନ୍ତି।

- ନେତାଙ୍କୁ ମନାଇବାକୁ ଚାଲିଛି ପ୍ରତିଯୋଗିତା
- ଲକ୍ଷାଧିକ ଟଙ୍କା ନେଇ କରିବେ ଆଧୁନିକ ପ୍ରଚାର
- ଆଧୁନିକ ପ୍ରଚାର ବ୍ୟବସ୍ଥା ସମ୍ପର୍କରେ ଅଧିକାଂଶ ନେତା ଅଜ୍ଞ

ପୂର୍ବାପେକ୍ଷା ନିର୍ବାଚନରେ ପ୍ରଚାରର ପରିଭାଷାରେ ଅନେକ ପରିବର୍ତ୍ତନ ଆସିଛି। ବିଶେଷକରି ଭୋଟରଙ୍କ ମଧ୍ୟରେ ସଚେତନତା ବୃଦ୍ଧି ପାଉଥିବା ବେଳେ ସେମାନଙ୍କୁ ପ୍ରଭାବିତ କରି ପାରିବା ଭଳି ରଣନୀତି କରିବା ଜରୁରୀ। ଦିନ ଥିଲା, ନିର୍ବାଚନ ପ୍ରଚାର ପାଇଁ ନେତାମାନେ ପଦଯାତ୍ରା, ଆକର୍ଷଣୀୟ ହୋର୍ଡିଂ, ଡାକବାଜି ଯନ୍ତ୍ର ଆଦି ଉପରେ ନିର୍ଭର କରୁଥିଲେ। ଏବେ କିନ୍ତୁ ଅନ୍‌ଲାଇନ୍, ସାମାଜିକ ଗଣମାଧ୍ୟମ ନିର୍ବାଚନ ପ୍ରଚାରର ଏକ ବଳିଷ୍ଠ ମାଧ୍ୟମ ସାଜିଛି। ଦିନକୁ ଦିନ ଏହି ନିର୍ବାଚନୀ ପ୍ରଚାର ବ୍ୟବସ୍ଥା ବ୍ୟାପକ ହେବାରେ ଲାଗିଛି। କିନ୍ତୁ ଅଧିକାଂଶ ନେତା ଏବଂ ସେମାନଙ୍କ ସମର୍ଥକ ଆଧୁନିକ ପ୍ରଚାର ବ୍ୟବସ୍ଥା ସମ୍ପର୍କରେ ସମ୍ପୂର୍ଣ୍ଣ ଅଜ୍ଞ। ନିଜ ସପକ୍ଷରେ ପ୍ରଚାର ହେଉ ଅବା ବିରୋଧୀ ପ୍ରାର୍ଥୀଙ୍କୁ ସମାଲୋଚନା ମାଧ୍ୟମରେ ଧରାଶାୟୀ କରିବା; ସବୁଥିରେ ଉତ୍ତମ ପ୍ରଚାର ବ୍ୟବସ୍ଥା କାମ ଦେଉଛି। ଦିନ ଥିଲା, କର୍ମୀ ଓ ସମର୍ଥକମାନେ ବୁଲିବୁଲି ପ୍ରଚାର କରୁଥିଲେ। ଆଜି ବି ତାହା ଜାରି ରହିଛି। କିନ୍ତୁ ଅନ୍‌ଲାଇନ୍ ପ୍ରଚାର ବ୍ୟବସ୍ଥା ଭୋଟର୍‌ଙ୍କ ଉପରେ ଅଧିକ ପ୍ରଭାବ ପକାଉଛି। ସେଥିପାଇଁ ୨୦୧୯ ନିର୍ବାଚନ ବେଳରୁ ଜାତୀୟ ଓ ପ୍ରମୁଖ ରାଜନୈତିକ ଦଳ ଅଭିଜ୍ଞ ସଂସ୍ଥାଙ୍କୁ ନିଜର ପ୍ରଚାର କାର୍ଯ୍ୟରେ ବ୍ୟବହାର ଆରମ୍ଭ କରିଥିଲେ। ତେବେ ପରବର୍ତ୍ତୀ ସମୟରେ ଏହାର ପରିସର ବଢ଼ିବଢ଼ି ଚାଲିଛି। ସେଥିପାଇଁ ଉଭୟ ପ୍ରାର୍ଥୀ ଏବଂ ସଂସ୍ଥା ପରିପୂରକ ଭାବେ କାର୍ଯ୍ୟ କରୁଛନ୍ତି। ସେଥିପାଇଁ ଆଗାମୀ ନିର୍ବାଚନକୁ ଦୃଷ୍ଟିରେ ରଖି ଅନେକ ସଂସ୍ଥା ଓଡ଼ିଶାର ପ୍ରାର୍ଥୀମାନଙ୍କୁ ଲୋଭନୀୟ ଅଫର୍ ଦେଇ ପ୍ରଚାର କାମରେ ବ୍ୟବହାର ପାଇଁ ପ୍ରସ୍ତାବ ଦେଉଛନ୍ତି। ଏଥିରେ ରାଜ୍ୟ ବାହାରର ବୃତ୍ତିଗତ ଏଜେନ୍ସି ଆଗରେ ରହିଛନ୍ତି।



ସୂଚନାନୁସାରେ, ନେତାମାନଙ୍କ ଭାଷଣ ଲେଖିବା, ନିର୍ଦ୍ଦିଷ୍ଟ ଭୋଟର ଗୋଷ୍ଠୀଙ୍କୁ ଆକୃଷ୍ଟ କରିବା, ବିରୋଧୀ ପ୍ରାର୍ଥୀଙ୍କୁ ସମାଲୋଚନା କରିବା ଲାଗି ସମ୍ପୃକ୍ତ ସଂସ୍ଥା ରଣନୀତି ପ୍ରସ୍ତୁତ କରୁଛନ୍ତି। ସାମାଜିକ ଗଣମାଧ୍ୟମ ହେଉ କିମ୍ବା ପ୍ରଚାର ମଇଦାନରେ କିପରି ନିଜର ଆଧିପତ୍ୟ ବିସ୍ତାର କରିହେବ, ସେଥିପାଇଁ ସମ୍ପୃକ୍ତ ଏଜେନ୍ସି ପରାମର୍ଶ ଦେଉଛନ୍ତି। ସେହିପରି ବିଭିନ୍ନ ସାମାଜିକ ଗଣମାଧ୍ୟମରେ ପ୍ରଚାର ପାଇଁ ଫଟୋ, ଭିଡିଓ, ରିଲ୍ସ, ଗୀତ, କଣ୍ଟେଣ୍ଟ ଆଦି ପ୍ରସ୍ତୁତ, ମୋବାଇଲ୍ ହ୍ୱାଟ୍ସଆପ୍ ଏବଂ ଏସ୍‌ଏମ୍‌ଏସ୍ ପଠାଇବା ଦାୟିତ୍ୱ ମଧ୍ୟ ସେମାନେ ନେଉଛନ୍ତି। ହ୍ୱାଟ୍ସଆପ୍‌ରେ କମ୍ୟୁନିଟି ଗ୍ରୁପ୍ କରି ବହୁ ଲୋକଙ୍କ ପାଖରେ ପ୍ରାର୍ଥୀ ପହଞ୍ଚିପାରୁଛନ୍ତି। ସେଥିପାଇଁ କାମ ଅନୁସାରେ ପ୍ରାର୍ଥୀଙ୍କୁ ସେମାନେ ୧ ଲକ୍ଷରୁ ନେଇ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଦେୟ ଦାବି କରୁଛନ୍ତି। ପ୍ରଚାର କାମ ପାଇଁ ପ୍ରମୁଖ ନେତାମାନଙ୍କ ସହ ବ୍ୟାବସାୟିକ ଚୁକ୍ତି ପାଇଁ ଅନେକ ପିଆର୍ ସଂସ୍ଥାର ଏଜେଣ୍ଟ ଭୁବନେଶ୍ୱରରେ ଡେରା ପକାଇଛନ୍ତି। ନେତାଙ୍କ ସହ ସିଧାସଳଖ ହେଉ ଅବା ସେମାନଙ୍କ ସମର୍ଥକଙ୍କ ଜରିଆରେ ଏହି ସଂସ୍ଥାର କର୍ମଚାରୀ ନିଜ ନିଜ ଢ଼ଙ୍ଗରେ ପ୍ରସ୍ତାବ ଦେଉଛନ୍ତି। କିପରି ପ୍ରଚାରପ୍ରସାର ହେବ ଏବଂ ଏହା କିପରି ଭୋଟରଙ୍କୁ ପ୍ରଭାବିତ କରିବ, ତାହା ଉପରେ ବିସ୍ତୃତ ତଥ୍ୟ ଉପସ୍ଥାପନ କରୁଛନ୍ତି। ପୂର୍ବରୁ କେଉଁ କେଉଁ ରାଜ୍ୟରେ କେଉଁ ପ୍ରାର୍ଥୀ ତାଙ୍କ ସେବା ନେଇ ନିର୍ବାଚନରେ ବିଜୟ ଲାଭ କରିଛନ୍ତି ଅବା ପ୍ରତିପକ୍ଷ ପ୍ରାର୍ଥୀଙ୍କୁ କଡ଼ା ଟକ୍କର ଦେଇଛନ୍ତି, ତାହା ଉପରେ ମଧ୍ୟ ସୂଚନା ଦେଇ ନେତାଙ୍କୁ ଆକୃଷ୍ଟ କରିବା ଉଦ୍ୟମରେ ଅଛନ୍ତି।

ଏକ ଜାତୀୟ ଜନସମ୍ପର୍କ ସଂସ୍ଥାର ଜଣେ ଅଧିକାରୀ କହିଛନ୍ତି, ବଡ଼ବଡ଼ ରାଜ୍ୟରେ ନେତାଙ୍କ ପ୍ରଚାର କାର୍ଯ୍ୟ ପାଇଁ ଲକ୍ଷାଧିକ ଟଙ୍କା ଦାବି କରାଯାଏ। ତେବେ ଓଡ଼ିଶାରେ ପ୍ରାର୍ଥୀ ଦେଖି ସେହି ଅନୁସାରେ ଦେୟ ଧାର୍ଯ୍ୟ ହେଉଛି। ସେ କେଉଁ ପ୍ରକାର ପ୍ରଚାର ଚାହୁଁଛନ୍ତି, ତାହା ମଧ୍ୟ ଦେୟ ଉପରେ ନିର୍ଭର କରୁଛି। ଅନେକ ସଂସ୍ଥା ଓଡ଼ିଶାରେ ଥିବା ନିଜ ଏଜେଣ୍ଟଙ୍କ ଜରିଆରେ ନେତାଙ୍କୁ ଯୋଗାଯୋଗ କରୁଛନ୍ତି। ସାମ୍ପ୍ରତିକ ସମୟରେ ପ୍ରଭାବୀ ଢ଼ଙ୍ଗରେ ପ୍ରଚାର ପ୍ରସାର ଅତ୍ୟନ୍ତ ଜରୁରୀ ହୋଇଥିବାରୁ ଆମର ଗୁରୁତ୍ୱ ପୂର୍ବାପେକ୍ଷା ବହୁତ ବୃଦ୍ଧି ପାଇଛି। ଓଡ଼ିଶାରେ ଆମେ ମୁଖ୍ୟତଃ ପ୍ରମୁଖ ରାଜନୈତିକ ଦଳର ପ୍ରାର୍ଥୀ, ନିର୍ବାଚିତ ଜନପ୍ରତିନିଧିଙ୍କୁ ଲକ୍ଷ୍ୟରେ ରଖିଛୁ ବୋଲି ସେ କହିଛନ୍ତି।



ହେଲେ ହେଁ ତୁ ସାନ କରୁଣା ନିଧାନ ରାଜ୍ୟରେ କରିଛୁ ବାସ,
ବଢ଼ାଇଲେ କର ତାଙ୍କ ଶ୍ରୀପୟର ଲାଭେ ନ ହେବୁ ନିରାଶ।
-ସ୍ୱଭାବକବି ଗଙ୍ଗାଧର ମେହେର

ସକାଳ THE SAKALA

# କଚ୍ଛତିଭୁ ଦ୍ୱୀପ ବିବାଦ ଓ ବିତର୍କ

ପ୍ରସଙ୍ଗ ଅପ୍ରସଙ୍ଗ ହେବା ଏବଂ ଅପ୍ରସଙ୍ଗ ପ୍ରସଙ୍ଗରେ ରୂପାନ୍ତରିତ ହେବା ରାଜନୀତିରେ ଏକ ସାଧାରଣ ଘଟଣା। ବିଶେଷକରି ଦେଶରେ ଲୋକସଭା ନିର୍ବାଚନ ପ୍ରକ୍ରିୟା ଚାଲିଥିବା ସମୟରେ ଏଭଳି ଘଟଣାମାନ ଘଟିବାରେ ବିଶେଷ କିଛି ଅସ୍ୱାଭାବିକତା ନାହିଁ। କଚ୍ଛତିଭୁ ପ୍ରସଙ୍ଗ ସେହିଭଳି ଗୋଟିଏ ପ୍ରସଙ୍ଗ, ଯାହା ପଛରେ ରାଜନୀତି ଅଧିକ ଓ ବାସ୍ତବତା କମ୍। 'ଟାଇମ୍ସ ଅଫ୍ ଇଣ୍ଡିଆ'ରେ ଏହି ଦ୍ୱୀପକୁ ନେଇ ଏକ ରିପୋର୍ଟ ଗତ ରବିବାର ପ୍ରକାଶ ପାଇବା ପରେ ପ୍ରଧାନମନ୍ତ୍ରୀ ଏହାକୁ କଂଗ୍ରେସ ବିରୋଧରେ ଏକ ରାଜନୀତିକ ପ୍ରସଙ୍ଗ କରି କହିଛନ୍ତି ଯେ ସେହି ଦଳର ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତର ଏକ ଅବିଚ୍ଛେଦ୍ୟ ଅଙ୍ଗ କଚ୍ଛତିଭୁ ଦ୍ୱୀପକୁ ଶ୍ରୀଲଙ୍କାକୁ ଟେକି ଦେଇଥିଲେ। ପ୍ରଧାନମନ୍ତ୍ରୀ ସ୍ୱୟଂ ଏପରି ଗୁରୁତର ଅଭିଯୋଗ ଆଣିବା ପରେ ଏହାକୁ ନେଇ ରାଜନୈତିକ ବାଦବିବାଦ ସୃଷ୍ଟି ହେବା ସ୍ୱାଭାବିକ।

ତେବେ ଏହି ଦ୍ୱୀପର ସ୍ଥିତି ଓ ବାସ୍ତବତାକୁ ପ୍ରଥମେ ଜାଣିବା ଉଚିତ। ଶ୍ରୀଲଙ୍କା ଓ ଭାରତ ମଝିରେ ଥିବା ମାନ୍ନାର ଉପସାଗର ସଂଲଗ୍ନ ପୟପ୍ରଣାଳୀ (ପ୍ରାକ୍ ଷ୍ଟ୍ରେଟ୍)ର ଉପରିଭାଗରେ ଥିବା ଅନେକ ଦ୍ୱୀପପୁଞ୍ଜ ମଧ୍ୟରୁ କଚ୍ଛତିଭୁ ଗୋଟିଏ। ଭୌଗୋଳିକ ଦୃଷ୍ଟିରୁ ଏହା ଭାରତର ରାମେଶ୍ୱର ଏବଂ ଶ୍ରୀଲଙ୍କାର ନେଦୁତିଦୁର ଦ୍ୱୀପର ଠିକ୍ ମଝିରେ ଅବସ୍ଥିତ। ପାକ୍‌ଷ୍ଟ୍ରେଟ୍‌ର ପ୍ରସ୍ତ ୩୦ ରୁ ୫୦ କିମି ମଧ୍ୟରେ। ରାମେଶ୍ୱରଠାରୁ ପ୍ରାୟ ୨୫ କିମି ଉତ୍ତର- ପୂର୍ବକୁ ଏହି ଦ୍ୱୀପଟି ରହିଛି ଏବଂ ଏହା ଶ୍ରୀଲଙ୍କାର ତାମିଲ ଅଧ୍ୟୁଷିତ ଜାଫନା ଜିଲ୍ଲା ଅନ୍ତର୍ଗତ। ଦ୍ୱୀପଟିର ଆୟତନ ମାତ୍ର ୨୮୫ ଏକର ଏବଂ ଏଠାରେ କୌଣସି ଜନବସତି ନାହିଁ। ଜଣେ ତାମିଲ ଖ୍ରୀଷ୍ଟିୟାନ ସେଠାରେ ଅନେକ ଦିନତଳୁ ସେଣ୍ଟ ଆଣ୍ଟୋନୀଙ୍କର ଏକ ପ୍ରତିମୂର୍ତ୍ତି ନିର୍ମାଣ କରିଛନ୍ତି, ଯାହାକୁ ଦୁଇଦେଶର ଖ୍ରୀଷ୍ଟିୟାନ ମତ୍ସ୍ୟଜୀବୀମାନେ ପୂଜା କରନ୍ତି ଏବଂ ବର୍ଷକୁ ଥରେ ଦୁଇଥର ସେଠାରେ ଧାର୍ମିକ ସମାବେଶ ହୁଏ। ବ୍ରିଟିଶ ଶାସନକାଳରେ ୧୯୨୧ ଯାଏଁ ଏହି ଦ୍ୱୀପ ବ୍ରିଟିଶ-ସିଲୋନ ଶାସକଙ୍କ ନିୟନ୍ତ୍ରଣରେ ଥିଲା ଏବଂ ବ୍ରିଟିଶ-ଇଣ୍ଡିଆର ଏହା ଉପରେ କୌଣସି ଦଖଲ ନଥିଲା। ଦେଶ ସ୍ୱାଧୀନ ହେବା ପରେ ୧୯୪୭ରୁ ଏହାକୁ ନେଇ ବିବାଦ ଆରମ୍ଭ ହେଲା ଏବଂ ଦ୍ରାବିଡ଼ ଦଳମାନେ ଏହା ପ୍ରାଚୀନ ରାମନାଡ଼ (ରାମେଶ୍ୱର) ରାଜ୍ୟର ଅଂଶ ବୋଲି କହି ଏହାଉପରେ ଭାରତର ସାର୍ବଭୌମତ୍ୱ ଦାବି କଲେ। ୧୯୭୪ ଯାଏଁ ଏହି ବିବାଦ ଲାଗି ରହିଥିଲା।

ଜନଶୂନ୍ୟ ଏହି ଦ୍ୱୀପ ମତ୍ସ୍ୟଜୀବୀଙ୍କ ଆଶ୍ରୟସ୍ଥଳ ବ୍ୟତୀତ ଏହାର ଅନ୍ୟ କୌଣସି ଗୁରୁତ୍ୱ ନଥିଲା। ଏବେ ମଧ୍ୟ ନାହିଁ। ତେବେ ଦୁଇଦେଶ ମଧ୍ୟରେ ସାମୁଦ୍ରିକ ଜଳସୀମା ଓ ସ୍ୱତନ୍ତ୍ର ସାମୁଦ୍ରିକ ଅର୍ଥନୈତିକ ଇଲାକାର ସୀମା ନିର୍ଦ୍ଧାରଣ ପାଇଁ ଏକ ଚୁକ୍ତିର ଆବଶ୍ୟକତା ପଡ଼ିଲା। ତଦନୁସାରେ ୧୯୭୬ରେ ଇନ୍ଦିରା ଗାନ୍ଧୀଙ୍କ ଶାସନକାଳରେ ଦୁଇଦେଶ ମଧ୍ୟରେ ଏକ ଚୁକ୍ତି ସ୍ୱାକ୍ଷରିତ ହେଲା, ଯେଉଁଥିରେ କଚ୍ଛତିଭୁ ଦ୍ୱୀପ ଶ୍ରୀଲଙ୍କା ଭାଗରେ ପଡ଼ିଲା। ଭାରତ ମଧ୍ୟ ଏହା ଉପରେ ଶ୍ରୀଲଙ୍କାର ସାର୍ବଭୌମତ୍ୱକୁ ସ୍ୱୀକୃତି ଦେଇଥିଲା। ଯେହେତୁ ଏହା ମୂଳ ବ୍ରିଟିଶ-ଇଣ୍ଡିଆର ଅନ୍ତର୍ଭୁକ୍ତ ନଥିଲା, ତେଣୁ ତାହାର ମାଲିକାନାକୁ ନେଇ ବିଶେଷ ଗୁରୁତ୍ୱ ଭାରତ ଦେଇ ନଥିଲା। ତେବେ ତାମିଲନାଡୁର କିଛି ରାଜନୈତିକ ଦଳ, ବିଶେଷକରି ଡିଏମ୍‌କେ ଏହାକୁ ଦୃଢ଼ ବିରୋଧ କରି ରାଜନୈତିକ ପ୍ରସଙ୍ଗ କରିଥିଲା। ତେବେ ନିର୍ବାଚନ ରାଜନୀତିରେ ଏହା ଆଦୌ ପ୍ରଭାବଶାଳୀ ହୋଇନଥିଲା। ଭାରତ ଶ୍ରୀଲଙ୍କା ସାମୁଦ୍ରିକ ଜଳସୀମା ରାଜିନାମା ପରେ ଦୁଇଦେଶର ମତ୍ସ୍ୟଜୀବୀ ଏହି ଅଞ୍ଚଳରେ ନିଜ ଇଲାକା ମଧ୍ୟରେ ମାଛମାରିବା ସହ ଅନ୍ୟାନ୍ୟ କାର୍ଯ୍ୟ ଅନାୟସରେ କରିପାରିଲେ। ଏହି ଦ୍ୱୀପକୁ ଯିବା ପାଇଁ ଭାରତୀୟ ତୀର୍ଥଯାତ୍ରୀଙ୍କ ପାଇଁ ଭିସା ବା ଅନୁମତିପତ୍ରର ଆବଶ୍ୟକତାକୁ ମଧ୍ୟ ଚୁକ୍ତିରେ ଉଠାଇ ଦିଆଯାଇଥିଲା ଏବଂ ସେ ବ୍ୟବସ୍ଥା ଏ ଯାଏଁ ଅବ୍ୟାହତ ରହିଛି।

ପ୍ରକୃତରେ ଦେଖିବାକୁ ଗଲେ ଏହି ଦ୍ୱୀପର ମାଲିକାନା ଆଦୌ ଏକ ପ୍ରସଙ୍ଗ ନୁହେଁ। ଲୋକେ ଏହାକୁ ଭୁଲି ଯାଇଛନ୍ତି ଓ ତାମିଲନାଡୁର ଲୋକଙ୍କ ପାଇଁ ଏହା ଆଉ ପ୍ରସଙ୍ଗ ହୋଇ ରହିନାହିଁ। ବୋଧହୁଏ ତାମିଲ ଏବଂ ଭାରତୀୟ ଭାବୋଚ୍ଛ୍ୱାସକୁ ସ୍ପନ୍ଦିତ କରିବା ପାଇଁ ଏହାକୁ ପରୀକ୍ଷାମୂଳକ ଭାବେ ଏକ ରାଜନୈତିକ ପ୍ରସଙ୍ଗ କରାଯାଉଛି। ପାକ୍ ଅଧିକୃତ କାଶ୍ମୀର ବରଂ ଏହାଠାରୁ ଏକ ସମ୍ବେଦନଶୀଳ ପ୍ରସଙ୍ଗ। ଯାହା ଭାରତର ନଥିଲା, ତା'କୁ ଭାରତର କହି ଶାସ୍ତ୍ରପୁରାଣର ପ୍ରମାଣ ରଖି ନିଜର କହିବା ଏବଂ ଦୀର୍ଘଦିନର ଏକ ସମାହିତ ପ୍ରସଙ୍ଗକୁ ରାଜନୈତିକ ଉଦ୍ଦେଶ୍ୟ ରଖି ଉସୁକାଇବା ଠିକ୍ ନୁହେଁ। ଏହାଫଳରେ ପଡ଼ୋଶୀ ଶ୍ରୀଲଙ୍କା ସହିତ ଭାରତର ସମ୍ପର୍କ କ୍ଷୁଣ୍ଣ ହେବ। ଏବେ ତ ଭାରତର ଅନେକ ପଡ଼ୋଶୀ ଶତ୍ରୁତା ଆଚରଣ କରୁଛନ୍ତି। ଏଭଳି ସ୍ଥଳେ ଏକ ଜନଶୂନ୍ୟ ଦ୍ୱୀପକୁ ନେଇ ବିବାଦ ସୃଷ୍ଟି କରିବା ଅନାବଶ୍ୟକ। ପାକ୍ ଷ୍ଟ୍ରେଟ୍ ଓ ମାନ୍ନାର ଉପସାଗର ଅଗଭୀର କାରଣରୁ ବଡ଼ ବଡ଼ ଜାହାଜ ଚଳାଚଳ ପାଇଁ ଅନୁପଯୁକ୍ତ। ତେଣୁ ଏହି ଅଞ୍ଚଳର ସାମରିକ ଗୁରୁତ୍ୱ ବିଶେଷ ନାହିଁ। ସେମିତି ଦେଖିଲେ ଭାରତର ମୋଟ୍ ୧୩୮୨ଟି ଦ୍ୱୀପ ରହିଛି ଓ ସେଥିରୁ ବେଶ୍ କିଛି ଜନଶୂନ୍ୟ। ତେଣୁ ଏଭଳି ସ୍ଥିତିରେ ଏକ ଛୋଟ ଦ୍ୱୀପକୁ ନେଇ ଅଯଥା ରାଜନୀତି କରିବା ଠିକ୍ ନୁହେଁ।

ରାଜନୀତି ପାଇଁ ରାଜନୀତି କରିବା ଓ ଅପ୍ରସଙ୍ଗକୁ ପ୍ରସଙ୍ଗ କରାଇବା ସାମ୍ପ୍ରତିକ ନିର୍ବାଚନ ପରିବେଶରେ କାହା ପାଇଁ ହୁଏତ ଦରକାରୀ ହୋଇପାରେ; କିନ୍ତୁ ଭୋଟରଙ୍କ ଉପରେ ଏହାର ପ୍ରଭାବ ବିଶେଷ ପଡ଼ିବା ସମ୍ଭାବନା କ୍ଷୀଣ। ଅବଶ୍ୟ ଦେଶର ଏକତା, ସଂହତି, ଆଞ୍ଚଳିକ ଅଖଣ୍ଡତାକୁ ନିର୍ବାଚନରେ ପ୍ରସଙ୍ଗ କରି ବିପକ୍ଷକୁ ଦୋଷ ଦେବା ଗର୍ହିତ ହୋଇ ନପାରେ। ତେବେ ଇତିହାସକୁ ବଦଳାଇବା ଓ ସତ୍ୟକୁ ଲୁଚାଇବା ସମ୍ଭବ ନୁହେଁ। ଆମ ରାଜନୈତିକ ଦଳ ଓ ଏହାର ନେତାମାନେ ଯଥାର୍ଥ ପ୍ରସଙ୍ଗ ଉତ୍‌ଥାପନ କରି ପରସ୍ପରକୁ ଅକଳରେ ପକାଇଲେ ଭୋଟରଙ୍କ ଉପରେ ଏହାର ପ୍ରଭାବ ପଡ଼ିବ। ଅପ୍ରସଙ୍ଗକୁ ପ୍ରସଙ୍ଗ କଲେ ବିଶେଷ କିଛି ଲାଭ ମିଳିବ ନାହିଁ।

# ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ଇତିହାସ



ପଣ୍ଡିତ ଡ. ଅନ୍ତର୍ଯ୍ୟାମୀ ମିଶ୍ର
ଢେଙ୍କାନାଳ, ମୋ: ୮୮୯୫୨୩୦୭୨୨

ପ୍ରାକୃତିକ ରୂପଲାବଣ୍ୟଭରା ଓଡ଼ିଶା ପ୍ରାଚୀନଯୁଗରୁ ଉଡ୍ର, କଳିଙ୍ଗ, ଉତ୍କଳିଙ୍ଗ, ଉତ୍କଳ, ତୋଷଳ, କଙ୍ଗୋଦ ଓ ଓଡ଼ିଶା ଆଦି ବହୁ ନାମରେ ପରିଚିତ ଥିଲା। ପୂର୍ବରେ ମହୋଦଧିଠାରୁ ପଶ୍ଚିମରେ ଅମରକଣ୍ଟକ ଏବଂ ଉତ୍ତରରେ ଗଙ୍ଗାଠାରୁ ଦକ୍ଷିଣରେ ଗୋଦାବରୀ ପର୍ଯ୍ୟନ୍ତ ବିସ୍ତୃତ ଏହି ବିଶାଳ ଭୂଖଣ୍ଡରେ ଚୈତ୍ର, ଭୌମ, ଶୁଳ୍କୀ, ଭଞ୍ଜ, ତୁଙ୍ଗ, ମଦୋଭବ, ମୁଣ୍ଡଳ, ସୋମ, ଗଙ୍ଗ, ସୂର୍ଯ୍ୟ ଓ ଭୋଇବଂଶର ବହୁ ନରପତି ଶାସନ କରି ଅକ୍ଷୟ ଯଶ ରଖିଯାଇଛନ୍ତି। ରାମାୟଣ, ମହାଭାରତ, କପିଳସଂହିତା, ବୃହତ୍‌ସଂହିତା, ଶକ୍ତିସଙ୍ଗମ ତନ୍ତ୍ର, ତ୍ରିକାଣ୍ଡ କୋଷ, ତନ୍ତ୍ର ଯାମଳ, ସ୍କନ୍ଦ ପୁରାଣ, ବ୍ରହ୍ମପୁରାଣ, ହରିବଂଶ, ବୋଧାୟନ ସୂତ୍ର, ଦିଗ୍‌ବିଜୟ ପ୍ରକାଶ, ମତ୍ସ୍ୟ ପୁରାଣ ପ୍ରଭୃତି ଅଗଣିତ ପ୍ରାଚୀନ ଶାସ୍ତ୍ରରେ ଏହି ଭୂଖଣ୍ଡର ଗୌରବଗାଥା ଅଙ୍କିତ। ଏହି ପବିତ୍ର ଭୂଖଣ୍ଡ ପ୍ରାଚୀନଯୁଗରୁ ଏକ ଐଶ୍ୱର୍ଯ୍ୟଶାଳୀ, ଉତ୍କୃଷ୍ଟ କଳାକୌଶଳ ଜ୍ଞାତ, ସାମରିକ ଶକ୍ତି ସମ୍ପନ୍ନ ଓ ସାମୁଦ୍ରିକ ବାଣିଜ୍ୟ ସମୃଦ୍ଧ ରାଜ୍ୟ ରୂପେ ବିଶ୍ୱ ଦରବାରରେ ସ୍ୱତନ୍ତ୍ର ଆସନ ଅଳଙ୍କୃତ କରିଥିଲା। ଷୋଡ଼ଶ ଶତାବ୍ଦୀରେ ଏହି ବିଶାଳ ରାଜ୍ୟର ସ୍ୱାଧୀନତା ବିପନ୍ନ ହୋଇ ପର୍ଯ୍ୟାୟକ୍ରମେ ଏହା ଆଫଗାନ, ମୋଗଲ, ମରହଟ୍ଟା ଓ ଇଂଜେମାନଙ୍କ ଶାସନାଧୀନ ହୋଇଥିଲା।

ବହୁ ବିଳମ୍ବରେ, ୧୮୦୩ରେ ଇଂରେଜମାନେ ଓଡ଼ିଶା ଅଧିକାର କଲେ। ସେମାନେ ଆଗଙ୍ଗାଗୋଦାବରୀ ବିସ୍ତୃତ ଓଡ଼ିଶାର ହଜାର ହଜାର ବର୍ଷର ଐତିହ୍ୟ ଓ ସଂସ୍କୃତିକୁ ଭ୍ରୂକୁଞ୍ଚନ କରି ଓଡ଼ିଶାର ଦକ୍ଷିଣାଞ୍ଚଳକୁ ମାଦ୍ରାଜପ୍ରଦେଶ, ପଶ୍ଚିମାଞ୍ଚଳକୁ ମଧ୍ୟପ୍ରଦେଶ ଓ ଉତ୍ତରାଞ୍ଚଳକୁ ବଙ୍ଗପ୍ରଦେଶରେ ମିଶ୍ରଣ କରିଦେଲେ। ଇଂରେଜମାନେ କପଟତା ଅବଲମ୍ବନ ପୂର୍ବକ ୧୮୦୩ରେ ଓଡ଼ିଶା ଅଧିକାର କରିଥିଲେ ହେଁ ଓଡ଼ିଆ ଜାତି ଏହା ସହଜରେ ସ୍ୱୀକାର କରିନଥିଲା। ଏହା ବିରୋଧରେ ଓଡ଼ିଆମାନଙ୍କ ଦ୍ୱାରା ସଂଗଠିତ ୧୮୧୭ ମସିହାରେ ପାଇକବିଦ୍ରୋହ ଥିଲା ଭାରତର ପ୍ରଥମ ସ୍ୱାଧୀନତା ସଂଗ୍ରାମ। ଓଡ଼ିଆମାନେ ଦୀର୍ଘ ଆଠବର୍ଷ କାଳ ଏହି ସଂଗ୍ରାମ ଜାରି ରଖିଥିଲେ। ଏପରିକି ଓଡ଼ିଆ ପାଇକଙ୍କ ଭୟରେ ଇଂରେଜ ପ୍ରଶାସକମାନେ ଖୋର୍ଦ୍ଧା ପରିତ୍ୟାଗ ପୂର୍ବକ ପଳାୟନ କରିଥିଲେ। ସେଥିପାଇଁ ଇଂରେଜମାନେ ଓଡ଼ିଆଙ୍କୁ ଦୁର୍ଦ୍ଧର୍ଷ ବିବେଚନା କରି ଭୟରେ ବିଶାଳ ଓଡ଼ିଶାକୁ ଖଣ୍ଡ ଖଣ୍ଡ କରି ଭିନ୍ନ ଭିନ୍ନ ପ୍ରଦେଶ ଅଧୀନରେ ରଖିଲେ। ପରିଣାମସ୍ୱରୂପ ଐତିହ୍ୟମୟ ଓ ଗୌରବମୟ ଓଡ଼ିଶା ଭୂଖଣ୍ଡ ସ୍ୱାତନ୍ତ୍ର୍ୟ ହରାଇ ବସିଲା ତଥା ଓଡ଼ିଶାବାସୀ ପ୍ରଶାସନ, ଶିକ୍ଷା, ସ୍ୱାସ୍ଥ୍ୟ ଆଦିର ସାମାନ୍ୟତମ ସୁବିଧାରୁ ବଞ୍ଚିତ ହୋଇ ଘୋର ଦୁର୍ଦ୍ଦଶାରେ କାଳାତିପାତ କରିବାକୁ ଲାଗିଲେ। ସେତେବେଳେ ଇଂରେଜମାନଙ୍କ ସହ ବଙ୍ଗାଳୀ ଓ ତେଲଙ୍ଗା ଥିଲେ ଓଡ଼ିଶାର ଶୋଷକ। ସଦାକାଳେ ବନ୍ୟା, ବାତ୍ୟା, ମରୁଡ଼ି ଓ ଦୁର୍ଭିକ୍ଷ ପ୍ରପୀଡ଼ିତ ଓଡ଼ିଶାରେ ୧୮୬୫-୬୬ ମସିହାରେ ଏକ ବଡ଼ ଦୁର୍ଭିକ୍ଷ ପଡ଼ିଲା। ଏହି ଦୁର୍ଭିକ୍ଷ ଗଜପତି ମହାରାଜା ଦିବ୍ୟସିଂହଦେବଙ୍କ ନଅ ଅଙ୍କରେ ପଡ଼ିଥିବାରୁ ଏହାକୁ 'ନଅଙ୍କ ଦୁର୍ଭିକ୍ଷ' କୁହାଯାଉଥିଲା। ଇଂରେଜ ସରକାରଙ୍କ ରିପୋର୍ଟ ଅନୁଯାୟୀ ଏହି ଦୁର୍ଭିକ୍ଷରେ ଏକ ଲକ୍ଷ ଲୋକ ପ୍ରାଣ ହରାଇଥିଲେ ବୋଲି କୁହାଯାଇଥିଲେ ହେଁ ପ୍ରକୃତରେ ଦଶଲକ୍ଷ ଲୋକ ପ୍ରାଣ ହରାଇଥିଲେ ଓ କୋଡ଼ିଏ ଲକ୍ଷ ଲୋକ ନିରାଶ୍ରୟ ହୋଇଗଲେ। ପ୍ରମୁଖ ଓଡ଼ିଶାବାସୀଙ୍କର ଦାବି ଓ ଆପତ୍ତିକ୍ରମେ ବିଲାତସ୍ଥିତ ଭାରତ-ବ୍ୟାପାର ସଚିବ ସାର୍ ଷ୍ଟାଫୋର୍ଡ ନର୍ଥକୋଟ ତଦନ୍ତ କରି ରିପୋର୍ଟ ଦେଲେ ଯେ ବଙ୍ଗ, ବିହାର ଓ ଓଡ଼ିଶାକୁ ଏକତ୍ର କରି ରଖାଯାଇଥିବାରୁ, ପ୍ରଶାସନ ଏହି ବିଶାଳ ଭୂଖଣ୍ଡର ଶାସନ ନିୟନ୍ତ୍ରଣ କରିପାରିଲେ ନାହିଁ। ଏହି କାରଣରୁ ଓଡ଼ିଶାର ଅକଥନୀୟ ଅବସ୍ଥା ଘଟିଲା। ଏହାପରେ ବାଲେଶ୍ୱର ରାଜା ଶ୍ୟାମାନନ୍ଦ ଦେ, ଢେଙ୍କାନାଳ ରାଜା ଭଗୀରଥ ମହୀନ୍ଦ୍ର ଓ ବିଚିତ୍ରାନନ୍ଦ ଦାସ ପ୍ରଭୃତି ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ନିମିତ୍ତ ସରକାରଙ୍କଠାରେ ଦାବି ଜଣାଇଲେ। କିନ୍ତୁ ଇଂରେଜ ସରକାର କର୍ଣ୍ଣପାତ କଲେନାହିଁ।



ନ'ଅଙ୍କ ଦୁର୍ଭିକ୍ଷ ପରେ କେତେଜଣ କୁଚକ୍ରୀ ଓଡ଼ିଆ ଭାଷା ବିଲୋପ ନିମିତ୍ତ ଉଦ୍ୟମ କରି 'ଓଡ଼ିଆ ଏକ ସ୍ୱତନ୍ତ୍ର ଭାଷା ନୟ' ନାମରେ ଏକ ପତ୍ରିକା ପ୍ରକାଶନ କଲେ। ଏହାର ପ୍ରତିବାଦରେ ଓଡ଼ିଆ ଭାଷା ସୁରକ୍ଷା ଆନ୍ଦୋଳନ ତେଜିଉଠିଲା। ଏହି ଆନ୍ଦୋଳନରେ ଅଗଣିତ ଓଡ଼ିଆ ଯୋଗ ଦେଇଥିଲେ। ସେମାନଙ୍କ ମଧ୍ୟରେ ପ୍ରମୁଖ ଥିଲେ ମଧୁସୂଦନ ଦାସ, ଫକୀରମୋହନ ସେନାପତି, ରାମଚନ୍ଦ୍ର ଭଞ୍ଜଦେଓ, ଭଗବାନ ଦାସ, ମଧୁସୂଦନ ରାଓ, ଗୌରୀଶଙ୍କର ରାୟ, ନୀଳମଣି ବିଦ୍ୟାରତ୍ନ ପ୍ରଭୃତି। ସମ୍ବଲପୁର କଚେରୀରୁ ଓଡ଼ିଆ ଭାଷା ଉଠିଯିବାରୁ ସମ୍ବଲପୁରବାସୀ ଏହାର ଦୃଢ଼ ପ୍ରତିବାଦ କଲେ ଏବଂ ସମ୍ବଲପୁର ଅଞ୍ଚଳକୁ ମଧ୍ୟପ୍ରଦେଶରୁ ଆଣି ଓଡ଼ିଶା ସହିତ ମିଶ୍ରଣ ଦାବି କଲେ। ସମ୍ବଲପୁରର ପ୍ରମୁଖ ନେତୃବର୍ଗ ଥିଲେ ଗଙ୍ଗାଧର ମେହେର, ବ୍ରଜମୋହନ ପଟ୍ଟନାୟକ, ବଳଭଦ୍ର ସୁଆର, ଧରଣୀଧର ମିଶ୍ର, ମହନ୍ତ ବିହାରୀ ଦାସ, ମଦନମୋହନ ମିଶ୍ର ଓ ଶ୍ରୀପତି ମିଶ୍ର। ଗଞ୍ଜାମ ଅଞ୍ଚଳକୁ ମାନ୍ଦ୍ରାଜରୁ ଆଣି ଓଡ଼ିଶା ସହିତ ମିଶାଇବା ନିମିତ୍ତ ଗଞ୍ଜାମବାସୀ ମଧ୍ୟ ଦାବି କଲେ। ଏହାର ନେତୃତ୍ୱ ନେଇଥିଲେ ହରିହର ମର୍ଦ୍ଦରାଜ, ହରିହର ପଣ୍ଡା, ବଳରାମ ମହାରଣା, ଶ୍ୟାମସୁନ୍ଦର ରାଜଗୁରୁ, ନରସିଂହ ଦାସ, ଶଶୀଭୂଷଣ ରଥ ଓ ବିଶ୍ୱନାଥ ମିଶ୍ର ପ୍ରମୁଖ। କଟକର ଗୌରୀଶଙ୍କର ରାୟ, ରାମଶଙ୍କର ରାୟ, ପ୍ୟାରୀମୋହନ ଆଚାର୍ଯ୍ୟ ତଥା ପୁରୀର ରାମଚନ୍ଦ୍ର ଦାସ ମଧ୍ୟ ଏହା ସପକ୍ଷରେ ସ୍ୱର ଉତ୍ତୋଳନ କରିଥିଲେ।

୧୮୮୨ରେ ଉତ୍କଳସଭା ଗଠନ କରାଗଲା ତଥା ଏହି ସଭା ଭାଷା ସୂତ୍ରରେ ଓଡ଼ିଶା ପ୍ରଦେଶ ଗଠନର ଦାବି କଲା। ୧୯୦୩ରେ 'ଗଞ୍ଜାମ ଜାତୀୟ ସମିତି' ଗଠନ କରାଗଲା। ମଧୁବାବୁଙ୍କ ଅନୁରୋଧ ଓ ପରାମର୍ଶକ୍ରମେ ଏହାକୁ 'ଉତ୍କଳ ସମ୍ମିଳନୀ'ରେ ରୂପାନ୍ତରିତ କରାଗଲା। ମୟୂରଭଞ୍ଜ ମହାରାଜା ରାମଚନ୍ଦ୍ର ଭଞ୍ଜଦେଓଙ୍କ ଅଧ୍ୟକ୍ଷତାରେ କଟକଠାରେ ୧୯୦୩ ମସିହା ଡିସେମ୍ବର ୩୦ ଓ ୩୧ ତାରିଖରେ ଉତ୍କଳ ସମ୍ମିଳନୀର ପ୍ରଥମ ଅଧିବେଶନ ଅନୁଷ୍ଠିତ ହେଲା। ଏହିସଭାର ନିଷ୍ପତ୍ତିକ୍ରମେ ଓଡ଼ିଆ ଭାଷାଭାଷୀ ଅଞ୍ଚଳକୁ ନେଇ ଓଡ଼ିଶା ପ୍ରଦେଶ ଗଠନ ଦାବି ବମ୍ବେଠାରେ ଅନୁଷ୍ଠିତ ହେବାକୁ ଥିବା କଂଗ୍ରେସ ଅଧିବେଶନରେ ଉପସ୍ଥାପନା କରାଯିବାକୁ ସ୍ଥିରୀକୃତ ହେଲା। ଉତ୍କଳ ସମ୍ମିଳନୀର ମୂଳ ଲକ୍ଷ୍ୟ ଥିଲା ଓଡ଼ିଆ ଭାଷାଭାଷୀ ଅଞ୍ଚଳ ସମୂହର ଏକତ୍ରୀକରଣ ତଥା ଓଡ଼ିଆଙ୍କ ସ୍ୱାର୍ଥରକ୍ଷା।

୧୯୦୫ରେ ଇଂରେଜ ସରକାର ବଙ୍ଗ ପ୍ରଦେଶକୁ ପୂର୍ବବଙ୍ଗ ଓ ପଶ୍ଚିମବଙ୍ଗ ନାମରେ ଦୁଇ ଭାଗରେ ବିଭକ୍ତ କରିଥିଲେ। ଏହା ବିରୁଦ୍ଧରେ ବଙ୍ଗାଳୀମାନେ ବିପ୍ଳବାତ୍ମକ ପନ୍ଥା ଗ୍ରହଣ କରିବାରୁ ବ୍ରିଟିଶ ସରକାର 'ବଙ୍ଗ ଭଙ୍ଗ' ପ୍ରସ୍ତାବ ସ୍ଥଗିତ ରଖି ୧୯୧୧ ମସିହାରେ ବିହାର ଓ ଓଡ଼ିଶାକୁ ବଙ୍ଗପ୍ରଦେଶରୁ ଅଲଗା କରି ଏକ ଅଲଗା ମିଳିତ ପ୍ରଦେଶ ଭାବରେ ରଖିଲେ। ୧୯୦୬ରେ ଚେମସ୍ଫୋର୍ଡ ଓ ମଣ୍ଟେଗ୍ୟୁଙ୍କୁ ନେଇ ଗଠିତ ଶାସନସଂସ୍କାର କମିଟି ନିକଟରେ ମଧୁସୂଦନ ଦାସ, ଗୋପବନ୍ଧୁ ଦାସ, ରାଜେନ୍ଦ୍ର ନାରାୟଣ ଭଞ୍ଜଦେଓ, ସୁଦାମ ଚରଣ ନାୟକ, ବ୍ରଜସୁନ୍ଦର ଦାସ, ହରିହର ପଣ୍ଡା ଓ ଶୋଭାଚନ୍ଦ୍ର ସିଂହଦେଓ ପ୍ରଭୃତି ନେତୃବର୍ଗ ଓଡ଼ିଆ ଭାଷାଭାଷୀ ଅଞ୍ଚଳକୁ ଏକ ସ୍ୱତନ୍ତ୍ର ପ୍ରଦେଶ କରିବା ନିମିତ୍ତ ଦୃଢ଼ ଦାବି ଉପସ୍ଥାପନା କଲେ। ମଣ୍ଟେଗ୍ୟୁ- ଚେମସ୍‌ଫୋର୍ଡ ରିପୋର୍ଟରେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ନିମିତ୍ତ ସୁପାରିସ କରାଯାଇଥିଲା। ୧୯୩୧ରେ ଲଣ୍ଡନରେ ଅନୁଷ୍ଠିତ ଗୋଲଟେବୁଲ ବୈଠକରେ ପାରଳା ମହାରାଜା କୃଷ୍ଣଚନ୍ଦ୍ର ଗଜପତି ଓଡ଼ିଶାରୁ ପ୍ରତିନିଧିତ୍ୱ କରିଥିଲେ ତଥା ଦୃଢ଼ ବକ୍ତବ୍ୟ ଉପସ୍ଥାପନା ସହ ସ୍ୱତନ୍ତ୍ର ଓଡ଼ିଶା ଗଠନ ଦାବି ଜଣାଇଥିଲେ। ପରିଶେଷରେ ଇଂରେଜ ସରକାର ଓଡ଼ିଆ ଭାଷାଭାଷୀ ଅଞ୍ଚଳ ଚିହ୍ନଟ ପାଇଁ ସୀମା କମିଶନ ବସାଇଲେ। କିନ୍ତୁ ସୀମା କମିଶନଙ୍କ ରିପୋର୍ଟ ଅନୁଯାୟୀ ଓଡ଼ିଆ ଭାଷାଭାଷୀ ଅଞ୍ଚଳ ମେଦିନୀପୁର, ଚାଇଁବସା, ଛୋଟନାଗପୁର, ଚକ୍ରଧରପୁର, ବସ୍ତର, ରାୟପୁର, ମଞ୍ଜୁସା, ଟିକାଲି, ଜଳନ୍ତର, ତରଳା ଓ ପାରଳାଖେମୁଣ୍ଡିର କିଛି ଅଞ୍ଚଳ ଓଡ଼ିଶା ବାହାରେ ରହିଗଲା। ତେଣୁ ଏଥିରେ ଓଡ଼ିଶାବାସୀ ସନ୍ତୁଷ୍ଟ ନଥିଲେ। ତଥାପି ଇଂରେଜ ସରକାର ୧୯୩୬ ଏପ୍ରିଲ ୧ ତାରିଖରୁ ଓଡ଼ିଶାକୁ ସ୍ୱତନ୍ତ୍ର ପ୍ରଦେଶ ଘୋଷଣା କରିଦେଲେ। କିନ୍ତୁ ତାହା ଥିଲା ଏକ ଖଣ୍ଡିତ ଓଡ଼ିଶା। ଏହି ଖଣ୍ଡିତ ଓଡ଼ିଶା ଘୋଷିତ ହେବାବେଳକୁ ଉତ୍କଳଗୌରବ ମଧୁସୂଦନ ଦାସ ଓ ଉତ୍କଳମଣି ଗୋପବନ୍ଧୁ ଦାସ ପ୍ରଭୃତି ତୁଙ୍ଗ ନେତା ଜୀବିତ ନଥିଲେ। ଓଡ଼ିଶାବାସୀଙ୍କ ସ୍ୱପ୍ନ ସମ୍ପୂର୍ଣ୍ଣ ସାକାର ହୋଇପାରିଲା ନାହିଁ। ଏହାପରେ ଦେଶ ସ୍ୱାଧୀନ ହେଲାପରେ, ଅବସ୍ଥାଚକ୍ରରେ ଷଢ଼େଇକଳା ଓ ଖରସୁଆଁ ଅଞ୍ଚଳ ମଧ୍ୟ ଓଡ଼ିଶାରୁ ବିଚ୍ଛିନ୍ନ ହୋଇଗଲା। ପୂର୍ଣ୍ଣାଙ୍ଗ ଓଡ଼ିଶା ଗଠନର ଆଶା ଆଶାରେ ହିଁ ରହିଗଲା।

ଏବେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ଅଠାଅଶୀ ବର୍ଷ ପୂରି ଗଲାଣି । ଓଡ଼ିଶା ଆଉ ପୂର୍ବଭଳି ପଛୁଆ ରାଜ୍ୟ ହୋଇ ରହିନାହିଁ। ଓଡ଼ିଶାର ଶିକ୍ଷା, ସାମାଜିକ ଓ ଅର୍ଥନୈତିକ କ୍ଷେତ୍ରରେ ଅନେକ ବିକାଶ ଘଟିଛି। ଯେଉଁ ଓଡ଼ିଆ ଭାଷାକୁ ଆଧାର କରି ଓଡ଼ିଶା ଭାରତର ପ୍ରଥମ ଭାଷାଭିତ୍ତିକ ପ୍ରଦେଶ ଗଠନର ସମ୍ମାନ ଲାଭ କରିଥିଲା, ସେହି ଓଡ଼ିଆ ଭାଷା ଆଜି ଶାସ୍ତ୍ରୀୟ ତଥା ପ୍ରାଚୀନ ଭାଷା ଭାବରେ ଜାତୀୟ ସ୍ତରରେ ମଧ୍ୟ ମାନ୍ୟତା ପାଇଛି। କିନ୍ତୁ ଆମ ମାତୃଭାଷାର ଉପଯୁକ୍ତ ପ୍ରତିଷ୍ଠା ସ୍ଥାପନ ପାଇଁ ଆମକୁ ଆହୁରି ବହୁତ କିଛି କରିବାକୁ ହେବ। ଏହି ପରିପ୍ରେକ୍ଷୀରେ ସ୍ୱତନ୍ତ୍ର ଉତ୍କଳ ଦିବସ ହେଉଛି ପ୍ରତ୍ୟେକ ଓଡ଼ିଆଙ୍କ ନିମିତ୍ତ ଆତ୍ମଚିନ୍ତନ ଓ ଓଡ଼ିଶାର ଉଜ୍ଜ୍ୱଳ ଭବିଷ୍ୟତ ଗଠନ ପାଇଁ ଏକ ପବିତ୍ର ସଙ୍କଳ୍ପର ଦିବସ।

# ମୁଁ କିଛି ଜାଣିନି...



ଛନ୍ଦା ମିଶ୍ର
ଭୁବନେଶ୍ୱର, ୯୪୩୭୪୫୩୬୧୦

ପଣ୍ଡିତଙ୍କ ମନରେ ଖୁବ୍ ଅଭିମାନ, ତାଙ୍କ ପରି ଜ୍ଞାନୀ ଏ ଖଣ୍ଡମଣ୍ଡଳରେ ନାହାନ୍ତି। ସେଇଥିପାଇଁ ତ ରାଜାଙ୍କଠାରୁ ମହାଜନଙ୍କ ପର୍ଯ୍ୟନ୍ତ ସମସ୍ତେ ଧାଡ଼ି ଲଗାଇଛନ୍ତି ତାଙ୍କ ନିକଟରେ ନିଜ ସନ୍ତାନମାନଙ୍କ ତାଲିମ୍ ନିମନ୍ତେ। ସେ ଯେପରି ସଂସ୍କୃତ ଶ୍ଳୋକ ଉଚ୍ଚାରଣ କରନ୍ତି, ଶୁଣିବା ଲୋକ ପରା ରହିଯାଏ ସ୍ଥାଣୁ ହୋଇ। କେତେ ପଣ୍ଡିତଙ୍କୁ ସେ ନିଜ ପାଣ୍ଡିତ୍ୟ ବଳରେ ହରାଇଛନ୍ତି। ପୂଜାବିଧିର ସମସ୍ତ ନୀତି ନିୟମ ପାଳନ କରିବାରେ ସେ ଯେପରି ସିଦ୍ଧହସ୍ତ ସେପରି କଠୋର। ସାମାନ୍ୟ ଅବହେଳାକୁ ସେ ବରଦାସ୍ତ କରନ୍ତି ନାହିଁ। କିନ୍ତୁ ଆଜି ସାମାନ୍ୟ, ନିରକ୍ଷର ଗାଉଁଲି ମହିଳାଟିଏ ତାଙ୍କୁ ହତବାକ୍ କରିଦେଲା, ଦର୍ପଣ ଦେଖାଇ ଦେଲା ଯେ ତୁମର ସମସ୍ତ ପାଣ୍ଡିତ୍ୟ ବୃଥା ମୋ ନିର୍ମଳ ହୃଦୟ ଆଗରେ!

ବର୍ଷା ଋତୁ। ନଦୀରେ ଭରା ସୁଅ। ନଦୀରେ ଡଙ୍ଗା ପକାଇବାକୁ ନାଉରୀ ଡରୁଛି। ନଦୀ ସେପାରିରୁ ଗଉଡୁଣୀ ବିଚାରୀ କ୍ଷୀର ଆଣି ଦେବ ବା କେମିତି! ଏପଟେ ଚିନ୍ତା ଘାରୁଛି, କ୍ଷୀର ନହେଲେ ପଣ୍ଡିତଙ୍କର ଚଳେ ନାହିଁ, କେଡେ ବଡ଼ ପଣ୍ଡିତ, ତାଙ୍କର ଅସୁବିଧା ହେଲେ, ଗଉଡୁଣୀକୁ ପାପ ଲାଗିବ ଯେ! ନଦୀରେ ଟିକେ ସୁଅ କମିଲାରୁ ନାଉରୀକୁ ନେହୁରା ହୋଇଛି ଗଉଡୁଣୀ ନଦୀ ପାର କରେଇ ଦେବା ପାଇଁ। ନଦୀ ପାର ହେଇ ଯାଇ କ୍ଷୀର ଦେଲା ବେଳକୁ ହୋଇଛି ପଣ୍ଡିତଙ୍କ ରୋଷର ଶିକାର। ଅସୁବିଧା ଜଣାଇ କରିଛି କ୍ଷମାପ୍ରାର୍ଥନା। ପିଲାଙ୍କୁ ନାମତତ୍ତ୍ୱ ପଢ଼ାଉଥିବା ପଣ୍ଡିତେ ବତାଇ ଦେଇଛନ୍ତି ଉପାୟ- 'ଏଇ ଗୋଟେ କଥା! ରାମ ନାମ କହି ପରା ଲୋକେ ଭବସାଗର ପାର ହୋଇ ଯାଉଛନ୍ତି, ଆଉ ଏ ନଦୀ ତ ଛାର...! ଗଉଡୁଣୀକୁ ମିଳି ଯାଇଚି ଉପାୟ। ପରଦିନଠାରୁ କର୍ତ୍ତବ୍ୟରେ ସେ ଆଉ ହେଳା କରିନି। କିନ୍ତୁ ତା'କୁ ନଦୀ ଉପରେ ଚାଲି ଚାଲି ଆସୁଥିବାର ଦେଖି ପଣ୍ଡିତ ହୋଇଛନ୍ତି ଆଚମ୍ବିତ। ହେଲେ ନିଜେ ଯେତେବେଳେ ନିଜ ବତାଇଥିବା ଉପାୟଟିକୁ ପରୀକ୍ଷା କରିବାକୁ ଯାଇଛନ୍ତି, ମନରେ ସଂଶୟ ଥିବାରୁ ପାଣିରେ ପଡ଼ି ହୋଇଛନ୍ତି ଉବୁଟୁବୁ।

ଏ କାହାଣୀଟିରେ ସତ୍ୟତା କେତେ ତାହା ଯେତିକି ମହତ୍ୱପୂର୍ଣ୍ଣ ନୁହେଁ, କାହାଣୀଟିରେ ଲୁଚି ରହିଥିବା ଗୂଢ଼ତତ୍ତ୍ୱଟି ସେତିକି ଗୁରୁତ୍ୱପୂର୍ଣ୍ଣ। ଅହଙ୍କାର, ଅଭିମାନ ପରି ଆବର୍ଜନାଗୁଡ଼ିକ ଯେତେବେଳେ ମନ ଓ ମସ୍ତିଷ୍କକୁ ଆଚ୍ଛନ୍ନ କରିରଖେ, ଦୃଷ୍ଟି ହୁଏ ଭ୍ରମିତ। 'ମୁଁ ସବୁ ଜାଣିଚି'ର ଅନ୍ଧପୁଟୁଳି ଆଖିରେ ବାନ୍ଧି ପଣ୍ଡିତ ବୋଲାଉଥିବା ମଣିଷଟି ଆତଯାତ ହେଉ ହେଉ ଭୁଲି ଯାଇଥାଏ ଯେ ମସ୍ତିଷ୍କର ସୀମିତତା ଭିତରେ ଅସୀମକୁ ଧରି ରଖିଥିବାର ଭ୍ରମ ହିଁ ତା' ଉନ୍ନତିର ପ୍ରଧାନ ପ୍ରତିବନ୍ଧକ। ଯେଉଁଥିପାଇଁ ଚକ୍ଷୁ ଥାଇ ବି ସେ ହୁଏ ଦୃଷ୍ଟିହୀନ। ଏହାକୁ ନେଇ ସୁନ୍ଦର ଢଗଟିଏ ରହିଚି, - 'ଅତି ପଣ୍ଡିତରେ ବାଇ, ନା ମୂରୁଖ ବୋଲାଇ ଥାଇ।' କୁହନ୍ତି ଅତି ଚାଲାକିରେ କାଉ ମଇଳା ଖାଏ। ତେଣୁ ନିଜକୁ ସର୍ବଜ୍ଞ ମନେ କରୁଥିବା ମଣିଷଟିଏ ହିଁ ପଡେ ହରଡଘଣାରେ। ଅପରପକ୍ଷେ 'ମୁଁ କିଛି ଜାଣିନି' କହି ସେହି ଅସୀମ ଜ୍ଞାନର ସାଗ ରେ ଯିଏ ଝାସ ଦିଏ, ସେହି ମହାସାଗର ତାକୁ ମହାଆନନ୍ଦରେ କରନ୍ତି କୋଳାଗ୍ରତ। ନିଷ୍କପଟ ନିର୍ମଳ ଅନ୍ତର ଭିତରକୁ ସ୍ୱୟଂ ଓହ୍ଲାଇ ଆସେ ବିଭୁ କରୁଣା। ସରଳ ହୃଦୟ ଓ ନିର୍ମଳ ମନର ପ୍ରେମରେ ଈଶ୍ୱର ହୁଅନ୍ତି ବାଇ। ସେ ଯାହାକୁ ଅପଣାର କରନ୍ତି, ସେ ଶ୍ରୀଅକ୍ଷର ବିବର୍ଜିତ ହୋଇଥିଲେ ବି ପାଲଟିଯାଏ ମହାଜ୍ଞାନୀ।

ହଁ ସେ ସମସ୍ତଙ୍କର, ସମସ୍ତେ ତାଙ୍କର। ଏଡ଼େ ଟିକିଏ ପିମ୍ପୁଡ଼ି ଦେହରେ ଯିଏ ଖଞ୍ଜି ଦେଇଚି, ଛୁଞ୍ଚି ମୁନ ଏଡ଼ିକି ମୁଣ୍ଡଟିଏ, ସେ ମୁଣ୍ଡରେ ପୁଣି ବୁଦ୍ଧି ଦେଇଚି, କେଉଁଟି ଖାଦ୍ୟ କେଉଁଟି ଅଖାଦ୍ୟ ଜାଣିବା ପାଇଁ, କିଏ ମିତ୍ର କିଏ ଶତ୍ରୁ ଚିହ୍ନିବା ପାଇଁ, ଶିଖାଇ ଦେଇଚି ପୁଣି ନିଜ ସଂସାର ଚଳାଇବାର, ନିଜ ସଂସାର ବଢ଼ାଇବାର କଳା, ତା'କୁ ପୁଣି କିସ ଅପୂର୍ବ ଯେ...! ଚଢ଼େଇଟିଏ ଅଣ୍ଡା ଦେଲା ବେଳକୁ କେଉଁ ଗଛରେ ଫଳଟିଏ ଚଢ଼େଇ ଛୁଆକୁ ଅପେକ୍ଷା କରି ପାଚେ, ତେବେ ଏଥିପାଇଁ ଚଢ଼େଇ ଛୁଆକୁ କଷ୍ଟ କରି, ଡେଣା ଝାଡ଼ି, ଉଡ଼ିବା ଶିଖିବାକୁ ହୁଏ। ମଣିଷ ଶିଶୁଟିଏ ବି ଜନ୍ମ ହେଲା ମାତ୍ରେ ମାତୃ ବକ୍ଷରେ ତା' ପାଇଁ ଅମୃତ ରଖିଥାଏ ବିଧାତା। ମା' ସେହି ଅମୃତ ଦାନ କରିବାକୁ ଆଗଭର ହେଲା ବେଳେ କଅଁଳ ଶିଶୁ ବି ଆଗକୁ ବଢ଼ି ତା'କୁ ଶୋଷିବାର ପ୍ରୟତ୍ନ କରେ। ଠିକ୍ ସେମିତି ଈଶ୍ୱର ନିଜକୁ ଓଜାଡ଼ି ଦେବା ପାଇଁ ତତ୍ପର ଥିଲା ବେଳେ ଆମ ମୁଣ୍ଡଟି ଯଦି 'ମୁଁ ସବୁ ଜାଣିଛି'ର ଅହଙ୍କାରରେ ପୂର୍ଣ୍ଣ, 'ମୋର ଆଉ ଅଧିକ ଜାଣିବାର ଆବଶ୍ୟକତା ନାହିଁ'ର ଅନ୍ଧପୁଟୁଳି ଆଖିରେ ଭିଡ଼ି ଥାଏ, ତେବେ ସବୁ ଦବାକୁ ଚାହିଁ ବି ପ୍ରଭୁ ଦେଇ ପାରନ୍ତି ନାହିଁ। ବୋତଲ ଭିତରେ ବାୟୁ ଥିଲେ ତା' ଯେପରି ଜଳକୁ ଗ୍ରହଣ କରି ପାରେ ନାହିଁ, ଠିକ୍ ସେମିତି 'ଯାହା ଜାଣିଛି' ତକ ତାଙ୍କ ପାଦ ତଳେ ସମର୍ପି ଦେଲେ, ଜ୍ଞାନର ଭଣ୍ଡାର ନିଜେ ନିଜେ ନିଜ ଜ୍ଞାନଭାଣ୍ଡରୁ, ଦୟା କରି ଅଣ୍ଟି ଭରି ଦିଅନ୍ତି।

ତେବେ ସେହି ସମର୍ପି ଦେବାର କଳା ବି ଶିଖାନ୍ତି ସେହି କଳାକାର। ଯିଏ ସବୁ ନୀତି ନିୟମର ଊର୍ଦ୍ଧ୍ୱରେ, ଯାହାଙ୍କୁ ଆଲୋକ ଦେଖାଇ ପାରେନା, ବରଂ ଯିଏ ଆଲୋକକୁ ଦେଖାନ୍ତି, ଜ୍ଞାନ ଯାହାଙ୍କୁ ଚିହ୍ନାଇ ପାରେନା, ବରଂ ଜ୍ଞାନକୁ ଯିଏ ଆମ ସହିତ ପରିଚିତ କରାନ୍ତି, ଯାହାଙ୍କ ଦୟାରେ ମହାଶୂନ୍ୟରେ ଝୁଲି ରହିଚି ସମଗ୍ର ବିଶ୍ୱ, ସେହି ଅବ୍ୟକ୍ତ, ଅସୀମ, ଅନନ୍ତଙ୍କୁ କେବଳ ଅକପଟ, ଆବିଳତାହୀନ, ଅକୃପଣ ଭାବେ ହୃଦୟ ଖୋଲି ନିମନ୍ତ୍ରଣ କଲେ, ତାଙ୍କ ଆଶିଷରୁ କାଣିଚାଏ ପାଇବା ସମ୍ଭବ ହୁଏ। କିଏ ଆଞ୍ଜୁଳାଏ ମାଗୁଛି, କିଏ ବା ବଡ଼ ଝୁଲା ମୁଣି ଖୋଲି ଧରିଛି... ।ଯିଏ ଯେତିକି ଚାହିଁଚି ତା'କୁ ସେତିକି ମିଳିଛି।

ପିତୃମାତୃହୀନ ଅନ୍ଧ ଭୀମ ଭୋଇଙ୍କୁ କିଏ ବା ପଢ଼େଇ ଥିଲା ପାଠ! କିଏ ବା ଦେଇଥିଲା ଜ୍ଞାନ! କିନ୍ତୁ ଯେତେବେଳେ ନିଜେ ପରମବ୍ରହ୍ମ ଚାହିଁଲେ, ସମ୍ପୂର୍ଣ୍ଣ ଜ୍ଞାନର ଭଣ୍ଡାର ତାଙ୍କ ନିକଟରେ ଅଜାଡ଼ି ଦେଲେ। 'ପ୍ରାଣୀଙ୍କ ଆରତ ଦୁଃଖ ଅପ୍ରମିତ ଦେଖୁଁ ଦେଖୁଁ କେବା ସହୁ, ମୋ ଜୀବନ ପଛେ ନର୍କେ ପଡ଼ିଥାଉ ଜଗତ ଉଦ୍ଧାର ହେଉ।' କେତେ ସମର୍ପିତ ହୃଦୟ ହେଲେ ଜଣେ ଏପରି ଭାବନାକୁ ଶବ୍ଦର ରୂପ ଦେଇପାରେ ସତେ! ଯେତେବେଳେ ସମଗ୍ର ବ୍ରହ୍ମାଣ୍ଡ ହୋଇଉଠେ ବ୍ରହ୍ମମୟ, ଜୀବ ମାତ୍ର କେ ଶିବର ରୂପ ଧାରଣ କରେ, କେବଳ ସେତେବେଳେ ହିଁ ଜିହ୍ୱା ଉପରେ ନିଜେ ବାଗ୍‌ଦେବୀ ଜମାଇ ଦିଅନ୍ତି ଆସ୍ଥାନ। ନହେଲେ ଶିକ୍ଷା ଦୀକ୍ଷା ଗ୍ରହଣ ନକରି ଜଣେ ଏପରି ଅମୂଲ୍ୟ ରତ୍ନ, ବାଣୀ ଭଣ୍ଡାରକୁ ଦେଇ ପାରେ କି!

ଠିକ୍ସେମିତି ଘଟିଛି ପରମ ପୂଜ୍ୟ ସ୍ୱଭାବକବି ଗଙ୍ଗାଧର ମେହେରଙ୍କ ଜୀବନରେ। ଶିକ୍ଷାଗତ ଯୋଗ୍ୟତା ମୋଟେ ଚତୁର୍ଥ ଶ୍ରେଣୀ, ଖାଇବାକୁ ପିନ୍ଧିବାକୁ ସବୁବେଳେ ଅଭାବ, କିନ୍ତୁ ମନ ଯାହାର ଜ୍ଞାନରେ ଧନୀ, ତା'କୁ ଏ ପାର୍ଥିବ ଜଗତର ଅଭାବ ବି କରୁଣାକରଙ୍କ ପ୍ରେମମୟ କରୁଣା ଓ ଆଶୀର୍ବାଦ ବୋଲି ପ୍ରତୀତ ହୁଏ। ଛଳନା ରହିତ ଓ ନିଃସ୍ୱାର୍ଥପର ଭାବନା ରହିଲେ ହିଁ ହୃଦୟଟିଏ ଗାଇ ଉଠେ, 'ତୁମ୍ଭ ଭଜନରେ ହେବି ନାହିଁ ନାଥ ମାଳା ଜପିବାକୁ ବାଧ, କୋଟି କୋଟି ଗ୍ରହ କଣ୍ଠି ସେ ମାଳାର, କେ ଜପି କରିବ ସାଧ୍ୟ!'

ପରମ ଶାସ୍ତ୍ର କହିଛନ୍ତି ପରା ତୁ ଯା'କୁ ହୁଅଇ ସଦୟ, ଜ୍ଞାନ ତା' ହୃଦରୁ ଉଦୟ। ଏ କଥା ଅନ୍ୟଥା ନୁହେଁ। ସେ କରୁଣା ଆଗରେ ପୃଥିବୀର ସମସ୍ତ ଜ୍ଞାନ, ସମସ୍ତ ବିଦ୍ୟା ଓ ବୁଦ୍ଧି ହୋଇଯାଏ ତୁଚ୍ଛ। ଏଇ ପରିପ୍ରେକ୍ଷୀରେ ଶୁଣନ୍ତୁ ସୁନ୍ଦର କାହାଣୀଟିଏ...

ସନ୍ନ୍ୟାସୀ ଜଣେ, ଅରଣ୍ୟ ଦେଇ ଯାଉ ଯାଉ ସାୟଂକାଳ ହୋଇଯିବାରୁ ସନ୍ଧ୍ୟା ବନ୍ଦନା କରିବା ପାଇଁ ଆସନ ବିଛାଇ ବସିଥା'ନ୍ତି ପୂଜାରେ। ସେଇ ସମୟରେ ଗାଉଁଲି ସ୍ତ୍ରୀ ଲୋକଟିଏ, ଅରଣ୍ୟକୁ କାଠ ପାଇଁ ଆସିଥିବା ସ୍ୱାମୀ ତା'ର ଫେରିବାରେ ବିଳମ୍ବ କରିବାରୁ ତା'କୁ ଖୋଜିବା ପାଇଁ ଆସିଛି। ବିବ୍ରତ ସ୍ତ୍ରୀ ଲୋକଟି ଅଜାଣତରେ ସନ୍ନ୍ୟାସୀଙ୍କ ଆସନ ଉପରେ ପାଦ ପକାଇ ଦେଇଚି। ସଙ୍ଗେ ସଙ୍ଗେ ସନ୍ନ୍ୟାସୀ କ୍ରୁଦ୍ଧ ହୋଇ କହିଛନ୍ତି, 'କ'ଣ ତତେ ଦିଶୁ ନାହିଁ ଏଠି ସନ୍ନ୍ୟାସୀ ଜଣେ ପୂଜାରେ ବସିଛନ୍ତି ବୋଲି?' ପ୍ରକୃତିସ୍ଥ ହୋଇ ସ୍ତ୍ରୀଟି କହିଚି, 'ପ୍ରଭୁ ମୋର ଦୋଷ କ୍ଷମା କରନ୍ତୁ, ମୋ ସ୍ୱାମୀଙ୍କୁ ଖୋଜିବାରେ ମୁଁ ଏତେ ମଗ୍ନ ଥିଲି ଯେ ଏଠି ଆପଣ ବସିଛନ୍ତି ବୋଲି ଜାଣି ପାରିଲି ନାହିଁ।' ତତ୍‌କ୍ଷଣାତ ହୋଇଛି ସନ୍ନ୍ୟାସୀଙ୍କୁ ଜ୍ଞାନପ୍ରାପ୍ତ। ସାମାନ୍ୟ ସ୍ତ୍ରୀଲୋକଟିଏ ନିଜ ସ୍ୱାମୀକୁ ପାଇବା ପାଇଁ ଏତେ ବ୍ୟଗ୍ରଯେ ସେ ନିଜର ହିତାହିତ ଜ୍ଞାନ ହରାଇ ବସିଛି, ଅଥଚ ମୁଁ ଜଣେ ସନ୍ନ୍ୟାସୀ ହୋଇ ଏହି ଲୌକିକ ଉପଚାରଗୁଡ଼ିକୁ ଗୁରୁତ୍ୱ ନଦେଇ ଯଦି ଏହିପରି ଏକ ମନ ଏକ ପ୍ରାଣ ହୋଇ, ସେତିକି ବ୍ୟଗ୍ରତାରେ ମୋ ସ୍ୱାମୀଙ୍କୁ ଖୋଜିଥା'ନ୍ତି ବୋଧହୁଏ ପାଇ ସାରନ୍ତିଣି...।

ସଠିକ ସମୟରେ ସନ୍ନ୍ୟାସୀଙ୍କର ଏପରି ଜ୍ଞାନର ଉଦୟ ବି ସେହି ଦୟାମୟଙ୍କ ସୁଦୟା ଭିନ୍ନ ଆଉ କିଛି ହୋଇପାରେ କି!

ସକାଳ THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342

ଘୋଷଣା
ଦୈନିକ **'ସକାଳ'** ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

ଲେଖା ଓ ଲୋକମତ ପାଇଁ: sakalaeditorial@gmail.com

## ପଣ୍ୟ କାରବାରରେ ପାରାଦୀପ ୧ ନମ୍ବର ବନ୍ଦର

**ପାରାଦୀପ, ୧।୪(ସମିସ):** ଆର୍ଥିକ ବର୍ଷ ୨୦୨୩-୨୪ ରେ ୧୪୫.୩୮ ନିୟୁତ ମେଟ୍ରିକ୍ ଟନ୍ ପଣ୍ୟ କାରବାର କରି ପାରାଦୀପ ବନ୍ଦର ଦେଶର ବୃହତ ବନ୍ଦର ମଧ୍ୟରେ ୧ ନମ୍ବର ସ୍ଥାନ ହାସଲ କରିଛି। ଏହି ନୂତନ କୀର୍ତ୍ତିମାନ ସହିତ ପାରାଦୀପ ବନ୍ଦର କାଣ୍ଡଲା ବନ୍ଦରକୁ ପଛରେ ପକାଇ ନୂତନ କୀର୍ତ୍ତିମାନ ସ୍ଥାପନ କରିଛି। ବନ୍ଦର ଟ୍ରାଫିକ ଚଳାଚଳର ୫୬ ବର୍ଷ ଇତିହାସରେ ଏହା ପ୍ରଥମ। ବିଗତ ଆର୍ଥିକ ବର୍ଷ ତୁଳନାରେ ବନ୍ଦର ପଣ୍ୟ କାରବାରର ୧୦.୦୨ ନିୟୁତ ମେଟ୍ରିକ ଟନ ବା ୭.୪ ପ୍ରତିଶତ ଅଭିବୃଦ୍ଧି ଘଟିଛି। ଉପକୂଳ ପଣ୍ୟ କାରବାର କ୍ଷେତ୍ରରେ ପାରାଦୀପ ବନ୍ଦର ଅଦ୍ୟାବଧି ସର୍ବାଧିକ ୫୯.୧୯ ନିୟୁତ ମେଟ୍ରିକ ଟନ ପଣ୍ୟ କାରବାର କରିଛି। ଉପକୂଳ ତାପଜ କୋଇଲା ପଣ୍ୟ କାରବାର ୪୩.୯୭ ନିୟୁତ ମେଟ୍ରିକ ଟନରେ ପହଞ୍ଚିଛି, ଯାହାକି ବିଗତ ଆର୍ଥିକ ବର୍ଷ ତୁଳନାରେ ୪.୦୨ ପ୍ରତିଶତ ଅଭିବୃଦ୍ଧି ଘଟିଛି। ସେହିପରି ବନ୍ଦରର ବର୍ଥ ଉତ୍ପାଦନ ବିଗତ ବର୍ଷ ତୁଳନାରେ ୬.୩୩ ପ୍ରତିଶତ ବୃଦ୍ଧି ପାଇ ଦୈନିକ ୩୩.୦୧୪ ମେଟ୍ରିକ ଟନ ରେ ପହଞ୍ଚିଛି, ଯାହାକି ବୃହତ ବନ୍ଦର ମଧ୍ୟରେ ଏହା ସର୍ବାଧିକ। ଏହି ସମୟରେ ପାରାଦୀପ ବନ୍ଦରରେ ସର୍ବାଧିକ ୨୭୧୦ ଟି ଜାହାଜ ଗମନାଗମନ କରିଛି। ଏହା ବିଗତ ଆର୍ଥିକ ବର୍ଷଠାରୁ ୧୩.୮୨ ପ୍ରତିଶତ ଅଧିକ। ସେହିପରି ଯାନ୍ତ୍ରିକ କୋଇଲା ହ୍ୟାଣ୍ଡଲିଙ୍ଗ ପ୍ଲାଣ୍ଟରେ ସର୍ବାଧିକ ୨୭.୧୨ ନିୟୁତ ମେଟ୍ରିକ ଟନ କୋଇଲା ପରିଚାଳନା ହୋଇଛି। ବ୍ୟବସାୟିକ ଅଭିବୃଦ୍ଧି ପାଇଁ ପାରାଦୀପ ବନ୍ଦର ରେ ପଣ୍ୟ ପରିଚାଳନା ମୂଲ୍ୟ ୨୦୨୨ ମସିହାଠାରୁ ୩ ବର୍ଷ ନିମନ୍ତେ ସ୍ଥିର ରଖାଯାଇଛି। ଅନ୍ତରୀଣ ଆର୍ଥିକ କାରବାରରେ ବନ୍ଦରର ପରିଚାଳନାଗତ ରାଜସ୍ୱ ୨୩ ଶହ କୋଟି ଟଙ୍କା ଅତିକ୍ରମ କରିଛି ଯାହାକି ପୂର୍ବ ବର୍ଷ ତୁଳନାରେ ୧୪.୩୦ ପ୍ରତିଶତ ଅଭିବୃଦ୍ଧି ହୋଇଛି। ଟିକସ ଦେବା ପରେ ପାରାଦୀପ ବନ୍ଦରର ଲାଭଂଶ ୧୦୨୦ କୋଟି ଟଙ୍କାରେ ପହଞ୍ଚିଛି ଯାହାକି ପୂର୍ବ ବର୍ଷ ତୁଳନାରେ ୨୦ ପ୍ରତିଶତ ଅଧିକ। ତେବେ ବନ୍ଦରର ଏହି ଐତିହାସିକ ସଫଳତା ହାସଲ ପରେ ବନ୍ଦର ଅଧ୍ୟକ୍ଷ ପି.ଏଲ. ହରନାଦ ବନ୍ଦରର ସମସ୍ତ ଅଧିକାରୀ, କର୍ମଚାରୀ ଓ ବନ୍ଦର ବ୍ୟବହାରକାରୀ ସଂସ୍ଥାମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

## ନିର୍ବାଚନ ଆଚରଣ ବିଧି ଉଲ୍ଲଙ୍ଘନ କରିଛନ୍ତି ବାଲେଶ୍ୱର ସାଂସଦ

### କାର୍ଯ୍ୟାନୁଷ୍ଠାନ ପାଇଁ ସିଇଓଙ୍କ ନିକଟରେ ବିଜେଡିର ଦାବି



**ଭୁବନେଶ୍ୱର, ୧।୪(ସମିସ):** ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ୫ ବର୍ଷ ଧରି ଲୋକଙ୍କ ପାଇଁ କିଛି କଲେ ନାହିଁ। ଆଉ ଏବେ ନିର୍ବାଚନ ଆଚରଣ ବିଧି ଲାଗୁ ହୋଇଥିବା ସତ୍ତ୍ୱେ ସାଂସଦ ଶ୍ରୀ ଷଡ଼ଙ୍ଗୀ ଯୋର ଜବରଦସ୍ତ ସୌର ଆଲୋକ ଖୁଣ୍ଟ ପୋତିଛନ୍ତି। ଏପରି ଅଭିଯୋଗ ନେଇ ଆଜି ବିଜୁ ଜନତା ଦଳର ପ୍ରତିନିଧି ମଣ୍ଡଳୀ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିବା ସହିତ ଶ୍ରୀ ଷଡ଼ଙ୍ଗୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ବିଜେଡି ପକ୍ଷରୁ ଅଭିଯୋଗ ହୋଇଛି ଯେ ଆଜି ବାଲେଶ୍ୱର ଜିଲ୍ଲାର ଭୋଗରାଇ ବ୍ଲକ ଅନ୍ତର୍ଗତ ନଛିଦା ଓ ଅରୁଆବ୍ରୁଟି ଗ୍ରାମରେ ଶ୍ରୀ ଷଡ଼ଙ୍ଗୀ କିଛି ସୌର ଆଲୋକ ଖୁଣ୍ଟି ପୋତାଇଛନ୍ତି। ଏହାକୁ ସ୍ଥାନୀୟ ଲୋକେ ବିରୋଧ କରିଥିଲେ। କିନ୍ତୁ ସାଂସଦଙ୍କ ସମର୍ଥକମାନେ ଜୋରଜବରଦସ୍ତ ଖୁଣ୍ଟି ପୋତିଥିଲେ। ପରିସ୍ଥିତି ଉତ୍ତେଜନାପୂର୍ଣ୍ଣ ହେବାରୁ ସେମାନେ କହିଥିଲେ ଯେ ସାଂସଦଙ୍କ ନିର୍ଦ୍ଦେଶକ୍ରମେ ସେମାନେ ଏଠାକୁ ବତୀ ଖୁଣ୍ଟ ପୋତିବା ପାଇଁ ଆସିଛନ୍ତି। ଯଦି ଏହାକୁ କେହି ବିରୋଧ କରିବ ତେବେ ଚରମ ପରିସ୍ଥିତି ଭୋଗିବ ବୋଲି ସେମାନେ ଲୋକଙ୍କୁ ଧମକ ଦେଇଥିବା ବିଜେଡି ଅଭିଯୋଗ କରିଛି।

ବିଜେଡି ପକ୍ଷରୁ କୁହାଯାଇଛି ଯେ ନିଜ କାର୍ଯ୍ୟକାଳ ମଧ୍ୟରେ ସାଂସଦ ଶ୍ରୀ ଷଡ଼ଙ୍ଗୀ ବାଲେଶ୍ୱରବାସୀଙ୍କ ବିକାଶ ପାଇଁ କିଛି କଲେ ନାହିଁ। କିନ୍ତୁ ଏବେ ନିର୍ବାଚନ ଆସୁଥିବାରୁ ଆଚରଣ ବିଧି ଲାଗୁ ହୋଇଥିବା ସତ୍ତ୍ୱେ ଭୋଟରଙ୍କୁ ପ୍ରଭାବିତ କରିବା ଲକ୍ଷ୍ୟରେ ଠିକାଦାରଙ୍କ ଜରିଆରେ ଏପରି କାର୍ଯ୍ୟ କରୁଛନ୍ତି। ସାଂସଦ ଆଦର୍ଶ ଆଚରଣ ବିଧି ଉଲ୍ଲଙ୍ଘନ କରିଥିବାରୁ ସ୍ଥାନୀୟ ପ୍ରଶାସନ ଦ୍ୱାରା ଏହାର ବିଧିବଦ୍ଧ ତଦନ୍ତ କରି ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ନେବା ଲାଗି ବିଜେଡି ପ୍ରତିନିଧି ମଣ୍ଡଳୀ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଦାବି ପତ୍ର ପ୍ରଦାନ କରାଯାଇଛି। ଆଜି ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଦାବି ପତ୍ର ପ୍ରଦାନ ପାଇଁ ଯାଇଥିବା ବିଜେଡି ପ୍ରତିନିଧି ମଣ୍ଡଳୀରେ ରାଜ୍ୟସଭା ସାଂସଦ ସୁଲତା ଦେଓ, ରାଜ୍ୟସଭା ସାଂସଦ ଡ଼ ସସ୍ମିତ ପାତ୍ର, ଡ଼ ଲେନିନ୍ ମହାନ୍ତି, ଡ଼ ପ୍ରିୟବ୍ରତ ମାଝି, ସ୍ୱୟମ୍ ପ୍ରକାଶ ମହାପାତ୍ର, ତୁମ୍ବନାଥ ପଣ୍ଡା, ଇପ୍ସିତା ସାହୁ, ମଧୁସ୍ମିତା ନାୟକ ଏବଂ ମିହିର ରାୟ ଉପସ୍ଥିତ ଥିଲେ।

## ୮୯ତମ ରାଜ୍ୟ ପୁଲିସ ପ୍ରତିଷ୍ଠା ଦିବସ

# ମାଓ ମୁକାବିଲାରେ ପୁଲିସ ଉଚ୍ଚକୋଟୀର ଦକ୍ଷତା ପ୍ରଦର୍ଶନ କରିଛି:ଡିଜିପି




**କଟକ,୧।୪(ସମିସ):** ମାଓ ମୁକାବିଲା କ୍ଷେତ୍ରରେ ଗତ ଦଶନ୍ଧି ମଧ୍ୟରେ ଓଡ଼ିଶା ପୁଲିସ ଉଚ୍ଚକୋଟୀର ଦକ୍ଷତା ପ୍ରଦର୍ଶନ କରିଛି। ୧ ଏପ୍ରିଲ ୧୯୩୬ ମସିହାରେ ନୂତନ ଓଡ଼ିଶା ପ୍ରଦେଶ ଗଠନ ସହ ଓଡ଼ିଶା ପୁଲିସ ପ୍ରତିଷ୍ଠା ହୋଇଥିଲା। ଦୀର୍ଘ ବର୍ଷର ଯାତ୍ରାପଥ ଏକ ବହୁତ ବଡ଼ ତପସ୍ୟା ବୋଲି କହିଛନ୍ତି ଡିଜିପି। ଜନସାଧାରଣଙ୍କୁ ଉତ୍କୃଷ୍ଟ ସେବା ଯୋଗାଇଦେବାକୁ ଏବଂ ଉଚ୍ଚକୋଟୀର କର୍ତ୍ତବ୍ୟନିଷ୍ଠା, ସାଧୁତା ତଥା ଉତ୍ସର୍ଗୀକୃତ ମନୋଭାବ ପ୍ରଦର୍ଶନ କରିବାକୁ ଡିଜିପି ଅରୁଣ କୁମାର ଷଡଙ୍ଗୀ ସମସ୍ତ ପୁଲିସ କର୍ମଚାରୀ ଓ ଅଧିକାରୀଙ୍କୁ ଆହ୍ୱାନ ଦେଇଛନ୍ତି। ଷଷ୍ଠ ବାଟାଲିୟନ୍, କଟକଠାରେ ଓଡ଼ିଶା ପୁଲିସର ରାଜ୍ୟସ୍ତରୀୟ ୮୯ତମ ପ୍ରତିଷ୍ଠା ଦିବସ ପାଳନ ଅବସରରେ ଡିଜିପି ଶ୍ରୀ ଷଡ଼ଙ୍ଗୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆୟୋଜିତ ପରେଡରେ ଅଭିବାଦନ ଗ୍ରହଣ କରିବା ସହ ଉପରୋକ୍ତ ମତ ପ୍ରକାଶ କରିଛନ୍ତି। ରାଜ୍ୟ ପୁଲିସ ବିଭାଗରେ ଏସ୍ଆଇ, ଏଏସ୍ଆଇ ଏବଂ କନଷ୍ଟେବଲ ପଦବୀ ପୂରଣ ପାଇଁ ନିଯୁକ୍ତି ପ୍ରକ୍ରିୟା ଜାରି ରହିଛି ବୋଲି ଡିଜିପି ମତବ୍ୟକ୍ତ କରିଥିଲେ। ନିଯୁକ୍ତି ପ୍ରକ୍ରିୟାକୁ ଆଗାମୀ ଦିନରେ ତ୍ୱରାନ୍ୱିତ କରାଯିବ ବୋଲି ସେ କହିଥିଲେ।

ପ୍ରତିଷ୍ଠା ଦିବସ ଉପଲକ୍ଷେ ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା ବାର୍ତ୍ତାକୁ ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ମୁଖ୍ୟାଳୟ) ଆର୍. କେ. ଶର୍ମା ପାଠ କରିଥିଲେ। ଆଇଜି(କାର୍ମିକ) ଏସ୍. ପ୍ରବୀଣ କୁମାର କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଏହି ଅବସରରେ ଶ୍ରେଷ୍ଠ ଇନ୍ସପେକ୍ଟର ସତ୍ୟଜିତ କଣ୍ଡନକେଲ, ଶ୍ରେଷ୍ଠ ଇନ୍ସପେକ୍ଟର (ଅପରାଧ ଶାଖା) ଅବନ୍ତୀମଣି ନାୟକ, ଶ୍ରେଷ୍ଠ ଇନ୍ସପେକ୍ଟର୍ ସ୍ପେଶାଲ ବ୍ରାଞ୍ଚ (ଏସଆଇଡବ୍ଲୁ) ଏ. ଶ୍ରୀନିବାସ ଦୋରା, ଶ୍ରେଷ୍ଠ ସବ-ଇନ୍ସପେକ୍ଟର୍ ଧର୍ମେନ୍ଦ୍ର ସିଆଳ, ଏସ.ଓ.ଜି ର ଶ୍ରେଷ୍ଠ ଟିମ୍ ଲିଡର୍ ଏସ୍.ଆଇ (ଆର୍ମଡ) ମାନସ ରଞ୍ଜନ ତ୍ରିପାଠୀ, ଶ୍ରେଷ୍ଠ ଏ.ଏସ. ଆଇ ଅମୂଲ୍ୟରତ୍ନ ବିରୋ, ଶ୍ରେଷ୍ଠ ହାବିଲଦାର କନ୍ଦର୍ପ ପାତ୍ର, ଶ୍ରେଷ୍ଠ ଓ.ଆର କନେଷ୍ଟବଳ ଦେବେନ୍ଦ୍ର କୁମାର ରାଉତ, ଶ୍ରେଷ୍ଠ ଏ.ପି.ଆର କନେଷ୍ଟବଳ ଅଜିତ କୁମାର ଗିରି, ଶ୍ରେଷ୍ଠ ଟ୍ରାଫିକ କନେଷ୍ଟବଳ ମାନସ ରଞ୍ଜନ ବେହେରା, ଶ୍ରେଷ୍ଠ ଇନିସ୍ପେକ୍ଟର (ଆର୍ମଡ) ପ୍ରତାପ କୁମାର ଦାସ, ଶ୍ରେଷ୍ଠ ଏସ.ଆଇ (ଆର୍ମଡ) ସାଗର ଥାପ୍ପା, ଶ୍ରେଷ୍ଠ ଏ.ଏସ.ଆଇ (ଆର୍ମଡ) ବିଷ୍ଣୁ କୁମାର ବୁରା, ଶ୍ରେଷ୍ଠ ହାବିଲଦାର (ଆର୍ମଡ) ପ୍ରାଣକୃଷ୍ଣ ଲେଙ୍କା, ଶ୍ରେଷ୍ଠ ସିପାହୀ ଭାବେ ବିଶ୍ୱକର୍ମା ମୁଣ୍ଡାଙ୍କୁ ପୁରସ୍କୃତ କରାଯାଇଥିଲା। ଏହାସହ ସ୍ୱର୍ଗତଃ ଭ୍ରମରବର ସାହୁ ଓ ସ୍ୱର୍ଗତଃ ରାଜେନ୍ଦ୍ର ମୋହନ ପଟ୍ଟନାୟକ ସ୍ମାରକୀ ସାହସିକତା ପୁରସ୍କାର ପ୍ରଦାନ କରାଯାଇଥିଲା। କନେଷ୍ଟବଳ ଘନଶ୍ୟାମ ସାହୁ, ଓ.ଏ.ପି.ଏଫ ରଜନୀକାନ୍ତ ପ୍ରଧାନ, ଓଏପିଏଫ ବିବଛ ପ୍ରଧାନ, ହାବିଲଦାର ପ୍ରକାଶ ସାଗରଙ୍କୁ ସ୍ୱର୍ଗତଃ ଭ୍ରମରବର ସାହୁ ସ୍ମାରକୀ ସାହସିକତା ପୁରସ୍କାର ପ୍ରଦାନ କରାଯାଇଥିଲା। ସେହିପରି ହାବିଲଦାର ଗାଗାରିନ ଦଳାଇ ଏବଂ ହାବିଲଦାର ମଦନ ମୋହନ ପ୍ରଧାନଙ୍କୁ ସ୍ୱର୍ଗତଃ ରାଜେନ୍ଦ୍ର ମୋହନ ପଟ୍ଟନାୟକ ସ୍ମାରକୀ ସାହସିକତା ପୁରସ୍କାର ପ୍ରଦାନ କରାଯାଇଥିଲା।

ପଞ୍ଚମ ଆଇ.ଆର ବାଟାଲିୟନ, ବୌଦ୍ଧକୁ ଶ୍ରେଷ୍ଠ ବାଟାଲିୟନ ଭାବେ ପୁରସ୍କୃତ କରାଯାଇଥିଲା। ଶ୍ରେଷ୍ଠ ପରିବାର କଲ୍ୟାଣ କେନ୍ଦ୍ର ଭାବେ ଦ୍ୱିତୀୟ ସ୍ୱତନ୍ତ୍ର ସଶସ୍ତ୍ର ବାଟାଲିୟନ, ପରିବାର କଲ୍ୟାଣ କେନ୍ଦ୍ର, ଝାରସୁଗୁଡ଼ା(ପ୍ରଥମ), ତୁଳସୀପୁର ପରିବାର କଲ୍ୟାଣ କେନ୍ଦ୍ର, କଟକ (ଦ୍ୱିତୀୟ), ସୁନ୍ଦରଗଡ ଜିଲ୍ଲା ପରିବାର କଲ୍ୟାଣ କେନ୍ଦ୍ର (ତୃତୀୟ)ଙ୍କୁ ପୁରସ୍କୃତ କରାଯାଇଥିଲା। ଆଜିର ପରେଡ୍‌ରେ ଏସ୍ଓଜି ଚନ୍ଦକା ଦଳ ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ଆଇଆର ବଟାଲିଅନ ଦଳ ଦ୍ୱିତୀୟ ସ୍ଥାନ ଅଧିକାର କରି ଡିଜିପି ଶ୍ରୀ ଷଡ଼ଙ୍ଗୀଙ୍କଠାରୁ ପୁରସ୍କାର ଗ୍ରହଣ କରିଥିଲେ। ପରେଡର ମୁଖ୍ୟ କମାଣ୍ଡର ରାମେନ୍ଦ୍ର ପ୍ରସାଦ, ଆଇ. ପି. ଏସ୍ (ଅଣ୍ଡର ଟ୍ରେନିଂ)ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପରେଡ୍ ଅନୁଷ୍ଠିତ ହୋଇଥିଲା। ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ମୁଖ୍ୟାଳୟ) ଆର୍. କେ. ଶର୍ମାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରାଯାଇଥିଲା। ପରେ ଭୁବନେଶ୍ୱରସ୍ଥିତ ପୁଲିସ ଭବନଠାରେ ଚଳିତ ବର୍ଷ ପାଇଁ ୧୦୭ ଜଣ ଏବଂ ୨୦୨୩ ମସିହା ନିମନ୍ତେ ଜଣେ ପୁଲିସ ଅଧିକାରୀ ଓ କର୍ମଚାରୀଙ୍କୁ ଆରକ୍ଷୀ ମହାନିର୍ଦ୍ଦେଶକଙ୍କ ପଦକ ପ୍ରଦାନ କରାଯାଇଥିଲା।

■ ବିଶିଷ୍ଟ କଣ୍ଠଶିଳ୍ପୀ ଶାନ୍ତିଲତା ବାରିକଙ୍କ ବିୟୋଗ

## ସଞ୍ଜୟ ଦାସବର୍ମା ଓ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକଙ୍କ ଶୋକ

**ଭୁବନେଶ୍ୱର, ୧।୪(ସମିସ):** ବିଶିଷ୍ଟ କଣ୍ଠଶିଳ୍ପୀ ଶାନ୍ତିଲତା ବାରିକଙ୍କ ବିୟୋଗରେ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ଗଭୀର ଶୋକବ୍ୟକ୍ତ କରିଛନ୍ତି। ଏକ ଶୋକବାର୍ତ୍ତାରେ ମନ୍ତ୍ରୀ ଶ୍ରୀ ନାୟକ କହିଛନ୍ତି ଯେ ସ୍ୱନାମଧନ୍ୟ ଭଜନ କଣ୍ଠଶିଳ୍ପୀ ଶାନ୍ତିଲତା ବାରିକଙ୍କର ଆଜି ଦେହାନ୍ତ ଖବର ଶୁଣି ମୁଁ ଦୁଃଖିତ। ସେ ଗାଇଥିବା ଭଜନ ପାଇଁ ପ୍ରତ୍ୟେକ ଜଗନ୍ନାଥପ୍ରେମୀଙ୍କ ଅନ୍ତରରେ ଚିରଦିନ ପାଇଁ ଅମର ହୋଇ ରହିବେ। ପ୍ରଭୁ ଜଗନ୍ନାଥ ଏହି ଦୁଃଖଦ ସମୟରେ ତାଙ୍କର ପରିବାରବର୍ଗଙ୍କୁ ସାହସ ଓ ଧୈର୍ଯ୍ୟ ଦିଅନ୍ତୁ। ଅମର ଆତ୍ମାର ସଦଗତି କାମନା କରୁଛି। ସେହିପରି ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ(ମୁଖ୍ୟାଳୟ) ତଥା ବିଜେଡି ରାଜ୍ୟ ମୁଖପାତ୍ର ସଞ୍ଜୟ କୁମାର ଦାସବର୍ମା ମଧ୍ୟ ଶୋକବ୍ୟକ୍ତ କରିଛନ୍ତି। ସେ କହିଛନ୍ତି ଯେ ବିଶିଷ୍ଟ କଣ୍ଠଶିଳ୍ପୀ ଶାନ୍ତିଲତା ବାରିକ ଛୋଟରାୟଙ୍କ ପରଲୋକରେ ମୁଁ ଗଭୀର ଭାବରେ ମର୍ମାହତ। ତାଙ୍କ ବିୟୋଗ ଓଡ଼ିଆ ସଙ୍ଗୀତ ଜଗତରେ ଏକ ଅପୂରଣୀୟ ଶୂନ୍ୟତା ସୃଷ୍ଟି କରିବ। ଭକ୍ତି ସଙ୍ଗୀତ କ୍ଷେତ୍ରରେ ସେ ନୂତନ ଯୁଗ ସୃଷ୍ଟି କରିଥିଲେ। ତାଙ୍କ ଗାୟନ ଓ ଭାବପୂର୍ଣ୍ଣ ଶୈଳୀ ଅନନ୍ୟ। ତାଙ୍କ କୃତି ଓ କୀର୍ତ୍ତି ପାଇଁ ସେ ଚିର ଅମର ରହିବେ। ତାଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରିବା ସହ ପରିବାରବର୍ଗ, ଆତ୍ମୀୟସ୍ୱଜନ ଓ ଅଗଣିତ ସଙ୍ଗୀତପ୍ରେମୀଙ୍କୁ ସମବେଦନା ଜଣାଉଛି ବୋଲି ସେ କହିଛନ୍ତି।

■ ଉତ୍ତର ଘୁମୁସରରେ ହାତୀ ମୃତ୍ୟୁ ଘଟଣା

## ବ୍ୟବଚ୍ଛେଦ ବେଳେ ବାହାରିଲା ଗୁଳି

**ଭଞ୍ଜନଗର, ୧।୪ (ସମିସ):** ଗଞ୍ଜାମ ଜିଲ୍ଲା ଉତ୍ତର ଘୁମୁସର ବନଖଣ୍ଡ ଅଧୀନ ଗାଲେରୀ ରେଞ୍ଜରେ ଗତକାଲି ପ୍ରାଣ ହରାଇଥିବା ଦନ୍ତାହାତୀ ଶରୀରରୁ ଗୁଳି ବାହାରିଛି। ଆଜି ପ୍ରାଣୀ ଚିକିତ୍ସକଙ୍କ ସହ ଭୁବନେଶ୍ୱରରୁ ଆସିଥିବା ଏସିଏଫ୍ ରାମପଦ ଅରବିନ୍ଦ ମିଶ୍ର, ଆରସିସିଏଫ ଡଃ ସଞ୍ଜୟ କୁମାର ସ୍ୱାଇଁ, ଡିସିଏଫ ଦିଲୀପ କୁମାର ବାରିକ, ଉତ୍ତର ଘୁମୁସର ବନଖଣ୍ଡ ଡିଏଫ୍‌ଓ ହିମାଂଶୁ ଶେଖର ମହାନ୍ତି, ଦକ୍ଷିଣ ଘୁମୁସର ବନଖଣ୍ଡ ଡିଏଫ୍‌ଓ ବିନୋଦ ଆଚାର୍ଯ୍ୟ, ଗାଲେରି ରେଞ୍ଜର ଆଶାଲତା ଦିଗାଲ, ତାରସିଂ ରେଞ୍ଜର ଅରୁଣ ପ୍ରଧାନ, ଡେପୁଟି ରେଞ୍ଜର କୃତିବାସ କୁମାରଙ୍କ ସମେତ ବନ ବିଭାଗର କର୍ମଚାରୀମାନଙ୍କ ଉପସ୍ଥିତିରେ ହାତୀର ମୃତଦେହ ବ୍ୟବଚ୍ଛେଦ କରାଯାଇଥିଲା। ଦୀର୍ଘ ଦିନ ହେଲା ହାତୀ ଦେହରେ ଏକ କ୍ଷତଚିହ୍ନକୁ ଦେଖିବା ପରେ ସେଥିରେ ଏକ ଅଧ ଇଞ୍ଚର ଗୁଳି ରହିଥିଲା। କେହି ଶିକାରୀ ଦାନ୍ତ ଲୋଭରେ ହାତୀକୁ ଗୁଳି ମାରିଥିବା ଅନୁମାନ କରାଯାଉଛି। ବ୍ୟବଚ୍ଛେଦ ପରେ ତାକୁ ଗାତ ଖୋଳି ପୋତି ଦିଆଯାଇଛି। ଗତକାଲି ମଧ୍ୟାହ୍ନରେ ହାତୀର ମୃତ୍ୟୁ ଘଟିଥିଲା।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଚିରନିଦ୍ରାରେ...

ଜଗନ୍ନାଥ ଭଜନ ପାଇଁ ଓଡ଼ିଶାର ଘରେଘରେ ସେ ସୁପରିଚିତ ଥିଲେ। ତାଙ୍କ ଭଜନ ଭକ୍ତି ଓ ସମର୍ପଣର ସଙ୍ଗୀତମୟ ନିବେଦନ ଥିଲା। ତାଙ୍କ ସ୍ୱର ପରିବେଶକୁ ଭକ୍ତିମୟ କରିବା ସହ ଶ୍ରୋତାଙ୍କ ହୃଦୟରେ ଭାବାବେଗ ସୃଷ୍ଟି କରିପାରୁଥିଲା। ତାଙ୍କର ବିୟୋଗ ଓଡ଼ିଶାର ସାଂସ୍କୃତିକ ଜଗତ ପାଇଁ ଅପୂରଣୀୟ କ୍ଷତି ବୋଲି ବର୍ଣ୍ଣନା କରି ମୁଖ୍ୟମନ୍ତ୍ରୀ ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି।

ସୂଚନାଯୋଗ୍ୟ ଯେ ଖୋର୍ଦ୍ଧା ଜିଲ୍ଲା ଭୁବନେଶ୍ୱରରେ ୧୯୬୦ରେ ଜନ୍ମ ହୋଇଥିଲେ ଶାନ୍ତିଲତା। ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟରୁ ଓଡ଼ିଶୀ ସଙ୍ଗୀତରେ ଆଚାର୍ଯ୍ୟ କରିଥିବା ଶାନ୍ତିଲତା ବିଶିଷ୍ଟ ସଙ୍ଗୀତ ଗୁରୁ ବାଳକୃଷ୍ଣ ଦାସ, ମାର୍କଣ୍ଡେୟ ମହାପାତ୍ର, ସିଂହାରୀ ଶ୍ୟାମସୁନ୍ଦର କର, ଗୋପାଳ ପଣ୍ଡା ପ୍ରମୁଖଙ୍କଠାରୁ ସଙ୍ଗୀତ ଶିକ୍ଷା ନେଇଥିଲେ। ଶାନ୍ତିଲତା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପରମ ଭକ୍ତ ଥିଲେ। ଜୀବନ କାଳ ଭିତରେ ସେ ପ୍ରାୟ ୨୦୦୦ରୁ ଅଧିକ ଭଜନ ବିଶେଷକରି ଅନେକ ଲୋକପ୍ରିୟ ଜଗନ୍ନାଥ ଭଜନ ଗାଇଛନ୍ତି। ୨୦୧୧ ମସିହାରେ ସେ ଅସୁସ୍ଥ ହୋଇପଡ଼ିଥିଲେ। ସ୍ୱାସ୍ଥ୍ୟ ପରୀକ୍ଷା ପରେ ତାଙ୍କୁ କ୍ୟାନ୍ସର ହୋଇଥିବା ନେଇ ପରିବାର ଲୋକେ ଜାଣିବାକୁ ପାଇଥିଲେ। ପରେ ତାଙ୍କୁ ସଙ୍ଗେ ସଙ୍ଗେ ମୁମ୍ବାଇର ଟାଟା ମେମୋରିଆଲ୍ କ୍ୟାନ୍ସର ହସ୍ପିଟାଲ୍‌ରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସା ପରେ ସାମାନ୍ୟ ସୁସ୍ଥ ହୋଇଥିଲେ। କିନ୍ତୁ ସମ୍ପୂର୍ଣ୍ଣ ଆରୋଗ୍ୟ ହୋଇନଥିଲେ। ଏହାପରେ ୨୦୨୨ ମସିହାରେ ପୁଣି ଥରେ ଅସୁସ୍ଥ ହୋଇପଡ଼ିଥିଲେ ଶାନ୍ତିଲତା ବାରିକ। ତେଣୁ ପରିବାର ଲୋକେ ତାଙ୍କୁ ମୁମ୍ବାଇର ଟାଟା ମେମୋରିଆଲ୍ କ୍ୟାନ୍ସର ହସ୍ପିଟାଲ୍ ନେଇଥିଲେ। ଚିକିତ୍ସା ପରେ ୨୦୨୩ ସେପ୍ଟେମ୍ବର ମାସରେ ଘରକୁ ଫେରିଥିଲେ। ତା'ପରେ ଓଡ଼ିଶାର ବିଭିନ୍ନ ମେଡିକାଲ୍‌ରେ ଚିକିତ୍ସିତ ହେଉଥିଲେ। ତେବେ ଆଜି ସେ ହଠାତ୍ ଅସୁସ୍ଥ ହୋଇ ପଡ଼ିଥିଲେ। ପରିବାର ଲୋକେ ତାଙ୍କୁ ଭୁବନେଶ୍ୱରରେ ଏକ ଘରୋଇ ହସ୍ପିଟାଲ୍‌ରେ ଭର୍ତ୍ତି କରିଥିଲେ। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ଆଜି ସନ୍ଧ୍ୟା ବେଳେ ମୃତ୍ୟୁ ଘଟିଛି। ଶାନ୍ତିଲତା ବାରିକ ଛୋଟରାୟ ଓଡ଼ିଆ ଭକ୍ତି ସଙ୍ଗୀତର ଜଣେ ଅତି ପରିଚିତ ନାଁ। ନିଜ କଣ୍ଠର ଯାଦୁଗରୀରେ ଅପୂର୍ବ ଭକ୍ତି ଭାବନା ଯୋଡ଼ି ସେ ଯେଉଁ ସଙ୍ଗୀତ ପରିବେଷଣ କରନ୍ତି, ତାହା ଶ୍ରୋତାଙ୍କ ଭିତରେ ଭକ୍ତି, ସମର୍ପଣ ଏବଂ ଭଗବାନ ଚେତନା ସୃଷ୍ଟି କରିଥାଏ। ସେଥିପାଇଁ ସେ କୋଟି କୋଟି ଓଡ଼ିଆଙ୍କ ମନରେ ସ୍ୱତନ୍ତ୍ର ସ୍ଥାନ ହାସଲ କରିପାରିଥିଲେ। ଶାନ୍ତିଲତାଙ୍କ ଭଜନ ଓଡ଼ିଶାର କଳା, ସଂସ୍କୃତି ଏବଂ ଶ୍ରୀ ଜଗନ୍ନାଥଙ୍କ ସହ ଲୋକଙ୍କୁ ଯୋଡ଼ିବାରେ ସକ୍ଷମ ହୋଇଥିଲା। ହେ ଚକାନୟନ, ମୁଁ ଯେ ଦେଉଳ ବେଢ଼ା ଦୀପ, ଏକା ମୋ ଜଗା ସବୁରି ମୂଳ, କଳା ମାଣିକରେ, ସବୁ ବନ୍ଧନ ଖୋଲି ଦେଇ, ବାହୁଡ଼ାରେ ପ୍ରଭୁ ଲୋକପ୍ରିୟ ଭଜନ ଶାନ୍ତିଲତା ଗାଇଛନ୍ତି। ଓଡ଼ିଶା ସଙ୍ଗୀତ ଏକାଡେମୀ ପକ୍ଷରୁ ୨୦୧୭ରେ ଓଡ଼ିଶୀ କଣ୍ଠ ସଙ୍ଗୀତ ପାଇଁ ସେ ସମ୍ବର୍ଦ୍ଧିତ ହୋଇଥିବା ବେଳେ ୨୦୨୩ ଫେବ୍ରୁଆରି ୧୩ରେ ଜୀବନବ୍ୟାପୀ ସାଧନା ପୁରସ୍କାର ପାଇଥିଲେ। ତାଙ୍କ ବିୟୋଗରେ ସାରା ଓଡ଼ିଶା ଜଣେ ପ୍ରସିଦ୍ଧ କଣ୍ଠଶିଳ୍ପୀ ସହ ଜଣେ ପରମ ଜଗନ୍ନାଥ ଭକ୍ତଙ୍କୁ ହରାଇଲା ବୋଲି ସାଧାରଣରେ ମତପ୍ରକାଶ ପାଇଛି।

### ୩ ମାସ...

୧୧ ଦିନ ରହିଲେ ଏହାକୁ ସ୍ୱାଭାବିକ କୁହାଯାଉଥିବା ବେଳେ ଚଳିତ ବର୍ଷ ଏହାଠାରୁ ୬ ରୁ ୧୪ ଦିନ ଅଧିକ ଗ୍ରୀଷ୍ମ ପ୍ରବାହ ରହିପାରେ ବୋଲି ଆଇଏମ୍‌ଡି ଆକଳନ କରିଛି। ସେହିପରି ଚଳିତ ଏପ୍ରିଲ୍‌ରେ ସ୍ୱାଭାବିକଠାରୁ ଦିନ ତାପମାତ୍ରା ଅଧିକ ରହିବା ସହ ଗ୍ରୀଷ୍ମପ୍ରବାହ ଦିନ ସଂଖ୍ୟା, ସ୍ୱାଭାବିକ ତୁଳନାରେ ଅଧିକ ରହିବା ସହ ରାତ୍ରିତାପମାତ୍ରା ମଧ୍ୟ ସ୍ୱାଭାବିକ ତୁଳନାରେ ଅଧିକ ରହିବାର ସମ୍ଭାବନା ରହିଛି। ଏଥିପାଇଁ ଚଳିତ ଗ୍ରୀଷ୍ମ ଋତୁରେ ଅସ୍ୱାଭାବିକ ପାଣିପାଗ ସହ ଉଷ୍ମଆର୍ଦ୍ର ସ୍ଥିତି ଏବଂ ଉଷ୍ମରାତ୍ରି ସଂଖ୍ୟା ଅଧିକ ଅନୁଭୂତ ହେବା ସମ୍ଭାବନା ରହିଛି। ଅନ୍ୟପଟେ ତାତି ଅଧିକ ରହିବା ସହ ବର୍ଷାର ଅଭାବ ଯୋଗୁଁ ରାଜ୍ୟରେ ସ୍ଥିତି ଆହୁରି ଅସମ୍ଭାଳ ହେବ। ଏହି ୩ ମାସ ମଧ୍ୟରେ ଅଳ୍ପ କିଛି ଜିଲ୍ଲାରେ ହାଲୁକା ବର୍ଷା ସମ୍ଭାବନା ରହିଥିବା ବେଳେ ଅଧିକାଂଶ ସ୍ଥାନରେ ସ୍ୱାଭାବିକଠାରୁ ବର୍ଷାର ପ୍ରୋକପ କମ୍ ରହିବ ବୋଲି ଆଇଏମ୍‌ଡି ଆକଳନ କରିଛି।

### ଏପ୍ରିଲରୁ ଜୁନ୍...

ଗ୍ରୀଷ୍ମ ପ୍ରବାହ ହେବ ବୋଲି ଆଇଏମଡି କହିଛି। ଏହି ସମୟରେ ଦୀର୍ଘ ସମୟ ଧରି ଖରାର ପ୍ରକୋପ ଜାରି ରହିବା ସହିତ ଦିନ ବେଳା ତାପମାତ୍ରା ସ୍ୱାଭାବିକ ସ୍ତର ଠାରୁ ଅଧିକ ରହିବ। ଯାହାକୁ ନେଇ ଏଥର ତାତି ସବୁ ରେକର୍ଡ ଭାଙ୍ଗିବ ବୋଲି ଆଇଏମଡି ପକ୍ଷରୁ ଆକଳନ କରାଯାଇଛି। ଗୋଟିଏ ପକ୍ଷରେ ତାତିକୁ ନେଇ ଆଇଏମଡି ଏହି ଆକଳନ କରିଥିଲା ବେଳେ ଏପ୍ରିଲରେ ପ୍ରାକ୍ ମୌସୁମୀ ବର୍ଷା କମ୍ ହେବ ବୋଲି କହିଛି। ଏହାଦ୍ୱାରା ଦେଶର ସମସ୍ତ ଉପକୂଳ ଭାଗ, ପୂର୍ବ ଏବଂ ଦକ୍ଷିଣ ମୁଖ୍ୟ ସ୍ଥଳ ଭାଗ ଅଧିକ ଶୁଷ୍କ ହୋଇପଡ଼ିବ। ତେବେ ଜମ୍ମୁ କାଶ୍ମୀର, ହିମାଚଳ ପ୍ରଦେଶ, ଉତ୍ତର ଓଡ଼ିଶା, ପଶ୍ଚିମବଙ୍ଗର ପଶ୍ଚିମ ଗାଙ୍ଗେୟ ଉପତ୍ୟକା ସଂଲଗ୍ନ ଅଞ୍ଚଳ ସହିତ ପୂର୍ବ ଭାରତର କିଛି ଅଞ୍ଚଳରେ ତାପମାତ୍ରା ସ୍ୱାଭାବିକ ରହିବ ବୋଲି ଆଇଏମଡି ମହାନିର୍ଦ୍ଦେଶକ ମୃତ୍ୟୁଞ୍ଜୟ ମହାପାତ୍ର ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି।

### ଆଜିଠୁ ବଢ଼ିବ...

ରାସ୍ତା ଘାଟ ଖାଁ ଖାଁ ଲାଗୁଥିଲା। ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ଏହି ସ୍ଥିତି ଜାରି ରହିବା ସହିତ ଆଗକୁ ଖରାର ପ୍ରକୋପ ଆହୁରି ବୃଦ୍ଧି ପାଇବ। କେବଳ ଦିନରେ ନୁହେଁ ରାତିରେ ମଧ୍ୟରେ ତାତିର ପ୍ରଭାବ ରହିବ ବୋଲି ପାଣିପାଗ କେନ୍ଦ୍ର କହିଛି। ଅନ୍ୟପଟେ ଖରାର ପ୍ରକୋପ ଆହୁରି ତୀବ୍ର ହେବା ସହ ମଙ୍ଗଳବାରଠାରୁ 'ଉଷ୍ମ ରାତି' ଓ ୪ ତାରିଖଠାରୁ ବିଭିନ୍ନ ଜିଲ୍ଲା ପାଇଁ 'ହିଟ୍ ୱେଭ୍' ଚେତାବନୀ ଜାରି କରାଯାଇଛି। ପାଣିପାଗ କେନ୍ଦ୍ର କହିଛି ଯେ ଆସନ୍ତା ୨ ଦିନ ମଧ୍ୟରେ ରାଜ୍ୟରେ ଆହୁରି ୨ ଡିଗ୍ରୀ ପର୍ଯ୍ୟନ୍ତ ତାପମାତ୍ରା ବୃଦ୍ଧି ପାଇବ। ଏଥିପାଇଁ ଅନେକ ସ୍ଥାନରେ ଦିନ ବେଳା ତାପମାତ୍ରା ୪୦ ଡିଗ୍ରୀ ଅତିକ୍ରମ କରିବା ସହ ରାତିର ତାପମାତ୍ରା ସ୍ୱାଭାବିକଠାରୁ ପ୍ରାୟ ୫ ଡିଗ୍ରୀ ଅଧିକ ରହିବ। ଏଥିପାଇଁ ମଙ୍ଗଳବାର ରାତିରେ କଳାହାଣ୍ଡି, ବଲାଙ୍ଗୀର, ବୌଦ୍ଧ, ସୋନପୁର ଓ ମାଲକାନଗିରି ଆଦିରେ ଉଷ୍ମ ରାତି ଅନୁଭୂତ ହେବା ସହ ୪ ତାରିଖ ଯାଜପୁର, ଭଦ୍ରକ, ନୟାଗଡ଼, ବୌଦ୍ଧ, ସୋନପୁର, କନ୍ଧମାଳ ଓ କଟକ ଜିଲ୍ଲାରେ ଗ୍ରୀଷ୍ମ ଲହରୀ ଅନୁଭୂତ ହେବାର ଆଶଙ୍କା ରହିଛି। ଏହାକୁ ଦୃଷ୍ଟିରେ ରଖି ପାଣିପାଗ କେନ୍ଦ୍ର ପକ୍ଷରୁ ଏହି ଜିଲ୍ଲାଗୁଡ଼ିକ ପାଇଁ ୟେଲୋ ଆଲର୍ଟ ଜାରି କରାଯାଇଛି। ଗତ ୨୪ ଘଣ୍ଟାରେ ଉପରୋକ୍ତ ଜିଲ୍ଲାଗୁଡ଼ିକ ସହିତ ଚାନ୍ଦବାଲିରେ ୩୯.୬ ଡିଗ୍ରୀ, କଟକରେ ୩୯.୪ ଡିଗ୍ରୀ, ଅନୁଗୋଳରେ ୩୯.୭ ଡିଗ୍ରୀ, ରାୟଗଡ଼ାରେ ୩୯.୦ ଡିଗ୍ରୀ, ଭଦ୍ରକରେ ୩୯.୨ ଡିଗ୍ରୀ, ଯାଜପୁରରେ ୩୯.୫ ଡିଗ୍ରୀ, ଢେଙ୍କାନାଳରେ ୩୯.୫ ଡିଗ୍ରୀ ରେକର୍ଡ କରାଯାଇଛି। ଅନ୍ୟପଟେ ୪ ତାରିଖ ଦିନ ପ୍ରବଳ ତାତି ସାଙ୍ଗକୁ ଉପରବେଳା କିଛି ଜିଲ୍ଲାରେ ବିଜୁଳି ଘଡ଼ଘଡ଼ି ସହିତ କାଳବୈଶାଖୀ ଜନିତ ବର୍ଷା ଆଶଙ୍କା ରହିଛି। ମୁଖ୍ୟତଃ ସୁନ୍ଦରଗଡ଼, କୋରାପୁଟ, ରାୟଗଡ଼ା ଓ ଝାରସୁଗୁଡ଼ା ଜିଲ୍ଲାରେ ଏହାର ପ୍ରଭାବ ରହିବ ବୋଲି ପାଣିପାଗ କେନ୍ଦ୍ର ଆକଳନ କରିଛି।

### ୬ଷ୍ଠ ଥର...

ଯେ ମହିମା ଧର୍ମର ବିକାଶ ପାଇଁ ମୁଖ୍ୟମନ୍ତ୍ରୀ ଯେଉଁ ପଦକ୍ଷେପ ନେଇଛନ୍ତି ତାହା ଯୁଗ ଯୁଗ ଧରି ସ୍ମରଣୀୟ ହୋଇ ରହିବ। ମହିମା ଧର୍ମ ପ୍ରତି ତାଙ୍କର ସମର୍ପଣ ଭାବ ଅନନ୍ୟ ଉଦାହରଣ ସୃଷ୍ଟି କରିଛି। ସେଥିପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଯେତେ ଧନ୍ୟବାଦ ଦେଲେ ବି କମ୍ ହେବ। ଐତିହାସିକ ଯୋରନ୍ଦା ପୀଠର ବିକାଶ ପାଇଁ ମୁଖ୍ୟମନ୍ତ୍ରୀ ୧୬୦ କୋଟି ଟଙ୍କା ମଞ୍ଜୁର କରିଛନ୍ତି। କେବଳ ଯୋରନ୍ଦା ପୀଠ ନୁହେଁ; ରାଜ୍ୟର ସବୁ ଧର୍ମାନୁଷ୍ଠାନର ସୁରକ୍ଷା ପାଇଁ ମୁଖ୍ୟମନ୍ତ୍ରୀ ଏବଂ '୫-ଟି' ଅଧ୍ୟକ୍ଷ ଯତ୍ନବାନ୍ ଅଛନ୍ତି। ରାଜ୍ୟ ଓ ରାଜ୍ୟବାସୀଙ୍କ ହିତ ପାଇଁ ସର୍ବଦା ଉଦ୍ୟମ କରୁଛନ୍ତି। ସେ ହିଁ ଓଡ଼ିଶାକୁ ଆହୁରି ବିକାଶ ପଥରେ ଆଗେଇ ନେବେ। ସୂଚନାଯୋଗ୍ୟ ଯେ ଅଲେଖ ମହିମା ପୀଠରେ ସାଧୁମାନଙ୍କ ମଧ୍ୟରେ ଦୀର୍ଘ ଦିନ ଧରି ଲାଗି ରହିଥିବା ବିବାଦର ସମାଧାନ କରିବାରେ ମୁଖ୍ୟମନ୍ତ୍ରୀଙ୍କର ବଡ଼ ଭୂମିକା ରହିଥିଲା। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ '୫-ଟି' ତଥା ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ୍ ଏକାଧିକବାର ଯୋରନ୍ଦା ପୀଠ ଗସ୍ତ କରି ବିକାଶ କାର୍ଯ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ମହିମାଗାଦିର ବିକାଶ ପାଇଁ କ'ଣ ଆବଶ୍ୟକ ତାହା ପଚାରି ବୁଝିଥିଲେ। ପରେ ତିନି ଥର ସାଧୁମାନେ ଭୁବନେଶ୍ୱର ନବୀନ ନିବାସ ଓ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ଆସି ବିଭିନ୍ନ ପ୍ରସ୍ତାବ ଦେଇଥିଲେ। ସାଧୁମାନଙ୍କ ଇଚ୍ଛାକୁ ସମ୍ମାନ ଜଣାଇ ଯୋରନ୍ଦା ପୀଠର ରୂପାନ୍ତରଣ ପାଇଁ ମୁଖ୍ୟମନ୍ତ୍ରୀ ୧୬୦ କୋଟି ଟଙ୍କା ମଞ୍ଜୁର କରିଥିବା ବେଳେ ଗତବର୍ଷ ଡିସେମ୍ବର ମାସରେ ଭୂମିପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କେବଳ ଯୋରନ୍ଦା ନୁହେଁ; ସାରା ରାଜ୍ୟରେ ଥିବା ୧୫୦ଟି ମହିମା ଗାଦିର ଉନ୍ନତି ପାଇଁ ମୁଖ୍ୟମନ୍ତ୍ରୀ ୮୩୦ କୋଟି ଟଙ୍କା ଅର୍ଥ ମଞ୍ଜୁର କରିଛନ୍ତି। ମହିମା ମନ୍ଦିରର ରୂପାନ୍ତରଣକୁ ପ୍ରାଥମିକତା ଦେଇଛନ୍ତି।

### ଓଡ଼ିଶାର ଅସ୍ମିତା...

ମିଶ୍ର, ମହାରାଜା ହରିହର ମର୍ଦ୍ଦରାଜଙ୍କ ଅସୀମ ତ୍ୟାଗ ଓ ନିରନ୍ତର ସଂଗ୍ରାମ ଯୋଗୁଁ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ସମ୍ଭବ ହୋଇଥିଲା। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଏହି ମହାମନିଷୀମାନଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ଓଡ଼ିଆ ଭାଷା ଓ ସାହିତ୍ୟକୁ ସମୃଦ୍ଧ କରିଥିବା ଭକ୍ତକବି ମଧୁସୂଦନ ରାଓ, କବିବର ରାଧାନାଥ ରାୟ, କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ର, ନାରୀକବି କୁନ୍ତଳା କୁମାରୀ ସାବତ, କର୍ମବୀର ଗୌରୀଶଙ୍କର ରାୟଙ୍କ ପରି ସାହିତ୍ୟ ମହାରଥୀମାନଙ୍କୁ ମଧ୍ୟ ମନେ ପକାଇଥିଲେ। ଦେଶର ସ୍ୱାଧୀନତା ସଂଗ୍ରାମରେ ଓଡ଼ିଶା ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲା ବୋଲି ଉଲ୍ଲେଖ କରି ଏ ମାଟିର ସ୍ୱାଭିମାନର ସୁରକ୍ଷା ପାଇଁ ଜୟୀ ରାଜଗୁରୁ, ବକ୍ସି ଜଗବନ୍ଧୁ, ବୀର ସୁରେନ୍ଦ୍ର ସାଏ, ସହିଦ ବାଜି ରାଉତ, ସହିଦ ଲକ୍ଷ୍ମଣ ନାଏକଙ୍କ ପରି ସଂଗ୍ରାମୀମାନଙ୍କ ପ୍ରତି ମଧ୍ୟ ମୁଖ୍ୟମନ୍ତ୍ରୀ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଓଡ଼ିଆ ଭାଷା ଆଜି ଶାସ୍ତ୍ରୀୟ ମାନ୍ୟତା ପାଇଛି। ଓଡ଼ିଶାର କଳା ଓ ସଂସ୍କୃତି ଦେଶବିଦେଶରେ ଆମ ପରିଚୟକୁ ଆହୁରି ଉଜ୍ଜ୍ୱଳ କରୁଛି। ଦେଶବିଦେଶରେ ରହୁଥିବା ଓଡ଼ିଆ ଭାଇ ଓ ଭଉଣୀମାନେ ସେମାନଙ୍କ ଦକ୍ଷତା ଦ୍ୱାରା ଏ ମାଟିର ଗୌରବ ବୃଦ୍ଧି କରିଛନ୍ତି। ଏ ପବିତ୍ର ଭୂମି ଯୁଗେଯୁଗେ ସାରା ବିଶ୍ୱକୁ ଶାନ୍ତି, ପ୍ରେମ, ଅହିଂସା ଓ ସଦ୍‌ଭାବନାର ବାର୍ତ୍ତା ଦେଇ ଆସିଛି। ଏ ମାଟି ପ୍ରତି ଆମ ସମସ୍ତଙ୍କର ଦାୟିତ୍ୱ ରହିଛି ବୋଲି ଉଲ୍ଲେଖ କରିବା ସହ ଆମ ବରପୁତ୍ରମାନଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଓଡ଼ିଆ ମାଟିର ଅସ୍ମିତା ଓ ସ୍ୱାଭିମାନ ରକ୍ଷା ପାଇଁ ମିଳିତ ଭାବେ କାମ କରି ଚାଲିବାକୁ ମୁଖ୍ୟମନ୍ତ୍ରୀ ଆହ୍ୱାନ ଦେଇଛନ୍ତି।

ଏହି ଉତ୍ସବରେ ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ ପ୍ରଦୀପ କୁମାର ଅମାତ ସଭାପତିତ୍ୱ କରି କହିଲେ ଯେ ଗୌରବମୟ ଇତିହାସ, ଉତ୍କୃଷ୍ଟ କଳା-ଭାସ୍କର୍ଯ୍ୟ, ଅପରୂପ ପ୍ରାକୃତିକ ସୌନ୍ଦର୍ଯ୍ୟରେ ପରିପୂର୍ଣ୍ଣ ପର୍ଯ୍ୟଟନ ବିଭବ ଓଡ଼ିଶାକୁ ଭାରତବର୍ଷର ଏକ ଅନନ୍ୟ ରାଜ୍ୟ ଭାବେ ପ୍ରତିପାଦିତ କରିଛି। ଆମର ବୌଦ୍ଧିକ ଓ ଆଧ୍ୟାତ୍ମିକ ଚେତନା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଶରଣରେ ପରିସ୍ଫୁଟ ହୋଇ ଆମକୁ ବିଶ୍ୱର ଏକ ଶ୍ରେଷ୍ଠ ଜାତିରେ ପରିଣତ କରିଛି ବୋଲି ସେ କହିଛନ୍ତି। ସମ୍ମାନିତ ଅତିଥି ଭାବେ ଯୋଗଦେଇ ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା କହିଲେ ଯେ ଦେଶର ପ୍ରଥମ ଭାଷାଭିତ୍ତିକ ରାଜ୍ୟ ଭାବେ ଓଡ଼ିଶା ଆଜି ୮୮ ବର୍ଷ ଅତିକ୍ରମ କରିସାରିଛି। ଅନେକ ମହାମନିଷୀଙ୍କ ଅସୀମ ତ୍ୟାଗ ଓ ବଳିଦାନ ପରେ ଆମେ ସ୍ୱତନ୍ତ୍ର ରାଜ୍ୟର ମାନ୍ୟତା ଲାଭ କରିଥିଲୁ। ଆମ ସମସ୍ତଙ୍କର ମିଳିତ ପ୍ରୟାସ ଓ ଲକ୍ଷ୍ୟ ରହିଲେ, ଓଡ଼ିଶା ନିଶ୍ଚୟ ଏକ ସମୃଦ୍ଧ ଓ ଉନ୍ନତ ରାଜ୍ୟରେ ପରିଗଣିତ ହୋଇପାରିବ ବୋଲି ସେ ମତ ରଖିଥିଲେ। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର କମିସନର ତଥା ଶାସନ ସଚିବ ସୁଜାତା ଆର୍. କାର୍ତ୍ତିକେୟନ୍ ଅନ୍ୟତମ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିବା ବେଳେ ସୂଚନା ଓ ଲୋକସମ୍ପର୍କ ବିଭାଗର ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂହ ସ୍ୱାଗତ ଭାଷଣ ଦେବା ସହ ଶ୍ରୀ ସିଂହ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଦ୍ୱାରା ପ୍ରେରିତ ବାର୍ତ୍ତା ପାଠ କରିଥିଲେ।

### ୧୪ ଦିନିଆ...

ଶୁଣିବା ପରେ ରାଉଜ୍ ଆଭେନ୍ୟୁ କୋର୍ଟ କେଜ୍ରିୱାଲଙ୍କୁ ୧୪ ଦିନ ବିଚାର ବିଭାଗୀୟ ହାଜତକୁ ପଠାଇ ଦେଇଛନ୍ତି। ଆବଶ୍ୟକ ପଡ଼ିଲେ ତାଙ୍କୁ ପୁଣି ରିମାଣ୍ଡରେ ଅଣାଯାଇପାରେ ବୋଲି ଇଡି କହିଛି। କେଜ୍ରିୱାଲଙ୍କୁ ତିହାର ଜେଲର ବାରାକ୍ ନଂ ୨ରେ ରଖାଯିବା ପାଇଁ ବ୍ୟବସ୍ଥା କରାଯାଇଛି। ଏଠାରେ ସେ ଏକୁଟିଆ ରହିବାକୁ ବ୍ୟବସ୍ଥା କରାଯାଇଥିଲା ବେଳେ ୨୪ ଘଣ୍ଟିଆ ସିସିଟିଭି ପର୍ଯ୍ୟବେକ୍ଷଣ ସହିତ ଜେଲ ପରିସରରେ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ତାଙ୍କର ସ୍ୱାସ୍ଥ୍ୟଗତ କାରଣକୁ ନେଇ କେଜ୍ରିୱାଲଙ୍କୁ ସ୍ୱତନ୍ତ୍ର ଖାଦ୍ୟ ପାନୀୟ ସମେତ ଆବଶ୍ୟକ ଔଷଧ ଯୋଗାଇ ଦେବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି।

### ପ୍ରେମିକ ପାଇଁ...

କୋର୍ଟଚାଲାଣ କରିଥିବା ଜଣାଯାଇଛି। ପୁଲିସ୍ ସେମାନଙ୍କଠାରୁ ଗୋଟିଏ ସ୍କ୍ରୁ-ଡାଇଭର, ତିନୋଟି ମୋବାଇଲ, ଗୋଟିଏ ବାଇକ୍, ସୁନା ମୁଦି ଓ ସୁନାହାର ଜବତ କରିଛି।ସୂଚନାଯୋଗ୍ୟ, ଗତ ମାସ ୨୮ ତାରିଖ ଦିନ ଜୟଲକ୍ଷ୍ମୀ ନିଜ ସ୍ୱାମୀ ଏମ୍. ଲିଙ୍ଗରାଜଙ୍କ ସହ ଗୁରାଣ୍ଡି ଥାନା ବାଟସିରିପୁର ଗ୍ରାମକୁ ଏକ ବିବାହ ଉତ୍ସବରେ ଯୋଗ ଦେବାକୁ ଯାଇଥିଲେ। ୨୯ ତାରିଖ ସକାଳେ ଏକ ଧାନବିଲରୁ ଲିଙ୍ଗରାଜଙ୍କ ମୃତଦେହ ଉଦ୍ଧାର ହୋଇଥିଲା। ଏହି ଘଟଣାରେ ଜୟଲକ୍ଷ୍ମୀ ପୁଲିସ୍‌କୁ ବୟାନ ଦେଇଥିଲେ ଯେ ବିବାହ ଉତ୍ସବରେ ଥିବା ସମୟରେ ଜଣେ ବ୍ୟକ୍ତି ତାଙ୍କୁ ସେଠାରୁ ଡାକି ଗାଁ ବାହାରକୁ ନେଇ ଯାଇଥିଲେ। କେବଳ ଏତିକି ସୂଚନାରୁ ପୁଲିସ ତଦନ୍ତ ଆରମ୍ଭ କରିଥିଲା। ଲିଙ୍ଗରାଜଙ୍କ ମୃତ ଶରୀରରୁ ସୁନାଚେନ୍ ଓ ମୁଦି ଗାଏବ୍ ହୋଇଯାଇଥିବାରୁ ପୁଲିସ ହତ୍ୟାର ଅନ୍ୟ ଦିଗଗୁଡ଼ିକୁ ବି ଛାନଭିନ୍ କରିଥିଲା। ଏହା ଏକ ଲୁଟ୍‌ଜନିତ ହତ୍ୟା ବୋଲି ଜିଲ୍ଲାରେ ଚର୍ଚ୍ଚା ହୋଇଥିଲା। ହେଲେ ପୁଲିସକୁ ଗୋଟିଏ ସୁରାକ ମିଳିଥିଲା। ଲିଙ୍ଗରାଜ ମାସେ ହେବ ନିଜ ବୈବାହିକ ଜୀବନକୁ ନେଇ ମାନସିକ ଚିନ୍ତାରେ ଥିବା ପୁଲିସ ଜାଣିପାରିଥିଲା। ସେଇ ଦିଗରେ ପୁଲିସ ତା'ର ତଦନ୍ତ ଆଗକୁ ବଢ଼ାଇଥିଲା। ଜୟଲକ୍ଷ୍ମୀଙ୍କ ମୋବାଇଲର କଲ୍ ରେକର୍ଡ ଯାଞ୍ଚ କରିଥିଲା ପୁଲିସ। ନିଜ ସ୍ୱାମୀକୁ ରାସ୍ତାରୁ ହଟାଇବା ପାଇଁ ନିଜ ପୁରୁଷବନ୍ଧୁ ଏନ.ଉପେନ୍ଦ୍ର ସହ ଜୟଲକ୍ଷ୍ମୀ ଷଡ଼ଯନ୍ତ୍ର କରିଥିବା ଜଣାପଡ଼ିଥିଲା। ପ୍ରମାଣ ମିଳିବା ପରେ ପୁଲିସ ଜୟଲକ୍ଷ୍ମୀ ଓ ଉପେନ୍ଦ୍ରଙ୍କୁ ଗିରଫ କରିଛି।

ପୁଲିସ୍ ସୂଚନାନୁଯାୟୀ, ଜୟଲକ୍ଷ୍ମୀ ନିଜ ପୁରୁଷ ବନ୍ଧୁ ଉପେନ୍ଦ୍ରଙ୍କ ସହ ମିଶି ଷଡ଼ଯନ୍ତ୍ର ରଚିଥିଲେ। ଲିଙ୍ଗରାଜଙ୍କ ଯିବା ଆସିବାର ସମସ୍ତ ସୂଚନା ଉପେନ୍ଦ୍ରକୁ ଜୟଲକ୍ଷ୍ମୀ ହିଁ ଦେଇଥିଲେ। ଲିଙ୍ଗରାଜୁଙ୍କୁ ଥଣ୍ଡା ପାନୀୟ ପିଇବା ବାହାନାରେ ଉପେନ୍ଦ୍ର ଗ୍ରାମ ବାହାରକୁ ଡାକି ନେଇ ପୂର୍ବ ଯୋଜନା ମୁତାବକ ବେକ କାଟିଥିଲା। ଭାରସାମ୍ୟ ହରାଇ ଉଭୟ ବାଇକ୍‌ରୁ ପଡ଼ିବା ପରେ ତାଙ୍କ ଛାତିରେ ୨୬ଥର ଓ ପିଠିରେ ୨୭ଥର ଛୁରି ଭୁସିଥିଲା ଉପେନ୍ଦ୍ର। ହତ୍ୟା ପରେ ଉପେନ୍ଦ୍ର ଆନ୍ଧ୍ରପ୍ରଦେଶର ବାଡିଲି ଗ୍ରାମକୁ ଚାଲିଯାଇଥିଲା। ଉପେନ୍ଦ୍ର ଓ ଜୟଲକ୍ଷ୍ମୀଙ୍କ ମଧ୍ୟରେ ଥିବା ପ୍ରେମ ସମ୍ପର୍କ ପାଇଁ ନିରୀହ ଲିଙ୍ଗରାଜ ବଳି ପଡ଼ିଲେ ବୋଲି ଗଜପତି ଏସ୍‌ପି ସୁଶ୍ରୀ ସ୍ୱାତୀ ଏସ୍. କୁମାର କହିଛନ୍ତି। ଖବରଦାତା ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଗୁରାଣ୍ଡି ଥାନା ଏସ୍ଆଇ ବଳରାମ ବେହେରାଙ୍କ ସମେତ ଗୁରାଣ୍ଡି ଥାନା ପୁଲିସ କର୍ମଚାରୀ ଉପସ୍ଥିତ ଥିଲେ।


SALE

Booking Open 2/3 BHK Flat Bhpl Krishna, Bharatpur, Bhpl Rudra in front of CET. College, Ghatikia, Bhpl SB Homes, Ghatikia, Ready for Possession Aastha Highway South & North, Dhauli Chhak, BBSR. Contact- Bhavishya Homes Pvt Ltd.

Ph.: 9437015112






### ଇଡିରେ ଦୁଇ ମନ୍ତ୍ରୀଙ୍କ ନାଁ ନେଲେ କେଜ୍ରିୱାଲ

# ଅଡୁଆ ପରିସ୍ଥିତିରେ ଆତିଶୀ, ଭରଦ୍ୱାଜ

ନୂଆଦିଲ୍ଲୀ,୧।୪(ଏଜେନ୍ସି)

ଦିଲ୍ଲୀ ଅବକାରୀ ଦୁର୍ନୀତି ମାମଲାକୁ ନେଇ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ପଞ୍ଝାରେ ଆମ ଆଦମୀ ପାର୍ଟି(ଆପ୍)ର ଗୋଟିଏ ପରେ ଗୋଟିଏ ନେତା ଫସିବାରେ ଲାଗିଛନ୍ତି। ଏହି ମାମଲାରେ ପୂର୍ବରୁ ଉପ ମୁଖ୍ୟମନ୍ତ୍ରୀ ରହିଥିବା ମନୀଷ ସିସୋଦିଆ ,ସାଂସଦ ସଞ୍ଜୟ ସିଂଙ୍କ ସମେତ ଦଳର ଯୋଗାଯୋଗ ମୁଖ୍ୟ ବିଜୟ ନାୟାର ଏବଂ ବହୁ ବ୍ୟବସାୟୀ ଗିରଫ ହୋଇସାରିଛନ୍ତି। ସେହିପରି ଏହି ମାମଲାରେ ଜଡ଼ିତ ରହିଥିବା ତେଲଙ୍ଗାନାର ପୂର୍ବତନ ମୁଖ୍ୟମନ୍ତ୍ରୀ କେସିଆରଙ୍କ ଝିଅ କବିତା ମଧ ଏବେ ଜେଲରେ ରହିଛନ୍ତି। ଏହାପରେ ମୁଖ୍ୟମନ୍ତ୍ରୀ ତଥା ଆପ୍ ମୁଖ୍ୟ ଅରବିନ୍ଦ କେଜ୍ରିୱାଲଙ୍କୁ ଇଡି ଗତ ମାସ ୨୧ ତାରିଖରେ ଗିରଫ କରି ନିଜ ହେପାଜତରେ ରଖିଥିଲା ବେଳେ ସୋମବାର କୋର୍ଟ ନିର୍ଦ୍ଦେଶ ଅନୁସାରେ ତାଙ୍କୁ ୧୪ ଦିନ ପାଇଁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। କିନ୍ତୁ କେଜ୍ରିୱାଲ ଜେଲ ଯିବା ପୂର୍ବରୁ ନିଜର ଦୁଇ ପ୍ରମୁଖ ମନ୍ତ୍ରୀଙ୍କ ପାଇଁ ଅଡୁଆ ପରିସ୍ଥିତି ସୃଷ୍ଟି କରିଛନ୍ତି।






ଇଡି ପଚରାଉଚରା ବେଳେ ସେ ମନ୍ତ୍ରୀ ଆତିଶୀ ମାର୍ଲେନା ଏବଂ ସୌରଭ ଭରଦ୍ୱାଜଙ୍କ ନାଁ ଉଠାଇଥିବାରୁ ଏବେ ଏହି ଦୁଇ ମନ୍ତ୍ରୀ ଇଡିକୁ ସାମ୍ନା କରିବାକୁ ପଡ଼ିବ ବୋଲି କୁହାଯାଉଛି। ଦିଲ୍ଲୀ ଅବକାରୀ ଦୁର୍ନୀତି ମାମଲାରେ ଆପ୍‌ର ଯୋଗାଯୋଗ ମୁଖ୍ୟ ଭାବେ କାର୍ଯ୍ୟ କରୁଥିବା ବିଜୟ ନାୟାର ଅର୍ଥ କାରବାରରେ ମୁଖ୍ୟ ଭୂମିକା ନିଭାଇଥିବା ଯାଞ୍ଚରୁ ଜଣାପଡ଼ିଛି। କବିତାଙ୍କ ନେତୃତ୍ୱରେ ଏହି ଘୋଟାଲାରେ କାର୍ଯ୍ୟ କରିଥିବା 'ସାଉଥ୍ ଲବି' ଲିଙ୍କ୍‌ରେ ବିଜୟ ଥିଲେ। ଏହି ଗ୍ରୁପ୍ ଏବଂ କେଜ୍ରିୱାଲଙ୍କ ମଧ୍ୟରେ ସେ ହିଁ ସମନ୍ୱୟ ରଖିଥିଲେ। ଏଥିପାଇଁ ମୁଖ୍ୟମନ୍ତ୍ରୀଙ୍କ ବାସଭବନକୁ ଲାଗି ଜଣେ ମନ୍ତ୍ରୀଙ୍କ ବାସଭବନକୁ ବିଜୟ ନାୟାରଙ୍କୁ ରହିବାକୁ ଦିଆଯାଇଥିଲା ବୋଲି ଅଭିଯୋଗ ଉଠିଥିଲା। ତାଙ୍କ ମାଧ୍ୟମରେ ସାଉଥ୍ ଲବି ଦ୍ୱାରା ୧୦୦ କୋଟିର ଲାଞ୍ଚ କାରବାର ହୋଇଥିବା କୁହାଯାଉଛି। କିନ୍ତୁ ଇଡି ଦ୍ୱାରା କେଜ୍ରିୱାଲଙ୍କୁ ପଚରାଉଚରା ବେଳେ ସେ ଅଧିକାଂଶ ପ୍ରଶ୍ନକୁ ଏଡାଇ ଦେଇଥିଲା ବେଳେ ସେ କିଛି ଜାଣନ୍ତି ନାହିଁ ବୋଲି କହିଥିଲେ। ତେବେ ପରବର୍ତ୍ତୀ ସମୟରେ ବିଜୟ ନାୟାରଙ୍କ ଭୂମିକାକୁ ନେଇ ପ୍ରଶ୍ନ କରାଯିବାରୁ ବିଜୟ ତାଙ୍କୁ ନୁହେଁ, ବରଂ ତାଙ୍କର ଦୁଇ ବରିଷ୍ଠ ମନ୍ତ୍ରୀ ଆତିଶୀ ଏବଂ ସୌରଭ ଭରଦ୍ୱାଜଙ୍କୁ ରିପୋର୍ଟ କରୁଥିଲେ ବୋଲି କେଜ୍ରିୱାଲ କହିଥିଲେ। ଏହାଦ୍ୱାରା ଏବେ ଏହି ଦୁଇ ମନ୍ତ୍ରୀ ଇଡି ର୍ୟାଡର୍ ମଧ୍ୟକୁ ଚାଲି ଆସିଛନ୍ତି। କୌଣସି ମୁହୂର୍ତ୍ତରେ ଆତିଶୀ ଏବଂ ସୌରଭଙ୍କୁ ଇଡିର ଡକରା ଆସିପାରେ ବୋଲି ଆଶଙ୍କା ପ୍ରକାଶ ପାଇଛି। ଏହି ଦୁଇ ମନ୍ତ୍ରୀଙ୍କ ବ୍ୟତୀତ କ୍ୟାବିନେଟ୍ ମନ୍ତ୍ରୀ କୈଳାସ ଗେହଲଟ ମଧ ଇଡି ନଜରରେ ରହିଛନ୍ତି। ଅବକାରୀ ନୀତି ଘୋଟାଲାରେ ହୋଇଥିବା ଅର୍ଥ କାରବାରରେ ତାଙ୍କର ମଧ ଭୂମିକା ରହିଥିବା ସୁରାକ୍ ମିଳିବା ପରେ ସେ ମଧ ଜେରାର ସମ୍ମୁଖୀନ ହୋଇପାରନ୍ତି ବୋଲି କୁହାଯାଉଛି।

## ସୁନୀତାଙ୍କ ପାଇଁ ରାସ୍ତା ସଫା କରୁଛନ୍ତି କେଜ୍ରିୱାଲ !

ନୂଆଦିଲ୍ଲୀ,୧।୪(ଏଜେନ୍ସି)

ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲ ପ୍ରାୟ ୧୨ ଦିନ ଧରି ଇଡି ଜେରାର ସମ୍ମୁଖୀନ ହୋଇଥିଲା ବେଳେ ଜେଲ ଯିବା ପୂର୍ବରୁ ତାଙ୍କର ଦୁଇ ମନ୍ତ୍ରୀ ଆତିଶୀ ଏବଂ ସୌରଭ ଭରଦ୍ୱାଜ୍‌ଙ୍କ ନାଁ ନେବା ଘଟଣା ରାଜନୀତି ବିଶାରଦମାନଙ୍କୁ ଆଶ୍ଚର୍ଯ୍ୟ କରିଛି। କେଜ୍ରିୱାଲ ଇଡି ଦ୍ୱାରା ଗିରଫ ହେବା ପରେ ଏହି ଦୁଇ ମନ୍ତ୍ରୀ ପୂର୍ବାପେକ୍ଷା ଅଧିକ ସକ୍ରିୟ ହେବା ସହିତ ସାମ୍ନାକୁ ଆସିଛନ୍ତି। ସେମାନେ ଦଳୀୟ କାର୍ଯ୍ୟକ୍ରମ କିମ୍ବା ଗଣାମଧମରେ ଦଳର ମତାମତ ଦେଉଛନ୍ତି। ସରକାର ପରିଚାଳନା କରିବା ଲକ୍ଷ୍ୟରେ କେଜ୍ରିୱାଲ ଯାହା ନିର୍ଦ୍ଦେଶ ଦେଉଛନ୍ତି ତାହାକୁ ମଧ ଏହି ଦୁଇ ମନ୍ତ୍ରୀ ସାଧାରଣରେ ପ୍ରକାଶ କରୁଛନ୍ତି। ବିଶେଷକରି ଆତିଶୀ ମାର୍ଲେନା ବିଶେଷ ଆଗଭର ହେବା ସହିତ ଘଟଣାକ୍ରମରେ ଅଧିକ ସକ୍ରିୟ ହୋଇପଡ଼ିଥିବାରୁ ଅରବିନ୍ଦଙ୍କ ସ୍ଥାନ ଗ୍ରହଣ କରିପାରନ୍ତି ବୋଲି ଚର୍ଚ୍ଚା ହେଉଛି। କିନ୍ତୁ ଏହାମଧରେ ଅରବିନ୍ଦଙ୍କ ପତ୍ନୀ ସୁନୀତା କେଜ୍ରିୱାଲ ମଧ ସାମ୍ନାକୁ ଆସିଛନ୍ତି। ସେ ମୁଖ୍ୟମନ୍ତ୍ରୀଙ୍କ ଚୌକିରେ ବସି ଜନମାନସକୁ ସମ୍ବୋଧିତ କରୁଥିଲା ବେଳେ ନିକଟରେ ଶେଷ ହୋଇଥିବା ଇଣ୍ଡିଆ ମେଣ୍ଟ ମହାରାଲି ମଞ୍ଚରେ ମଧ ବକ୍ତବ୍ୟ ରଖିଛନ୍ତି। ଅରବିନ୍ଦ କେଜ୍ରିୱାଲ ଏବେ ଜେଲରୁ ମୁକୁଳିବା ଏକପ୍ରକାର ସମ୍ଭବ ନୁହେଁ ବୋଲି କୁହାଯାଉଥିଲା ବେଳେ ତାଙ୍କ ସ୍ଥାନରେ ସୁନୀତା ଦଳୀୟ ମଙ୍ଗ ଧରି ପାରନ୍ତି ବୋଲି କୁହାଯାଉଛି। କିନ୍ତୁ ଏଥିପାଇଁ କାଳେ ଆତିଶୀ କଣ୍ଟା ହେବେ ଏବଂ ଦଳୀୟ ସ୍ଥିତି ବଦଳିଯିବ ; ସେଥିପାଇଁ ଅରବିନ୍ଦ ଏହି ଦୁଇ ମନ୍ତ୍ରୀଙ୍କୁ ଇଡିକୁ ଟାଣିବାକୁ ମସୁଧା କରିଥିବା ଚର୍ଚ୍ଚା ହେଉଛି।



## ୨ୟ ବିଶ୍ୱଯୁଦ୍ଧ ସମୟର ସୁବେଦାରଙ୍କ ପରଲୋକ

ନୂଆଦିଲ୍ଲୀ, ୧।୪ (ଏଜେନ୍ସି): ଦ୍ୱିତୀୟ ବିଶ୍ୱଯୁଦ୍ଧ ଲଢ଼ିଥିବା ସୁବେଦାର ଥାନାସିଆଙ୍କ ପରଲୋକ ହୋଇଛି। ମୃତ୍ୟୁବେଳକୁ ତାଙ୍କୁ ୧୦୨ ବର୍ଷ ବୟସ ହୋଇଥିଲା। ଥାନାସିଆ କୋହିମା ଲଢ଼େଇରେ ସାମିଲ ଥିଲେ। ମିତ୍ର ଦେଶଗୁଡ଼ିକର ବିଜୟରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। ଅନେକ ଆହ୍ୱାନର ସମ୍ମୁଖୀନ ହେବା ସତ୍ତ୍ୱେ ଏହି ଯୁଦ୍ଧରେ ସେ ଅପୂର୍ବ ସାହସିକତା ପ୍ରଦର୍ଶନ କରିଥିଲେ। ପ୍ରଥମ ଆସାମ ରେଜିମେଣ୍ଟ ପ୍ରତିଷ୍ଠା କରିବାରେ ମଧ ତାଙ୍କର ବଳିଷ୍ଠ ଅବଦାନ ରହିଥିଲା। ଆସାମ ରେଜିମେଣ୍ଟ ପକ୍ଷରୁ ତାଙ୍କୁ ସମ୍ମାନ ସହିତ ଅନ୍ତିମ ବିଦାୟ ଦିଆଯାଇଛି।



## ଭାରତର ପ୍ରତିରକ୍ଷା ରପ୍ତାନୀ ୨୧ ହଜାର କୋଟି ଟପିଲା

ନୂଆଦିଲ୍ଲୀ, ୧।୪ (ଏଜେନ୍ସି): ପ୍ରତିରକ୍ଷା ରପ୍ତାନୀରେ ଭାରତ ନୂଆ ରେକର୍ଡ କରିଛି। ପ୍ରଥମ ଥର ପାଇଁ ଏହି ରପ୍ତାନୀ ୨୧ ହଜାର କୋଟି ଟଙ୍କା ପାର କରିଛି। ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ସୋମବାର ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ ଆର୍ଥିକ ବର୍ଷ ୨୦୨୩-୨୪ରେ ପ୍ରତିରକ୍ଷା ରପ୍ତାନୀ ବଡ଼ ଲମ୍ଫ ପ୍ରଦାନ କରି ୨୧,୦୮୩ କୋଟିରେ ପହଞ୍ଚି ଯାଇଛି। ଏହା ଗତ ଆର୍ଥିକ ବର୍ଷ ତୁଳନାରେ ୩୨.୫ ପ୍ରତିଶତ ଅଧିକ। ଗତ କିଛି ବର୍ଷ ହେଲା ଭାରତର ଘରୋଇ ଏବଂ ସରକାରୀ ପ୍ରତିରକ୍ଷା କମ୍ପାନୀଗୁଡ଼ିକ ବହୁତ ଭଲ ଯୋଗଦାନ ଦେଇଛନ୍ତି।

## ରାହୁଲଙ୍କ ବିରୋଧରେ ଇସିରେ ବିଜେପି ଫେରାଦ



ନୂଆଦିଲ୍ଲୀ, ୧।୪(ଏଜେନ୍ସି): ଲୋକସଭା ନିର୍ବାଚନରେ ବିଜେପି ମ୍ୟାଚ୍ ଫିକ୍ସିଂ କରିବାକୁ ଯାଉଛି ବୋଲି କଂଗ୍ରେସ ନେତା ରାହୁଲ ଗାନ୍ଧୀ ଦେଇଥିବା ମନ୍ତବ୍ୟ ବିରୋଧରେ ବିଜେପି ନିର୍ବାଚନ କମିଶନଙ୍କ ନିକଟରେ ଆପତ୍ତି ଦାଖଲ କରିଛି। କେନ୍ଦ୍ର ମନ୍ତ୍ରୀ ହରଦୀପ ପୁରିଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଇସିଆଇଙ୍କୁ ଭେଟି ରାହୁଲ ଦେଇଥିବା ମନ୍ତବ୍ୟ ଅତୀବ ଆପତ୍ତିଜନକ ବୋଲି କହିଛନ୍ତି। କାରଣ, ବିଜେପି ମ୍ୟାଚ ଫିକ୍ସିଂ କରୁଛି କହିବାର ଅର୍ଥ ହେଲା, ବିଜେପି ସାଧାରଣ ନିର୍ବାଚନରେ ହେରାଫେରି କରି ନିର୍ବାଚନକୁ ବିଘ୍ନ ପହଞ୍ଚାଉଛି। ରାହୁଲ ଏପରି ଆପତ୍ତିଜନକ ମନ୍ତବ୍ୟ ଦେଇ ନିର୍ବାଚନ ଆଦର୍ଶ ଆଚରଣ ବିଧି ଉଲ୍ଲଂଘନ କରିଛନ୍ତି। କେବଳ ସେତିକି ନୁହେଁ, ରାହୁଲ କହିଛନ୍ତି ଯେ ବିଜେପି ନିର୍ବାଚନ କମିଶନରେ ମଧ ନିଜ ଲୋକଙ୍କୁ ଭର୍ତ୍ତି କରିଛି। ରାହୁଲ ଇଭିଏମର ବିଶ୍ୱସନୀୟତା ଉପରେ ମଧ ପ୍ରଶ୍ନ ଉଠାଇଛନ୍ତି। ବିଜେପି ନିର୍ବାଚନ ଜିତିଲେ ସମ୍ବିଧାନକୁ ରଦ୍ଦ କରିଦେବ ବୋଲି ରାହୁଲ କହିଛନ୍ତି।

## ପିଆଇବିର ପ୍ରମୁଖ ମହାନିର୍ଦ୍ଦେଶକ ସେଫାଳୀ ଶରଣଙ୍କ ଦାୟିତ୍ୱଗ୍ରହଣ

ନୂଆଦିଲ୍ଲୀ, ୧।୪ (ଏଜେନ୍ସି)



ପତ୍ର ସୂଚନା କାର୍ଯ୍ୟାଳୟ (ପିଆଇବି)ର ପ୍ରମୁଖ ମହାନିର୍ଦ୍ଦେଶକ ଭାବେ ସେଫାଳୀ ବି ଶରଣ ସୋମବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ସେ ଅବସରଗ୍ରହଣ କରିଥିବା ମନୀଷ ଦେଶାଇଙ୍କ ସ୍ଥାନ ନେଇଛନ୍ତି। ଶ୍ରୀମତୀ ଶରଣ ୧୯୯୦ ବ୍ୟାଚର ଭାରତୀୟ ସୂଚନା ସେବା ଅଧିକାରୀ। ତିନି ଦଶନ୍ଧିରୁ ଅଧିକ ସମୟର କ୍ୟାରିୟରରେ ସେ ଅର୍ଥ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ, ସୂଚନା ଏବଂ ପ୍ରସାରଣ ମନ୍ତ୍ରଣାଳୟ ଭଳି ବିଭିନ୍ନ ମନ୍ତ୍ରଣାଳୟ ପାଇଁ ପତ୍ର ସୂଚନା କାର୍ଯ୍ୟାଳୟ ଅଧିକାରୀ ଭାବରେ ମୁଖ୍ୟତଃ ଗଣମାଧମ ପ୍ରଚାର କାର୍ଯ୍ୟର ଦାୟିତ୍ୱ ତୁଲାଇଛନ୍ତି। ସେ ଭାରତୀୟ ନିର୍ବାଚନ ଆୟୋଗଙ୍କ ମୁଖପାତ୍ର ଭାବରେ ମଧ କାର୍ଯ୍ୟ କରିଛନ୍ତି। ଏହା ବ୍ୟତୀତ ସେ କେନ୍ଦ୍ରୀୟ କର୍ମଚାରୀ ନିଯୁକ୍ତି ଯୋଜନା ଡେପୁଟେସନରେ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ (ପାରମ୍ପରିକ ଚିକିତ୍ସା ପଦ୍ଧତି / ଆୟୁଷ ବିଭାଗ (୨୦୦୨-୨୦୦୭) ଏବଂ ଅର୍ଥ ମନ୍ତ୍ରଣାଳୟ (ଆର୍ଥିକ ବ୍ୟାପାର ବିଭାଗ ୨୦୧୩-୨୦୧୭)ର ନିର୍ଦ୍ଦେଶକ ଭାବେ କାର୍ଯ୍ୟ କରିଛନ୍ତି। ସେହିପରି ସେ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟର ସୂଚନା ନୀତି ବିଭାଗରେ ଓଏସଡି କ୍ୟାଡର ପଦବୀରେ କାର୍ଯ୍ୟ କରିବା ସହିତ ୨୦୦୭-୨୦୦୮ ପର୍ଯ୍ୟନ୍ତ ଏଲଏସଟିଭି, ଲୋକସଭା ସଚିବାଳୟର ପ୍ରଶାସନିକ ଓ ଅର୍ଥ ନିର୍ଦ୍ଦେଶକ ଭାବେ ଦାୟିତ୍ୱ ନିର୍ବାହ କରିଛନ୍ତି। ଦାୟିତ୍ୱ ଗ୍ରହଣ କରିବା ପରେ ଶ୍ରୀମତୀ ଶରଣଙ୍କୁ ପତ୍ର ସୂଚନା କାର୍ଯ୍ୟାଳୟର ବରିଷ୍ଠ ଅଧିକାରୀମାନେ ସ୍ୱାଗତ କରିଥିଲେ।

## ଦିଲ୍ଲୀପ ଘୋଷ, ସୁପ୍ରିୟାଙ୍କୁ ଇସିଙ୍କ ଚେତାବନୀ



ନୂଆଦିଲ୍ଲୀ, ୧।୪ (ଏଜେନ୍ସି): ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଏବଂ ଅଭିନେତ୍ରୀ କଙ୍ଗନା ରାଣାୱତଙ୍କ ବିରୋଧରେ ଅପମାନଜନକ ମନ୍ତବ୍ୟ ଦେବାକୁ ନେଇ ନିର୍ବାଚନ କମିଶନ (ଇସି) ବିଜେପି ନେତା ଦିଲ୍ଲୀପ ଘୋଷ ଏବଂ କଂଗ୍ରେସ ନେତ୍ରୀ ସୁପ୍ରିୟା ଶ୍ରୀନେତଙ୍କୁ ନିନ୍ଦା କରିଛନ୍ତି। ଉଭୟଙ୍କୁ ମଧ ଚେତାବନୀ ଦେଇଛନ୍ତି। ନିର୍ବାଚନ ପ୍ରକ୍ରିୟାରେ ମହିଳାଙ୍କ ସମ୍ମାନରେ ଆଞ୍ଚ ଆସିବାକୁ ଦିଆଯିବ ନାହିଁ ବୋଲି କହିଛନ୍ତି। ନିର୍ବାଚନ ଆଚରଣ ବିଧି ଉଲ୍ଲଙ୍ଘନ ମାମଲାର ଜବାବ ମିଳିବା ପରେ ସୁପ୍ରିୟା ଏବଂ ଦିଲ୍ଲୀପଙ୍କ ବିରୋଧରେ ନଜର ରଖାଯିବ ବୋଲି କହିଛନ୍ତି। ତେଣୁ ମନ୍ତବ୍ୟ ଦେବାବେଳେ ସାବଧାନତା ଅବଲମ୍ବନ କରିବାକୁ ପରାମର୍ଶ ଦେଇଛନ୍ତି।

### ଚାକିରି ନାମରେ ଭାରତୀୟଙ୍କୁ ୟୁକ୍ରେନ ଯୁଦ୍ଧକୁ ପଠାଯାଉଛି

## ଭିସା କମ୍ପାନୀ ସମେତ ୧୯ ଜଣଙ୍କ ବିରୋଧରେ ଏତଲା

ନୂଆଦିଲ୍ଲୀ, ୧।୪ (ଏଜେନ୍ସି)

■ ଭିଡିଓ ଜାରିକଲେ ଯୁଦ୍ଧରେ ଫସିଥିବା ଭାରତୀୟ



ବିଦେଶରେ ଚାକିରି ଦେବା ନାମରେ ଭାରତରେ ଠକେଇ ଚାଲିଛି। ଚାକିରି ଆଳ ଦେଖାଇ ମାନବ ଚାଲାଣ କରାଯାଉଛି। ପରେ ଭାରତୀୟଙ୍କୁ ରୁଷ୍-ୟୁକ୍ରେନ ଯୁଦ୍ଧକୁ ଠେଲି ଦିଆଯାଉଛି। ଗତ ୮ ତାରିଖରେ ସିବିଆଇ ଏହି ଗୋରଖ ଧନ୍ଦା ଚଳାଇଥିବା କନ୍‌ସଲଟାନ୍ସି ସଂସ୍ଥାର ପର୍ଦ୍ଦାଫାସ କରିଥିଲା। ମିଛ କହି ରୁଷ୍ ପଠାଇଥିବା ମାମଲାରେ ୧୯ ଜଣଙ୍କ ବ୍ୟତୀତ ଏକ କନ୍‌ସଲଟାନ୍ସି କମ୍ପାନୀ ବିରୋଧରେ ଠକାମିର ଶିକାର ହୋଇଥିବା ବ୍ୟକ୍ତି ଏତଲା ରୁଜୁ କରିଛନ୍ତି। ଏହି ମାମଲାରେ ସିବିଆଇକୁ ସଫଳତା ମିଳିଛି। ଏହି ଠକେଇରେ ସାମିଲ ରୁଷ୍ ଏଜେଣ୍ଟଙ୍କ ବିଷୟରେ ଏଜେନ୍ସିକୁ ସୂଚନା ମିଳିଛି। ସିବିଆଇ ଟିମ୍ ରବିବାର ମାନବ ଚାଲାଣର ଶିକାର ହୋଇଥିବା କାଶ୍ମୀର ନାଗରିକ ଆଜାଦ ୟୁସୁଫ କୁମାର ଆଜାଦଙ୍କ ପରିବାର ସଦସ୍ୟଙ୍କୁ ସାକ୍ଷାତ କରିଛି। ପରିବାର ସଦସ୍ୟଙ୍କ ବୟାନ ରେକର୍ଡ କରାଯାଇଛି। କନ୍‌ସଲ୍‌ଟାନ୍ସି ସଂସ୍ଥା ବିଦେଶରେ ଚାକିରି ନାମରେ ଇଞ୍ଜିନିୟରିଂରେ ଗ୍ରାଜୁଏଟ କରିଥିବା ୟୁସୁଫଙ୍କୁ ୟୁକ୍ରେନ ଯୁଦ୍ଧକୁ ଠେଲି ଦେଇଛି। ଯୁଦ୍ଧରେ ସେ ମଧ ଆହତ ହୋଇଛନ୍ତି। ଦୁବାଇରେ ଚାକିରି ପାଇଁ ସେ ଏହି ସଂସ୍ଥା ସହ ଯୋଗାଯୋଗ କରିଥିଲେ।

ଅନ୍ୟପକ୍ଷରେ ରୁଷ୍-ୟୁକ୍ରେନ ଯୁଦ୍ଧରେ ଫସିଥିବା ଭାରତୀୟ ଯୁବକ ନୂଆ ଭିଡିଓ ଜାରି କରି ସରକାରଙ୍କୁ ସହାୟତା ମାଗିଛନ୍ତି। ଏମାନଙ୍କ ମଧ୍ୟରେ ଗୁରଦାସପୁର ଡୟେରିୱାଲ ଗ୍ରାମର ଯୁବକ ଗଗନଦୀପ ସିଂହ ସାମିଲ ଅଛନ୍ତି। ସେ ରୁଷ୍ ବୁଲିବାକୁ ଯାଇଥିଲେ। ମାତ୍ର ସେଠାରେ ତାଙ୍କୁ ଧରି ଜୋର ଜବରଦସ୍ତି ରୁଷ୍ ସେନାରେ ଭର୍ତ୍ତି କରାଯାଇଥିଲା ବୋଲି କହିଛନ୍ତି। ତାଙ୍କୁ ସମ୍ମୁଖ ଯୁଦ୍ଧକୁ ପଠା ଯାଇଛି। ଯୁଦ୍ଧରେ ତାଙ୍କର ତିନି ସହଯୋଗୀଙ୍କୁ ଗୁଳି ବାଜିଛି। ସେଠାରେ ବଞ୍ଚିବା କଠିନ ହୋଇଯାଇଛି। ଖୁବଶୀଘ୍ର ସେଠାରୁ ବାହାର କରିବା ପାଇଁ ଭାରତ ସରକାରଙ୍କୁ ନିବେଦନ କରିଛନ୍ତି। ଏହାକୁ ପଞ୍ଜାବ ଏବଂ କେନ୍ଦ୍ର ସରକାର ଗୁରୁତର ସହ ନେଇଛନ୍ତି। ପରିବାର ସଦସ୍ୟଙ୍କୁ ସହାୟତା ପ୍ରତିଶ୍ରୁତି ଦେଇଛନ୍ତି।

### କଂଗ୍ରେସକୁ ବଡ଼ ଆଶ୍ୱସ୍ତି; ସୁପ୍ରିମକୋର୍ଟକୁ ଜଣାଇଲା ଆୟକର ବିଭାଗ

# ନିର୍ବାଚନ ପର୍ଯ୍ୟନ୍ତ ନିଆଯିବନି କାର୍ଯ୍ୟାନୁଷ୍ଠାନ

ନୂଆଦିଲ୍ଲୀ, ୧।୪ (ଏଜେନ୍ସି)



କଂଗ୍ରେସକୁ ବଡ଼ ଆଶ୍ୱସ୍ତି ମିଳିଛି। ଏହି ଦଳକୁ ଆୟକର ବିଭାଗ (ଆଇଟି) ପଠାଇଥିବା ୩,୫୦୦ କୋଟି ଟଙ୍କାର ଟିକସ ମାମଲାରେ ସୋମବାର ସୁପ୍ରିମକୋର୍ଟରେ ଶୁଣାଣି ହୋଇଛି। ଲୋକସଭା ନିର୍ବାଚନ ପର୍ଯ୍ୟନ୍ତ କଂଗ୍ରେସ ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯିବ ନାହିଁ ବୋଲି ଆଇଟି ବିଭାଗ ପକ୍ଷରୁ ସଲିସିଟର ଜେନେରାଲ ତୁଷାର ମେହେଟା ସୁପ୍ରିମକୋର୍ଟଙ୍କୁ କହିଛନ୍ତି। ଲୋକସଭା ନିର୍ବାଚନକୁ ଦେଖି ଏହି ନିଷ୍ପତ୍ତି ନିଆଯାଇଛି। ଏହି ସମୟରେ କୌଣସି ଦଳକୁ ଏଜେନ୍ସି ସମସ୍ୟାରେ ପକାଇବାକୁ ଚାହୁଁନାହିଁ ବୋଲି ଜଷ୍ଟିସ ବିଭି ନାଗରତ୍ନା, ଜଷ୍ଟିସ ଅଗଷ୍ଟିନ ଜର୍ଜ ମସିହାଙ୍କ ଖଣ୍ଡପୀଠଙ୍କୁ ଜଣାଇଛନ୍ତି। ଆଇଟି ବିଭାଗ କାଗଜପତ୍ର ଦାଖଲ କରିବା ପରେ ଜୁଲାଇରେ ମାମଲାର ପରବର୍ତ୍ତୀ ଶୁଣାଣି କରିବାକୁ ତାରିଖ ଧାର୍ଯ୍ୟ କରିଛନ୍ତି। ୩,୫୦୦ କୋଟି ଟଙ୍କାର ଆୟକର ଦାବି କରିବା ସହ ଏହି ଆବେଦନର କୌଣସି ସମ୍ବନ୍ଧ ନାହିଁ ବୋଲି ଖଣ୍ଡପୀଠ ସ୍ପଷ୍ଟ କରିଛନ୍ତି। ସୂଚନା ଅନୁଯାୟୀ ଗତ ୨୯ ତାରିଖରେ ଆଇଟି ବିଭାଗ କଂଗ୍ରେସକୁ ପ୍ରଥମ ନୋଟିସ ପଠାଇ ଥିଲା। ଏଥିରେ ୨୦୧୭-୧୮ରୁ ୨୦୨୦-୨୧ ପାଇଁ ୧,୮୨୩ କୋଟି ଟଙ୍କା ପୈଠ କରିବାକୁ କୁହାଯାଇଥିଲା। ଏହି ରାଶିରେ ଜରିମାନା ସହିତ ସୁଧ ମଧ ସାମିଲ ଥିଲା। ସେହିପରି ଗତ ସପ୍ତାହରେ ନୂଆ ନୋଟିସ ପଠାଇ ୨୦୧୪ରୁ ୨୦୧୭ ପାଇଁ ୧,୭୪୫ କୋଟି ଟଙ୍କାର ଟିକସ ଦାବି କରାଯାଇଥିଲା। ଏହା ପୂର୍ବରୁ ବିଭାଗ କଂଗ୍ରେସ ଖାତାରୁ ୧୩୫ କୋଟି ଟଙ୍କା ଆଦାୟ କରିଥିଲା।

### ଜ୍ଞାନବାପିରେ ପୂଜାବନ୍ଦକୁ ନା



ବାରଣାସୀର ଜ୍ଞାନବାପି ମସଜିଦ ପରିସରରେ ହିନ୍ଦୁଙ୍କ ପୂଜାର୍ଚ୍ଚନା ଉପରେ ରୋକ ଲଗାଇବା ପ୍ରାର୍ଥନା କରି ମୁସଲିମଙ୍କ ପକ୍ଷରୁ ଯେଉଁ ଯାଚିକା ସୁପ୍ରିମକୋର୍ଟରେ ଦାଖଲ ହୋଇଥିଲା ଆଜି ତାହାକୁ ପ୍ରଧାନବିଚାରପତି ଡିୱାଇ ଚନ୍ଦ୍ରଚୂଡ଼ଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ ଖାରଜ କରିଛନ୍ତି। ଖଣ୍ଡପୀଠ ତାଙ୍କ ରୁଲିଂରେ ଦର୍ଶାଇଛନ୍ତି, ଏବେ ହିନ୍ଦୁମାନେ ଜ୍ଞାନବାପିର ଦକ୍ଷିଣ ଭାଗରେ ଥିବା ବ୍ୟାସଜୀ ତହଖାନା(ସେଲର)ରେ ପୂଜାର୍ଚ୍ଚନା କରୁଛନ୍ତି। ମୁସଲିମମାନେ ମସଜିଦରେ ସେମାନଙ୍କ ଧର୍ମୀୟ ରୀତିନୀତି ଅନୁଯାୟୀ ପ୍ରାର୍ଥନା, ନମାଜପାଠ ଆଦି କରୁଛନ୍ତି। କାହାରି କିଛି ଅସୁବିଧା ହେଉନାହିଁ। ସମସ୍ୟା ଯେତେବେଳେ କିଛି ନାହିଁ ସେଠାରେ ସ୍ଥିତାବସ୍ଥା ଜାରି ରଖାଯିବା ଯଥେଷ୍ଟ ହେବ। ସ୍ଥିତାବସ୍ଥା ଜାରି ରହୁ, ଉଭୟ ଧର୍ମର ଲୋକେ ବିନା ବାଧାରେ ସ୍ୱଧର୍ମ ପାଳନ ପୂର୍ବକ ପୂଜାପ୍ରାର୍ଥନା କରୁଥାନ୍ତୁ। ଜ୍ଞାନବାପି ପରିସରରେ ହିନ୍ଦୁଙ୍କ ପୂଜା ଉପରେ କୋର୍ଟ ରୋକ୍ ଲଗାଇବେ ନାହିଁ।

### ଭୋଜଶାଳା ସର୍ଭେରେ ରୋକ୍ ଲାଗିବନି



ମଧ୍ୟପ୍ରଦେଶରଧରଜିଲ୍ଲାସ୍ଥଭୋଜଶାଳାମନ୍ଦିର-କମଲମୌଲାନାମସ୍କକମ୍ପ୍ଲେକ୍ସରସର୍ବେକ୍ଷଣ(ସର୍ଭେ) ୬ସପ୍ତାହ ମଧ୍ୟରେ ସାରିବାକୁ ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ ସଂସ୍ଥାନ(ଏଏସଆଇ)କୁ ମଧ୍ୟପ୍ରଦେଶ ହାଇକୋର୍ଟ ଦେଇଥିବା ମାର୍ଚ୍ଚ ୧୧ ତାରିଖର ନିର୍ଦ୍ଦେଶ ଉପରେ ରୋକ୍ ଲଗାଇବାକୁ ଆଜି ସୁପ୍ରିମକୋର୍ଟ ରାଜି ହୋଇନାହାନ୍ତି। ସୁପ୍ରିମକୋର୍ଟ କହିଛନ୍ତି ଯେ ସର୍ବେକ୍ଷଣ ବେଳେ ଏଏସଆଇ ଏହା ସୁନିଶ୍ଚିତ କରିବ ଯେପରିକି ଏହି ଐତିହ୍ୟ ଇମାରତ ତାହାର ଢାଞ୍ଚାଗତ ମୌଳିକତା ନହରାଏ। ସର୍ଭେ ବେଳେ ସେଠାରେ କୌଣସି ବାସ୍ତବ ଖନନ ହେବନାହିଁ। ଏହି କମ୍ପ୍ଲେକ୍ସକୁ ହିନ୍ଦୁମାନେ ବାଗଦେବୀ ସରସ୍ୱତୀଙ୍କ ମନ୍ଦିର କହୁଥିବା ବେଳେ ଦାବି କରୁଛନ୍ତି ଯେ ଆଲାଉଦ୍ଦିନ ଖିଲିଜି ୧୩ରୁ ୧୪ ଶତାବ୍ଦୀ ମଧ୍ୟରେ ଏହି ମନ୍ଦିରକୁ ଭାଙ୍ଗି ସେଠାରେ ମସଜିଦ ନିର୍ମାଣ କରିଥିଲେ। ମାମଲା ଅଦାଲତରେ ପହଞ୍ଚିଛି ଓ ମଧ୍ୟପ୍ରଦେଶ ହାଇକୋର୍ଟ ବୈଜ୍ଞାନିକ ପଦ୍ଧତିରେ ସର୍ବାଧୁନିକ ବୈଷୟିକ ଜ୍ଞାନକୌଶଳର ଉପଯୋଗରେ ପରିସରର ସର୍ବେକ୍ଷଣ କରି ରିପୋର୍ଟ ଦାଖଲ କରିବାକୁ ଏଏସଆଇକୁ ନିର୍ଦ୍ଦେଶ ଦେଇଥିଲେ।

### 'ନିଜକୁ ଗଣମାଧ୍ୟମ ସହ ତୁଳନା କରନାହିଁ'



ସୁପ୍ରିମକୋର୍ଟରେ ସନାତନ ଧର୍ମକୁ ନେଇ ବିବାଦୀୟ ମନ୍ତବ୍ୟ ଦେଇଥିବା ତାମିଲନାଡୁ ମନ୍ତ୍ରୀ ଉଦୟନିଧିଙ୍କ ମାମଲାର ଶୁଣାଣି ହୋଇଛି। ଏହା ଉପରେ ଶୁଣାଣି କରି ଜଷ୍ଟିସ ସଞ୍ଜୀବ ଖନ୍ନା ଏବଂ ଜଷ୍ଟିସ ଦୀପାଙ୍କର ଦତ୍ତାଙ୍କ ଖଣ୍ଡପୀଠ କହିଛନ୍ତି ଯେ ଉଦୟନିଧି ନିଜ ଇଚ୍ଛାରେ ମନ୍ତବ୍ୟ ଦେଇଛନ୍ତି। ତେଣୁ ଗଣମାଧ୍ୟମ ସହ ସେ ନିଜକୁ ତୁଳନା କରିପାରିବେ ନାହିଁ। ଆବେଦନରେ ପରିବର୍ତ୍ତନ କରି ଏହାକୁ ସିଆରପିସିର ଧାରା ୪୦୬ ଅନୁଯାୟୀ ଦାଏର କରିବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ମଇ ୬ ତାରିଖରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ ବୋଲି କହିଛନ୍ତି।

### ହରିୟାଣା ସରକାରଙ୍କୁ ଝଟ୍‌କା

ଚାଷୀ ଆନ୍ଦୋଳନ ସମୟରେ ଖନୌରୀ ସୀମାରେ ପ୍ରାଣ ହରାଇଥିବା ଯୁବ ଚାଷୀ ଶୁଭକିରଣଙ୍କ ମାମଲାରେ ହରିୟାଣା ସରକାରଙ୍କୁ ସୁପ୍ରିମକୋର୍ଟରୁ ଝଟ୍‌କା ଲାଗିଛି। ଏହି ମାମଲାର ନ୍ୟାୟିକ ତଦନ୍ତ ଉପରେ କଟକଣା ଲଗାଇବାକୁ ସର୍ବୋଚ୍ଚ ନ୍ୟାୟାଳୟ ମନା କରିଦେଇଛନ୍ତି। ତଦନ୍ତ ରିପୋର୍ଟ ଆସିବାକୁ ଦିଅନ୍ତୁ। ପରେ ଏ ବିଷୟରେ ବିଚାର କରାଯିବ। ହାଇକୋର୍ଟ ଅବସରପ୍ରାପ୍ତ ବିଚାରପତିଙ୍କ ନେତୃତ୍ୱରେ ମାମଲାରେ ତଦନ୍ତ କରାଇବାକୁ ସରକାର ବିରୋଧ କରିଥିଲେ। ଏହା ଉପରେ ସର୍ବୋଚ୍ଚ ନ୍ୟାୟାଳୟ କହିଥିଲେ ଯେ ଅବସରପ୍ରାପ୍ତ ବିଚାରପତିଙ୍କ ନେତୃତ୍ୱରେ ଯେଉଁ କମିଟି ଗଠନ ହୋଇଛି ସେଥିରେ ହରିୟାଣା ଏବଂ ପଞ୍ଜାବର ଏଡିଜିପି ର୍ୟାଙ୍କର ଅଧିକାରୀ ସାମିଲ ଅଛନ୍ତି। ଏହା ଦ୍ୱାରା ଆଇନ ବ୍ୟବସ୍ଥା ଉପରେ ଲୋକଙ୍କ ବିଶ୍ୱାସ ବଢ଼ିବ। ଏବେ ଏହି ମାମଲା ହାଇକୋର୍ଟରେ ମଧ ପଡ଼ି ରହିଛି। ୧୦ ତାରିଖରେ ଏହାର ଶୁଣାଣି ହେବ। ଏହାର ରିପୋର୍ଟ ଆସିବା ପରେ ୧୯ ତାରିଖରେ ସର୍ବୋଚ୍ଚ ନ୍ୟାୟାଳୟରେ ଶୁଣାଣି କରାଯିବ।

## ବିରୋଧୀ ବନାମ ଶାସକ ରାଲି

# କ'ଣ ରହିବ ଜନତାଙ୍କ ମୁଡ୍

ବିରୋଧୀ ଏବଂ ଶାସକ ଗୋଷ୍ଠୀ ପକ୍ଷରୁ ଦୁଇ ଦୁଇଟି ମହାରାଲି ଶେଷ ହୋଇଛି । ବିରୋଧୀ ଇଣ୍ଡିଆ ମେଣ୍ଟ ପକ୍ଷରୁ ଦିଲ୍ଲୀ ରାମଲୀଳା ମଇଦାନରେ ଆୟୋଜିତ ମହାରାଲିରେ ମୁଖ୍ୟ ବିରୋଧୀ କଂଗ୍ରେସ ସମେତ ୨୦ରୁ ଅଧିକ ବିରୋଧୀ ଦଳ ଏକାଠି ହୋଇ ଶାସକ ବିଜେପି ସରକାର ବିରୋଧରେ ହୁଙ୍କାର ଦେଇଛନ୍ତି । ୨୦୨୪ ଲୋକସଭା ନିର୍ବାଚନରେ ମୋଦୀ ସରକାରକୁ ହଟାଇବାକୁ ସବୁ ବିରୋଧୀ ଦଳ ଏକାଠି ହେବାକୁ ସେମାନେ ପଣ କରିଛନ୍ତି । ମୋଦୀ ସରକାର ପୁଣି କ୍ଷମତାସୀନ ହେଲେ ଦେଶରେ ନିଆଁ ଲାଗିଯିବ ବୋଲି ପ୍ରମୁଖ ବିରୋଧୀ ନେତା କହିଛନ୍ତି । ସେପଟେ ଶାସକ ବିଜେପି ମଧ୍ୟ ୨୦୨୪ ନିର୍ବାଚନ ପାଇଁ ପ୍ରଚାର ଆରମ୍ଭ କରିବା ସହିତ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମିରଟ୍‌ରୁ ବିରୋଧୀ ଦଳଙ୍କ ବିରୋଧରେ ରଣ ହୁଙ୍କାର ଦେଇଛନ୍ତି । ଇଣ୍ଡିଆ ମେଣ୍ଟର ମହାରାଲିକୁ ନିଶାଣ କରି ଏଠି ସବୁ ଭ୍ରଷ୍ଟାଚାରୀ ଏକାଠି ହୋଇଥିବା ମୋଦୀ କହିଛନ୍ତି । ଉଭୟ ଶାସକ ଏବଂ ବିରୋଧୀ ଦଳଙ୍କ ଏହି ଆହ୍ୱାନ ଦେଶବାସୀଙ୍କ ନିକଟରେ ପହଞ୍ଚିଥିଲେ ହେଁ ଜନତାଙ୍କ ମୁଡ୍ କାହା ପାଇଁ କ'ଣ ରହିବ ତାହା ଆଗାମୀ ନିର୍ବାଚନ ପରିପ୍ରେକ୍ଷୀରେ ସବୁଠୁ ଗୁରୁତ୍ୱପୂର୍ଣ୍ଣ ହେବ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି ।

ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲଙ୍କୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ଗିରଫ କରିବା ପ୍ରତିବାଦରେ ଆମ୍ ଆଦମୀ ପାର୍ଟି(ଆପ୍) ପକ୍ଷରୁ ସବୁ ବିରୋଧୀ ଦଳଙ୍କ ସହଯୋଗ ଲୋଡାଯାଇଥିଲା । କେଜ୍ରିୱାଲଙ୍କ ଗିରଫକୁ ବିରୋଧ କରି ସବୁ ବିରୋଧୀ ଦଳ ଶାସକ ଦଳ ବିରୋଧରେ ଦୃଢ ସ୍ୱର ଉତ୍ତୋଳନ କରି ରାଜନୈତିକ ଚାପ ସୃଷ୍ଟି କରନ୍ତୁ, ଏହି ଲକ୍ଷ୍ୟରେ ମାର୍ଚ୍ଚ ୩୧ରେ ଗଣତନ୍ତ୍ର ବଞ୍ଚାଅ ମହାରାଲି ଡକରା ଦେଇଥିଲା ଆପ୍ । ନିର୍ବାଚନ ପୂର୍ବରୁ ଶାସକ ବିଜେପି ବିରୋଧରେ ଏକାଠି ହେବାକୁ ଏହା ଏକ ବଡ଼ ସୁଯୋଗ ବୋଲି ବିଚାର କରି କଂଗ୍ରେସ, ଟିଏମସି, ସମାଜବାଦୀ ପାର୍ଟି, ବାମପନ୍ଥୀ, ଆରଜେଡି, ନ୍ୟାସନାଲ କନଫରେନ୍ସ, ପିଡିପି, ଏନସିପି, ଶିବସେନା (ୟୁବିଟି) ଭଳି ପ୍ରମୁଖ ବିରୋଧୀ ଏହି ମହାରାଲିରେ ଯୋଗ ଦେଇଥିଲେ । ଏହାକୁ ନେଇ ଆପ୍ ନେତାମାନେ ଉତ୍ସାହିତ ହୋଇପଡ଼ିଥିଲେ । ଏହି ମଞ୍ଚରେ ଆପ୍ ମୁଖ୍ୟ ଅରବିନ୍ଦ କେଜ୍ରିୱାଲଙ୍କ ଗିରଫ ପ୍ରତିବାଦରେ ଶାସକ ବିଜେପି ବିରୋଧରେ ସବୁ ବିରୋଧୀ ଦଳ ଯେଭଳି ବିଷ ଓଗାଳିବେ ତଦ୍ୱାରା ଆପ୍ ନିଶ୍ଚିତ ଭାବେ ଜନତା ଜନାର୍ଦ୍ଦନଙ୍କ ସମର୍ଥନ ପାଇବା ସହିତ ଆଗାମୀ ନିର୍ବାଚନ ପାଇଁ ଆହୁରି ସଶକ୍ତ ହେବ ବୋଲି ଆପ୍ ନେତାମାନେ ନିଶ୍ଚିତ ହୋଇଯାଇଥିଲେ । କିନ୍ତୁ ଏହି ମଞ୍ଚରେ ଯେଭଳି ବ୍ୟତିକ୍ରମ ଦେଖାଯାଇଥିଲା ତାହା କେବଳ ଆପ୍ ନୁହେଁ, ସାଧାରଣ ଜନତାଙ୍କ ଠାରୁ ଆରମ୍ଭ କରି ରାଜନୀତିକ ବିଶାରଦମାନଙ୍କୁ ମଧ୍ୟ ବିସ୍ମିତ କରିଥିଲା । ଘରେନ ପଶୁଣୁ ମୁଣ୍ଡରେ ଚାଳ ବାଜିବା ଭଳି ପ୍ରଥମେ ମଞ୍ଚରେ ଅରବିନ୍ଦ କେଜ୍ରିୱାଲଙ୍କ ଫଟୋକୁ ଦେଖି କଂଗ୍ରେସ ଫିଡିକି ଯାଇଥିଲା । ଇଣ୍ଡିଆ ମେଣ୍ଟ ରାଲି ମଞ୍ଚରେ କେବଳ କେଜ୍ରିୱାଲଙ୍କ ଫଟୋ କାହିଁକି ଲାଗିବ ବୋଲି ବରିଷ୍ଠ ନେତା ଜୟରାମ ରମେଶ ଅଭିଯୋଗ କରି ଏହାକୁ ତୁରନ୍ତ ହଟାଇବାକୁ କହିଥିଲେ । କେବଳ ସେତିକି ନୁହେଁ ,ଏହି ମହାରାଲି କେଜ୍ରିୱାଲଙ୍କ ପାଇଁ ନୁହେଁ ବରଂ ଇଣ୍ଡିଆ ମେଣ୍ଟର ପୂର୍ବ ଯୋଜନା ଅନୁଯାୟୀ ଆୟୋଜିତ କରାଯାଇଛି ବୋଲି ମଧ୍ୟ ସେ ଗଣମାଧ୍ୟମକୁ କହିବାକୁ ପଛାଇ ନଥିଲେ । ସବୁ ଠାରୁ ବଡ଼ କଥା ହେଲା ଇଡି ଦ୍ୱାରା ଗିରଫ ହୋଇ ବର୍ତ୍ତମାନ ଜେଲରେ ରହିଥିବା କେଜ୍ରିୱାଲଙ୍କୁ ଆପ୍ ସଚ୍ଚୋଟ, ଦେଶଭକ୍ତ ଏବଂ କଟ୍ଟର ଇମାନଦାର ବୋଲି କହି ଆସୁଥିଲେ ହେଁ ଏହି ମଞ୍ଚରେ କୌଣସି ବି ନେତା କେଜ୍ରିୱାଲ କିଛି ଭୁଲ କରିନାହାନ୍ତି ବୋଲି କହି ନଥିଲେ । ରାହୁଲ, ମଲ୍ଲିକାର୍ଜ୍ଜୁନ ଖଡ଼ଗେ, ଅଖିଳେଶ, ଫାରୁକ୍ ଅବଦୁଲ୍ଲା ଏବଂ ତେଜସ୍ୱୀ ଯାଦବଙ୍କ ଭଳି ବହୁ ନେତା ଚିରାଚରିତ ଢଙ୍ଗରେ ଦେଶରେ ମୋଦୀ ଏକଛତ୍ରବାଦ ଶାସନ ଚଳାଇଛନ୍ତି ଏବଂ ଏଥିରୁ ଦେଶକୁ ମୁକ୍ତି ମିଳିବା ଉଚିତ ବୋଲି କହିଥିଲେ । ୨୦୨୪ ନିର୍ବାଚନକୁ ନେଇ ଏହି ମଞ୍ଚରେ ଆପ୍ ଭୋଟରଙ୍କ ଉଦ୍ଦେଶ୍ୟରେ ୬ଟି ନିର୍ବାଚନ ପ୍ରତିଶ୍ରୁତି ଘୋଷଣା କରିଥିଲା ବେଳେ ଏହାକୁ ନେଇ ମଧ୍ୟ ଅନ୍ୟ ଦଳଙ୍କ ମଧ୍ୟରେ ଭ୍ରୁକୂଞ୍ଚନ ସୃଷ୍ଟି ହୋଇଥିଲା ।





ବିରୋଧୀଙ୍କ ମେଣ୍ଟରେ ଆପ୍ ଏଭଳି କରି ବଡ଼ ଫାଇଦା ଉଠାଉଛି ବୋଲି ଖୋଦ୍ କଂଗ୍ରେସ ଅଭିଯୋଗ ଆଣିବା ପରେ ଏହି ମୁଖ୍ୟମନ୍ତ୍ରୀ କେଜ୍ରିୱାଲଙ୍କ ପତ୍ନୀ ସୁନୀତା କେଜ୍ରିୱାଲ ଏଥିପାଇଁ କ୍ଷମା ପ୍ରାର୍ଥନା କରିଥିଲେ । ଏଭଳି ସ୍ଥିତିରେ ବିରୋଧୀଙ୍କ ଲକ୍ଷ୍ୟ ଏବଂ ସେମାନଙ୍କ ମଧ୍ୟରେ ସମନ୍ୱୟକୁ ନେଇ ପ୍ରଶ୍ନ ଉଠିଛି । ଯେଉଁଠି ମେଣ୍ଟ ସଦସ୍ୟଙ୍କ ମଧ୍ୟରେ ସମନ୍ୱୟ ନାହିଁ ସେଠି ଶାସକ ଦଳ ବିରୋଧରେ ଏକାଠି ହୋଇ ସେମାନେ କିଭଳି ଲକ୍ଷ୍ୟ ହାସଲ କରିବାକୁ ଯୋଜନା ରଖିଛନ୍ତି ବୋଲି ବୁଦ୍ଧିଜୀବୀ ମହଲରେ ପ୍ରଶ୍ନ ଉଠିଛି ।

**ଇଣ୍ଡିଆ ମେଣ୍ଟ ମହାରାଲିରେ ସମନ୍ୱୟର ଅଭାବ !**

**ମୋଦୀଙ୍କ ମିରଟ୍ ରାଲିରେ ୮୦ ଆସନରେ ବିଜୟ ସଙ୍କଳ୍ପ**

ଦିଲ୍ଲୀର ରାମଲୀଳା ମଇଦାନରେ ବିରୋଧୀ ମେଣ୍ଟର ମହାରାଲି ଚାଲିଥିଲା ବେଳେ ଉତ୍ତରପ୍ରଦେଶର ମିରଟ୍ରେ ପ୍ରଧାନମନ୍ତ୍ରୀ ମୋଦୀଙ୍କ ନେତୃତ୍ୱରେ ଏକାଠି ହୋଇଥିଲେ ଶାସକ ବିଜେପି ଦଳର ନେତା । ୨୦୨୪ ଲୋକସଭା ନିର୍ବାଚନକୁ ନେଇ ଏହା ବିଜେପିର ପ୍ରଥମ ପ୍ରାଦେଶିକ ମହାସଭା ହୋଇଥିଲା ବେଳେ ଏହି ସଭାରେମୋଦୀ ବିରୋଧୀଙ୍କ କୁକର୍ମକୁ ନେଇ ବର୍ଷିଥିଲେ । ଯେଉଁ ଭ୍ରଷ୍ଟାଚାର ନେତା ଦେଶକୁ ଲୁଟ୍ କରି ଏବେ ଯାଞ୍ଚର ଶିକାର ହୋଇଛନ୍ତି ସେମାନେ ନିଜକୁ ବଞ୍ଚାଇବା ଲାଗି ଏକାଠି ହୋଇଥିବା କହିଥିଲେ । କିନ୍ତୁ ତାଙ୍କ ସରକାର କୌଣସି ଭ୍ରଷ୍ଟାଚାରୀ ନେତାଙ୍କୁ ଛାଡିବ ନାହିଁ ଏବଂ ଦେଶରୁ ଭ୍ରଷ୍ଟାଚାର ଲୋପ କରିବା ଲକ୍ଷ୍ୟରେ ବ୍ରତୀ ରହିବ ବୋଲି କହି ଜନତାଙ୍କ ଦୃଢ ସମର୍ଥନ କାମନା କରିଥିଲେ । କିନ୍ତୁ ଏହି ସଭାରେ ବିଜେପି ଯୋଜନାବଦ୍ଧ ଭାବେ ପଶ୍ଚିମ ଉତ୍ତରପ୍ରଦେଶର ରାଜନୀତିକୁ ସଂଯୋଜିତ କରିବା ସହିତ ରାଜ୍ୟର ୮୦ଟି ଲୋକସଭା ଆସନ କିଭଳି ହାତେଇବ ତାହାର ନମୁନା ପ୍ରଦର୍ଶନ କରିଥିଲା । ୨୦୧୯ ନିର୍ବାଚନରେ ବିଜେପି ଉତ୍ତରପ୍ରଦେଶର ୮୦ଟି ଆସନ ମଧ୍ୟରୁ ୬୨ ଆସନରେ ବିଜୟ ହୋଇଥିଲା ବେଳେ ୧୬ଟି ଆସନରେ ପରାଜିତ ହୋଇଥିଲା । ଏହି ୧୬ଟି ଆସନ ମଧ୍ୟରୁ ୭ଟି ଆସନ କେବଳ ପଶ୍ଚିମ ଉତ୍ତରପ୍ରଦେଶର ବିଜ୍ନୋର,ମୁରାଦାବାଦ,ଶାହରନପୁର,ଅମରୋହ, ନଗିନା, ରାମପୁର, ସମ୍ଭଲ ରହିଥିଲା । କିନ୍ତୁ ଚଳିତ ନିର୍ବାଚନରେ ଦଳ କିଭଳି ଏହିସବୁ ଆସନରେ ବିଜୟୀ ହେବ ସେଥିନେଇ ଯେଉଁ ନକ୍ସା ପ୍ରସ୍ତୁତ କରିଛି ତାହା ମଞ୍ଚାସୀନ ନେତାଙ୍କ ଉପସ୍ଥିତି ହିଁ ଦର୍ଶାଉଥିଲା । ଜାତି, ଧର୍ମ,ସଂପ୍ରଦାୟ , ସମାଜ ଏବଂ ଆଞ୍ଚଳିକ ସ୍ଥିତିକୁ ନେଇ ଉତ୍ତରପ୍ରଦେଶ ରାଜନୀତି ସଦାସର୍ବଦା ପ୍ରଭାବିତ ହୋଇଆସିଛି । ଚାଷୀଙ୍କ ଭୋଟ ଠାରୁ ଆରମ୍ଭ କରି ଜାଠ, ନିଷାଦ, କୁର୍ମୀ, ରାଜଭର ସମାଜ, କୁଶୱାହ ଏବଂ ଦଳିତ ବର୍ଗଙ୍କ ଭୋଟ ହାତେଇବାକୁ ଦଳ ପୂର୍ଣ୍ଣ ପ୍ରସ୍ତୁତି କରିସାରିଛି ବୋଲି ଏହି ସଭାରେ ପ୍ରମାଣିତ ହୋଇଥିଲା । ଦେଶରେ ଜାତିଭିତ୍ତିକ ଜନଗଣନା କରାଯିବା ପ୍ରସଙ୍ଗକୁ ନେଇ କଂଗ୍ରେସ ତୁମ୍ବି ତୋଫାନ କରିଆସିଥିବା କଂଗ୍ରେସ ବିରୋଧୀ ମେଣ୍ଟ ରାଲିରେ ଯାହା କରିପାରି ନଥିଲା ବିଜେପି ଏହି ସଭାରେ ତାହା କରି ଦେଖାଇଥିଲା । ଏହି ସଭାରେ ପ୍ରଥମଥର ପାଇଁ ଆରଏଲଡି ଏବଂ ଜାଠ ନେତା ଜୟନ୍ତ ଚୌଧୁରୀଙ୍କ ଠାରୁ ଆରମ୍ଭ କରି କୁର୍ମୀ ନେତ୍ରୀ ଅନୁପ୍ରିୟା ପଟେଲ ଏବଂ ନିଷାଦ ସଂପ୍ରଦାୟ ନେତା ଓମ୍ ପ୍ରକାଶ ରାଜଭରଙ୍କ ଭଳି ବହୁ ନେତା ଉପସ୍ଥିତ ରହି ଏନଡିଏ ମେଣ୍ଟକୁ ବହୁମତରେ ବିଜୟୀ କରିବାକୁ ପଣ କରିଥିଲେ । ଚଳିତ ନିର୍ବାଚନରେ ବିଜେପି ଉତ୍ତରପ୍ରଦେଶରେ ୭୫ଟି ଆସନରେ ପ୍ରତିଦ୍ୱନ୍ଦ୍ୱିତା କରୁଥିଲା ବେଳେ ଆପନା ଦଳ(ଏସ୍) ୨, ଆରଏଲଡି ୨ ଏବଂ ଏସବିଏସପି ଗୋଟିଏ ଆସନରେ ପ୍ରତିଦ୍ୱନ୍ଦ୍ୱିତା କରୁଛି । ଏହିସବୁ ଦଳ ସହ ବିଜେପି ମେଣ୍ଟ କରିଛି । ରାଜଭର ଏବଂ ନିଷାଦ ସଂପ୍ରଦାୟ ଭୋଟ ସମର୍ଥନରେ ପୂର୍ବାଞ୍ଚଳରେ ୨୦ଟି ଆସନ, କୁର୍ମୀ ସଂପ୍ରଦାୟ ସମର୍ଥନରେ ୧୦ଟି ଆସନ ଏବଂ ଚାଷୀ ଓ ଜାଠ ଭୋଟ୍ ସମର୍ଥନରେ ପଶ୍ଚିମ ଉତ୍ତରପ୍ରଦେଶରେ ବିଜେପି ୧୮ଟି ଆସନରେ ବିଜୟୀ ହେବାକୁ ନକ୍ସା ପ୍ରସ୍ତୁତ କରିଛି ।

**ମଥୁରା ଲୋକସଭା ନିର୍ବାଚନ**

## ମୁଷ୍ଟିଯୋଦ୍ଧା-ଅଭିନେତ୍ରୀ-ଅଧିକାରୀଙ୍କ ଲଢ଼େଇ

**ଅନ୍ତିମ ନିଷ୍ପତ୍ତି ନେବେ ଜାଟ୍ ଭୋଟର**







ମଥୁରା: ଚଳିତ ଥର ଭଗବାନ କୃଷ୍ଣଙ୍କ ନଗରୀ ମଥୁରା ଲୋକସଭା ଆସନରେ ତ୍ରିକୋଣୀୟ ଲଢ଼େଇ ହେବାକୁ ଯାଉଛି । ମୁଷ୍ଟିଯୋଦ୍ଧା, ଅଭିନେତ୍ରୀ ଏବଂ ଆଇଆର୍‌ଏସ ଅଧିକାରୀଙ୍କ ମଧ୍ୟରେ କଡ଼ା ମୁକାବିଲା ହେବ । କଂଗ୍ରେସ ଏହି ଆସନରୁ ଅନ୍ତର୍ଜାତୀୟ ମୁଷ୍ଟିଯୋଦ୍ଧା ବିଜେନ୍ଦର ସିଂହଙ୍କୁ ଟିକଟ ଦେଇ ମୁକାବିଲାକୁ ରୋମାଞ୍ଚକ କରିଦେଇଛି । ଏହି ଜାଟ୍ ବହୁଳ ଆସନରୁ କଂଗ୍ରେସ ଜାଟ୍ କାର୍ଡ ଖେଳି ସମସ୍ତଙ୍କୁ ଚମକାଇ ଦେଇଛି । ବିଏସ୍‌ପି ମଧ୍ୟ ସମାନ ନୀତି ଅବଲମ୍ବନ କରିଛି । ଏହି ଦଳ ପୂର୍ବତନ ଆଇଆର୍‌ଏସ ଅଧିକାରୀ ସୁରେଶ ସିଂହଙ୍କ ଉପରେ ବାଜି ଲଗାଇଛି । ଏଠାରୁ ଦୁଇ ଥର ସାଂସଦ ହୋଇଥିବା ହେମା ମାଳିନୀ ଆଉ ସହଜରେ ଜିତିବେ ନାହିଁ ବୋଲି କୁହାଯାଉଛି । ମାତ୍ର ଚଳିତ ଥର ଏହି ନିର୍ବାଚନରେ ଆରଏଲ୍‌ଡି ବିଜେପିକୁ ସମର୍ଥନ ଦେଇଛି । ତେଣୁ ପୂର୍ବାପେକ୍ଷା ଅଧିକ ଭୋଟରେ ବିଜୟୀ ହେବାକୁ ବିଜେପି ଆଶା ରଖିଛି ଏହି ଆସନରେ ଦ୍ୱିତୀୟ ପର୍ଯ୍ୟାୟରେ ଏପ୍ରିଲ ୨୬ରେ ମତଦାନ ହେବ । ଜୁନ୍ ୪ରେ ଫଳାଫଳ ପ୍ରକାଶ ପାଇବ । ବିଜେପି ପ୍ରାର୍ଥୀ ହେମା ମାଳିନୀ ୨୦୧୪ ଏବଂ ୨୦୧୯ରେ ଏହି ଆସନରୁ ବିଜୟୀ ହୋଇଥିଲେ । ଗତ ଲୋକସଭା ନିର୍ବାଚନରେ ଅଭିନେତ୍ରୀଙ୍କ ବିରୋଧରେ ୧୨ ଜଣ ପ୍ରାର୍ଥୀ ହୋଇଥିଲେ । କଂଗ୍ରେସର ମହେଶ ପାଠକ, ଆର୍‌ଏଲ୍ଡିର କୁଅଁର ନରେନ୍ଦ୍ର ସିଂହ, ଏସଜେପିର ଓମ୍ ପ୍ରକାଶ ପ୍ରମୁଖ ମୈଦାନକୁ ଓହ୍ଲାଇ ଥିଲେ । ଏହା ସତ୍ତ୍ୱେ ହେମା ବୃହତ ବିଜୟ ହାସଲ କରିଥିଲେ । ଏହି ଆସନରେ ଜାଟ୍ ଭୋଟ ନିର୍ଣ୍ଣାୟକ ସାବ୍ୟସ୍ତ ହେବ । ଏଠାରେ ୪.୫ ଲକ୍ଷ ଜାଟ୍ ଭୋଟର ଅଛନ୍ତି । ତେଣୁ ପ୍ରତ୍ୟେକ ରାଜନୈତିକ ଦଳ ଏହି ଭୋଟ୍ ବ୍ୟାଙ୍କ ଉପରେ ନଜର ରଖିଛନ୍ତି । ୧୯୫୧-୫୨ରୁ ନିର୍ବାଚନ ଆରମ୍ଭ ହେବା ପରଠାରୁ କଂଗ୍ରେସ ଏହି ଆସନରୁ ୫ ଥର ବିଜୟୀ ହୋଇଛି । ଏହା ପରେ ୧୯୯୧ରେ ବିଜେପିର ସାକ୍ଷୀ ମହାରାଜରୁ ଏଠାରୁ ବୃହତ ବିଜୟ ହାସଲ କରିଥିଲେ । ୨୦୦୪ରେ କଂଗ୍ରେସର ମାନବେନ୍ଦ୍ର ସିଂହ ଏବଂ ୨୦୦୯ରେ ଆରଏଲଡିର ଜୟନ୍ତ ଚୌଧୁରୀ ଏଠାରୁ ବିଜୟୀ ହୋଇଥିଲେ । ୨୦୦୯ରୁ ଜିଲ୍ଲାରେ ନୈରାଶ୍ୟଜନକ ପ୍ରଦର୍ଶନ କରୁଥିବା କଂଗ୍ରେସ ଚଳିତ ନିର୍ବାଚନରେ ହେମାଙ୍କୁ ଘେରିବା ପାଇଁ ବିଜେନ୍ଦରଙ୍କୁ ଅସ୍ତ୍ର କରିଛି । ତେବେ ସେ ଜାଟ୍ ଭୋଟ ହାସଲ କରିବାରେ ସଫଳ ହେଉଛନ୍ତି କି ନାହିଁ ତାହା ଫଳାଫଳ ପ୍ରକାଶ ପାଇବା ଦିନ ଜଣାପଡ଼ିବ ।

## ୧୨ ଦିନରେ ସ୍ୱର ବଦଳାଇଲେ ପଶୁପତି ପାରସ

## ଏନ୍‌ଡିଏ ସହ ରହିବେ; ଉଚ୍ଚ ପଦ ପାଇବେ



ପାଟନା: କେନ୍ଦ୍ର ମନ୍ତ୍ରିମଣ୍ଡଳରୁ ଇସ୍ତଫା ଦେବାର ୧୨ ଦିନ ପରେ ଏଲ୍‌ଜେପି ଅଧ୍ୟକ୍ଷ ପଶୁପତି ପାରସ ନିଜ ସ୍ୱର ବଦଳାଇ ଦେଇଛନ୍ତି । ଯେଉଁ ପାରସ ଦିନେ ଏନ୍‌ଡିଏ ଅନ୍ୟାୟ କରିଥିବା ନେଇ ଅଭିଯୋଗ ଲଗାଇଥିଲେ ସେ ଏବେ ଦଳକୁ ମେଣ୍ଟର ଅଭିନ୍ନ ଅଙ୍ଗ କହୁଛନ୍ତି । ସେ ଗତ ୧୯ ତାରିଖରେ ମନ୍ତ୍ରୀ ପଦରୁ ଇସ୍ତଫା ଦେଇଥିଲେ । ସେହି ଦିନ ଦିଲ୍ଲୀରେ ସାମ୍ବାଦିକ ସମ୍ମିଳନୀ କରି ବିହାରରେ ଗୋଟିଏ ଆସନ ମିଳି ନ ଥିବାରୁ ତୀବ୍ର ଅସନ୍ତୋଷ ପ୍ରକାଶ କରିଥିଲେ । କିନ୍ତୁ ସେ ଏବେ ୟୁ-ଟର୍ଣ୍ଣ ନେଇଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ନିଜ ନେତା ମାନି ତାଙ୍କ ନିଷ୍ପତ୍ତିକୁ ସର୍ବୋପରି କହୁଛନ୍ତି ।

ପାରସ ଶନିବାର ନିଜ ସାମାଜିକ ଗଣମାଧ୍ୟମ ସାଇଟରେ ଏନ୍‌ଡିଏ ୪୦୦ରୁ ଅଧିକ ଆସନ ଜିତିବ ବୋଲି ଦାବି କରିଥିଲେ । ପ୍ରଧାନମନ୍ତ୍ରୀଙ୍କ ସହ ନିଜ ଫଟୋ ମଧ୍ୟ ସେୟାର କରିଥିଲେ । ଏଭଳି କ୍ଷେତ୍ରରେ ଦିନ କେଇଟାରେ କ'ଣ ହେଇଗଲା ଯେ ପାରସ ନିଜ ଆଭିମୁଖ୍ୟ ବଦଳାଇ ଦେଲେ ବୋଲି ପ୍ରଶ୍ନ ଉଠୁଛି । ସେ ହାଜିପୁର ଆସନରୁ ନିଜେ ନିର୍ବାଚନ ଲଢ଼ିବେ ନାହିଁ ବୋଲି ମଧ୍ୟ କହିଛନ୍ତି । ସୂଚନା ଅନୁଯାୟୀ ପାରସ ଏବଂ ତାଙ୍କ ପୁତୁରା ସାଂସଦ ରାଜ୍ ବିଜେପି ପକ୍ଷରୁ ଦିଆଯାଇଥିବା ଆସନ ବୁଝାମଣା ସୂତ୍ରରେ ରାଜି ହୋଇ ଯାଇଛନ୍ତି । ପାରସଙ୍କୁ ରାଜ୍ୟପାଳ ଏବଂ ତାଙ୍କ ପୁତୁରାଙ୍କୁ ବିଧାନ ପରିଷଦର ସଦସ୍ୟ ବନାଇ ବିହାର ସରକାରରେ ମନ୍ତ୍ରୀ କରିବାକୁ ବିଜେପି ପ୍ରସ୍ତାବ ଦେଇଥିଲା । ଏବେ ଏହାକୁ ଦାଦାପୁତୁରା ମାନି ନେଇଛନ୍ତି । ଦିଲ୍ଲୀରେ ବିଜେପିର ବିହାର ପ୍ରଭାରୀ ବିନୋଦ ତାୱଡ଼େଙ୍କୁ ପ୍ରିନ୍ସ ରାଜ୍ ଭେଟିବା ପରେ ମନୋମାଳିନ୍ୟ ଦୂର ହୋଇ ଯାଇଥିଲା । ପୂର୍ବରୁ ପ୍ରିନ୍ସଙ୍କୁ ନିଜ ଭବିଷ୍ୟତର ଚିନ୍ତା ଘାରୁଥିଲା । ସେ ସାଂସଦ ହେବା ସହିତ ରାଜ୍ୟ ପ୍ରଦେଶ ଅଧ୍ୟକ୍ଷ ଅଛନ୍ତି । ସେ ଦାଦାଙ୍କ ସହିତ ନିଜ ପାଇଁ ଏନ୍‌ଡିଏରେ ସମ୍ମାନଜନକ ପଦ ଚାହୁଁଥିଲେ । ଏହା ଉପରେ ପାରସ ମଧ୍ୟ ସମ୍ମତି ପ୍ରକାଶ କରିଥିଲେ ।







## ଖଣ୍ଡେ ଭୋଟ ପାଇଁ ୩୯ କିମି ଚାଲିବ ନିର୍ବାଚନୀ ଟିମ୍

ଇଟାନଗର: ଅରୁଣାଚଳ ପ୍ରଦେଶ ଇଟାନଗର ସ୍ଥିତ ମାଲୋଗମରେ ୧୯ ତାରିଖରେ ଲୋକସଭା ନିର୍ବାଚନ ପାଇଁ ମତଦାନ ହେବାକୁ ଯାଉଛି । ଚୀନ୍ ସୀମା ନିକଟରେ ଥିବା ଏହି ଗ୍ରାମରେ କେବଳ ଜଣେ ମହିଳା ଭୋଟର ଅଛନ୍ତି । ଏହି ମହିଳାଙ୍କ ନାମ ସୋକେଲା ତାୟାଙ୍ଗ (୪୪) । ନିର୍ବାଚନୀ ଟିମ୍ ଗୋଟିଏ ଭୋଟ୍ ପାଇଁ ଏହି ସ୍ଥାନକୁ ଯିବ । ଏହି ସ୍ଥାନରେ ପହଞ୍ଚିବା ପାଇଁ ଟିମ୍‌କୁ ୩୯ କିମିର ଦୁର୍ଗମ ପଥ ଚାଲି ଚାଲି ଅତିକ୍ରମ କରିବାକୁ ପଡ଼ିବ । ଏଥିପାଇଁ ଦିନଟେ ସମୟ ଲାଗିବ । ଅଧିକାରୀଙ୍କ ଅନୁଯାୟୀ ମାଲୋଗମରେ ବହୁତ କମ୍ ପରିବାର ରୁହନ୍ତି । ସୋକେଲାଙ୍କୁ ଛାଡ଼ି ଅନ୍ୟ ସମସ୍ତଙ୍କ ନାମ ଅନ୍ୟ ମତଦାନ କେନ୍ଦ୍ରରେ ପଞ୍ଜିକରଣ ହୋଇଛି । କିନ୍ତୁ ସୋକେଲା ଅନ୍ୟ କେଉଁଠିକୁ ଯିବାକୁ ଚାହାନ୍ତି ନାହିଁ । ତାଙ୍କ ଭୋଟ ପାଇଁ ଅଧିକାରୀ, ସୁରକ୍ଷାକର୍ମୀଙ୍କ ସହିତ ଏକ ନିର୍ବାଚନୀ ଟିମ୍ ହେୟୁଲିଆଙ୍ଗର ଦୁର୍ଗମ ପାହାଡ଼ିଆ ଅଞ୍ଚଳ ଦେଇ ମାଲୋଗମ ଯିବ । ମୁଖ୍ୟ ନିର୍ବାଚନ ଅଧିକାରୀ ପବନ କୁମାର ସୈନି କହିଛନ୍ତି ଯେ ଏହା କେବଳ ଗୋଟିଏ ଭୋଟର କଥା ନୁହେଁ । ସବୁ ନାଗରିକଙ୍କୁ କହିବା ଏବଂ ଶୁଣିବା ପାଇଁ ସୁଯୋଗ ଦେବାକୁ ଏହି ପଦକ୍ଷେପ ନିଆଯାଇଛି ।

## ରାଜନୀତି ପାଇଁ ବଦଳୁଛି ପେସା

ବିଗତ ବର୍ଷମାନଙ୍କରେ ଅନେକ ଅମଲାତନ୍ତ୍ରୀ ଓ କୂଟନୀତିଜ୍ଞ କ୍ଷମତା ରାଜନୀତିର ଅଳିନ୍ଦକୁ ପ୍ରବେଶ କରିଛନ୍ତି । ଏଥିରେ ଅସଙ୍ଗତି କିଛି ନାହିଁ । କିନ୍ତୁ କାଲକାଟା ହାଇକୋର୍ଟର ଜଜ୍ ଅଭିଜିତ ଗଙ୍ଗୋପାଧ୍ୟାୟ କିଛି ଦିନ ତଳେ ଯେତେବେଳେ ରାଜନୀତି କ୍ଷେତ୍ରରେ ପ୍ରବେଶ ଲକ୍ଷ୍ୟ ନେଇ ନ୍ୟାୟପାଳିକାରୁ ବିଦାୟ ନେଲେ ସେତେବେଳେ ଅବଶ୍ୟ କେତେକଙ୍କୁ ତାହା ଅଡୁଆ ଲାଗିଲା । ଜଜ୍ ଥିବା ସମୟରେ ଗଙ୍ଗୋପାଧ୍ୟାୟ ଏପରି କିଛି ମାମଲାରେ ରାୟ ଦେଇଥିଲେ ଯାହା ତୃଣମୂଳ କଂଗ୍ରେସ(ଟିଏମସି) ର କେତେକ ନେତାଙ୍କ ରାଜନୈତିକ ସ୍ୱାର୍ଥହାନୀ ଘଟାଇଥିଲା । ଗଙ୍ଗୋପାଧ୍ୟାୟ ଗତମାସ ୫ ତାରିଖରେ ଜଜ୍ ପଦବୀରୁ ଇସ୍ତଫା ଦେଇ ୭ ତାରିଖରେ ବିଜେପିରେ ଯୋଗଦେଇଛନ୍ତି । ତାଙ୍କୁ ବିଜେପି ପଶ୍ଚିମବଙ୍ଗର ତାମଲୁକ ଲୋକସଭା ନିର୍ବାଚନମଣ୍ଡଳୀରୁ ପ୍ରାର୍ଥୀ କରିଛି । ସେ ଏବେ ଟିଏମସିର ପ୍ରତିଦ୍ୱନ୍ଦ୍ୱୀ ଭାବେ ନିର୍ବାଚନ ମଇଦାନକୁ ଓହ୍ଲାଇଛନ୍ତି । ନ୍ୟାୟମୂର୍ତ୍ତିମାନେ ପ୍ରାୟତଃ ରାଜନୀତିରୁ ଦୂରେଇ ରହନ୍ତି । ସୁପ୍ରିମକୋର୍ଟ ପୂର୍ବତନ ପ୍ରଧାନବିଚାରପତି ରଞ୍ଜନ ଗୋଗୋଇ ୨୦୨୦ରେ ଅବସର ନେବା ପରେ ତାଙ୍କୁ ରାଜ୍ୟସଭାକୁ ମନୋନୀତ କରାଗଲା । ସେ ଏବେ ରାଜ୍ୟସଭା ସାଂସଦ ଅଛନ୍ତି । ଦରମା ନେଉନାହାନ୍ତି । ରାଜ୍ୟସଭାରେ ସକ୍ରିୟ ବି ନାହାନ୍ତି । ତଥାପି ସେ ସମାଲୋଚନାର ଶରବ୍ୟ ହୋଇଛନ୍ତି, କାରଣ ପ୍ରଧାନ ବିଚାରପତି (ସିଜେଆଇ) ଥିବା ବେଳେ ସେ ସରକାରଙ୍କୁ ସୁହାଇବା ଭଳି କେତେକ ରାୟ ଦେଇଥିଲେ । ତେଣୁ ସରକାର ତାଙ୍କୁ ପୁରସ୍କାର ଭାବେ ସାଂସଦ ବା ଆଇନ ପ୍ରଣେତା ପଦବୀ ଦେଇଥିବା କୁହାଗଲା । ବିଜେପି ଯେ କେବଳ ପୂର୍ବତନ ଜଜ୍ ଗଙ୍ଗୋପାଧ୍ୟାୟଙ୍କୁ ଲୋକସଭା ଟିକେଟ୍ ଦେଇଛି ତାହା ନୁହେଁ । ପଞ୍ଜାବର ଅମୃତସରରୁ ବିଜେପି ତରନଜିତ ସିଂହ ସାନ୍ଧୁଙ୍କୁ ପ୍ରାର୍ଥୀ କରିଛି ଯିଏ ପୂର୍ବରୁ ଭାରତର ରାଷ୍ଟ୍ରଦୂତ ଭାବେ ଆମେରିକାରେ ଅବସ୍ଥାପିତ ଥିଲେ । ୨୦୧୯ରେ ପୂର୍ବତନ କୂଟନୀତିଜ୍ଞ ହରଦୀପ ପୁରୀ ଅମୃତସରରୁ ବିଜେପି ପ୍ରାର୍ଥୀ ଭାବେ ଲୋକସଭା ନିର୍ବାଚନ ଲଢ଼ି ହାରିଥିଲେ । ନିର୍ବାଚନ ହାରିଥିବା ସତ୍ତ୍ୱେ ପ୍ରଧାନମନ୍ତ୍ରୀ ମୋଦୀ ତାଙ୍କୁ ନିଜ ମନ୍ତ୍ରିମଣ୍ଡଳରେ ସ୍ଥାନ ଦେଇଛନ୍ତି । ପୁଣି ଏଥର ବିଜେପି ପଶ୍ଚିମବଙ୍ଗର ବୀରଭୂମରୁ ଦେବାଶିଷ ଧରଙ୍କୁ ପ୍ରାର୍ଥୀ କରିଛି ଯିଏ ରାଜନୀତିରେ ଯୋଗଦେବାକୁ ଚାହିଁ ସର୍ବଭାରତୀୟ ପୁଲିସ୍ ସେବା ବା ଆଇପିଏସ ଚାକିରିରୁ ଇସ୍ତଫା ଦେଇଛନ୍ତି । ସେହିଭଳି ସରକାରୀ ଡାକ୍ତର ପଦରୁ ଇସ୍ତଫା ଦେଇ ଝାଡଗ୍ରାମ ଲୋକସଭା ଆସନରୁ ବିଜେପିର ପ୍ରାର୍ଥୀ ହୋଇଛନ୍ତି ପ୍ରଣତ ଟୁଡୁ । ହାଇକୋର୍ଟ ଓ ସୁପ୍ରିମକୋର୍ଟର ବିଚାରପତିମାନେ ଅବସର ନେବାର ଦୁଇବର୍ଷ (କୁଲିଂ ଅଫ୍ ପିରିୟଡ) ଯାଏ କୌଣସି ରାଜନୈତିକ ନିଯୁକ୍ତି ଗ୍ରହଣ କରିବେ ନାହିଁ ଏପରି ନିର୍ଦ୍ଦେଶ ଦିଆଯାଉ ପ୍ରାର୍ଥନା କରି ସୁପ୍ରିମକୋର୍ଟରେ ଏକ ଯାଚିକା ଦାଖଲ ହୋଇଥିଲା । କିନ୍ତୁ ୨୦୨୨ରେ ସୁପ୍ରିମକୋର୍ଟ ଉକ୍ତ ଯାଚିକାକୁ ଖାରଜ କରିଥିଲେ । ଅମଲାତନ୍ତ୍ରୀମାନେ ଅବସର ନେବା ପରେ ରାଜନୀତିରେ ପ୍ରବେଶ କରିବାରେ କୌଣସି ବାଧା ନାହିଁ କି ସେମାନଙ୍କ ପାଇଁ କୁଲିଂ ଅଫ୍ ପିରିୟଡ ବୋଲି କିଛି ନାହିଁ । କିନ୍ତୁ ଅମଲାତନ୍ତ୍ରୀ ଜଣେ ଅବସର ନେବାର ୧ବର୍ଷ ଭିତରେ ଘରୋଇ କ୍ଷେତ୍ରରେ ନିଯୁକ୍ତି ଗ୍ରହଣ କରିପାରିବେ ନାହିଁ, ଏଭଳି ନିୟମ ଅଛି । କେବଳ ବିଜେପି ଯେ ଅମଲାତନ୍ତ୍ରୀ, କୂଟନୀତିଜ୍ଞ ଓ ଅବସରପ୍ରାପ୍ତ କିମ୍ବା ସରକାରୀ ପଦବୀରୁ ଇସ୍ତଫା ଦେଇଥିବା ଅନ୍ୟ ଅଫିସରଙ୍କୁ ଦଳରେ ସ୍ଥାନ ଦେଇଛି, ତାହା ନୁହେଁ । କଂଗ୍ରେସ ମଧ୍ୟ ତାହା କରିଛି । ରାଜୀବ ଗାନ୍ଧୀଙ୍କ ଅମଳରେ ସ୍ୱର୍ଗତ ଅଜିତ ଯୋଗୀ ଆଇଏଏସ ଚାକିରିରୁ ଇସ୍ତଫା ଦେଇ କଂଗ୍ରେସରେ ଯୋଗ ଦେଇଥିଲେ । ପରେ ସେ ଛତିଶଗଡ଼ର ପ୍ରଥମ ମୁଖ୍ୟମନ୍ତ୍ରୀ ହୋଇପାରିଥିଲେ ।











**ବିଚାରପତି ବି ପଡୁନାହାନ୍ତି ବାଦ**

# ପ୍ରଚାର ମଇଦାନରେ କଳାହାଣ୍ଡି ବିଜେଡି ସାଂସଦ ପ୍ରାର୍ଥୀ ଲମ୍ବୋଧର

**ଭବାନୀପାଟଣା, ୧୪(ସମିସ):** ବିଜେଡି ପକ୍ଷରୁ ଟିକଟ ଘୋଷଣା ପରେ ସରଗରମ ରହିଛି କଳାହାଣ୍ଡି ରାଜନୀତି। କଳାହାଣ୍ଡି ସଂସଦୀୟ କ୍ଷେତ୍ର ୭ ନମ୍ବର ନିର୍ବାଚନମଣ୍ଡଳୀର ସାଂସଦ ପ୍ରାର୍ଥୀ ଲମ୍ବୋଦର



ନିଆଲ କଳାହାଣ୍ଡିର ଇଷ୍ଟଦେବୀ ମା' ମାଣିକେଶ୍ୱରୀ, ଜୁନାଗଡ଼ର ମା' ଲଙ୍କେଶ୍ୱରୀ ଓ ଆମପାଣିର ପ୍ରଭୁ ବୁଢାରଜାଙ୍କ ଦର୍ଶନ କରି ପ୍ରଚାର ମଇଦାନକୁ ଓହ୍ଲାଇଛନ୍ତି। ସେ କହିଛନ୍ତି ଯେ ପୂର୍ବରୁ ଉଭୟ କଳାହାଣ୍ଡି ଓ ନୂଆପଡ଼ା ଜିଲ୍ଲାରେ ଜିଲ୍ଲା ପରିଷଦରେ ବାଜିମାତ କରି ସେମି ଫାଇନାଲ ଜିତିଥିବା ବେଳେ ଚଳିତ ସାଧାରଣ ନିର୍ବାଚନରେ ମଧ୍ୟ ସମସ୍ତ ୭ଟି ବିଧାନସଭା ଓ କଳାହାଣ୍ଡି ଲୋକସଭା ବିଜେଡି ଦଖଲ କରି ଷଷ୍ଠ ଥର ପାଇଁ ନବୀନ ପଟ୍ଟନାୟକ ମୁଖ୍ୟମନ୍ତ୍ରୀ ହେବେ ବୋଲି ଦୃଢୋକ୍ତି ପ୍ରକାଶ କରିଛନ୍ତି। ଗତ ନିର୍ବାଚନରେ ଭବାନୀପାଟଣା ସଦର ଓ କଳାହାଣ୍ଡି ସଂସଦୀୟ କ୍ଷେତ୍ରରେ ବିଜେପି ବାଜିମାତ କରିଥିଲେ ହେଁ ନବୀନଙ୍କ ବିକାଶମୂଳକ ଯୋଜନରେ ସାଧାରଣ ଜନତା ପ୍ରଭାବିତ ହୋଇ ବିଜେଡି ପ୍ରତି ଆକୃଷ୍ଟ ହୋଇସାରିଛନ୍ତି। ବିଶେଷ କରି ମହିଳାମାନେ ରାଜ୍ୟ ସରକାରଙ୍କ ଯୋଜନାରେ

**● ମା' ମାଣିକେଶ୍ୱରୀ, ଲଙ୍କେଶ୍ୱରୀ ଓ ବୁଢାରଜାଙ୍କ ଆଶୀର୍ବାଦ ନେଲେ**

ପ୍ରଭାବିତ ହୋଇ ଥିବାବେଳେ ଯୁବଶକ୍ତି ମଧ୍ୟ ନବୀନ ଓଡିଶା ବିକାଶର ବାସ୍ତବତାକୁ ଉପଲବ୍ଧି କଲେଣି। ତେଣୁ କଳାହାଣ୍ଡି କାହିଁକି ସମଗ୍ର ରାଜ୍ୟରେ ବିଜେଡି ଜିତିବା ସହ ସରକାର ଗଢିବ ବୋଲି କଳାହାଣ୍ଡି ବିଜେଡି ସାଂସଦ ପ୍ରାର୍ଥୀ ଲମ୍ବୋଦର ନିଆଲ ପ୍ରକାଶ କରିଛନ୍ତି। ମା' ମାଣିକେଶ୍ୱରୀଙ୍କ ଦର୍ଶନ ସମୟରେ ଭବାନୀପାଟଣା ସଦର ବିଜେଡି ବିଧାୟିକା ପ୍ରାର୍ଥୀ ଲଳିତା ନାଏକ, ଜୁନାଗଡ଼ ପ୍ରାର୍ଥୀ ଦିବ୍ୟାଶଙ୍କର ମିଶ୍ର, ଭବାନୀପାଟଣା ପୌରାଧ୍ୟକ୍ଷ ସଂଯୁକ୍ତା ବେହେରା, ପୂର୍ବତନ ବିଧାୟକ ଦୁଷ୍ମନ୍ତ ନାଏକ, ବରିଷ୍ଠ ବିଜେଡି ନେତା ଭବାନୀ ଶଙ୍କର ମିଶ୍ରଙ୍କ ସମେତ ବହୁ ବିଜେଡି ନେତା ଓ କର୍ମୀ ଉପସ୍ଥିତ ଥିଲେ।

# ୧୦ ଲକ୍ଷ ଟଙ୍କାର ବିଦେଶୀ ମଦ ସହିତ ଭ୍ୟାନ୍ ଜବତ





**କେସିଙ୍ଗା, ୧୪(ସମିସ)**

**● ୨ ଗିରଫ**

ଗତକାଲି ରାତିରେ କଳାହାଣ୍ଡି ଜିଲ୍ଲା କେସିଙ୍ଗା ପୁଲିସ କୌଣସି ସୂତ୍ରରୁ ଖବର ପାଇ ପ୍ରାୟ ୧୫୨୩.୪୦୦ ଲିଟର ବିଦେଶୀ ମଦ ସହିତ ଦୁଇ ଜଣଙ୍କୁ ଗିରଫ କରିବାରେ ସଫଳ ହୋଇଛି। ସୂଚନା ଅନୁଯାୟୀ ଆଗକୁ ନିର୍ବାଚନ ଥିବାରୁ ପୁଲିସ ପକ୍ଷରୁ ଦିନ ରାତି ପାଟ୍ରୋଲିଂ ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି। ଗତ କାଲି ରାତି ପ୍ରାୟ ୧୦ଟାରେ କେସିଙ୍ଗା-ବଲାଙ୍ଗିର ଜାତୀୟ ରାଜପଥ ୨୬ ଅମାଠ ଛକ ନିକଟରେ ରାତ୍ରି ପାଟ୍ରୋଲିଂ କରୁଥିବା ସମୟରେ ଏକ ପିକ୍ଅପ (ଓଡି୦୮ ପି-୮୯୫୦) ନମ୍ବର ଗାଡ଼ିରୁ ବଜାରର ଆନୁମାନିକ ମୂଲ୍ୟ ପ୍ରାୟ ଦଶ ଲକ୍ଷ ଟଙ୍କାର ବିଦେଶୀ ମଦ ଓ ବିଅର ଜବତ କରିବା ସହିତ ଗାଡ଼ି ଡ୍ରାଇଭରକୁ ଅଟକ ରଖି ପଚରାଉଚରା କରିଥିଲେ। ଡ୍ରାଇଭରଙ୍କ କହିବା ଅନୁସାରେ ମଦନପୁର ରାମପୁର ଥାନା ଯୋରାଡୋବ୍ରା ବିଅର ବାରରୁ କେସିଙ୍ଗା ଆରଏମ୍‌ସି ନିକଟରେ ଥିବା ବିଅର୍ ବାରକୁ ମଦ ଯୋଗାଣ ହେଉଥିବା ପ୍ରକାଶ କରିଥିଲା। ପରେ କେସିଙ୍ଗା ଅବକାରୀ ବିଭାଗ ଖବର ପାଇ ଯୋରାଡୋବ୍ରାସ୍ଥିତ ବିଅର ବାରକୁ ସିଲ କରିଥିବା ଜଣାପଡ଼ିଛି। ସେପଟେ କେସିଙ୍ଗା ପୁଲିସ ଗାଡ଼ି ଡ୍ରାଇଭର ସମେତ ଗାଡ଼ି ମାଲିକଙ୍କୁ ମଧ୍ୟ କୋର୍ଟ ଚାଲାଣ କରିଥିବା ଜଣାପଡ଼ିଛି।

# କୁରୁଗୁଡ଼ା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକୋତ୍ସବ

**ଜୁନାଗଡ଼, ୧୪(ସମିସ):** ଜୁନାଗଡ଼ ବ୍ଲକ ଅନ୍ତର୍ଗତ କୁରୁଗୁଡା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟଠାରେ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସଭା ପ୍ରାରମ୍ଭରେ ଅତିଥି ମାନଙ୍କ ଦ୍ୱାରା ଦୀପ ପ୍ରଜ୍ୱଳନ କରାଯାଇ ଛାତ୍ରୀମାନଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ଗାନ କରାଯାଇଥିଲା। ବିଦ୍ୟାଳୟର ପ୍ରଧାନଶିକ୍ଷକ ହୃଷିକେଶ ମେହେରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ରୂପେ ଜୁନାଗଡ଼ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ବୀଣାପାଣି ସାମନ୍ତ, ସମ୍ମାନିତ ଅତିଥି କୁରୁଗୁଡା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଭାରପ୍ରାପ୍ତ ଅଧ୍ୟକ୍ଷ ରଞ୍ଜନ କୁମାର ପଣ୍ଡା, ଧାମନପୁର ଉଚ୍ଚ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ସମୀର ରଞ୍ଜନ ଠେଲା ଯୋଗ ଦେଇ ଉଦବୋଧନ ଦେଇଥିଲେ। ଏନସିସି ଅଫିସର ସନ୍ତୋଷ କୁମାର ମେହେର ସଭା ପରିଚାଳନା କରିଥିଲେ। ଭାରପ୍ରାପ୍ତ ଅଧ୍ୟକ୍ଷ ରଞ୍ଜନ କୁମାର ପଣ୍ଡା ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ କୃତୀ ଛାତ୍ରଛାତ୍ରୀମାନଙ୍କୁ ଅନୁଷ୍ଠାନର କ୍ରୀଡା ଶିକ୍ଷକ ବିଜୟ କୁମାର ନାଏକ ଏବଂ ସହକାରୀ ଶିକ୍ଷକ ଜନ୍ମେଜୟ ନାଏକଙ୍କ ପରିଚାଳନାରେ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଉତ୍ସବର ବିଭିନ୍ନ କାର୍ଯ୍ୟକ୍ରମରେ ବରିଷ୍ଠ ବିଜ୍ଞାନ



ଶିକ୍ଷକ ସୁଶୀଳ କୁମାର ନାଗ, ଗୋପାଳ କୃଷ୍ଣ ମିଶ୍ର, ରୁପକେଶ୍ୱରୀ ମୁଣ୍ଡ, ବିଶ୍ୱନାଥ ସାହୁ, ସିଦ୍ଧାର୍ଥ ଭୋଇ, ରୀନା କୁମାରୀ ବେହେରା, ଗିରିଜା ନାଏକ, ମଞ୍ଜୁଲତା ବାରିକ, ସୁନିତା ମିଶ୍ର, ପ୍ରଦୀପ ପ୍ରଧାନ, ସୁବ୍ରତ କୁମାର ପାଣିଗ୍ରାହୀ, କମଳିନୀ ପଧାନ, ଦେବେଶ୍ୱରୀ ନାଏକ, ରାକେଶ ବିଶ୍ୱାଳ, ବିଭୂତି ଚଲାନ, ରିନା ସାହୁଙ୍କ ସହ ସମସ୍ତ ଅଣଶିକ୍ଷକ କର୍ମଚାରୀ ବୃନ୍ଦ ସକ୍ରିୟ ସହଯୋଗ କରିଥିଲେ। ଓଡ଼ିଆ ଅଧ୍ୟାପକ ଜୟନ୍ତ କୁମାର ସୁନା ଧନ୍ୟବାଦ ଅର୍ପଣ କରିଥିଲେ। ପରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ଦୀର୍ଘ ଦିନ ହେଲା ଶୁଖିଲା ପଡ଼ିଛି ଅମୃତଧାରା

**ଥୁଆମୂଳ ରାମପୁର, ୧୪(ସମିସ):** କଳାହାଣ୍ଡି ଜିଲ୍ଲା ଥୁଆମୂଳ ରାମପୁର ବ୍ଲକ ସଦର ମହକୁମାର ରାଜବାଟି ଛକ ହେଉଛି ବ୍ଲକର ମୁଖ୍ୟ ଛକ। ନିକଟରେ ମାଁ ମାଣିକେଶ୍ୱରୀଙ୍କ ମନ୍ଦିର ପାଚେରୀକୁ ଲାଗି ନିର୍ମାଣ ହୋଇଥିବା ଅମୃତଧାରା ପ୍ରକଳ୍ପ

**● ପାଣି ଟୋପାଏ ପାଇଁ ହନ୍ତସନ୍ତ**

ଦୀର୍ଘଦିନ ହେବ ଶୁଖିଲା ପଡ଼ିରହିଛି। ଅଚଳ ଅବସ୍ଥାରେ ରହିଥିବା ହେତୁ ଟ୍ୟାପରୁ ପାଣି ବାହାରୁନି। ଜନସାଧାରଣଙ୍କୁ ବିଶୁଦ୍ଧ ଥଣ୍ଡା ପାନୀୟ ଜଳ ଯୋଗାଇବା ଉଦ୍ଦେଶ୍ୟରେ ଏହି ପ୍ରକଳ୍ପ ସ୍ଥାପିତ ହୋଇଥିଲା। ଯାହା କୌଣସି କାରଣବଶତଃ ଅଚଳ ଅବସ୍ଥାରେ ରହିଛି। ଏକ ବ୍ଲକ ମୁଖ୍ୟାଳୟ ହୋଇଥିବାରୁ ଏଠାରେ ପଞ୍ଚାୟତ ସମିତି କାର୍ଯ୍ୟାଳୟ, ତହସିଲ, ଥାନା, ଡାକ୍ତରଖାନା, ଗୋଷ୍ଠୀ ଶିକ୍ଷାଧିକାରୀ କାର୍ଯ୍ୟାଳୟ ଏବଂ ମହିଳା ଶିଶୁ ବିକାଶ କାର୍ଯ୍ୟାଳୟ ସମେତ ବିଭିନ୍ନ ସରକାରୀ ବେସରକାରୀ କାର୍ଯ୍ୟାଳୟ ମାନ ରହିଛି। ଯେଉଁଠିକୁ ନିଜନିଜ କାର୍ଯ୍ୟ ନେଇ ଆସୁଥିବା ଲୋକଙ୍କ ଭିଡ ଲାଗିଥାଏ। ଏହି ଛକଟି ବସ୍ ଷ୍ଟାଣ୍ଡ ଭାବେ ଭବାନୀପାଟଣା, ରାୟଗଡ଼ା ତଥା ବର୍ତ୍ତମାନ ଲକ୍ଷ୍ମୀ ବସ୍ ଚଳପ୍ରଚଳ କରୁଥିବାରୁ ବିଭିନ୍ନ ପ୍ରାନ୍ତର ଲୋକେ ଏଠାରେ ଓହ୍ଲାଉ ଥିବା ବେଳେ ବିଭିନ୍ନ ଗନ୍ତବ୍ୟ ସ୍ଥଳକୁ ଯିବା ପାଇଁ ଯାତ୍ରୀ ମାନେ ପ୍ରତୀକ୍ଷା କରିଥାଆନ୍ତି। ଏଠାରେ ଖରା, ବର୍ଷା ଅବା



ଶୀତ ଦିନ ହେଉ ପାନୀୟ ଜଳର ଅଭାବ ରହିଥିଲା। ପିଇବା ପାଣି ପାଇଁ ଲୋକେ ହନ୍ତସନ୍ତ ହେଉଥିଲେ। ଏହାକୁ ଦୃଷ୍ଟିରେ ରଖି ପଞ୍ଚାୟତ ପ୍ରଶାସନ ପକ୍ଷରୁ ଏହି ଅମୃତଧାରା ପ୍ରକଳ୍ପ ମାଧ୍ୟମରେ ବିଶୁଦ୍ଧ ଥଣ୍ଡା ପାଣି ବ୍ୟବସ୍ଥା କରାଯାଇଛି। ମାଁ ମାଣିକେଶ୍ୱରୀ ମନ୍ଦିର କର୍ତ୍ତୃପକ୍ଷଙ୍କ ତତ୍ତ୍ୱାବଧାନରେ ରହିଥିବା ଯୋଗୁଁ ଏହାର ସଠିକ୍ ପରିଚାଳନା ହେଉଥିଲା। ବର୍ତ୍ତମାନ ଖରା ତାର ପ୍ରକୋପ ବଢ଼ାଇ ଚାଲିଥିବା ବେଳେ ପିଇବା ପାଇଁ ପାଣିର ମଧ୍ୟ ସେତିକି ଆବଶ୍ୟକତା ରହିଛି। ହେଲେ ବର୍ତ୍ତମାନ ଖରାପ ଅବସ୍ଥାରେ ପଡ଼ିଥିବା ବେଳେ ଏଠାକୁ ଆସୁଥିବ ଲୋକେ ପିଇବା ପାଣି ଟୋପାଏ ପାଇଁ ହନ୍ତସନ୍ତ ହେଉଥିବା ଦେଖିବାକୁ ମିଳିଛି। ତୁରନ୍ତ ଏହି ଅମୃତଧାରାକୁ ପୁନଶ୍ଚ କାର୍ଯ୍ୟକ୍ଷମ କରିବାକୁ ସାଧାରଣରେ ଦାବି ହେଉଛି।

# କେବଲ୍ ଚୋରି ଯୋଗୁ ୧୫ ଦିନ ଧରି ଜଳ ଯୋଗାଣ ବ୍ୟାଘାତ

**କେସିଙ୍ଗା, ୧୪(ସମିସ):** କଳାହାଣ୍ଡି ଜିଲ୍ଲା କେସିଙ୍ଗା ବ୍ଲକ ଅଧିନସ୍ଥ ବାଲସି ଗ୍ରାମରେ ଦୀର୍ଘ ୧୫ଦିନ ହେଲା କେବଲ ଚୋରି ଯୋଗୁଁ ପାନୀୟଜଳ ଯୋଗାଣ ବ୍ୟାହତ ଯୋଗୁଁ ଗ୍ରାମବାସୀ ହନ୍ତସନ୍ତ ହେଉଛନ୍ତି। ବାଲସି ଗ୍ରାମ ପଞ୍ଚାୟତର ମଶାଣିବନ୍ଧ ଗ୍ରାମ ନିକଟରେ ଥିବ ଦେହେରେନ ଜୋର ନିକଟରେ ପମ୍ପ ହାଉସ ସ୍ଥାପିତ ହୋଇଛି। ଗ୍ରାମରୁ ପ୍ରାୟ ଦୁଇ କିମି ଦୂରରେ ଉକ୍ତ ପମ୍ପ ହାଉସ ଥିବାରୁ ୫୦ ମିଟରରୁ ଉର୍ଦ୍ଧ୍ୱ କେବଲ ଦୁର୍ବୃତ୍ତ ମାନେ ଚୋରି କରି ନେଇଛନ୍ତି। ଫଳରେ ବାଲସି ଗ୍ରାମକୁ ଆଜକୁ ୧୫ଦିନ ହେଲା ପାନୀୟ ଜଳ ଯୋଗାଣ ହୋଇପାରୁନାହିଁ। ବର୍ତ୍ତମାନ ୪୦ଡିଗ୍ରୀ ତାପମାତ୍ରା ରହୁଥିବାରୁ ବାଲସି ଗ୍ରାମରେ ଭୋର ୪ଟାରୁ ନଳକୂପ ନିକଟରେ ମହିଳାଙ୍କ ଭିଡ଼ ଜମୁଛି। ଏ ସଂକ୍ରାନ୍ତରେ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ ଯନ୍ତ୍ରୀ ଧର୍ମେନ୍ଦ୍ର ସେଠୀଙ୍କୁ ପଚାରିବାରେ କେବଲ ଚୋରି ହେଉଥିବାରୁ ଲୋକଙ୍କୁ ଠିକ ସମୟରେ ପାନୀୟ ଜଳ ଯୋଗାଇବାରେ ସମସ୍ୟା ହୋଇଛି। ଆସନ୍ତା ଦୁଇ ତିନି ଦିନ ମଧ୍ୟରେ କେବଲ ସଂଯୋଗ କରାଯାଇ ପାନୀୟଜଳ ଯୋଗାଣର ବ୍ୟବସ୍ଥା କରାଯିବ ବୋଲି ସେ କହିଛନ୍ତି।

# ଆରମ୍ଭ ହେଲା କାମନା ଦଣ୍ଡଯାତ୍ରା



**ମ.ରାମପୁର, ୧୪(ସମିସ):** ଭକ୍ତି ଆଉ ବିଶ୍ୱାସର ପର୍ବ କାମନା ଦଣ୍ଡ ଯାତ୍ରା ସୋମବାର ଠାରୁ ଆରମ୍ଭ ହୋଇଛି। ପ୍ରଥମ ଦିବସରେ ବିଭିନ୍ନ ଦଣ୍ଡ ଦଳ ପୂଜା ସହିତ ପଇତା ଧାରଣ ପୂର୍ବକ ବ୍ରତ ଆରମ୍ଭ କରିଛନ୍ତି। ତଳସାଗର ପଡ଼ା, ବୁରାଟ, ସାର୍କିହେଜୁ, ପଣ୍ଡକାମାଳ ( କଲୋନୀ ପଡ଼ା), ଆମ୍ବ ଗାଆଁ ( ବାବୁ ପଡ଼ା), ଶୁଣ୍ଢୀ ପଡ଼ା, ବମକ, ମୋହନ ଗିରି ଆଦି ଦଣ୍ଡ ପୀଠ ନିଜର ତେର ଦିନାତ୍ମକ ଯାତ୍ରା ଆରମ୍ଭ କରିଥିବା ଜଣାଯାଇଛି। ଏଇ ତେର ଦିନ ମ, ରାମପୁର ଅଞ୍ଚଳ ଚଳଚଞ୍ଚଳ ହୋଇପଡେ। ପ୍ରତିଦିନ ଧୂଳିଆ ଦଣ୍ଡ, ପାଣି ଦଣ୍ଡ, ଅଗ୍ନି ଦଣ୍ଡ ଓ ଦଣ୍ଡ ନାଚ ଦେଖିବାକୁ ପ୍ରବଳ ମାତ୍ରାରେ ଭକ୍ତଙ୍କ ସମାଗମ ଦେଖିବାକୁ ମିଳିଥାଏ। ଏଠାରେ ସୂଚନା ଥାଉ କି, ମ, ରାମପୁର ଅଞ୍ଚଳରେ ଏହି କାମନା ଦଣ୍ଡ ଯାତ୍ରା ଶହେ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ଚାଲି ଆସୁଛି। ଦଣ୍ଡ ପୀଠ ଗୁଡ଼ିକ ପ୍ରତି ଦିନ ଭିନ୍ନ ଭିନ୍ନ ଗ୍ରାମକୁ ଯାଇ ନିଜ ସେବାୟତମାନଙ୍କ ଦାଣ୍ଡରେ ଏହି କାଷ୍ଠା ଓ ନିଷ୍ଠାର ପର୍ବ ପାଳନ କରନ୍ତି।

# ୩ ଶତାୟୁ ଭୋଟର ସମ୍ମାନିତ



**କେସିଙ୍ଗା, ୧୪(ସମିସ):** ଗଣତନ୍ତ୍ରରେ ସବୁଠୁ ବଡ଼ ଭୋଟର ହୋଇଥିବା ବେଳେ ନିର୍ବାଚନ ଦେଶର ସବୁଠୁ ବଡ ପର୍ବ ହିସାବରେ ପାଳନ କରାଯାଇଥାଏ। ଦେଶରେ ୧୮ ବର୍ଷ ହେଲାପରେ ଜଣେ ଝିଅ ଅବା ପୁଅ ଭୋଟ ଦେବାର ଅଧିକାର ପାଇବା ସହ ଦେଶ ଗଠନରେ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ। ସେହି ମର୍ମରେ ରବିବାର କେସିଙ୍ଗା ବ୍ଲକ ପକ୍ଷରୁ ବିଭିନ୍ନ ଗ୍ରାମ ପଞ୍ଚାୟତରେ ଥିବା ତିନି ଜଣ ଶତାୟୁ ଭୋଟରଙ୍କୁ ସମ୍ମାନିତ କରାଯାଇଥିଲା। ସମ୍ମାନିତ ହୋଇଥିବା ଶତାୟୁ ଭୋଟରମାନେ ହେଲେ ପାଷ୍ଟିକୁଡ଼ି ଗ୍ରାମ ପଞ୍ଚାୟତର ରିପୁଚନ୍ଦ୍ର ନାଏକ, ତହସିର ଗ୍ରାମ ପଞ୍ଚାୟତର ମହିଳା ଭୋଟର ଦୀପ୍ତିମୟୀ ସେନ ଓ ପାଷ୍ଟିକୁଡ଼ିର ଆଉ ଜଣେ ମହିଳା କ୍ଷୀରବତି ସାହୁ। ଏହି ତିନି ଜଣଙ୍କୁ କେସିଙ୍ଗା ବ୍ଲକ ବିଡ଼ିଓ ପଦ୍ମନାଭ ପୁରୋହିତ, ଏବିଡ଼ିଓ ସିଦ୍ଧେଶ୍ୱର ମେହେର, ଜିପିଇଓ ଲମ୍ବୋଦର ଶିଖା ପ୍ରମୁଖ ଶତାୟଙ୍କ ଘରକୁ ଯାଇ ପୁଷ୍ପଗୁଚ୍ଛ ସହିତ ଉତ୍ତରୀୟ ପ୍ରଦାନ କରି ତାଙ୍କର ଆରୋଗ୍ୟ କାମନା କରାଯାଇଥିଲା। ସେହିପରି ଉତ୍କଳ ଦିବସ ଉପଲକ୍ଷେ କେସିଙ୍ଗା ବ୍ଲକ କାର୍ଯ୍ୟାଳୟ ପରିସରରେ ବିଡ଼ିଓ ଶ୍ରୀ ପୁରୋହିତଙ୍କ ଉପସ୍ଥିତିରେ କାର୍ଯ୍ୟାଳୟରେ ଉପସ୍ଥିତ ସମସ୍ତ କର୍ମଚାରୀ 'ବନ୍ଦେ ଉତ୍କଳ ଜନନୀ'ଗୀତ ସାମୂହିକ ଗାନ କରି ଉତ୍କଳ ଦିବସ ପାଳନ କରିଥିଲେ।

# ମୁମ୍ବାଇ ଜୁହାର୍ ଫାଉଣ୍ଡେସନ ପକ୍ଷରୁ ଖଡ଼ିଆଳରେ ମାଗଣା ଚକ୍ଷୁ ପରୀକ୍ଷା ଶିବିର

**କେସିଙ୍ଗା, ୧୪(ସମିସ):** ଜୁହାର୍ ଫାଉଣ୍ଡେସନ୍, ମୁମ୍ବାଇ ଏବଂ ତ୍ରିଲୋଚନ ନେତ୍ରାଳୟ ସମ୍ବଲପୁରର ମିଳିତ ଆନୁକୂଲ୍ୟରେ ଏକ ମାଗଣା ଚକ୍ଷୁ ଚିକିତ୍ସା ଶିବିର ଖଡ଼ିଆଳସ୍ଥିତ କ୍ଷତ୍ରୀୟ ସମାଜ ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଖଡ଼ିଆଳ ପାଟଣା କ୍ଷତ୍ରୀୟ ସମାଜର କୁଳପତି ଶମ୍ଭୁକିଶୋର ଦଣ୍ଡସେନା, ବିଶିଷ୍ଟ ଅତିଥି ଭାବେ ପ୍ରାକ୍ତନ ଆୟକର କମିସନର ଶ୍ରୀକାନ୍ତ ଚାଟର୍ଜୀ ଏବଂ ସମ୍ମାନିତ ଅତିଥି ଭାବରେ ଖଡ଼ିଆଳ ପାଟଣା କ୍ଷତ୍ରୀୟ ସମାଜର ପରାମର୍ଶଦାତା ଜ୍ଞାନ ପ୍ରକାଶ ସିଂ ଓ ପ୍ରମୋଦ କୁମାର ଦଣ୍ଡସେନା ଯୋଗଦେଇ ଶିବିରକୁ



ଉଦଘାଟନ କରିଥିଲେ। ଶିବିରରେ ଡାକ୍ତର ପ୍ରକାଶ କୁମାର ଏବଂ ତାଙ୍କର ସହକର୍ମୀମାନଙ୍କ ଦ୍ୱାରା କମ୍ପ୍ୟୁଟର ମାଧ୍ୟମରେ ପ୍ରାୟ ୩୦୦ଜଣଙ୍କ ଚକ୍ଷୁ ପରୀକ୍ଷା କରାଯାଇଥିଲା। ପାଖାପାଖି ୫୦ଜଣ ବ୍ୟକ୍ତିଙ୍କୁ ଅସ୍ତ୍ରୋପଚାର ଦରକାର ପଡ଼ିବା କାରଣରୁ ସେମାନଙ୍କୁ ଭବାନିପାଟଣାସ୍ଥିତ ଶ୍ରୀଜଗନ୍ନାଥ ନେତ୍ରାଳୟକୁ ପଠା ଯାଇଥିଲା। ଏହି ଶିବିରକୁ ସଫଳ କରିବା ପାଇଁ ସ୍ୱେଚ୍ଛାସେବୀ ଗୌରବ ସିଂ ବାରିକ, ସୌମ୍ୟରଂଜନ ସିଂ, ରଶ୍ମିରଂଜନ ଚଲାନ, ସମ୍ପଦ ପାତ୍ରୀ, ରୋଶନ ପଣ୍ଡା, ରାଜେଶ ବନଛୋର, ରୋହିତ ବାରିକ, ବିକ୍ରମ ପାତ୍ର, ଅଭିଜିତ ଦଳପତି ପ୍ରମୁଖଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।

# ବିପଦସଂକୁଳ ଅବସ୍ଥାରେ ଡୋଙ୍ଗରିପାଲି ଅଙ୍ଗନବାଡ଼ି କେନ୍ଦ୍ର



**କୋମନା,୧୪(ସମିସ):** ନୂଆପଡ଼ା ଜିଲ୍ଲା କୋମନା ବ୍ଲକ ଡୋଙ୍ଗରିପାଲି ଶବରପଡ଼ାସ୍ଥିତ ଅଙ୍ଗନୱାଡି କେନ୍ଦ୍ର ବର୍ତ୍ତମାନ ବିପଦ ସଂକୁଳ ଅବସ୍ଥାରେ ଅଛି। ଅତି ନିମ୍ନ ମାନର ନିର୍ମାଣ ହେତୁ ଗୃହଟି ଫାଟି ଆଁ କରିଛି। ବର୍ଷା ସମୟରେ ଶିଶୁମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ପଡ଼ାବାସୀ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷେ ଏହି କେନ୍ଦ୍ରକୁ ଲାଗି ଏକ ବିପଦପୂର୍ଣ୍ଣ ବିଦ୍ୟୁତ୍ ଟ୍ରାନ୍ସଫର୍ମର ମୁକୁଳା ହୋଇ ଠିଆ ହୋଇଛି; ଯେଉଁଥିପାଇଁ ଅଭିଭାବକ ସେମାନଙ୍କ ପିଲାଙ୍କୁ ଏହି ଅଙ୍ଗନବାଡ଼ି କେନ୍ଦ୍ର ପଠାଇବାକୁ ବିପଦ ମଣୁଛନ୍ତି।

# ଚଟିଆଗୁଡ଼ା ଆଶ୍ରମ ବିଦ୍ୟାଳୟର ବାର୍ଷିକ ଉତ୍ସବ



**ସିନାପାଲି, ୧୪(ସମିସ):** ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକ ଅନୁସୂଚୀତ ଜାତି ଓ ଜନଜାତି ଉନ୍ନୟନ ବିଭାଗ ଦ୍ୱାରା ପରିଚାଳିତ ଚଟିଆଗୁଡା ଆଶ୍ରମ ବିଦ୍ୟାଳୟ ବାର୍ଷିକ ଉତ୍ସବ ପାଳିତ ହୋଇଛି। ଏଥିରେ ଶିକ୍ଷା ଜିଲ୍ଲା ନିରୀକ୍ଷକ ଉଦୟ ସିଂ ମାଝୀ, ଜିଲ୍ଲା ଶିକ୍ଷକ ସଂଘ ସଭାପତି ସୁଶୀଲ ପତୀ, ମଙ୍ଗଳ ସଂପ୍ରସାରଣ ଅଧିକାରୀ ସୁନୀଲ ସାମଲ, ଜିଲ୍ଲା ଶିକ୍ଷକ ସଂଘ ଉପ ସଭାପତି ଝରାମଣୀ ଦେଇ, ଗୋର୍ଲା ଆଶ୍ରମ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଗଙ୍ଗାରାମ ବାଗ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଲୋକନାଥ ମାଝୀ, ଚିକନୁ ମାଝୀ, ସାମ୍ବାଦିକ ଶୋଭାରାମ ବାଗ, ସିଆରସିସି ପ୍ରକାଶ ମିଶ୍ର ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରଧାନ ଶିକ୍ଷକ ପୁସ୍ତମ ନାଏକ ଅଧ୍ୟକ୍ଷତା କରିଥିଲେ। ଡୋଲେଶ୍ୱର ମେହେର କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଅମିତା ଖମାରୀ ଧନ୍ୟବାଦ ଅର୍ପଣ କରିଥିଲେ। ଶିକ୍ଷକ ତ୍ରିନାଥ ନିଆଳ, ଅମିତା ଖମାରୀ, ସଙ୍ଗୀତା ମୁଣ୍ଡ, ପବିତ୍ର କଲେତ୍, ତାରାଚାନ୍ଦ ମାଝୀ ସହଯୋଗ କରିଥିଲେ।

# ଯୋଗ୍ୟତା ସତ୍ତ୍ୱେ ସବୁ ସୁବିଧା ସୁଯୋଗରୁ ବଞ୍ଚିତ

**ହାତୀବନ୍ଧା, ୧୪(ସମିସ)**



**● ଆବାସ ଘର ସାତସପନ**
**● ବୋହୂକୁ ମିଳୁନି ବିଧବା ଭତ୍ତା**
**● ସରକାରୀ ଜାଗାରେ ପଲିଥିନ ଓ ଟିଣ ଢାଙ୍କି ରହୁଛନ୍ତି**

ସରକାର ଗରିବ, ନିରୀହ ଲୋକଙ୍କ ପାଇଁ ଅନେକ ସରକାରୀ ଯୋଜନା କରି ସହାୟତା କରୁଛନ୍ତି; ହେଲେ ସ୍ଥାନୀୟ କିଛି ବିଭାଗୀୟ ସରକାରୀ ଅଧିକାରୀମାନଙ୍କ ଉଦାସୀନତା ଯୋଗୁଁ ପ୍ରକୃତ ହିତାଧିକାରୀ ଯୋଜନାର ସୁଫଳ ପାଇବାରୁ ବଞ୍ଚିତ ରହୁଛନ୍ତି। ଏମିତି ଏକ ଗରିବ ପରିବାର ଯାହାଙ୍କ ପାଇଁ ଭଲରେ ଦୁଇ ଓଳି ଖାଇବାକୁ ମିଳୁ ନ ଥିବାବେଳେ ଆବାସ ଘର ସାତ ସପନ ହୋଇଛି। ପୁଅର ମୃତ୍ୟୁ ପରେ ବୋହୂର ବିଧବା ଭତ୍ତା ମିଳିବାରେ ବିଳମ୍ବ ହେଉଥିବା ବେଳେ ପରିବାର ଚାଲିବାରେ କଷ୍ଟ ହେଉଛି। ପରିବାର ରହିବାକୁ ଘର ଖଣ୍ଡିଏ ନାହିଁ। ଏକ ସରକାରୀ ସ୍ଥାନରେ ପଲିଥିନ ଓ ଟିଣ ଢାଙ୍କି ବହୁତ ଦୁଃଖ କଷ୍ଟରେ ଦିନ ରାତି କାଟୁଛନ୍ତି। ସିନାପାଲି ବ୍ଲକ ହାତୀବନ୍ଧା କଲୋନୀପଡ଼ାର ଯୁଧିଷ୍ଠିର ଭୋଇଙ୍କ ପରିବାରର ଏହି ଦୁଃଖ କାହାଣୀ କହିଲେ ସରିବନି।

ସ୍ତ୍ରୀ ପାଟ ଭୋଇ, ବିଧବା ବୋହୂ କୁମେ ଭୋଇ, ନାତି ଝଙ୍କାର ଭୋଇ (୪) ଓ ସତ୍ୟ ଭୋଇ (୨) ମିଶି ୫ଜଣ ପରିବାର ସଦସ୍ୟ। ଯୁଧିଷ୍ଠିର ଜଣେ ଭୂମିହୀନ। ଏଣୁ ସରକାରୀ ଜାଗାରେ ପଲିଥିନ ଓ ଟିଣ ଢାଙ୍କି ରହୁଛନ୍ତି। ବର୍ଷା ପବନ ସାଙ୍ଗକୁ ବିଷାକ୍ତ ଜୀବ ପ୍ରତି ଭୟରେ ଜୀବନ ବିତାଉଛନ୍ତି। ଯୁଧିଷ୍ଠିରଙ୍କୁ ଏକ ଅଜଣା ରୋଗ ହୋଇଥିବା ବେଳେ ତାଙ୍କ ହାତ ଗୋଡ଼ର ଆଙ୍ଗୁଠିଗୁଡିକ ମୋଡି ମୋଡି ହୋଇ ଯାଉଛି; ଯାହାଫଳରେ କାମ ଧନ୍ଦା କରିବା ସକ୍ଷମ ହେଉନାହାନ୍ତି। ଏଣୁ ପରିବାର ପ୍ରତି ପୋଷଣ କରିବା ଅସମ୍ଭବ ହୋଇଯାଇଛି। ତେଣୁ ଚିକିତ୍ସା ବ୍ୟବସ୍ଥା କରିବା ସହ, ଆବାସ ଘର ଯୋଗାଇଦେବା ଏବଂ ତାଙ୍କ ବୋହୂକୁ ବିଧବା ଭତ୍ତା ବ୍ୟବସ୍ଥା କରିବାକୁ ଯୁଧିଷ୍ଠିର ନିବେଦନ କରୁଛନ୍ତି।

# ମୁଖ୍ୟାଳୟରେ ରହୁନାହାନ୍ତି ବ୍ଲକସ୍ତରୀୟ ଅଧିକାରୀ

**କୋମନା, ୧୪(ସମିସ):** କୋମନା ବ୍ଲକ ନୂଆପଡ଼ା ଜିଲ୍ଲାର ସବୁଠାରୁ ବଡ ବ୍ଲକ ହୋଇଥିବା ବେଳେ ବିଭିନ୍ନ ବିଭାଗର ସରକାରୀ ଅଧିକାରୀ ମୁଖ୍ୟାଳୟରେ ରହୁ ନାହାନ୍ତି। ଅଧିକାରୀମାନେ ଜିଲ୍ଲା ମୁଖ୍ୟାଳୟ ନୂଆପଡ଼ା ଓ ଖଡିଆଳ ସହରରେ ରହି ଯିବା ଆସିବା କରୁଛନ୍ତି। ଏଣୁ ସେମାନେ ନିଜ କାର୍ଯ୍ୟରେ ସମୟ ଅନୁସାରେ ପହଞ୍ଚି ପାରୁ ନାହାନ୍ତି। ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀମାନେ ମଧ୍ୟ ମୁଖ୍ୟାଳୟରେ ରହୁ ନାହାନ୍ତି। ତେବେ ଏଥିପାଇଁ ଲୋକେ ବିଭିନ୍ନ କାମରେ ଆସି ଘଣ୍ଟା ଘଣ୍ଟା କାଳ ଅଧିକାରୀଙ୍କୁ ସାକ୍ଷାତ କରିବାକୁ ଅପେକ୍ଷା କରୁଛନ୍ତି।

# ଅନ୍ତର୍ଜାତୀୟ ଟ୍ରାନ୍ସଜେଣ୍ଡର ଦୃଶ୍ୟତା ଦିବସ ପାଳିତ



**ନୂଆପଡ଼ା, ୧୪(ସମିସ):** ନୂଆପଡ଼ା ଜିଲ୍ଲା ଟ୍ରାନ୍ସଜେଣ୍ଡର ସଂଗଠନ ସତୀ, ଜିଲ୍ଲା ସାମାଜିକ ସୁରକ୍ଷା ବିଭାଗ ଏବଂ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପରଦା ମିଳିତ ଅନୁକୂଲ୍ୟରେ ପରଦା ଟ୍ରେନିଂ ହଲ୍‌ରେ ଅନ୍ତର୍ଜାତୀୟ ଟ୍ରାନ୍ସଜେଣ୍ଡର ଦୃଶ୍ୟତା ଦିବସ- ପାଳିତ ହୋଇଯାଇଛି। ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଅନନ୍ତ ହେମ୍ବ୍ରମ ମୁଖ୍ୟ ଅତିଥି ଓ ପରଦା ଅଧ୍ୟକ୍ଷ ରୁଦ୍ର ପଟ୍ଟନାୟକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଜୁଲି ମାଝୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବେଦରାମ ସାହୁ, ମନ ବାଇ ଉଜିର, ବନ୍ଦନା ମାଝୀ ଏବଂ ରିଷ୍ଟା ରାଣୀ ପାଣିଗ୍ରାହୀ ସହଯୋଗ କରିଥିଲେ।

## ବିଭିନ୍ନ ସ୍ଥାନରେ ଓଡ଼ିଶା ଦିବସ

# ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ସଂଗ୍ରାମକୁ ସ୍ମରଣ



ବୌଦ୍ଧ, ୧।୪(ସମିସ)

ବୌଦ୍ଧ ଜିଲ୍ଲା ସଦର ମହକୁମରେ ଜିଲ୍ଲାସ୍ତରୀୟ ଓଡ଼ିଶା ଦିବସ ପାଳିତ ହୋଇଛି । ଏହି ଅବସରରେ ପ୍ରତ୍ୟୁଷରୁ ପ୍ରଭାତ ଫେରି ହୋଇଥିଲା । ଡାକବାଜି ଯନ୍ତ୍ର ସାହାଯ୍ୟରେ ସହରରେ ଦେଶାତ୍ମବୋଧକ ସଙ୍ଗୀତ ପରିବେଷଣ ହୋଇଥିଲା । ସେହିପରି ଗାନ୍ଧୀ, ଗୋପବନ୍ଧୁ, ମଧୁସୂଦନ ଦାସ, ଗଙ୍ଗାଧର ମେହେରଙ୍କ ଭଳି ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା । ସନ୍ଧ୍ୟାରେ ସ୍ଥାନୀୟ ଟାଉନହଲରେ ଅନୁଷ୍ଠିତ ଓଡ଼ିଶା ଦିବସ ସମାରୋହରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ଦାରିଦ୍ର୍ୟ ଭଞ୍ଜନ ମଦନ ମୋହନ ପତ୍ର, ସମ୍ମାନୀତ ଅତିଥି ଭାବେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ବସନ୍ତ ପାଣିଗ୍ରାହୀ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରୀତାକାନ୍ତି ବଳିୟାରସିଂ, ଜିଲ୍ଲା ମତ୍ସ୍ୟ ଅଧିକାରୀ ଲିପ୍ସା ପଟ୍ଟନାୟକ, ଡ. ସଞ୍ଜୟ ପଣ୍ଡା, ଅଧ୍ୟାପକ ପ୍ରତାପ ରଥ ପ୍ରମୁଖ ଯୋଗ ଦେଇ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ସଂଗ୍ରାମ ଉପରେ କହିଥିଲେ । ଏହି ଅବସରରେ ଅନୁଷ୍ଠିତ ହୋଇଥିବା ବିଦ୍ୟାଳୟସ୍ତରୀୟ ବକ୍ତୃତା, ସଙ୍ଗୀତ, ନୃତ୍ୟ, ଚିତ୍ରାଙ୍କନ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା । ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା ।

**ସୋନପୁର:** ସୁବର୍ଣ୍ଣପୁର ନୂତନ ଟାଉନ୍ ହଲ୍‌ରେ ଓଡ଼ିଶା ଦିବସ ସହ ୩୧ତମ ଜିଲ୍ଲା ପ୍ରତିଷ୍ଠା ଦିବସ ମହା ପାଳିତ ହୋଇଛି । ଏହି ଅବସରରେ ଜିଲ୍ଲାପାଳ ଅନନ୍ୟା ଦାସ ଉତ୍କଳ ବାଳାଶ୍ରମର ଶିଶୁଙ୍କ ସହ ଭାବବିନିମୟ କରି ମିଷ୍ଟାନ୍ନ ଓ ଶୈକ୍ଷିକ ସାମଗ୍ରୀ ପ୍ରଦାନ କରିଥିଲେ । ପୂର୍ବାହ୍ନ ୧୧ଟାରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା । ଏଥିରେ ଜିଲ୍ଲାପାଳଙ୍କ ସହ ଏସ୍‌ପି ଶ୍ରୀୟସ ପ୍ରତାପ ଶ୍ରୀମାଲ, ଉପ ଜିଲ୍ଲାପାଳ ସୁରଜ୍ ପଟ୍ଟନାୟକ, ଆଇନଜୀବୀ ବ୍ୟୋମକେଶ ଦାଶ ଏବଂ ଡ. ଜ୍ୟୋତି ରଞ୍ଜନ ବହିଦାର ଯୋଗ ଦେଇଥିଲେ । ବିଦ୍ୟାପତି ପଣ୍ଡା ସଭା ସଂଯୋଜନା କରିଥିବାବେଳେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅଶ୍ୱିନୀ ଭୋଇ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ ।

**ପଲଶାଗୋରା:** ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ପଲଶାଗୋରା ପଞ୍ଚାୟତ ହାଇସ୍କୁଲରେ ଓଡ଼ି ।। ଦିବସ ପାଳିତ ହୋଇଛି । ପ୍ରଧାନ ଶିକ୍ଷକ ସଞ୍ଜୀବ ପ୍ରହରାଜ ଅଧ୍ୟକ୍ଷତା କରିଥିଲାବେଳେ ଶିକ୍ଷକ ଉମାକାନ୍ତ ପରିଡ଼ା ଧନ୍ୟବାଦ ଅର୍ପଣ କରିଥିଲେ ।

**ହରଭଙ୍ଗା:** ପୁରୁଣା କଟକ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଏହି ଦିବସ ପାଳିତ ହୋଇଥିଲା । ଅନୁଷ୍ଠାନର ସଭାପତି ସୁରେନ୍ଦ୍ର ପ୍ରଧାନ ଅଧ୍ୟକ୍ଷତା କରିଥିବା ବେଳେ ପ୍ରଧାନ ଆଚାର୍ଯ୍ୟ ମକଦ୍ଦମ ମହାରଣା ଓ ଅନ୍ୟମାନେ ଉପସ୍ଥିତ ଥିଲେ ।

**ଜହ୍ନାପଙ୍କ:** ବୌଦ୍ଧ ବ୍ଲକ ତେଲିବନ୍ଧ ସରକାରୀ ଉଚ୍ଚ ବିଦ୍ୟାଳୟରେ ସଂସ୍କୃତ ଶିକ୍ଷକ ଅଶୋକ ପ୍ରଧାନଙ୍କ ଅଧ୍ୟକ୍ଷତା କରିଥିଲେ । ସହକାରୀ ଶିକ୍ଷକ ଶମ୍ଭୁ ଗିରି, ଶିକ୍ଷୟିତ୍ରୀ ତରଙ୍ଗିନି ବେହେରା, ଶିକ୍ଷକ ଅଂଶୁମାନ ବାରିକ, ସୌରଭ ପ୍ରଧାନ, ରବୀନ୍ଦ୍ର ବେଜି ପ୍ରମୁଖ ଉପସ୍ଥିତ ଥିଲେ । ଶିକ୍ଷୟିତ୍ରି ଗାୟତ୍ରୀ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ । ସେହିପରି ଜହ୍ନାପଙ୍କ ଉଚ୍ଚ ବିଦ୍ୟାଳୟ, ପୂର୍ଣ୍ଣଚନ୍ଦ୍ର ଉଚ୍ଚ ବିଦ୍ୟାଳୟ, ଜଗତି ଉଚ୍ଚ ବିଦ୍ୟାଳୟ ସହିତ ଅଞ୍ଚଳର ସମସ୍ତ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଓଡ଼ିଶା ଦିବସ ପାଳିତ ହୋଇଛି ।




**ଡୁଙ୍ଗୁରିପାଲି:** ସୋନପୁର ଜିଲ୍ଲା ଡୁଙ୍ଗୁରିପାଲି ଲିଟିଲ୍ ଏଞ୍ଜେଲ୍ସ ପବ୍ଲିକ ସ୍କୁଲରେ ଓଡ଼ିଶା ଦିବସ ପାଳିତ ହୋଇଛି । ଡା. ସୃଷ୍ଟି ମୁଣ୍ଡ, ଅଧ୍ୟକ୍ଷ ଏସ୍.ପି. କଲେତ ଈଶ୍ୱର, ଲକ୍ଷ୍ମୀଧର ବିଶ୍ୱାଳ, ରାକ୍ଷୀ ବୁଡେକ୍, ଆଦ୍ୟାଶା ମେହେର, ପୂଜା ଦଣ୍ଡସେନା, ବନାନୀ ବିଶ୍ୱାଳ, କ୍ରିଷ୍ଣା ଗୁପ୍ତା, ନମ୍ରତା ମେହେର, ସୁଦୀପ୍ତ ସେଠୀ, ଶିକ୍ଷକ ରିଙ୍କୁ ଦରଜୀ, ଶିକ୍ଷୟିତ୍ରୀ ତୃପ୍ତି ରଥ, ଶିକ୍ଷକ ଚିତ୍ତରଞ୍ଜନ ବିଶ୍ୱାଳ, ଶିକ୍ଷକ ଜୟ ପଧାନ, ଛାତ୍ରୀ ବବଲି ପଧାନ, ଛାତ୍ରୀ ଅନ୍ୱେଷା ମିଶ୍ର, ଶିବ୍ୟା ସ୍ୱାଇଁ ଏବଂ ରୋଜାଲିନ ପୋତ ପ୍ରମୁଖ ଉପସ୍ଥିତ ଥିଲେ ।

**ବାଉଁଶୁଣି:** ବୌଦ୍ଧ ଜିଲ୍ଲା ବାଉଁଶୁଣି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଓଡ଼ିଶା ଦିବସ ପାଳିତ ହୋଇଛି । ପ୍ରଧାନ ଆଚାର୍ଯ୍ୟ ଦଧିବାବନ ରଣା ଅଧ୍ୟକ୍ଷତା କରିଥିଲେ । କଳ୍ପନା ଦାଶ ଓ ନଳିନୀ ଝାଙ୍କର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ସୁଶୀଳ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ସେହିଭଳି ବୌଦ୍ଧ ବ୍ଲକ ତାଲସରଡ଼ା ପଞ୍ଚାୟତ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ଓ ସଂଗ୍ରାମପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଓଡ଼ିଶା ଦିବସ ପାଳିତ ହୋଇଛି । ପ୍ରଧାନଶିକ୍ଷକ ଭରତ ମେହେର ସଭାପତିତ୍ୱ କରିଥିଲେ । ଶିକ୍ଷକ ସରୋଜ ପ୍ରଧାନ, ଉଗ୍ରସେନ ବେହେରା, ପ୍ରଧାନ ଶିକ୍ଷକ ଅଜିତ ମେଣ୍ଡିଲି ପ୍ରମୁଖ ଉପସ୍ଥିତ ଥିଲେ । ଶିକ୍ଷକ ଗୋବିନ୍ଦ ଚନ୍ଦ୍ର ପ୍ରଧାନ କବିତା ଗାନ କରିଥିଲେ । ଶିକ୍ଷକ ନୟନ ମହାନ୍ତି, ବସନ୍ତ ପ୍ରଧାନ, ପ୍ରକାଶ ଚନ୍ଦ୍ର ସାହୁ, ନାରାୟଣ ଡାଙ୍ଗ, ପ୍ରତାପ ସାହୁ, ସଦାକର ବେହେରା ଉପସ୍ଥିତ ଥିଲେ ।

**ବୀରମହାରାଜପୁର:** ସ୍ଥାନୀୟ ମୈତ୍ରୀ ସଦନରେ ଓଡ଼ିଶା ଦିବସ ପାଳିତ ହୋଇଛି । ଆସିଷ୍ଟାଣ୍ଟ କଲେକ୍ଟର ଉପେନ୍ଦ୍ର ଦାଶ ଏଥିରେ ଅଧ୍ୟକ୍ଷତା କରିଥିଲେ । ଉପଖଣ୍ଡ ପୁଲିସ ଅଧିକାରୀ ବାସୁଦେବ ଛାତ୍ରିଆ ମୁଖ୍ୟ ଅତିଥ, ସମ୍ମାନିତ ଅତିଥି ଭାବେ ବୀରମହାରାଜପୁର ବିଡ଼ିଓ ପ୍ରିୟଦର୍ଶିନୀ ମିର୍ଦ୍ଧା, ବିଇଓ ଶାନ୍ତନୁ କୁମ୍ଭକାର, ମୁଖ୍ୟବକ୍ତା ଭାବେ ବୀରମହାରାଜପୁର କଲେଜ ଅଧ୍ୟକ୍ଷ ହିମାଂଶୁ ଶେଖର ପାଢ଼ୀ ଯୋଗ ଦେଇଥିଲେ । ଶିକ୍ଷକ ଲକ୍ଷ୍ମୀ ନାରାୟଣ ସାହୁ ପରିଚାଳନା କରିଥିଲାବେଳେ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପ୍ରିୟଦର୍ଶୀ ଅଶୋକ ମୋହନ ଜେନା ଯୋଗ ଦେଇଥିଲେ । ବୀରମହାରାଜପୁର ବରିଷ୍ଠ ନାଗରିକ ସଂଘରେ ମଧ୍ୟ ଏହି ଦିବସ ପାଳନ କରାଯାଇଛି । ପ୍ରଫୁଲ୍ଲ ରଥ, ସନ୍ତୋଷ ଷଡ଼ଙ୍ଗୀ, ଦ୍ୱିତୀକୃଷ୍ଣ ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ ।

# ଷୋଡ଼ଶ ବର କନିଆଁ ମହୋତ୍ସବ



**ମନମୁଣ୍ଡା, ୧।୪(ସମିସ):** ବୌଦ୍ଧ ବ୍ଲକ ମନୁପାଲି ପଞ୍ଚାୟତ ବରକନିଆଁସ୍ଥିତ ହନୁମାନ ମନ୍ଦିର ପରିସରରେ ବୌଦ୍ଧ ଜିଲ୍ଲା ଅଖିଳ ଭାରତ ସନ୍ଥ ସମିତି ପକ୍ଷରୁ ଶୋଡଶ ବରକନିଆ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି ।

ଏହି ଅବସରରେ ଜିଲ୍ଲା ସନ୍ଥ ସମିତିର ଅଧ୍ୟକ୍ଷ ମହାରାଜ ଲଛମନ୍ ଦାଶଙ୍କ ଅଧ୍ୟକ୍ଷତାରେ ଏକ ସାଧୁସନ୍ଥ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା । ଏଥିରେ ମୁଖ୍ୟ ଅତିଥି ଭାବେ ସ୍ୱାମୀ ସତ୍ୟାନନ୍ଦ ଗିରି, ସୀତା ରମନ ଦାଶ (ଅଯୋଧ୍ୟା), ସର୍ବେଶ୍ୱର ଦାସ (ଡମ୍ବରୁଗଡ଼), ବଳରାମ ଦାସ (ଝରେଇ ବାହାଲ), ଯମୁନା ଗିରି (ହରିଆନା), ଅଯୋଧ୍ୟା ଦାସ (ବୌଦ୍ଧ), ସୁରେନ୍ଦ୍ର ଦାସ (ଗୁନାପଥର) ପ୍ରମୁଖ ସାଧୁସନ୍ଥ ଉପସ୍ଥିତ ଥିଲେ ।

# ମାହେଶ୍ୱରୀ ମନ୍ଦିର ପ୍ରତିଷ୍ଠା ମହୋତ୍ସବ ପାଇଁ କଳସ ଶୋଭାଯାତ୍ରା



**ସୁବଳୟା, ୧।୪(ସମିସ):** ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ ଖଣ୍ଡହତା ପଞ୍ଚାୟତ ବଡବର୍ଡାକଟା ଗ୍ରାମରେ ମାଁ ମାହେଶ୍ୱରୀ ମନ୍ଦିର ପ୍ରତିଷ୍ଠା ଓ ବିଗ୍ରହ ନବକଳେବର ମହୋତ୍ସବ ପାଇଁ ସୋମବାର ବିରାଟ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି । ସକାଳୁ ସ୍ଥାନୀୟ ବାଇଗଣୀ ଯୋର ବାଙ୍କଡାପାଲ ଘାଟ ନିକଟରେ ଗଙ୍ଗା ମାତାଙ୍କୁ ଆବାହନ କରି ରୀତିନୀତି ଅନୁସାରେ ପୂଜାର୍ଚ୍ଚନା କରାଯାଇଥିଲା । ଶତାଧିକ ମହିଳା ଓ ପୁରୁଷ ଏକ ଆଧାତ୍ମିକ ପରିବେଶରେ ଜଳ ପୂର୍ଣ୍ଣଭରା କଳସ ଧରି ନଗର ପରିକ୍ରମା କରି ପୂଜା ମଣ୍ଡପ ସ୍ଥାପନ କରିଥିଲେ । ଏଥିରେ ବଡବର୍ଡାକଟା, ରିଜୁମୁଣ୍ଡା, ପୁରଷୋତ୍ତମପାଲି ଗ୍ରାମର ଜନସାଧାରଣ ସାମିଲ ହୋଇଥିଲେ । ପୂଜକ ବଳରାମ ପଣ୍ଡା, ଆଶୁତୋଷ ପଣ୍ଡା ଓ ମାହେଶ୍ୱରୀ ଦେବୀଙ୍କ ପୂଜକ ଜଗନ୍ନାଥ ଦେହୁରୀ ପୂଜା କାର୍ଯ୍ୟ ତୁଲାଇଥିଲେ । ଶିବ ନାରାୟଣ ମିଶ୍ର ଓ ତାଙ୍କ ପତ୍ନୀ ଯୋଶବନ୍ତି ମିଶ୍ର କର୍ତ୍ତା ଥିଲେ । ସଭାପତି ରତନ ନାଏକ, ଉପ ସଭାପତି ଜଗବନ୍ଧୁ ଦେହେରୀ, ସମ୍ପାଦକ ବାସୁଦେବ ବେହେରା, ସହ ସମ୍ପାଦକ ଭାଗୀରଥି ଗାଇଗରିଆ, କୋଷାଧକ୍ଷ ବିନୋଦ ଗାଇଗରିଆ, ଉପଦେଷ୍ଟା ଭାବେ ଅକ୍ଷୟ ମିଶ୍ର, ଅଗସ୍ତି ବେଲଘରିଆ, ହରିହର ଗାଇଗରିଆ, ଦୁର୍ଯ୍ୟୋଧନ ମିଶ୍ର, ଦିଗାମ୍ବର ଭୋଇ, ମଗନ ଦେହେରୀ, ଦେବବ୍ରତ ପୁରୋହିତ, ସୁବ୍ରତ ପୁରୋହିତ, କିରଟି ବେଲ ଘରିଆ ଓ ବୁଦ୍ଧଦେବ ସାହୁ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।

# ପୁରାତନ ଛାତ୍ରଛାତ୍ରୀଙ୍କ ବନ୍ଧୁମିଳନ



**ହରଭଙ୍ଗା, ୧।୪(ସମିସ):** ହରଭଙ୍ଗା ବ୍ଲକ କୁଶଙ୍ଗ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ୧୯୯୭ ବ୍ୟାଚର ପୁରାତନ ଛାତ୍ରଛାତ୍ରୀଙ୍କ ବନ୍ଧୁ ମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ।

ଏହି ବନ୍ଧୁମିଳନ କାର୍ଯ୍ୟକ୍ରମରେ ନବୀନ ବେହେରା, ପ୍ରଦୀପ୍ତ ସେଠୀ, ସୁଜିତ ମାଝୀ, ପୌଲସ୍ତି ନାୟକ, ଦିଲ୍ଲୀପ ଡ଼ାଲୁଆ, ଇନ୍ଦ୍ରମଣି ବେହେରା, ସନ୍ତୋଷ ସେନାପତି, ରାଜେନ୍ଦ୍ର ଖେତୀ, ସନ୍ତୋଷ ସେଠୀ, କାହ୍ନୁ ଚରଣ ନାଥ, ନିର୍ଭୟ ଗୁରୁ, ପଦ୍ମା ରଣା, ବିପିନ ବାରିକ, ପ୍ରମୋଦ ରଣା, ଶାନ୍ତନୁ ମହାଖୁଡ଼, ନୃସିଂହ ପ୍ରଧାନ, ପ୍ରଭାସିନୀ ସାହୁ, ଅହଲ୍ୟା ସାହୁ, ପୁଷ୍ପଲତା ସାମଲ, ରଶ୍ମି ମହାପାତ୍ର, କଳ୍ପନା ବାଇ, ଝୁନି ବେହେରା, ସନାତନ ବାନାର୍ଜୀ ଓ ଉଷାବତୀ ନାୟକଙ୍କ ସହ ପ୍ରଧାନ ଶିକ୍ଷକ ମହେଶ୍ୱର ବାରିକ, ଶିକ୍ଷକ ଚିତ୍ତରଞ୍ଜନ ଦେହୁରୀ, କୈଳାଶ ପ୍ରଧାନ, ମଧୁସୂଦନ ବାରିକ, ସୁବାସ ଚନ୍ଦ୍ର ମହାପାତ୍ର ଓ ଲୋକନାଥ ସାହୁ ଯୋଗ ଦେଇଥିଲେ ।

# ଆଇନକୁ ସମ୍ମାନ ଦେବାକୁ ଏସ୍‌ପିଙ୍କ ପରାମର୍ଶ

**ସୋନପୁର, ୧।୪(ସମିସ):** ସୁବର୍ଣ୍ଣପୁର ଜିଲ୍ଲା ପୁଲିସ୍ ପକ୍ଷରୁ ଓଡ଼ିଶା ପୁଲିସ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି । ସ୍ଥାନୀୟ ନ୍ୟୁ ରିଜର୍ଭ ପୁଲିସ୍ ପଡ଼ିଆରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଏସ୍‌ପି ୟଶପ୍ରତାପ ଶ୍ରୀମାଲ ଯୋଗଦେଇ ପରେଡ୍‌ରେ ଅଭିବାଦନ ଗ୍ରହଣ କରିଥିଲେ । ଦେଶ ଓ ଜାତି ସକାଶେ ସମର୍ପିତ ହୋଇ କାର୍ଯ୍ୟ କରିବାକୁ ମୁଖ୍ୟ ଅତିଥି ପୁଲିସକୁ ପରାମର୍ଶ ଦେଇଥିଲେ ।

ସେହିଭଳି ସମଦୃଷ୍ଟିରେ ଜନତାଙ୍କ ସେବା ଓ ସହଯୋଗ କରିବା ସହିତ ଶିଷ୍ଟାଚାର ଶିଖିବା, ଚରିତ୍ରବାନ, ଆଦର୍ଶବାନ ହେବା ସହ ଆଇନକୁ ସମ୍ମାନ ଦେବାକୁ ଏସ୍‌ପି ପୁଲିସ୍ ବାହିନୀକୁ ପରାମର୍ଶ ଦେଇଥିଲେ । ଏହି ଅବସରରେ ରାମପୁର ଥାନାର ଏସଆଇ ଅବିନାଶ ପଧାନ, ଜିଲ୍ଲା ପୁଲିସ୍ ଏଏସଆଇ ଶୁକଦେବ ଚାନ୍ଦ, ହାବିଲଦାର ବୃନ୍ଦାବନ ପଞ୍ଚବିହାର, କନଷ୍ଟେବଳ ପ୍ରଦୀପ ସାହୁ, ଟ୍ରାଫିକ କନଷ୍ଟେବଳ ପ୍ରତିମା ବଗର୍ତ୍ତି, ଏପିଆର୍ କନଷ୍ଟେବଳ ସୁମିତ ରଥଙ୍କୁ ସମ୍ବର୍ଦ୍ଧିତ କରା ଯାଇଥିଲା । ଜିଲ୍ଲା ଆରକ୍ଷୀ ନିରୀକ୍ଷକ ସରୋଜ ବେହେରା ଜିଲ୍ଲା ପୁଲିସ୍‌ର ପରେଡ କମାଣ୍ଡର ଭାବେ ପରେଡ ପରିଚାଳନା



କରିଥଲେ । ଜିଲ୍ଲା ପୁଲିସର ୫ ପ୍ଲାଟୁନ ଆରକ୍ଷୀ ବାହିନୀ ମିଳିତ ପରେଡରେ ଭାଗ ନେଇଥିଲେ । ଡିଏସପି ଚନ୍ଦ୍ର ଶେଖର ଶବର ସମ୍ବର୍ଦ୍ଧନା ସଭା ପରିଚାଳନା କରିଥିଲେ । ଅତିରିକ୍ତ ଏସପି ବିରେନ୍ଦ୍ର ନାୟକ, ଡିଏସପି ଚନ୍ଦ୍ର ଶେଖର ଶବର, ରେଣୁକା ସୁନା, ସୋନପୁର ଏସଡିପିଓ ପ୍ରତାପ ଚନ୍ଦ୍ର ତ୍ରିପାଠୀ, ବିଏମପୁର ଏସଡିପିଓ ବାସୁଦେବ ଛତ୍ରିଆ, ସୋନପୁର ଥାନା ଅଧିକାରୀ ଲୋକ ନାଥ ସାହୁ ପ୍ରମୁଖ ଯୋଗ ଦେଇଥିଲେ ।



ପୁଲିସ ପ୍ରତିଷ୍ଠା ଦିବସ

**ବୌଦ୍ଧ:** ବଲାସିଙ୍ଗାସ୍ଥିତ ବୌଦ୍ଧ ଆରକ୍ଷୀ ବାହିନୀର ରିଜର୍ଭ ପୁଲିସ୍ ପଡ଼ିଆରେ ଓଡ଼ିଶା ପୁଲିସ୍ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି । ଏସ୍‌ପି ମାରିଆନୋସ ମିଞ୍ଜ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ପୁଲିସ୍ ପତାକା ଉତ୍ତୋଳନ କରି ପରେଡରେ ଅଭିବାଦନ ଗ୍ରହଣ କରିଥିଲେ । ରିଜର୍ଭଇନ୍ସପେକ୍ଟର କୁଳମଣି ଗିରି ଉପସ୍ଥିତ ଥିଲେ । ଏଏସଆଇ ଅରୁନ୍ଧତୀ ସାହାଣି, ହାବିଲଦାର୍ ଶ୍ରୀକାନ୍ତ ବହିଦାର, କନଷ୍ଟେବଳ ପ୍ରତିମା ରାଉତ ଓ ଏପିଆର କନଷ୍ଟେବଳ ରଞ୍ଜିତ ଝାଙ୍କର, ପଞ୍ଚମ ଇଣ୍ଡିଆନ ରିଜର୍ଭ ବାଟାଲିୟନର ସବ୍ ଇନ୍ସପେକ୍ଟର ଗିରିଧାରୀ ପୋଢ, ଏଏସଆଇ ବିଷ୍ଣୁ ଗୌତମ, ହାବିଲଦାର୍ ତ୍ରିଥାୟ ଶବର ଓ କନଷ୍ଟେବଳ ଶୁକ୍ର ସେଠୀ ସମ୍ବର୍ଦ୍ଧିତ ହୋଇଥିଲେ ।

# ଫାସେଡ଼ କଲେଜର ବାର୍ଷିକୋତ୍ସବ ଓ କ୍ରୀଡ଼ା ଉତ୍ସବ



**କଣ୍ଟାମାଳ, ୧।୪(ସମିସ):** ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ କୁଲୁତାଯୋର ପଞ୍ଚାୟତର ଫାସେଡ଼ ଗ୍ରାମସ୍ଥିତ କେଶରାଜ ଧରୁଆ କଲେଜର ବାର୍ଷିକୋତ୍ସବ ଓ କ୍ରୀଡା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଶିକ୍ଷାବିତ ନିଳାଚଳ ଭୋଇ, ସୁଧାଂଶୁ ଶେଖର ରଣା, ପ୍ରମୋଦ ଭୋଇ, ପ୍ରଶାନ୍ତ ରଣା, ଲିଙ୍ଗରାଜ ଧରୁଆ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ । ପରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ଏକ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ପୂର୍ବରୁ କ୍ରୀଡା ପ୍ରତିଯୋଗିତାର ଉନ୍ନିତ କୃତି ଛାତ୍ରଛାତ୍ରୀଙ୍କୁ ଅତିଥିମାନେ ପ୍ରମାଣ ପତ୍ର ପ୍ରଦାନ କରିଥିଲେ । କଲେଜ ଅଧ୍ୟକ୍ଷ ଆଦିତ୍ୟ ଚୌଧୁରୀ ସଭାପତତ୍ୱ କରିଥିଲେ । ଶେଷରେ ସହକାରୀ ଅଧ୍ୟକ୍ଷ ଭାଗୀରଥି ମହାନନ୍ଦିଆ ଧନ୍ୟବାଦ ଦେଇଥିଲେ ।

# ଏନ୍‌ସିସି ଶିକ୍ଷକଙ୍କୁ ସମ୍ବର୍ଦ୍ଧନା



**ବୌଦ୍ଧ, ୧।୪(ସମିସ):** ଯୋଗୀନ୍ଦ୍ର ଦେବ ସରକାରୀ ଉଚ୍ଚ ବିଦ୍ୟାଳୟର ସହକାରୀ ଶିକ୍ଷକ ବିଜୟ କ୍ଷେତି ଜାନୁୟାରୀ ୨୯ରୁ ମାର୍ଚ୍ଚ ୨୮ ତାରିଖ ପର୍ଯ୍ୟନ୍ତ ନାଗପୁରରୁ ଏନସିସି ତାଲିମ ସମାପ୍ତ କରି ପହଞ୍ଚିଛନ୍ତି । ଏହି ଅବସରରେ ବିଦ୍ୟାଳୟର ଏନସିସି ଛାତ୍ରଙ୍କ ତରଫରୁ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି । ବରିଷ୍ଠ ଶିକ୍ଷୟିତ୍ରୀ ଅର୍ଚ୍ଚନା ମହାନ୍ତି, ଶିକ୍ଷକ ସଞ୍ଜୀବ ପ୍ରଧାନ, ବିଜୟ ପ୍ରଧାନ, ମନଜିତ୍ ମୋହନ ଚାନ୍ଦ, ସୁନିଲ ପ୍ରଧାନ, ପୂର୍ବତନ କ୍ରୀଡ଼ା ଶିକ୍ଷକ ରଞ୍ଜିତ ରାଉତ ପ୍ରମୁଖ ଉପସ୍ଥିତ ଥିଲେ । ସେହିପରି ରାଜ୍ୟ ସରକାରଙ୍କ ଅନୁସୂଚିତ ଜାତି ଓ ଅନୁସୂଚିତ ଉପ ଜାତି ବିଭାଗ ପରିଚାଳିତ ମେଣ୍ଟିମାଳ ସରକାରୀ ଉଚ୍ଚ ବିଦ୍ୟାଳୟରେ ମଧ୍ୟ ଏନସିସି ତାଲିମରୁ ଫେରିବା ପରେ ବିଦ୍ୟାଳୟ ପରିସରରେ ଶିକ୍ଷକ ପ୍ରମୋଦ ପ୍ରଧାନଙ୍କୁ ସମ୍ବର୍ଦ୍ଧିତ କରାଯାଇଛି ।

## ପ୍ରଥମ ବହଳପଦର ପ୍ରିମିୟର ଲିଗ୍ କ୍ରିକେଟ

# ନଟରାଜ ଫାଇଟର, କିଙ୍ଗ୍‌ସ ଏକାଦଶ ବିଜୟୀ

ବୀରମହାରାଜପୁର, ୧।୪(ସମିସ)



ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ ବହଳପଦର ଖେଳ ପଡ଼ିଆରେ ହେଉଥିବା ପ୍ରଥମ ବହଳପଦର ପ୍ରିମିୟର ଲିଗ୍ କ୍ରିକେଟର ତୃତୀୟ ଦିବସରେ ୨ଟି ମ୍ୟାଚ୍ ଖେଳା ଯାଇଛି । ପ୍ରଥମ ମ୍ୟାଚରେ ନଟରାଜ ଫାଇଟର ବିଜୟୀ ହୋଇଥିବା ବେଳେ ଦ୍ୱିତୀୟ ମ୍ୟାଚରେ କିଙ୍ଗସ୍ ଏକାଦଶ ବିଜୟୀ ହୋଇଛି ।

ସକାଳେ ଖେଳା ଯାଇଥିବା ପ୍ରଥମ ମ୍ୟାଚଟି ନଟରାଜ ଫାଇଟର ଓ ସୋଲାର ଷ୍ଟ୍ରାଇକର ମଧ୍ୟରେ ହୋଇଥିଲା । ସୋଲାର ଷ୍ଟ୍ରାଇକର ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ ଓଭରରେ ୪ ଉଇକେଟ ହରାଇ ୧୪୬ ରନ୍ କରିଥିଲା । ଦଳର ମିଲନ ବୁଡା ୩୦ ବଲ୍‌ରୁ ୬୮ ରନ୍ ଓ ସତ୍ୟ ୧୭ ବଲ୍‌ରୁ ୩୫ ରନ୍ କରିଥିଲେ । ବିପକ୍ଷ ଦେବାଶିଷ ୨ଟି ଓ ପୀତବାସ ଦେହୁରୀ ଗୋଟିଏ ଉଇକେଟ ନେଇଥିଲେ । ଜବାବରେ ନଟରାଜ ଫାଇଟର ଦଳ ଆବଶ୍ୟକୀୟ ୧୪୭ ରନ୍‌କୁ ୮.୫ ଓଭରରେ ୫ ଉଇକେଟ ହରାଇ ସଂଗ୍ରହ କରି ବିଜୟୀ ହୋଇଥିଲା । ଦଳର ମୁକେଶ ସେଠ୍ ୨୯ ବଲ୍‌ରୁ ଅପରାଜିତ ୭୦ ରନ୍ ଓ ଦେବାଶିଷ ୧୦ ବଲ୍‌ରୁ ୨୩ ରନ୍ କରିଥିଲେ । ବିପକ୍ଷ ମିଲନ ବୁଡ଼ା, ମୁନ୍ନା ଗୌନ୍ତିଆ ଓ ଏନ୍ କେ ଖୁରା ଗୋଟିଏ ଲେଖାଏଁ ଉଇକେଟ ନେଇଥିଲେ । ନଟରାଜ ଫାଇଟର ଦଳର ମୁକେଶ ସେଠ୍‌ଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଭାବେ ପୁରସ୍କୃତ କରାଯାଇଥିଲା ।

ସେହିପରି ଦ୍ୱିତୀୟ ମ୍ୟାଚ୍‌ଟି କିଙ୍ଗସ୍ ଏକାଦଶ ଓ କିଙ୍ଗ କୋବ୍ରା ମଧ୍ୟରେ ଖେଳା ହୋଇଥିଲା । ଏଥିରେ କିଙ୍ଗ କୋବ୍ରା ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ ଓଭରରେ ୯ ଉଇକେଟ ହରାଇ ୬୯ ରନ୍ କରିଥିଲା । ଦଳର ମାଧବ ଚନ୍ଦ୍ର ମହାକୁର ୨୪ ଓ ପ୍ରଭାସ କୁମାର ଘଣ୍ଟା ୧୩ ରନ ଲେଖାଁଏ କରିଥିଲେ । ବିପକ୍ଷ କିଙ୍ଗସ୍ ଏକାଦଶର ସୁମନ ସାହୁ ୩ଟି ଏବଂ ସନତ ପ୍ରଧାନ ଓ ଅନିଲ କୁମାର ଭୁକ୍ତା ପ୍ରତ୍ୟେକ ୨ଟି ଲେଖାଏଁ ଉଇକେଟ ନେଇଥିଲେ ।

ଜବାବରେ କିଙ୍ଗସ୍ ଏକାଦଶ ଆବଶ୍ୟକୀୟ ୭୦ ରନ୍‌କୁ ୪.୫ ଓଭରରେ କୌଣସି ଉଇକେଟ ନ ହରାଇ ସଂଗ୍ରହ କରି ବିଜୟୀ ହୋଇଥିଲା । ଦଳର ନିରୋଦ ପଧାନ ୧୮ ବଲରୁ ୫୭ ରନ୍ କରିଥିଲେ । ନିରୋଦଙ୍କୁ ମ୍ୟାନ ଅଫ ଦି ମ୍ୟାଚ୍ ଭାବେ ପୁରସ୍କୃତ କରାଯାଇଥିଲା । ମ୍ୟାଚ ଗୁଡିକରେ ଟୁଟୁ ମହାକୁର ଓ ସମ୍ବିତ ମାଝୀ ଅମ୍ପାୟାର, ଶୁଭମ ଜଗଦଲା ଓ ସୁଶୀଲ ବେହେରା ସ୍କୋରିଙ୍ଗ ଏବଂ ମାନସ ନନ୍ଦ ଅନଲାଇନ ସ୍କୋରିଙ୍ଗ କାର୍ଯ୍ୟ ତୁଲାଇ ଥିଲେ ।

# ତରଭା ଉତ୍କଳ ସାହିତ୍ୟ ସମାଜର ବସନ୍ତ ଉତ୍ସବ




**ତରଭା, ୧।୪(ସମିସ):** ତରଭା ବିଜ୍ଞାପିତ ଅଞ୍ଚଳ ପରିଷଦ ପାଠାଗାର ଗୃହରେ ତରଭା ଶାଖା ଉତ୍କଳ ସାହିତ୍ୟ ସମାଜର ବସନ୍ତ ଉତ୍ସବ-୨୪ ପାଳିତ ହୋଇଯାଇଛି । ଏହି ଉପଲକ୍ଷେ ସଭାପତି ଡ. ରମେଶ ପତ୍ରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବରେ ତରଭା ଏନଏସିର ପୂର୍ବତନ ନଗରପାଳ ଶୈଳେନ୍ଦ୍ର ସାହୁ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବରେ ଅବସରପ୍ରାପ୍ତ ଶିକ୍ଷକ ହରିବନ୍ଧୁ ପାଣିଗ୍ରାହୀ, କବି ବନବାସ ମେହେର ଓ ମୁଖ୍ୟବକ୍ତା ଭାବରେ ଅବସରପ୍ରାପ୍ତ କଲେଜ ଅଧ୍ୟକ୍ଷା ସଞ୍ଜୁକ୍ତା ବାଇ ପ୍ରମୁଖ ଯୋଗ ଦେଇଥିଲେ । ସମ୍ପାଦକ ବିଦ୍ୟା ବାଚସ୍ପତି ଅକ୍ଷୟ ବାଘ ସଭାର ଆଭିମୁଖ୍ୟ ପ୍ରଦାନ କରିଥିଲେ । ଏହି ଅବସରରେ ନାଟ୍ୟକାର ଓ କବି ସାନ୍ତନୁ ପଣ୍ଡା ଓ କବୟିତ୍ରୀ ନିଳକାନ୍ତୀ ପଟ୍ଟନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ହିରଣ୍ମୟ ପଟ୍ଟନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ କବି ଜୟକିଶୋର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

# 'ବିଶ୍ୱର ଶ୍ରେଷ୍ଠ ବୋଲର୍ ହେବାକୁ ଚାହେଁ'

ନୂଆଦିଲ୍ଲୀ,୧।୪(ଏଜେନ୍ସି)

ଚଳିତ ଇଣ୍ଡିଆନ୍ ପ୍ରିମିୟର ଲିଗ୍ (ଆଇପିଏଲ)ରେ ଦ୍ରୁତତମ ବଲ୍ ବୋଲିଂ କରି ଲକ୍ଷ୍ନୌ ସୁପର ଜାଏଣ୍ଟସର ୨୧ ବର୍ଷୀୟ ଯୁବ ଦ୍ରୁତ ବୋଲର ମୟଙ୍କ ଯାଦବ ଏବେ ରାତାରାତି ତାରକା ବିନଯାଇଛନ୍ତି। ଶନିବାର ଅନୁଷ୍ଠିତ ପଞ୍ଜାବ କିଙ୍ଗ୍‌ସ ବିପକ୍ଷ ମ୍ୟାଚ୍‌ରେ ସେ ପଦାର୍ପଣ କରିଥିଲେ। ୪ ଓଭର ବୋଲିଂ କରି ୨୭ ରନ ବ୍ୟୟରେ ମୂଲ୍ୟବାନ ୩ ୱିକେଟ ଅକ୍ତିଆର କରି ପଞ୍ଜାବଠାରୁ ବିଜୟ ଛଡାଇ ନେବା ସହ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ସେ ଘଣ୍ଟାପ୍ରତି ୧୫୫.୮ କିମି ବେଗରେ ବୋଲିଂ କରି ଚଳିତ ଆଇପିଏଲର ଦ୍ରୁତତମ ବୋଲର ବିବେଚିତ ହୋଇଛନ୍ତି। ନିରାମିଷ ଭୋଜନ କରୁଥିବା ମୟଙ୍କଙ୍କୁ ଏବେ ଭାରତୀୟ ଦ୍ରୁତ ବୋଲିଂର ଭବିଷ୍ୟତ ଭାବେ ବିବେଚନା କରାଯାଉଛି। ତାଙ୍କ ସହ ନିଆଯାଇଥିବା ଏକ ସାକ୍ଷାତକାରରେ ସେ କିପରି ଦ୍ରୁତ ବୋଲିଂ କରୁଛନ୍ତି, ତାଙ୍କ ଆଦର୍ଶ ଡେଲ ଷ୍ଟେନ୍, ଅଭିଜ୍ଞ ଦ୍ରୁତବୋଲର ଇଶାନ୍ତ ଶର୍ମାଙ୍କ ସମର୍ଥନ ନେଇ ମତ ରଖିଛନ୍ତି....।

## ସୁଯୋଗର ସଦ୍‌ବ୍ୟବହାର କରିଛି

ପ୍ରଥମ ମ୍ୟାଚ୍‌ରେ ପ୍ରଦର୍ଶନ ନେଇ ସନ୍ତୁଷ୍ଟ ଅଛି। ଗତ ୩ ବର୍ଷ ହେବ ଲକ୍ଷ୍ନୌ ସୁପର ଜାଏଣ୍ଟସ ଦଳ ସହ ଜଡିତ ରହିଆସିଛି। ଯାହା ଏପର୍ଯ୍ୟନ୍ତ ଶିକ୍ଷା କରିଛି ତାହାକୁ ଆୟୁଦ୍ଧ କରି ଶ୍ରେଷ୍ଠ ପ୍ରଦର୍ଶନ ଦେବାକୁ ପ୍ରୟାସ କରିଥିଲି। ପ୍ରଥମ ବର୍ଷ ସୁଯୋଗ ପାଇ ନଥିଲି। ଦ୍ୱିତୀୟ ବର୍ଷ ଆହତ ଥିଲି। ଏଥର ସୁଯୋଗର ସଦ୍ ବ୍ୟବହାର କରିବାକୁ ପ୍ରୟାସ କରିଛି ଓ ଶେଷରେ ଏହା କାମ ଦେଇଛି।

## ଶ୍ରେଷ୍ଠ ପ୍ରଦର୍ଶନ ଦେବାକୁ ରାହୁଲ ଭାଇ ପରାମର୍ଶ ଦେଇଥାନ୍ତି

ଲୋକେଶ ଭାଇ ସବୁବେଳେ ସମର୍ଥନ କରିଆସିଛନ୍ତି। ସ୍ଥିତିକୁ ଯେତେ ସାଧରଣ ଭାବେ ଗ୍ରହଣ କରିବ ପ୍ରଦର୍ଶନ ସେତେ ଭଲ ହେବ ବୋଲି ସେ କହିଥିଲେ। ତାଙ୍କର ପରାମର୍ଶକୁ ମାନି ଅଭ୍ୟାସ କରିଥାଏ। ଶାନ୍ତ ରହିବା ସହ ଶ୍ରେଷ୍ଠ ପ୍ରଦର୍ଶନ ଦେବାକୁ ସେ ପ୍ରେରିତ କରିଥାନ୍ତି। ଦ୍ରୁତ ଗତିରେ ବଲ ପକାଇବା ହେଉଛି ତୁମର ମୁଖ୍ୟ ଅସ୍ତ୍ର। ତେଣୁ ଅଧିକ ରନ ବ୍ୟୟ ହେଲେ ସେ ନେଇ ଚିନ୍ତିତ ନ ହେବାକୁ ଓ ଏଥିରେ ବିବ୍ରତ ନ ହୋଇ ପେସ୍ ନ କମାଇବାକୁ ସେ ପରାମର୍ଶ ଦେଇ ଆସିଛନ୍ତି। ପଦାର୍ପଣ ମ୍ୟାଚ୍‌ରେ ଚାପ ରହିଥାଏ। ସେ ବିଷୟରେ ଚିନ୍ତା ନ କରି ନିଜ ଶୈଳୀରେ ବୋଲିଂ କରିବାକୁ ସେ କହିଥିଲେ।



## ସ୍ୱତଃପ୍ରବୃତ ଭାବେ ବୋଲିଂ କରିଥାଏ

ସ୍ୱତଃପ୍ରବୃତ ଭାବେ ବୋଲିଂ କରିଥାଏ ଓ ଏଥିରୁ ଦ୍ରୁତଗତିରେ ବଲ୍ ପକାଇବାକୁ ସକ୍ଷମ ହୋଇଥାଏ। ଦ୍ରୁତ ଗତିରେ ବଲ ପକାଇବାକୁ ଚେଷ୍ଟା କରି ନଥାଏ। ଦ୍ରୁତଗତିରେ ବଲ୍ ପକାଇବାକୁ ଅଧିକ କିଛି କରି ନଥାଏ। ଗତକେତେ ବର୍ଷ ବୋଲିଂରେ ସୁଧାର ଆଣିବାକୁ ପ୍ରୟାସ ଜାରି ରଖିଛି। ଏଥିରୁ ସଫଳତା ମିଳିଛି ବୋଲି ଭାବୁଛି।

ପ୍ରଶିକ୍ଷଣ ନେଇଥିବା ସୋନେଟ କ୍ରିକେଟ କ୍ଲବରୁ ଆଶିଷ ନେହରା, ଶିଖର ଧାଓନ, ଋଷଭ ପନ୍ତ, ଅଞ୍ଜୁମ ଚୋପ୍ରା, ରମଣ ଲାମ୍ବାଙ୍କ ଭଳି କ୍ରିକେଟର ସୃଷ୍ଟି ହୋଇଛନ୍ତି। ସୋନେଟ ସମ୍ପର୍କରେ କ'ଣ କହିବେ?

ମୋ କ୍ୟାରିୟରରେ ତାରକ ସିହ୍ନା ସାର ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛନ୍ତି। ୧୪ ବର୍ଷ ବୟସରେ ସୋନେଟ କ୍ଲବରେ ଅନୁଷ୍ଠିତ ଏକ ସମର କ୍ୟାମ୍ପରେ ଯୋଗ ଦେଇଥିଲି। ମୋ ଦ୍ରୁତ ବୋଲିଂ ଦେଖି ସେ ପ୍ରଭାବିତ ହୋଇଥିଲେ ଓ ଅଭ୍ୟାସ କରିବା ପାଇଁ ଆସିବାକୁ କହିଥିଲେ। ମୋ ବୟସ ବର୍ଗରେ ଦ୍ରୁତତମ ବୋଲର ବିବେଚିତ ହୋଇଥିଲି। ତାରକ ସାରଙ୍କ ତତ୍ତ୍ୱାବଧାନରେ ଏତେ ବାଟ ଆସିପାରିଛି।

## ଡେଲ୍ ଷ୍ଟେନ ମୋ ଆଦର୍ଶ

ଦକ୍ଷିଣ ଆଫ୍ରିକା କିମ୍ବଦନ୍ତୀ ଦ୍ରୁତ ବୋଲର ଡେଲ ଷ୍ଟେନ୍ ହେଉଛନ୍ତି ମୋର ଆଦର୍ଶ। ତାଙ୍କ ଆକ୍ରମଣାତ୍ମ ବୋଲିଂରେ ଆରମ୍ଭରୁ ପ୍ରଭାବିତ ହୋଇଆସିଛି। ତାଙ୍କୁ କେବେ ସାକ୍ଷାତ କରିନାହିଁ। ଏବେ ତାଙ୍କୁ ଦେଖା କରିବାକୁ ଚାହୁଁଛି। ଏହା ସମ୍ଭବ ହେଲେ ମୋ ସ୍ୱପ୍ନ ସାକାର ହେବ। ତାଙ୍କ ବୋଲିଂର ଭିଡିଓ ଦେଖିଛି ଓ ତାଙ୍କ ଶ୍ରେଷ୍ଠ ବୋଲିଂ ସ୍ପେଲ୍ ଦେଖି ବହୁତ କିଛି ଶିକ୍ଷା କରିଛି।

## ଦ୍ରୁତତମ ବୋଲର ହେବାକୁ କେବେବି ଚାହିଁନାହିଁ

ନା। କଦାପି ନୁହଁ। ବିଶ୍ୱର ଦ୍ରୁତତମ ବୋଲର ହେବାକୁ କେବେବି ଚାହିଁନାହିଁ। ଏ ନେଇ କେବେବି ସ୍ୱପ୍ନ ଦେଖିନାହିଁ। କିନ୍ତୁ ବିଶ୍ୱର ଶ୍ରେଷ୍ଠ ବୋଲର ହେବାକୁ ଚାହେଁ। ଅଳ୍ପ ରନ ବ୍ୟୟ କରିବା ସହ ସ୍ଥିର ପ୍ରଦର୍ଶନ ଉପରେ ଗୁରୁତ୍ୱ ଦେଇଥାଏ। ହଁ ପେସ୍‌ରୁ ନିଶ୍ଚିତ ଭାବେ ସହାୟତା ମିଳିଥାଏ। ପେସ୍ ମୋ ପାଇଁ ସୁବିଧାଜନକ ସ୍ଥିତି ସୃଷ୍ଟି କରିଥାଏ। ବଲର ଲାଇନ୍ ଓ ଲେନ୍ଥ ପ୍ରତି ଅଧିକ ଗୁରତ୍ୱ ଦେଇଥାଏ।

## ଇଶାନ୍ତ ଭାଇ ସହାୟତା ପାଇଁ ସର୍ବଦା ପ୍ରସ୍ତୁତ ରହିଥାନ୍ତି

ଇଶାନ୍ତ ଭାଇ ବହୁତ ସାହାଯ୍ୟ କରିଛନ୍ତି। ଆମେ ଗୋଟିଏ ରାଜ୍ୟ ଓ ଗୋଟିଏ ଦଳରୁ ଆସିଛୁ। ତାଙ୍କଠାରୁ ବହୁ ପରାମର୍ଶ ଓ ଟିପ୍ସ ପାଇଛି। ଗୋଟିଏ ଫୋନ୍ କଲେ ସେ ସହାଯ୍ୟ କରିବାକୁ ସବୁବେଳେ ପ୍ରସ୍ତୁତ ଥାନ୍ତି। ଶାରୀରିକ ଓ ମାନସିକ ଭାବେ କିପରି ଫିଟ୍ ରହିବାକୁ ହେବ ସେ ମୋତେ ବହୁମୂଲ୍ୟ ପରାମର୍ଶ ଦେଇଛନ୍ତି। ଗତ ୩ ବର୍ଷରେ ସେ ବହୁତ ସାହାଯ୍ୟ କରିଛନ୍ତି।



# ଶ୍ରୀଲଙ୍କା ନିୟନ୍ତ୍ରଣରେ ଦ୍ୱିତୀୟ ଟେଷ୍ଟ

**ଚଟ୍ଟୋଗ୍ରାମ୍,୧।୪(ଏଜେନ୍ସି):** ବାଂଲାଦେଶ ବିପକ୍ଷ ଦ୍ୱିତୀୟ ଟେଷ୍ଟ ମ୍ୟାଚରେ ଭ୍ରମଣକାରୀ ଶ୍ରୀଲଙ୍କା ନିଜର ସ୍ଥିତି ଦୃଢ଼ କରିଛି। ଟସ୍ ଜିତି ଶ୍ରୀଲଙ୍କା ପ୍ରଥମ ପାଳିରେ ୧୫୯ ଓଭରରେ ୫୩୧ ରନ ସଂଗ୍ରହ କରିଥିଲା। ଜବାବରେ ବାଂଲାଦେଶ ପ୍ରଥମ ପାଳିରେ ୬୮.୪ ଓଭରରେ ୧୭୮ ରନକରି ଅଲଆଉଟ ହୋଇଥିଲା। ଫଳରେ ଶ୍ରୀଲଙ୍କା ୩୫୩ ରନର ଅଗ୍ରଣୀ ହାସଲ କରିଥିଲା। ଏହାପରେ ଶ୍ରୀଲଙ୍କା ଦ୍ୱିତୀୟ ପାଳି ଆରମ୍ଭ କରି ବିପର୍ଯ୍ୟୟର ସମ୍ମୁଖୀନ ହେବା ସହ ସୋମବାର ତୃତୀୟ ଦିବସ ଖେଳ ଶେଷ ସୁଦ୍ଧା ୨୫ ଓଭରରେ ୬ ୱିକେଟ ହରାଇ ୧୦୨ ରନ ସଂଗ୍ରହ କରିଛି। ଫଳରେ ଶ୍ରୀଲଙ୍କ ୪ ୱିକେଟ ବାକିଥାଇ ମୋଟ୍ ଉପରେ ୪୫୫ ରନର ଅଗ୍ରଣୀ ହାସଲ କରି ମ୍ୟାଚ୍‌କୁ ନିୟନ୍ତ୍ରଣକୁ ନେଇଛି। ଷ୍ଟମ୍ପ ଅପସାରଣ ବେଳକୁ ଅଭିଜ୍ଞ ଅଲରାଉଣ୍ଡର ଆଞ୍ଜେଲୋ ମାଥ୍ୟୁସ ୩୯ ଓ ପ୍ରବାଥ ଜୟସୂରିୟା ୩ ରନକରି ଅପରାଜିତ ରହିଛନ୍ତି। ନିଶାନ ମଦୁସ୍କା ୩୪ ରନକରି ଆଉଟ ହୋଇଥିବା ବେଳେ ବାକି ୬ ବ୍ୟାଟର ଦୁଇଅଙ୍କ ଛୁଇଁ ପାରି ନଥିଲେ। ବୋଲିଂରେ ଘରୋଇ ଦଳ ତରଫରୁ ହାସନ ମାହମୁଦ୍ ସର୍ବାଧିକ ୪, ଖଲିଦ ଅହମ୍ମଦ ୨ ୱିକେଟ ଅକ୍ତିଆର କରିଥିଲେ।

## ଜାକିରଙ୍କ ଅର୍ଦ୍ଧଶତକ: ଅସିଥାଙ୍କୁ ୪ ୱିକେଟ

ଅସମାପ୍ତ ପ୍ରଥମ ପାଳି ସ୍କୋର ୫୫/୧ରୁ ବାଂଲାଦେଶ ଖେଳ ଆରମ୍ଭ କରି ସୋମବାର ଅଲଆଉଟ ହୋଇଥିଲା। ଓଭର ନାଇଟ୍ ବ୍ୟାଟର ଜାକିର ହାସନ ୨୮ ଓ ତାଇଜୁଲ ଇସ୍‌ଲାମ ବିନା ସ୍କୋରରୁ ବ୍ୟାଟିଂ ଆରମ୍ଭ କରି ଯଥାକ୍ରମେ ୫୪ ଓ ୨୨ ରନକରି ପ୍ୟାଭିଲିଅନ ଫେରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମୋମିନୁଲ ହକ୍ ୩୩ ଓ ସାକିବ ଅଲ ହାସନ ୧୫, ଓପନର ମାହମୁଦୁଲ ହାସନ ଜୟ ୨୧ ରନକରି ଆଉଟ ହୋଇଥିବା ବେଳେ ଅନ୍ୟ ବ୍ୟାଟରମାନେ ଦୁଇଅଙ୍କ ସ୍ପର୍ଶ କରିପାରି ନଥିଲେ। ବୋଲିଂରେ ଶ୍ରୀଲଙ୍କା ପାଇଁ ଅସିଥା ଫର୍ଣ୍ଣାଣ୍ଡୋ ସର୍ବାଧିକ ୪, ବିଶ୍ୱ ଫର୍ଣ୍ଣାଣ୍ଡୋ, ଲାହିରୁ କୁମାରା ଓ ପ୍ରବାଥ ଜୟସୂରିୟା ଦୁଇଟି ଲେଖାଏ ୱିକେଟ ଅକ୍ତିଆର କରିଥିଲେ।

# ଜାତୀୟ ମହିଳା ହକି ଶିବିରରେ ଓଡ଼ିଶାରୁ ୬


ମାଧୁରୀ କିଣ୍ଡୋ


ମାରିଆନା କୁଜୁର


ସୁଜାତା କୁଜୁର

**ନୂଆଦିଲ୍ଲୀ, ୧।୪ (ଏଜେନ୍ସି):** ବେଙ୍ଗାଲୁରୁସ୍ଥିତ ଭାରତୀୟ କ୍ରୀଡ଼ା ପ୍ରାଧିକରଣ (ସାଇ) ସେଣ୍ଟରରେ ସୋମବାରଠାରୁ ହକି ଇଣ୍ଡିଆ ଆନୁକୂଲ୍ୟରେ ଜାତୀୟ ମହିଳା ଶିବିର ଆରମ୍ଭ ହୋଇଛି। ଏପ୍ରିଲ ୭ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ଶିବିରରେ ଦେଶର ୬୦ଜଣ ମହିଳା ହକି ଖେଳାଳି ଯୋଗଦେଇଛନ୍ତି। ଯେଉଁଥିରେ ଓଡ଼ିଶାର ୬ଜଣ ଖେଳାଳି ସ୍ଥାନ ପାଇଛନ୍ତି। ସେମାନେ ହେଲେ ଗୋଲରକ୍ଷକ ମାଧୁରୀ କିଣ୍ଡୋ, ମଧ୍ୟଭାଗ ଖେଳାଳି ଜ୍ୟୋତି ଛତ୍ରୀ, ଆଜମିନା କୁଜୁର, ସୁଜାତା କୁଜୁର, ଅଗ୍ରଭାଗ ଖେଳାଳି ମାରିଆନା କୁଜୁର ଓ ଦୀପି ମୋନିକା ଟପ୍ପୋ। ତେବେ ଓଡ଼ିଶା ସାଧାରଣତଃ ଦକ୍ଷ ରକ୍ଷଣାଭାଗ ଖେଳାଳି ଲାଗି ପରିଚିତ ହାସଲ କରିଥିଲେ ମଧ୍ୟ ଏହି ବର୍ଗରୁ ଜଣେ ହେଲେ ଖେଳାଳି ଶିବିର ଲାଗି ମନୋନୀତ ହୋଇନାହାନ୍ତି। ହରିୟାଣାରୁ ସର୍ବାଧିକ ୧୧ଜଣ, ଝାଡ଼ଖଣ୍ଡରୁ ୭ଜଣ ଖେଳାଳି ଶିବିରରେ ଭାଗନେଇଛନ୍ତି।

ନିକଟରେ ପୁଣେରେ ଶେଷ ହୋଇଥିବା ୧୪ତମ ଜାତୀୟ ବରିଷ୍ଠ ମହିଳା ହକି ଚାମ୍ପିଅନସିପ୍‌ର ପ୍ରଦର୍ଶନକୁ ଆଧାର କରି ଏହି ୬୦ ଜଣିଆ ଦଳ ଘୋଷଣା କରାଯାଇଛି। ଏପ୍ରିଲ ୬ ଓ ୭ରେ ଦୁଇଦିନ ଧରି ପୁଣିଥରେ ଏମାନଙ୍କ ମଧ୍ୟରୁ ୩୩ଜଣ ଖେଳାଳିଙ୍କୁ ଚୟନ କରାଯିବ। ସେମାନଙ୍କୁ ନେଇ ପରବର୍ତ୍ତୀ ସମୟରେ ପୁଣିଥରେ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହେବ ବୋଲି ହକି ଇଣ୍ଡିଆ ପକ୍ଷରୁ କୁହାଯାଇଛି।


ଆଜମିନା କୁଜୁର


ଦୀପି ମୋନିକା


ଜ୍ୟୋତି ଛତ୍ରି

# ସ୍ପେନ୍ ମାଷ୍ଟର୍ସ ବ୍ୟାଡ୍‌ମିଣ୍ଟନ: ଲୋହ, ଇଣ୍ଟାନନ ଚାମ୍ପିଅନ

**ମାଦ୍ରିଦ୍,୧।୪(ଏଜେନ୍ସି):** ଏଠାରେ ଖେଳାଯାଇଥିବା ସ୍ପେନ୍ ମାଷ୍ଟର୍ସ ବ୍ୟାଡ୍‌ମିଣ୍ଟନ ଟୁର୍ଣ୍ଣାମେଣ୍ଟରେ ସିଙ୍ଗାପୁରର ଲୋହ କିନ୍ ୟେଉ ପରୁଷ ଏକକ ଓ ଥାଇଲାଣ୍ଡର ରଚାନକ ଇଣ୍ଟାନନ ଟାଇଟଲ ହାସଲ କରିଛନ୍ତି। ରବିବାର ଖେଳାଯାଇଥିବା ପୁରୁଷ ଏକକ ଫାଇନାଲ ମୁକାବିଲାରେ ଲୋହ ୨୧-୧୧, ୧୫-୨୧, ୨୨-୨୦ରେ ଫ୍ରାନ୍ସର ତୋମା ଜୁନିଅର ପୋପୋଭଙ୍କୁ ହରାଇ ଚାମ୍ପିଅନ ହୋଇଛନ୍ତି। ସେହିପରି ମହିଳା ଏକକ ଫାଇନାଲ ମୁକାବିଲାରେ ଇଣ୍ଟାନନ ୨୧-୧୨, ୨୧-୯ ସିଧାସଳଖ ଗେମ୍‌ରେ ଅନ୍ୟତମ ଥାଇଲାଣ୍ଡ ଖେଳାଳି ସୁପାନିଦା କେଟଥୋଙ୍ଗଙ୍କୁ ହରାଇ ବାଜି ମାରିଛନ୍ତି।

**କଳାହାଣ୍ଡି କପ୍: ରାଘବେନ୍ଦ୍ରଙ୍କ ଶତକ, ଶୁଭମଙ୍କ ଅଲ୍‌ରାଉଣ୍ଡ**

# ପୁରୀକୁ ୧ ରନ୍‌ରେ ହରାଇଲା ମୟୂରଭଞ୍ଜ

କଟକ,୧।୪(ସମିସ)

ଓଡ଼ିଶା କ୍ରିକେଟ୍ ଆସୋସିଏସନ (ଓସିଏ) ଆନୁକୂଲ୍ୟରେ ଚାଲିଥିବା ବରିଷ୍ଠ ପୁରୁଷ ଆନ୍ତଃ ଜିଲ୍ଲା କ୍ରିକେଟ ଟୁର୍ଣ୍ଣାମେଣ୍ଟ କଳାହାଣ୍ଡି କପ୍‌ର ଏକ ମ୍ୟାଚ୍‌ରେ ସୋମବାର ମୟୂରଭଞ୍ଜ ମାତ୍ର ୧ ରନରେ ପୁରୀକୁ ପରାସ୍ତ କରିଛି। ଖୋର୍ଦ୍ଧା ବିଜେବି ହାଇସ୍କୁଲ ଗ୍ରାଉଣ୍ଡରେ ଏହି ମ୍ୟାଚ୍ ଖେଳାଯାଇଥିଲା। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ମୟୂରଭଞ୍ଜ ସମସ୍ତ ୱିକେଟ ହରାଇ ୨୪୨ ରନ କରିଥିଲା। ପ୍ରୀତପାଲ ସିଂହ ୬୪ ଏବଂ ଶୁଭମ ମହାନ୍ତି ୫୧ ରନର ପାଳି ଖେଳିଥିଲେ। ପୁରୀର ଭାଗିରଥୀ ବେହେରା ୩ଟି ଏବଂ ଦେବାଶିଷ ଦାସ ଓ ମନୁ ରାମଙ୍କୁ ୨ଟି ଲେଖାଏ ୱିକେଟ ମିଳିଥିଲା। ଜବାବରେ ପୁରୀ ୯ ୱିକେଟ ବିନିମୟରେ ୨୪୧ ରନ କରିବା ସହ ମାତ୍ର ୧ରନ ପଛରେ ରହି ପରାଜୟ ବରଣ କରିଥିଲା। ବିନୟ ପାଇକରାୟ ୫୫ ଅର୍ଦ୍ଧଶତକୀୟ ପାଳି ଖେଳିଥିଲେ। ମୟୂରଭଞ୍ଜର ମାରି ଲୋକନାଥ ଏବଂ ମୋହିତ କନକାରିଆ ୨ଟି ଲେଖାଏ ୱିକେଟ ଦଖଲ କରିଥିଲେ।


ରାଘବେନ୍ଦ୍ର ତ୍ରିପାଠୀ


ଶଶାଙ୍କ ରୁଙ୍ଗଟା


ଶୁଭମ ବିସ୍ତ


ପ୍ରୟାସ ସିଂ

## ନୟାଗଡ଼ର ବଡ଼ ବିଜୟ

କିଟ୍ ଷ୍ଟାଡିୟମରେ ଅନୁଷ୍ଠିତ ମ୍ୟାଚ୍‌ରେ ନୟାଗଡ ୨ ୱିକେଟରେ ଭୁବନେଶ୍ୱର-ବି'କୁ ପରାସ୍ତ କରିଛି। ଅନୁରାଗ ଷଡଙ୍ଗୀଙ୍କ ୬୬ ରନ ସହାୟତାରେ ଭୁବନେଶ୍ୱର-ବି ସମସ୍ତ ୱିକେଟ ହରାଇ ୧୯୪ ରନ ସଂଗ୍ରହ କରିଥିଲା। ସୌମ୍ୟ ଶ୍ରୀଚନ୍ଦନଙ୍କ ୩୩ରନ ଏବଂ ଶଶାଙ୍କ ରୁଙ୍ଗଟାଙ୍କ ୩୩ ରନ ବଳରେ ନୟାଗଡ ବିଜୟ ହାସଲ କରିଛି। ଅଡ଼ଶପୁର ଗ୍ରାଉଣ୍ଡରେ କେନ୍ଦୁଝରକୁ ୩ ୱିକେଟରେ ହରାଇଛି କୋରାପୁଟ। କେନ୍ଦୁଝରର ଇନିଂସ ୨୦୩ ରନରେ ସୀମିତ ରହିଥିଲା। ଏ କିରନ ଅପରାଜିତ ୭୩ ରନର ପାଳି ଖେଳି କୋରାପୁଟକୁ ଜିତାଇଥିଲେ।

ସେହିଭଳି ଦିବସରେ ଖେଳାଯାଇଥିବା ଅନ୍ୟ ମ୍ୟାଚ୍‌ଗୁଡ଼ିକରେ କେନ୍ଦ୍ରାପଡ଼ା ୪ ୱିକେଟ୍‌ରେ ଗଞ୍ଜାମକୁ, ନୂଆପଡ଼ା ୫ ୱିକେଟ୍‌ରେ ନବରଙ୍ଗପୁରକୁ, କନ୍ଧମାଳ ୨ ୱିକେଟ୍‌ରେ ଗଜପତିକୁ, ବଲାଙ୍ଗିର ୪ ୱିକେଟ୍‌ରେ ଜଗତ୍‌ସିଂହପୁରକୁ, ଦେବଗଡ଼ ୪୩ ରନରେ ରାୟଗଡ଼ାକୁ, ସୋନପୁର ୨୦୩ ରନରେ କଳହାଣ୍ଡିକୁ ପରାସ୍ତ କରିଛି। କେନ୍ଦ୍ରାପଡ଼ାର ଗୌରବ ଚୌଧୁରୀ (୭୯ ରନ), ନୂଆପଡ଼ାର ପ୍ରୟାସ ସିଂ (୫ ୱିକେଟ୍), ବଲାଙ୍ଗିରର ରାଘବେନ୍ଦ୍ର ତ୍ରିପାଠୀ (୧୪୭ ରନ), ସୋନପୁରର ଶୁଭମ ବିସ୍ତ (୫ ୱିକେଟ୍ ଓ ୬୯ ରନ) ଉଲ୍ଲେଖନୀୟ ପ୍ରଦର୍ଶନ କରିଥିଲେ।

ମିଆମି ଓପନ୍ ଟେନିସ୍

# ଜାନିକ୍ ସିନର ଚାମ୍ପିଅନ



**ମିଆମି,୧।୪(ଏଜେନ୍ସି):** ମିଆମି ଓପନ୍ ଟେନିସ ଟୁର୍ଣ୍ଣାମେଣ୍ଟରେ ଇଟାଲୀର ଜାନିକ୍ ସିନର ପୁରୁଷ ଏକକ ଟାଇଟଲ ହାସଲ କରିଛନ୍ତି। ସ୍ଥାନୀୟ ହାର୍ଡ ରକ୍ ଷ୍ଟାଡିୟମରେ ଅନୁଷ୍ଠିତ ଫାଇନାଲ ମୁକାବିଲାରେ ଦ୍ୱିତୀୟ ସିଡ୍ ମାନ୍ୟତା ପାଇଥିବା ସିନର ୬-୩, ୬-୧ ସିଧାସଳଖ ସେଟ୍‌ରେ ୧୧ତମ ସିଡ୍ ବୁଲଗେରିଆର ତାରକା ଗ୍ରିଗର ଡିମିଟ୍ରୋଭଙ୍କୁ ପରାସ୍ତ କରି ଚାମ୍ପିଅନ ହୋଇଛନ୍ତି। ବିଜୟୀ ହେବାକୁ ସିନରଙ୍କୁ ମାତ୍ର ୭୨ ମିନିଟ୍ ସମୟ ଆବଶ୍ୟକ ହୋଇଥିଲା। ସେ ଏଥିସହ ଚଳିତ ସିଜନର ତୃତୀୟ ଟାଇଟଲ ହାସଲ କରିଛନ୍ତି ଓ ଏଟିପି ମାନ୍ୟତାର ସ୍ପେନ୍ ଯୁବ ତାରକା କାର୍ଲୋସ ଆଲକାରାଜଙ୍କୁ ପଛରେ ପକାଇ କ୍ୟାରିୟର ଶ୍ରେଷ୍ଠ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। ଏହା ପୂର୍ବରୁ ସେ ଗତ ଜାନୁଆରୀରେ ପ୍ରଥମ ଗ୍ରାଣ୍ଡସ୍ଲାମ ଟୁର୍ଣ୍ଣାମେଣ୍ଟ ଅଷ୍ଟ୍ରେଲିଆନ ଓପନ୍‌ରେ ମଧ୍ୟ ଚାମ୍ପିଅନ ହେବାର ଗୌରବ ଅର୍ଜନ କରିଥିଲେ। ତୃତୀୟଥର ପାଇଁ ସେ ମିଆମି ଫାଇନାଲରେ ପ୍ରବେଶ କରିଥିଲେ ମଧ୍ୟ ଏଥର ବାଜି ମାରିଛନ୍ତି। ୨୨ ବର୍ଷୀୟ ସିନର କ୍ୱାର୍ଟର ଫାଇନାଲରେ ଆଲକାରାଜ ଓ ସେମିଫାଇନାଲରେ ବିଶ୍ୱର ୫ ନଂ ଖେଳାଳି ଜର୍ମାନୀର ଆଲେକଜାଣ୍ଡର ଜ୍ୱେରେଭଙ୍କୁ ପରାସ୍ତ କରିଥିଲେ। ନିଜ ପ୍ରଦର୍ଶନରେ ସେ ଖୁସି ଜାହିର କରିଛନ୍ତି।

## କେନିନ୍- ବେଥାନିଙ୍କୁ ମହିଳା ଯୁଗଳ ଟାଇଟଲ

ମିଆମି ଓପନ୍ ମହିଳା ଯୁଗଳ ପ୍ରତିଯୋଗିତାରେ ଆମେରିକୀୟ ଯୋଡି ସୋଫିଆ କେନିନ୍ ଓ ବେଥାନି ମାଟେକ- ସାଣ୍ଡସ ଟାଇଟଲ ହାସଲ କରିଛନ୍ତି। ଅଣସିଡ୍ ଏହି ଯୋଡି ୪-୬, ୭-୬, ୧୧-୯ ସେଟ୍‌ରେ ଦ୍ୱିତୀୟ ସିଡ୍ ମାନ୍ୟତା ପାଇଥିବା କାନାଡାର ଗାବ୍ରିଏଲା ଡାବ୍ରୋସ୍କି ଓ ନ୍ୟୁଜିଲାଣ୍ଡର ଏରିନ ରାଉଟ୍‌ଲିଫ୍‌ଙ୍କୁ ହରାଇ ବାଜି ମାରିଛନ୍ତି। ଏହି ଯୋଡି ଏଥିସହ ଚଳିତ ବର୍ଷ ଦ୍ୱିତୀୟ ଟାଇଟଲ ଜିତିଛନ୍ତି।

# ପଞ୍ଜାବକୁ ହରାଇବା ଲକ୍ଷ୍ୟରେ ଓଡ଼ିଶା ଏଫ୍‌ସି

ଭୁବନେଶ୍ୱର, ୧।୪ (ସମିସ)

ଚଳିତ ଇଣ୍ଡିଆନ ସୁପର୍ ଲିଗ୍ (ଆଇଏସ୍‌ଏଲ୍) ୧୦ମ ସଂସ୍କରଣର ଏକ ମୁକାବିଲାରେ ଘରୋଇ ଓଡ଼ିଶା ଏଫ୍‌ସି ଓ ପଞ୍ଜାବ ଏଫ୍‌ସି ମଙ୍ଗଳବାର ସାମ୍ନାସାମ୍ନି ହେବାକୁ ଯାଇଛନ୍ତି। ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ରାତି ୭ଟା ୩୦ରେ ଏହି ମ୍ୟାଚ୍ ଖେଳାଯିବ। ସ୍ପାନିଶ ପ୍ରଶିକ୍ଷକ ସର୍ଜିଓ ଲୋବେରଙ୍କ ପ୍ରଶିକ୍ଷଣରେ ଓଡ଼ିଶା ଏଫ୍‌ସି ଚଳିତ ସଂସ୍କରଣରେ ବେଶ୍ ଚମତ୍କାର ଫର୍ମରେ ରହିଛି। ଭୁବନେଶ୍ୱରଭିତ୍ତିକ ଏହି ଦଳ ବର୍ତ୍ତମାନ ସୁଦ୍ଧା ପ୍ରତିଯୋଗିତାରେ ୧୯ ମ୍ୟାଚ୍ ଖେଳି ୩୬ ପଏଣ୍ଟ ସହ ମୁମ୍ବାଇ ସିଟି (୪୧) ଓ ମୋହନ ବାଗାନ (୩୯) ପଛକୁ ଟେବଲର ୩ୟ ସ୍ଥାନରେ ରହିଛି। ଘରୋଇ ଦଳ ଏହି ମ୍ୟାଚ୍ ଜିତି ପଏଣ୍ଟ ସାରଣୀରେ ନିଜ ସ୍ଥିତିକୁ ଆହୁରି ସୁଦୃଢ଼ କରିବା ଲକ୍ଷ୍ୟରେ ଓହ୍ଲାଇବ। ଅପରପକ୍ଷରେ ନବାଗତ ପଞ୍ଜାବ ଏଫ୍‌ସି ସମାନ ୧୯ ମ୍ୟାଚ୍ ସହ ୨୧ ପଏଣ୍ଟ ପାଇ ଟେବଲର ୮ମ ସ୍ଥାନରେ ରହି ପ୍ଲେ-ଅଫ୍ ପାଇଁ ସଂଘର୍ଷ କରୁଛି।

ଓଡ଼ିଶା ଏଫ୍‌ସି ମଙ୍ଗଳବାର ପଞ୍ଜାବ ଏଫ୍‌ସିକୁ ପରାସ୍ତ କରି ସିଜନରେ ଏହି ଦଳ ବିପକ୍ଷରେ ଡବଲ୍ ବିଜୟ ପୂରଣ କରିବା ଲକ୍ଷ୍ୟରେ ରହିଛି। ପୂର୍ବରୁ ଦୁଇ ଦଳ ମଧ୍ୟରେ ୨୬ ଡିସେମ୍ବରରେ ନୂଆଦିଲ୍ଲୀର ଜବାହରଲାଲ ନେହରୁ ଷ୍ଟାଡିୟମରେ ଖେଳାଯାଇଥିବା ପ୍ରଥମ ମୁକାବିଲାରେ ଓଡ଼ିଶା ଏଫ୍‌ସି ୧-୦ରେ ବିଜୟ ହାସଲ କରିଥିଲା। ଏଥର ମଧ୍ୟ ଦଳ ପୂର୍ଣ୍ଣ ପଏଣ୍ଟ ହାସଲ ଲକ୍ଷ୍ୟରେ ପଡ଼ିଆକୁ ଓହ୍ଲାଇବ। ଓଡ଼ିଶା ଏଫ୍‌ସି ଏହାର ଶେଷ ମୁକାବିଲାରେ ଶନିବାର ବେଙ୍ଗାଲୁରୁ ଏଫ୍‌ସି ବିପକ୍ଷରେ ଗୋଲଶୂନ୍ୟ ଡ୍ର' ରଖିଥିଲା। ଯେଉଁଥି ପାଇଁ ଦଳ ଲିଗ୍ ଚାମ୍ପିଅନ ହେବାର ଆଶା ମଉଳି ଯାଇଥିଲା। ଯଦି ଓଡ଼ିଶା ଏଫ୍‌ସି ଏହି ମ୍ୟାଚରେ ବିଜୟୀ ହୁଏ ତେବେ ମୁମ୍ବାଇ ପରେ ୨ୟ ଦଳ ଭାବେ ପଞ୍ଜାବ ବିପକ୍ଷରେ ସିଜନରେ ଡବଲ୍ ଜିତ୍ ହାସଲ କରିବ। ଆଇଏସ୍‌ଏଲ୍‌ରେ ଶେଷ ୧୦ ମୁକାବିଲାକୁ ନଜର ପକାଇଲେ ଓଡ଼ିଶା ପରାଜୟବରଣ କରିନାହିଁ। ଏଥିରେ ଦଳ ୭ ମ୍ୟାଚ୍ ଜିତିଥିବାବେଳେ ୩ଟି ଅମୀମାଂସିତ ରଖିବାରେ ସଫଳ ହୋଇଛି। ତେଣୁ ଏହି ଅପରାଜେୟ ଧାରାକୁ ବଜାୟ ରଖିବା ଲକ୍ଷ୍ୟରେ ଦଳ ପଡ଼ିଆକୁ ଓହ୍ଲାଇବ। ଭ୍ରମଣକାରୀ ପଞ୍ଜାବ ଏଫ୍‌ସି ମଧ୍ୟ ଭଲ ଫର୍ମ ଦେଇଗତି କରୁଛି। ଶେଷ ଦୁଇଟି ମୁକାବିଲାରେ ଏହି ଦଳ ଗୋଟିଏ ଲେଖାଏ ବିଜୟ ଓ ଡ୍ର ହାସଲ କରିଛି। ପଞ୍ଜାବ ମଧ୍ୟ ପ୍ଲେ-ଅଫ୍ ପାଇଁ ଦାବିଦାର ରହିଛି। ତେଣୁ ଏହି ମ୍ୟାଚରେ ବିପର୍ଯ୍ୟୟ ଘଟାଇବା ଲକ୍ଷ୍ୟରେ ଦଳ ରହିଛି।





# ସୁବର୍ଣ୍ଣା





# ଆଲୋକ ଯନ୍ତ୍ରରେ କୀଟ ନିୟନ୍ତ୍ରଣ

ଯେକୌଣସି ଫସଲ ହୋଇଥାଉନା କାହିଁ ଏଥିରେ କୀଟ ତଥା ରୋଗପୋକ କ୍ଷତି ପହଞ୍ଚାଇଥାଏ। ରାତ୍ରି ସମୟରେ କୀଟ ଫସଲକୁ ଅଧିକ ପ୍ରଭାବିତ କରୁଥିବାରୁ ଏହି ସମୟରେ କୀଟ ନିରୀକ୍ଷଣ ଓ ନିୟନ୍ତ୍ରଣ ପାଇଁ ଆଲୋକ ଯନ୍ତ୍ର ବରଦାନ ସଦୃଶ। ସୁଗନ୍ଧ ଓ ରଙ୍ଗକୁ କୀଟମାନେ ଯେପରି ଆକୃଷ୍ଟ ହୁଅନ୍ତି, ସେହିପରି ଆଲୋକ ମଧ୍ୟ କୀଟମାନଙ୍କୁ ଆକୃଷ୍ଟ କରେ। କୀଟମାନଙ୍କର ଏହି ଗୁଣକୁ କୀଟତତ୍ତ୍ୱ ବିଶେଷଜ୍ଞମାନେ ନିରୀକ୍ଷଣ କରି ଆଲୋକଯନ୍ତ୍ର ମାଧ୍ୟମରେ କୀଟ ନିୟନ୍ତ୍ରଣ କରୁଛନ୍ତି। ଏହା ପ୍ରକୃତି ମିତ୍ର ଓ ପରିବେଶ ସହାୟକ। ଆଲୋକ ଯନ୍ତ୍ର ଫସଲରେ ପ୍ରଥମ ଅବସ୍ଥାରେ ଲାଗିଥିବା ବିଭିନ୍ନ ଅପକାରୀ ଓ ଉପକାରୀ କୀଟମାନଙ୍କର ଉପସ୍ଥିତି ସମ୍ବନ୍ଧରେ ଜଣାଇବାରେ ସାହାଯ୍ୟ କରେ। ଭବିଷ୍ୟତରେ ଫସଲରେ କି ପ୍ରକାର କ୍ଷତିକାରକ କୀଟ ଲାଗିବ, ଏହା ମଧ୍ୟ ନିର୍ଭୁଲ ଭାବେ ସୂଚାଇଥାଏ। ତେବେ ସମ୍ପ୍ରତି ବଜାରରେ ଆଲୋକ ଯନ୍ତ୍ର ଉପଲବ୍ଧ ଥିବାବେଳେ ରାଜ୍ୟର କୃଷିବିଜ୍ଞାନ କେନ୍ଦ୍ରମାନଙ୍କରେ ଏହାର ଉପକାରିତା ଓ ବ୍ୟବହାର ବିଷୟରେ ତାଲିମ ପ୍ରଦାନ କରାଯାଉଛି।

## କାହିଁକି ବ୍ୟବହାରଯୋଗ୍ୟ

କୀଟ ନିରୀକ୍ଷଣ ଓ କୀଟ ନିୟନ୍ତ୍ରଣ କରିବା ଏହାର ମୁଖ୍ୟ ଉଦ୍ଦେଶ୍ୟ। ସମୟ ଅନୁସାରେ କୀଟ ନିୟନ୍ତ୍ରଣ କରିବା ସହଜ ହୁଏ। କୀଟନାଶକ ପ୍ରୟୋଗ ନ କରିବା ଦ୍ୱାରା ବାୟୁମଣ୍ଡଳରେ ପ୍ରଦୂଷଣକୁ କମ୍ କରିବାରେ ସହାୟକ ହୋଇଥାଏ। ଆଲୋକ ଯନ୍ତ୍ର ଦ୍ୱାରା ଉଭୟ କୀଟ ନିରୀକ୍ଷଣ ଓ କୀଟ ନିୟନ୍ତ୍ରଣ କରାଯାଇପାରେ। ଏହା ପ୍ରକୃତି ମିତ୍ର, ପରିବେଶ ସହାୟକ ଓ ସ୍ୱଳ୍ପ ବ୍ୟୟସାପେକ୍ଷ।



### ସୌର ଆଲୋକ ଯନ୍ତ୍ର

ବିଭିନ୍ନ ପ୍ରକାର ଆଲୋକ ଯନ୍ତ୍ର ମଧ୍ୟରୁ ସୌର ଆଲୋକ ଯନ୍ତ୍ରର ଅଧିକ ଚାହିଦା ରହିଛି। ଚାଷୀମାନେ ଦିନସାରା ସୌର ପ୍ୟାନେଲକୁ ସୂର୍ଯ୍ୟକିରଣରେ ଚାର୍ଜ କରି ଏହାକୁ ସନ୍ଧ୍ୟା ସମୟରେ ଜମିରେ ଫସଲ ଅନୁଯାୟୀ ହେକ୍ଟର ପିଛା ଗୋଟିଏ ଆଲୋକ ଯନ୍ତ୍ର ବସାଇପାରିବେ। ସ୍ୱୟଂଚାଳିତ ଚାର୍ଜ ରୂପେ ବ୍ୟବହାର କରାଯାଉଥିବାରୁ ଏଥିରେ ସେନ୍ସର ଓ ଜାଲି ସଂଯୋଗ କରାଯାଇଥାଏ। ଯାହା ସନ୍ଧ୍ୟା ସମୟରେ ଲାଇଟ୍ ଜଳିବା ମାତ୍ରେ ଆଲୋକ ଆଡ଼କୁ କୀଟମାନେ ଆକର୍ଷିତ ହୋଇ ଆସନ୍ତି। ଏଥିରେ ବାହାରୁଥିବା ଅତିବାଇଗଣୀ ରଶ୍ମି ଯୋଗୁଁ କୀଟଗୁଡ଼ିକ ଯନ୍ତ୍ରରେ ପଡ଼ିଯାଆନ୍ତି। ଅନ୍ୟାନ୍ୟ ଆଲୋକଯନ୍ତ୍ରରେ ବ୍ୟବହୃତ ବଲ୍‌ବର ବିକିରିତ ରଶ୍ମିର ତରଙ୍ଗ ଏବଂ ଗାଢ଼ତ୍ୱ କୀଟଗୁଡିକର ଜୀବନ ପ୍ରକ୍ରିୟା ଉପରେ ପ୍ରଭାବ ପକାଇଥାଏ। ଅତିବାଇଗଣୀ ନୀଳ ଏବଂ ସବୁଜ ରଙ୍ଗ ସାଧାରଣ କୀଟମାନଙ୍କୁ ଅଧିକ ଆକର୍ଷିତ କରିଥାଏ। ଗୋଟିଏ ଥର ସୌର ଆଲୋକ ଯନ୍ତ୍ରର ସଠିକ୍ ରକ୍ଷଣାବେକ୍ଷଣ କରିବା ଦ୍ୱାରା ଏହା ପ୍ରାୟ ୭ରୁ ୮ ବର୍ଷ ଚାଲିଥାଏ।

ସୌର ଆଲୋକ ଯନ୍ତ୍ର ବ୍ୟତୀତ ବଜାରରେ ବିଭିନ୍ନ ଆଲୋକ ଯନ୍ତ୍ର ଉପଲବ୍ଧ। ଚାଷୀମାନେ ନିଜର ଫସଲ ଓ ସୁବିଧା ଅନୁଯାୟୀ ବଜାରରୁ ଆଲୋକ ଯନ୍ତ୍ର କ୍ରୟ କରି କିମ୍ବା ନିଜେ ତିଆରି କରି ବ୍ୟବହାର କରିପାରିବେ। ସାଧାରଣତଃ ଆଲୋକ ଯନ୍ତ୍ରରେ ବିଦ୍ୟୁତ୍ ଚାଳିତ ସ୍ୱତନ୍ତ୍ର ବନ୍ଦୋବସ୍ତ ଥିବାରୁ ଏହାକୁ ସର୍ବଦା ସନ୍ଧ୍ୟା ୬ରୁ ୯ଟା ରାତି ଯାଏଁ ଫସଲରେ ବ୍ୟବହାର କରିପାରିବେ। ଗ୍ରାମାଞ୍ଚଳରେ ବିଦ୍ୟୁତ୍‌ର ଅଭାବ ଥିଲେ, ସେଠାରେ ସୌରଚାଳିତ କିମ୍ବା ବ୍ୟାଟେରୀ ଚାଳିତ ଆଲୋକ ଯନ୍ତ୍ର ବ୍ୟବହାର କରି ଚାଷୀମାନେ କୀଟ ନିୟନ୍ତ୍ରଣ କରିପାରିବେ।

### ଡିବିରି ଆଲୋକ ଯନ୍ତ୍ର

ଯନ୍ତ୍ର ସବୁସମୟରେ ମିଳୁନଥିବାରୁ ଚାଷୀମାନେ ଜମିହୁଡ଼ାରେ ନିଆଁଜାଳି, ଡିବିରି ଲଣ୍ଠନ ଆଦି ଜଳାଇ କୀଟମାନଙ୍କୁ ଆକୃଷ୍ଟ କରି ମାରିଦେଇଥାନ୍ତି। ହେଲେ ଏହା ବୈଜ୍ଞାନିକ ପଦ୍ଧତି ନୁହେଁ। ତେବେ ଗାଁ ଗହଳିରେ ମାଟି ହାଣ୍ଡି, ଡିବିରି, ଇଟା କିଛି ପାଣିକୁ ନେଇ ଏହା ତିଆରି କରାଯାଇପାରେ। ଉଚ୍ଚହାଣ୍ଡି ନେଇ ଏଥିରେ ପାଣି ଭର୍ତ୍ତି କରନ୍ତୁ। ଠିଆ କରି ହାଣ୍ଡି ଭିତରେ ଇଟା ରଖନ୍ତୁ। ଇଟା ଉପରେ ଡିବିରି ଜଳାନ୍ତୁ। ଏକର ପ୍ରତି ଏହିପରି ୫ରୁ ୧୦ଟି ଆଲୋକ ଯନ୍ତ୍ର ବସାଇ କୀଟ ନିୟନ୍ତ୍ରଣ କରାଯାଇପାରେ।

### ଲଣ୍ଠନ ଆଲୋକ ଯନ୍ତ୍ର

ପ୍ଲାଷ୍ଟିକ୍ ଟବ୍, ଲଣ୍ଠନ, ତିନୋଟି ବାଉଁଶ ସହିତ ଅଳ୍ପ ପାଣି ନିଅନ୍ତୁ। ପ୍ଲାଷ୍ଟିକ୍ ଟବ୍‌ରେ କିଛି ପାଣି ନେଇ ଏହାକୁ ଜମି ମଧ୍ୟରେ ରଖନ୍ତୁ। ତିନୋଟି ବାଉଁଶକୁ ବାନ୍ଧି ତ୍ରିକାଠିଆର ଉପରେ ଲଣ୍ଠନ ଜଳାଇ ରଖନ୍ତୁ। ଏକର ପ୍ରତି ୫ରୁ ୧୦ଟି ଏପରି ଆଲୋକ ଯନ୍ତ୍ର ବ୍ୟବହାର କରି କୀଟ ନିୟନ୍ତ୍ରଣ କରାଯାଇପାରେ।

### ବ୍ୟାଟେରି ଆଲୋକ ଯନ୍ତ୍ର

ଚାର୍ଜଯୁକ୍ତ ବ୍ୟାଟେରି, ମୋଟା ବାଉଁଶ, ବଲ୍‌ବ ନିଅନ୍ତୁ। ମଝି ଡବା ବାଉଁଶଟିକୁ କାଟି ଆବଶ୍ୟକ ଉଚ୍ଚତା ମଧ୍ୟରେ ରଖନ୍ତୁ। ମଝି ଟବ୍‌ଟିରେ ପାଣି ଭର୍ତ୍ତି କରନ୍ତୁ। ବ୍ୟାଟେରିକୁ ଖଞ୍ଜି ରଖି ଦିନବେଳେ ଏହାକୁ ଚାର୍ଜ କରି ରାତିରେ ଜମିରେ ଏକରପ୍ରତି ୫ରୁ ୧୦ଟି ଏପରି ଆଲୋକ ଯନ୍ତ୍ର ବ୍ୟବହାର କରନ୍ତୁ।

# ହାଇଟେକ୍ କୁଣ୍ଡ



ଆଜିର ସମୟରେ ଜୈବିକ ଚାଷ ପ୍ରତି ଲୋକଙ୍କ ଆଗ୍ରହ ବଢ଼ି ଚାଲିଛି। ତେଣୁ ରାସାୟନିକ ସାର ଓ କୀଟନାଶକ ବଦଳରେ ଲୋକେ ଘରୋଇ ଖତ ପ୍ରସ୍ତୁତ କରିପାରୁଛନ୍ତି। ଯଦିଓ ସହରମାନଙ୍କରେ ସ୍ୱଳ୍ପ ସ୍ଥାନରେ ମଧ୍ୟ ଲୋକେ ଏବେ ବିଭିନ୍ନ ପ୍ରକାର ଚାଷ କରିପାରୁଛନ୍ତି। ଲୋକଙ୍କ ଏହି ଚିନ୍ତା ଦୂର କରୁଛି ହାଇଟେକ୍ କୁଣ୍ଡ। ଅର୍ଥାତ୍ ଘରୁ ବାହାରୁଥିବା କଚରା ତଥା ପନିପରିବା ଚୋପାରୁ ଖତ ତିଆରି କରିବା ସହ ସେହି କୁଣ୍ଡରେ ମଧ୍ୟ ଗଛଲଗା ସମ୍ଭବ ହୋଇପାରୁଛି। ଏହାଦ୍ୱାରା ଗୋଟିଏ ସ୍ଥାନରେ ଦୁଇଟି କାମ ହୋଇପାରୁଛି। ଲକ୍ଷ୍ନୌର ସଞ୍ଜୟ ରାଠି ସହରବାସୀଙ୍କ ଇଚ୍ଛାକୁ ପୂରା କରିବାକୁ ଯାଇ ଏକ ହାଇଟେକ୍ କୁଣ୍ଡ କରିଛନ୍ତି। ଯାହାକୁ ବ୍ୟବହାର କରି ସେ ଗୋଟିଏ ସମୟରେ ଜୈବିକ ଖତ ଓ ଗଛ ଲଗାଇ ପାରୁଛନ୍ତି। ଏହା ଏମିତି ଏକ ପ୍ରଣାଳୀ, ଯାହାକୁ ସେ ବ୍ୟବସାୟର ରୂପ ଦେଇଛନ୍ତି। ହାଇଟେକ୍ କୁଣ୍ଡ ପାଇଁ ସେ ଉନ୍ନତ କୌଶଳ ଉପଯୋଗ କରି ୪ଫୁଟ ଉଚ୍ଚ ଡ୍ରମ୍‌ରେ ଭର୍ଟିକାଲ କୁଣ୍ଡ ବନାଇଛନ୍ତି। ଏଥିରେ ଗୋଟିଏ ପାର୍ଶ୍ୱରେ ଗଛ ଲାଗୁଥିବାବେଳେ ଅନ୍ୟ ଏକ ପାର୍ଶ୍ୱରେ ବର୍ଜ୍ୟରୁ ଖତ ପ୍ରସ୍ତୁତ ହୁଏ। ଏହି ଡ୍ରମ୍‌ର ମଝି ପାର୍ଶ୍ୱରେ କଚରାରୁ ଖତ ପ୍ରସ୍ତୁତ ହେଉଥିବାବେଳେ ଚାରିପାଖେ ଗଛ ଲଗାଇବା ପାଇଁ ପ୍ରସ୍ତୁତ ରହିଛି। କେବଳ ସେତିକି ନୁହେଁ, ଏହି କୁଣ୍ଡଟି ନଷ୍ଟ ହୋଇଥିବା ପାଇପ୍ କିମ୍ବା ଡ୍ରମ୍‌ରୁ ବନାଯାଇଥାଏ। ଡ୍ରମ୍ ମଝିରେ ଏକ ପ୍ଲାଷ୍ଟିକ୍ ପାଇପ୍ ଲଗାଯାଇଥିବାବେଳେ ଏଥିରେ ରୋଷେଇ ଘରୁ ବାହାରୁଥିବା ୨ କିଲୋ କଚରା ପକାଯାଇଥାଏ। ଏଥିରେ ବ୍ୟାକ୍ଟେରିୟାଲ କଲଚର ସିଞ୍ଚନ କରାଯାଇ ଖତରେ ପରିବର୍ତ୍ତନ କରାଯାଏ। ଏହା କିଛିଦିନ ମଧ୍ୟରେ ଜୈବିକ ଖତରେ ପରିଣତ ହୁଏ। ସଞ୍ଜୟ ଏହି ହାଇଟେକ୍ କୁଣ୍ଡର ଏକ ୱାର୍କସପ୍ ଚଳାଉଛନ୍ତି। ଯେଉଁଥିରେ ଅଧିକରୁ ଅଧିକ ବର୍ଜ୍ୟ ସାମଗ୍ରୀକୁ ବ୍ୟବହାର କରି ସେ କୁଣ୍ଡ ପ୍ରସ୍ତୁତ କରନ୍ତି। ଏହି କୁଣ୍ଡରେ ଚାଷ ପାଇଁ ମାଟିର ଆବଶ୍ୟକତା ପଡ଼େନାହିଁ। ତଟକା ପରିବା ପାଇବା ସହ ପରିବେଶ ପ୍ରଦୂଷଣ ରୋକିହୁଏ। ଏନେଇ ସଞ୍ଜୟ କୁହନ୍ତି, ଆମ ଚତୁଃପାର୍ଶ୍ୱରେ ପଡ଼ିଥିବା ଖାଲି ସ୍ଥାନକୁ ଉପଯୋଗ କରି ବିଭିନ୍ନ ପ୍ରକାର ଚାଷ କରାଯାଇପାରିବ। ବର୍ଜ୍ୟବସ୍ତୁକୁ ଏଣେତେଣେ ନ ଫିଙ୍ଗି ଏଥିରୁ ଜୈବିକ ଚାଷ ମଧ୍ୟ କରିପାରିବେ।



# ଆର୍ଦ୍ରତା ବୃଦ୍ଧି ପାଇଁ 'ଥଣ୍ଡା ଖତ'

ଅନ୍ୟ ଋତୁ ତୁଳନାରେ ଖରାଦିନେ ଚାଷ କାମ ବେଶ୍ ଜଟିଳ ହୋଇଥାଏ। ଫସଲରେ ଜଳ ଅଭାବରୁ ଗଛ ଶୁଖିଯିବା ସମସ୍ୟା ଅଧିକ ଦେଖିବାକୁ ମିଳେ। ତେଣୁ ଏହି ଦିନେ ଜଳଯୋଗାଣଠାରୁ ଆରମ୍ଭ କରି ବିଭିନ୍ନ ଖତ ଆଦି ପ୍ରୟୋଗରେ ଅଧିକ ଯତ୍ନବାନ ହେବାକୁ ପଡ଼ିଥାଏ। ସେହିପରି ଗଛ ଶୁଖିବା ସମସ୍ୟାକୁ ନିୟନ୍ତ୍ରଣ କରିବାକୁ ଘରୋଇ ଥଣ୍ଡା ଖତ ପ୍ରସ୍ତୁତ କରିପାରିବେ।

ଖରାଦିନେ ଜଳ ଅଭାବରୁ ଗଛ ଚେର, ଶୁଖିଯାଏ। ଗଛଗୁଡ଼ିକ ଝାଉଁଳିବାକୁ ଲାଗେ। ଅନେକ ଜଣ ଗଛକୁ ଅଧିକ ପାଣି ଆବଶ୍ୟକ ମନେ କରି ଅଧିକ ପାଣି ମଧ୍ୟ ଦେଇଥାନ୍ତି। ଏହାଦ୍ୱାରା ଗଛ ମୂଳ ଶଢ଼ିଯାଏ। ତେଣୁ ଫସଲ ଅନୁଯାୟୀ ପାଣି ସିଞ୍ଚିବା ସହ ଫଳ ଏବଂ ପନିପରିବା ଚୋପାକୁ ଉପଯୋଗ କରି ଥଣ୍ଡା ଖତ ବନାଇ ପାରିବେ। ଏଥିପାଇଁ ପରିବା ଚୋପା ସହିତ ଖରଭୁଜା, ତରଭୁଜ, ଆମ୍ବ ଏବଂ ଲାଉ ଆଦି ବିଭିନ୍ନ ପ୍ରକାର ଚୋପାରୁ ଥଣ୍ଡା ଖତ ପ୍ରସ୍ତୁତ କରି ଗଛରେ ପ୍ରୟୋଗ କରିପାରିବେ। ତେଣୁ ବଡ଼ କଣ୍ଟେନରରେ ଚୋପରୁ ଜମା କରି ଏଥିରେ ଋତୁ ଅନୁଯାୟୀ ଫଳ ଏବଂ ପରିବାକୁ ବ୍ୟବହାର କରିପାରିବେ। ଏଥିରେ ପାଣିଦେଇ ପ୍ରାୟ ୧୫ ଦିନ ବନ୍ଦ କରି ରଖିଦେବେ। ପ୍ରତିଦିନ ଢାଙ୍କୁଣୀ ଖୋଲି ତରଳକୁ ଭଲ ଭାବେ ମିଶାଇବା ଦ୍ୱାରା ୧୦ରୁ ୧୫ ଦିନ ମଧ୍ୟରେ ଥଣ୍ଡା ଖତ ପ୍ରସ୍ତୁତ ହୋଇଯାଏ। ଏଥିରେ କିଛି ଭାଗ ପାଣି ମିଳାଇ ପ୍ରତ୍ୟେକ ଦିନ ଗଛରେ ଅଳ୍ପ ଅଳ୍ପ କରି ସିଞ୍ଚିପାରିବେ।

**ଗୋବରରୁ ଶୀତଳ ଖତ:** ଗୋଟିଏ ବାଲ୍‌ଟିରେ ୫ରୁ ୭ ଲିଟର ପାଣି ଭରି ସେଥିରେ ତାଜା ଶୁଖିଲା ଗୋବର ପକାଇ ଏହାକୁ ତିନିରୁ ଚାରିଦିନ ଘୋଡ଼ାଇ ରଖି ଦିଅନ୍ତୁ। ଏହାକୁ ପ୍ରତିଦିନ ଅଳ୍ପ ଅଳ୍ପ କରି ଗଛରେ ସିଞ୍ଚି ପାରିବେ। ଏହି ପ୍ରଣାଳୀରେ ଗରମ ଦିନେ ଗଛକୁ ଶୁଖିବା ସମସ୍ୟାରୁ ବଞ୍ଚାଇ ପାରିବେ। ଏହାଦ୍ୱାରା ମାଟିର ଆର୍ଦ୍ରତା ଠିକ୍ ରହିବା ସହ ପୋଷଣ ମଧ୍ୟ ମିଳିଥାଏ।

# ଟମାଟୋ ସହ ତୁଳସୀ ଚାଷ

ସମ୍ପ୍ରତି ସହଫସଲ ତଥା କେମ୍ପୋନିୟମ ପ୍ଲାଣ୍ଟିଙ୍ଗ୍‌ର ଚାହିଦା ରହିଛି। ଏହି ପ୍ରଣାଳୀରେ ଅଧିକାଂଶ ଲୋକ ଗୋଟିଏ ଫସଲ ସହିତ ଅନ୍ୟ ଫସଲ ଲଗାଇ ଲାଭବାନ ହେଉଛନ୍ତି। ଯେଉଁମାନେ କିଚେନ୍ ଗାର୍ଡେନ କରୁଛନ୍ତି, ଘରେ ଟମାଟୋ ଚାଷ ସହିତ ତୁଳସୀ ଲଗାଇ ପାରିବେ। ଏହି ଫସଲ ଲଗାଇବା ଦ୍ୱାରା ସ୍ୱଳ୍ପ ଖର୍ଚ୍ଚରେ ଅଧିକ ରୋଜଗାର ହୋଇପାରିବ।

ଚେରି ଟମାଟୋ ହେଉ କି ବଡ଼ ଟମାଟୋ ଏହା ସହିତ ତୁଳସୀ ଚାଷ କରିବା ଦ୍ୱାରା ଟମାଟୋ ବିକ୍ରି ସହିତ ତୁଳସୀ ପତ୍ର ବିକ୍ରି କରିହେବ। ଏପରି ଚାଷ ଦ୍ୱାରା ଫସଲରେ କୀଟ ଏବଂ ରୋଗପୋକର ଭୟ ନ ଥାଏ। ଗୋଟିଏ ଫସଲରୁ ପୋଷକତତ୍ତ୍ୱ ଅନ୍ୟ ଫସଲକୁ ମିଳିଯାଉଥିବାରୁ ରାସାୟନିକ ଖତ ତଥା କୀଟନାଶକ ପ୍ରୟୋଗର ଆବଶ୍ୟକ ହୁଏନି। ଉଭୟ ଟମାଟୋ ଓ ତୁଳସୀ ଗଛର ବିକାଶ ହୁଏ। ଟମାଟୋ ଅଧିକ ଅମଳ ହୁଏ। ସେହିପରି ତୁଳସୀର ପତ୍ର, ମଞ୍ଜି, ଓ ଜଟାକୁ ବିକ୍ରି କରି ଅଧିକ ଟଙ୍କା ରୋଜଗାର କରିପାରିବେ। କେବଳ ଘର ନୁହେଁ, ଜମିରେ ମଧ୍ୟ ଏହି ପ୍ରଣାଳୀରେ ଚାଷ କରି ଲାଭବାନ ହୋଇପାରିବେ।



# କୃଷି ପାଣିପାଗ

## ଏ ସପ୍ତାହ ପାଇଁ କେତେକ ପରାମର୍ଶ...

- ସିଞ୍ଚନ ପ୍ରଣାଳୀରେ ଜଳସେଚନ କଲେ ଉଚ୍ଚ ତାପମାତ୍ରାର ପ୍ରଭାବ କମା ଯାଇପାରିବ।
- ପାଣିର ଅଭାବ ଥିଲେ ଧାଡ଼ିକୁ ଧାଡ଼ି ଛାଡ଼ି ଜଳସେଚନ କରନ୍ତୁ। ଏହା ଦ୍ୱାରା ପ୍ରାୟ ଶତକଡ଼ା ୫୦ ଭାଗ ପାଣି ସିଞ୍ଚନ କରାଯାଇପାରିବ।
- ନଡ଼ିଆ ଗଛ ଚାରିପଟେ ପରିମିତ ନଡ଼ିଆ ପତ୍ର ବିଛାଇ ଦିଅନ୍ତୁ। ନୂଆକରି ପନିପରିବା ତଳି ରୋଉଥିଲେ ଦିନବେଳେ ତା' ଉପରେ କାଗଜ ଠୁଙ୍ଗା ଘୋଡ଼ାଇ ଦିଅନ୍ତୁ।
- ଆଖୁ ଗଛମୂଳ ଓଦା ରଖିବା ପାଇଁ ଶୁଖିଲା ପତ୍ର ଦ୍ୱାରା ନାଳିଗୁଡ଼ିକୁ ଆଚ୍ଛାଦିତ କରନ୍ତୁ। ଗ୍ରୀଷ୍ମ ଋତୁରେ ଜଳାଭାବରୁ ଫସଲକୁ ରକ୍ଷା କରିବା ପାଇଁ ଶତକଡ଼ା ୪ ଭାଗ ପଟାସ୍ ସାର ( ୧ ଲିଟର ପାଣିରେ ୪୦ ଗ୍ରାମ୍ ପଟାସ ସାର) ପତ୍ର ସିଞ୍ଚନ କରନ୍ତୁ।
- ଆମ୍ବ ଡାହାଣୀ ପୋକର ନିୟନ୍ତ୍ରଣ ପାଇଁ ଇମିଡାକ୍ଲୋପ୍ରିଡ୍ ୧୭.୮%ଏସ୍‌ଏଲ୍@ ୫ମିଲି କିମ୍ବା ଥିୟାମିଥୋସ୍କାମ ୨୫% ଡବ୍ଲୁଜି @ ୩ ଗ୍ରାମ ୧୫ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। ଆମ୍ବ ଗଛ ମୂଳରେ ଧୂଆଁ ଦେଲେ ଆମ୍ବ ଡାହାଣୀ ସଂଖ୍ୟା କମି ଯାଇଥାଏ।
- ପିଆଜର ଅମଳ ପରେ ବେକ ଉପରୁ ୨.୫ ସେମି ରଖି ଆଗ ଏବଂ ସମୁଦାୟ ଚେର କାଟି ଦିଅନ୍ତୁ। ଭଲ ପବନ ବାଜୁଥିବା ସିମେଣ୍ଟ ଚଟାଣ କୋଠରିରେ ପିଆଜକୁ ଶୁଖାଇ ମଝିରେ ମଝିରେ ଓଲଟପାଲଟ କଲେ ପିଆଜ ଶୀଘ୍ର ଶୁଖି ଯାଇଥାଏ। ଭଲ ଭାବରେ ଶୁଖୁଥିଲେ ଏବଂ ଠିକ୍ ସମୟରେ ଅମଳ ହୋଇଥିଲେ ପିଆଜକୁ ଅଧିକ ଦିନ ସାଇତି ରଖି ହୁଏ।



# ମକା ଗାଁ

ଉତ୍ତରାଖଣ୍ଡ, ମସୁରୀ ଗଢ଼ବାଲ ଜିଲ୍ଲାର ସେଞ୍ଜି –ଭଟୌଲିଗାଁ'। ଏହି ଗାଁର ଅନ୍ୟ ନାମ ହେଉଛି 'କର୍ଣ୍ଣ ଭିଲେଜ୍' ବା ମକା ଗାଁ। ଏହା ଏମିତି ଏକ ଗାଁ ଯେଉଁଠି ଚାରିଆଡ଼େ ଖାଲି ମକା ନଜର ଆସିଥାଏ। ଗାଁର ପ୍ରତ୍ୟେକ ଲୋକ ମକା ଚାଷ ଉପରେ ନିର୍ଭରଶୀଳ। ସେଥିପାଇଁ ପ୍ରତିଟି ଘରର ବାଲ୍‌କୋନି, ଝରକା, ଦୁଆର ସବୁଠି କେବଳ ମକା ଦେଖିବାକୁ ମିଳେ। ଅମଳ ମକାକୁ ଶୁଖାଇବା ଏବଂ ଏଥିରୁ ବିହନ କରିବା ପାଇଁ ଘରେ ଘରେ ମକା ପେଣ୍ଠା କରି ଓହଳାଇ ଦିଆଯାଏ। ଏମିତିକି ପେଣ୍ଠା ପେଣ୍ଠା ମକାକୁ ଘର ବା ବାଲକୋନିରେ ଶୁଖାଇବା ଦୃଶ୍ୟ ଅନ୍ୟ ଗାଁଠାରୁ ବେଶ୍ ଭିନ୍ନ ଓ ସ୍ୱତନ୍ତ୍ର ହୋଇଥାଏ। ଗାଁ'ର ଏହି ପରମ୍ପରା ବହୁ କାଳରୁ ଚାଲିଆସୁଛି। ଗାଁର ପ୍ରବେଶ ପଥରେ ମଧ୍ୟ ମକା ଚାଷର ମହତ୍ତ୍ୱ ସଙ୍କେତ ଦିଆଯାଇଛି। ପ୍ରତିବର୍ଷ ଏଠାରେ ମକା ମହୋତ୍ସବ ଆୟୋଜନ ହୋଇଥାଏ। ଏଥିରେ ଲୋକେ ମେଳା ମଉଚ୍ଛବର ମଜା ନେବା ସହ ସ୍ଥାନୀୟ ଲୋକଙ୍କ ସହ ମକାର ଘନିଷ୍ଠତା, ମକାରୁ ପ୍ରସ୍ତୁତ ବ୍ୟଞ୍ଜନ, ଏହାର କିସମ ଆଦି ବିଷୟରେ ଜଣାପଡ଼ିଥାଏ।

# ଡେଲିଭରୀ ବୟରୁ ସଫଳ ମାଣ୍ଡିଆ ଚାଷୀ

ସଫଳ ଚାଷୀ

ସମୟ ଓ ପ୍ରତିକୂଳ ପରିସ୍ଥିତି ଯୋଗୁଁ ତାଙ୍କୁ ପାଠପଢ଼ାରେ ଡୋରି ବାନ୍ଧିବାକୁ ପଡ଼ିଥିଲା। ଆର୍ଥିକ ଅନଟନ ପାଇଁ ଯୁକ୍ତ ୩ ପାଠ୍ୟକ୍ରମ ପରେ ଅଧିକ ଡିଗ୍ରୀ ହାସଲ କରିବାର ସ୍ୱପ୍ନକୁ ସେ ଜଳାଞ୍ଜଳି ଦେଇଥିଲେ। ଘରର ବୋଝ ମୁଣ୍ଡାଇ ପରିବାର ପ୍ରତିପୋଷଣ କରିବା ପାଇଁ ଡେଲିଭରୀ ବୟ ବୃତ୍ତିକୁ ଆପଣାଇଥିଲେ। ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ଠିକ୍ ସମୟରେ ଅର୍ଡର ପହଞ୍ଚାଇବା ପାଇଁ ତାଙ୍କୁ ଅନେକ କଷ୍ଟ କରିବାକୁ ପଡୁଥିଲା। ଜୀବନ ସଂଘର୍ଷରେ କେବେ ହାର୍ ମାନି ଯାଇନାହାଁନ୍ତି ସେ। ଏବେ ସେ ଡେଲିଭରୀ ବୟରୁ ସାଜିଛନ୍ତି ସଫଳ ମାଣ୍ଡିଆ ଚାଷୀ। ମୟୂରଭଞ୍ଜ ଜିଲ୍ଲା ଯଶିପୁର ବ୍ଲକ୍, ଟାଙ୍ଗରାବଳଦ ଗ୍ରାମର ଏହି ଯୁବଚାଷୀ ଲମ୍ବୋଦର ମହନ୍ତ ଓଡ଼ିଶା ମିଲେଟ୍ସ ମିଶନ ମାଧ୍ୟମରେ ମାଣ୍ଡିଆ ଚାଷ କରି ଭିନ୍ନ ଏକ ପରିଚୟ ସୃଷ୍ଟି କରିଛନ୍ତି। ନିଜର ପରିଶ୍ରମ ଓ ନିଷ୍ଠା ବଳରେ ପଡ଼ିଆ ଜମିରେ ମାଣ୍ଡିଆ ଅମଳ କରି ଅନ୍ୟ ଯୁବପିଢ଼ିଙ୍କ ପାଇଁ ପାଲଟିଛନ୍ତି ଆଦର୍ଶ।





କଥାରେ ଅଛି, "ଚାଷ ଅଛି ଯାହାର କି ଆନନ୍ଦ ତାହାର" ଆଉ ଏହି ଫଁକ୍ତିକୁ ସଫଳ କରି ଦେଖାଇଛନ୍ତି ଲମ୍ବୋଦର (୨୫)। ପଢ଼ା ପରେ ସେ ୫ ପ୍ରାଣୀ କୁଟୁମ୍ବ ପୋଷିବା ଆଶାରେ ଡେଲିଭରୀ ବୟ ବୃତ୍ତିକୁ ଆପଣାଇଥିଲେ। ଦି' ପଇସା ରୋଜଗାର ଆଶାରେ ସେ ଖରା- ବର୍ଷା-ଶୀତକୁ ଖାତିର ନ କରି ପ୍ରତ୍ୟେକ ଦିନ ୭୦-୮୦ କିମି ବୁଲି ଲୋକଙ୍କୁ ସେମାନଙ୍କ ଘରେ ଅର୍ଡର ପହଞ୍ଚାଉଥିଲେ। ପ୍ରତି ମୁହୂର୍ତ୍ତରେ ଅନେକ ଝଡ଼ଝଞ୍ଜାକୁ ସାମ୍ନା କରି ଚାଲିଥିଲେ ସେ। ଏହି ସମୟରେ ଓଡ଼ିଶା ମିଲେଟ୍ସ ମିଶନ ମାଧ୍ୟମରେ ମାଣ୍ଡିଆ ଚାଷ ସମ୍ପର୍କରେ ଅବଗତ ହେବା ପରେ ନିଜ ଚାଷ ଜମିରେ ପରିଶ୍ରମ କରି ଫଳାଇଛନ୍ତି ସୁନାର ଫସଲ। ବର୍ତ୍ତମାନ ଚାଷ କାର୍ଯ୍ୟପ୍ରତି ଯୁବପିଢି ଅନାଗ୍ରହ ପ୍ରକାଶ କରୁଥିବା ବେଳେ ଚାକିରି ଛାଡ଼ି ଚାଷ ବୃତ୍ତିକୁ ବାଛି ଅନ୍ୟମାନଙ୍କ ପାଇଁ ପ୍ରେରଣା ପାଲଟିଛନ୍ତି ଲମ୍ବୋଧର।

### ଶ୍ରୀପଦ୍ଧତିରେ କରୁଛନ୍ତି ଚାଷ

ଗତ ୨ ବର୍ଷ ହେବ ରାଜ୍ୟ ସରକାରଙ୍କ ଓଡ଼ିଶା ମିଲେଟ୍ସ ମିଶନରୁ ଶ୍ରୀପଦ୍ଧତିରେ ମାଣ୍ଡିଆ ଚାଷ କରିବାର ପ୍ରଶିକ୍ଷଣ ନେଇଛନ୍ତି ଲମ୍ବୋଧର। ପ୍ରଥମେ ନିଜର ଅଧା ଏକର ଜମିରେ ସେ ମାଣ୍ଡିଆ ଚାଷ କରିଥିଲେ। ଚଳିତ ବର୍ଷ ଖାଲି ପଡିଥିବା ୨ଏକର ଜମିରେ ମାଣ୍ଡିଆ ଚାଷ କରି ବେଶ୍ ଲାଭବାନ ହୋଇପାରିଛନ୍ତି। ସେ ୧୪ କୁଇଣ୍ଟାଲ ମାଣ୍ଡିଆ ଅମଳ କରି ମଣ୍ଡିରେ ୧୧ କୁଇଣ୍ଟାଲ ବିକ୍ରି କରିଛନ୍ତି। ଏଥିପାଇଁ ସେ ୪୨ ହଜାରରୁ ଊର୍ଦ୍ଧ୍ୱ ଟଙ୍କା ରୋଜଗାର କରିପାରିଛନ୍ତି। ଆଉ ବଳକା ମାଣ୍ଡିଆକୁ ଘରେ ବିହନ ଓ ଖାଇବା ପାଇଁ ରଖିଛନ୍ତି। ଏହା ସହିତ ମାଣ୍ଡିଆ ଚାଷ କରୁଥିବାରୁ ତାଙ୍କୁ ରାଜ୍ୟ ସରକାରଙ୍କ ତରଫରୁ ପ୍ରୋତ୍ସାହନ ରାଶି ଯୋଗାଇ ଦିଆଯାଉଛି। ଯାହାଦ୍ୱାରା ନିଜେ ପରିଶ୍ରମ କରି ଆତ୍ମନିର୍ଭରଶୀଳ ହେବା ସହ ରୋଜଗାରକ୍ଷମ ହୋଇପାରିଛନ୍ତି। ଚାଷଜମିରେ ଜୈବିକ ଖତ ପ୍ରୟୋଗ କରି ଅତ୍ୟାଧୁନିକ ପଦ୍ଧତିରେ ମାଣ୍ଡିଆ ଚାଷ କରୁଛନ୍ତି। ଏବେ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳର ପୁଷ୍ଟିଶସ୍ୟକୁ ଚାଷକ୍ଷେତ ତଥା ଖାଦ୍ୟଥାଳିରେ ସାମିଲ କରିବା ପାଇଁ ରାଜ୍ୟ ସରକାରଙ୍କ ଓଡ଼ିଶା ମିଲେଟ୍ସ ମିଶନ ତରଫରୁ ବିଭିନ୍ନ ପଦକ୍ଷେପ ନିଆଯାଉଛି। ଚାଷୀମାନଙ୍କୁ ଏସ୍‌ଏମ୍‌ଆଇ ପଦ୍ଧତିରେ ପୁଷ୍ଟିଶସ୍ୟ ଚାଷ କରି ଅଧିକ ଉତ୍ପାଦନ ପାଇଁ ପ୍ରଶିକ୍ଷଣ ଦିଆଯାଉଛି। ଲମ୍ବୋଧର ଏହି ପ୍ରଶିକ୍ଷଣ ପାଇ ସଫଳତାର ପଥରେ ଆଗେଇଚାଲିଛନ୍ତି।

ଲମ୍ବୋଧର କୁହନ୍ତି, "ଅର୍ଥାଭାବ ଯୋଗୁ ଯୁକ୍ତ ୩ ପରେ ଅଧିକ ପଢ଼ି ପାରିଲି ନାହିଁ। ପରିବାର ପ୍ରତିପୋଷଣ କରିବା ଉଦ୍ଦେଶ୍ୟରେ ଡେଲିଭରୀ ବୟ କାମ କରୁଥିଲି। ସ୍ୱଳ୍ପ ବେତନରେ ପରିବାର ଚଳାଇବା କଷ୍ଟକର ହୋଇପଡ଼ିବାରୁ ଓଡ଼ିଶା ମିଲେଟ୍‌ସ ମିଶନ ପକ୍ଷରୁ ମାଣ୍ଡିଆ ଚାଷ ସମ୍ପର୍କରେ ଜାଣି ଏହି ଚାଷ ଆରମ୍ଭ କରିଥିଲି। ପ୍ରଥମେ ୨ କେଜି ବିହନରୁ ୨ କୁଇଣ୍ଟାଲ ମାଣ୍ଡିଆ ଅମଳ ହେବା ଦେଖି ଚାଷ ପ୍ରତି ଆଗ୍ରହ ବଢ଼ିଥିଲା। ପରେ ୨ ଏକର ଜମିରେ ୬ କେଜି ମାଣ୍ଡିଆ ବିହନ ନେଇ ଚାଷ କରିଥିଲି। ଯାହା ଫଳରେ ମୁଁ ଅଧିକ ରୋଜଗାର କରିବା ସହ ଖୁସିରେ ପରିବାର ଚଳାଇବାରେ ସଫଳ ହୋଇପାରିଛି।



# କ୍ରୀଡ଼ା





## ଆଇପିଏଲ୍-୧୭: ୨୫୦ତମ ମ୍ୟାଚ୍‌ରେ ହାରିଲା ମୁମ୍ବାଇ

# ରାଜସ୍ଥାନର ହ୍ୟାଟ୍ରିକ୍ ବିଜୟ



ଯୁଜବେନ୍ଦ୍ର ଚହଲ

ମୁମ୍ବଇ, ୧।୪ (ଏଜେନ୍ସି)

ବାମହାତୀ ଦ୍ରୁତ ବୋଲର ଟ୍ରେଣ୍ଟ ବୋଲ୍ଟ ଓ ରିଷ୍ଟ ସ୍ପିନର ଯୁଜବେନ୍ଦ୍ର ଚହଲଙ୍କ ଯାଦୁକରୀ ବୋଲିଂ ସହ ରିୟାନ ପରାଗଙ୍କ ଅପରାଜିତ ଅର୍ଦ୍ଧଶତକ ବଳରେ ସୋମବାର ଏଠାରେ ଖେଳାଯାଇଥିବା ଆଇପିଏଲ୍-୧୭ର ଏକ ମୁକାବିଲାରେ ରାଜସ୍ଥାନ ରୟାଲ୍ସ ୬ ୱିକେଟ୍ ମୁମ୍ବାଇ ଇଣ୍ଡିଆନ୍ସକୁ ପରାସ୍ତ କରିଛି। ଏହି ମ୍ୟାଚରେ ମୁମ୍ବାଇ ପ୍ରଦତ୍ତ ୧୨୬ ରନ ଛୋଟିଆ ଲକ୍ଷ୍ୟକୁ ପିଛା କରି ରାଜସ୍ଥାନ ରୟାଲ୍ସ ୧୫.୩ ଓଭରରେ ୪ ୱିକେଟ୍ ହରାଇ ସହଜରେ ବିଜୟ ହାସଲ କରିଥିଲା। ଦଳ ପକ୍ଷରୁ ରିୟାନ ପରାଗ ୩୯ ବଲରୁ ୫୪ ରନ କରି ଶେଷ ପର୍ଯ୍ୟନ୍ତ ଅପରାଜିତ ରହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଦୁଇ ଓପନର୍ ଯଶସ୍ୱୀ ଜୟସ୍ୱାଲ ୧୦, ଜୋଶ୍ ବଟଲର୍ ୧୩, ସଞ୍ଜୁ ସାମସନ ୧୨, ରବିଚନ୍ଦ୍ରନ ଅଶ୍ୱିନ ୧୬ ଓ ଶୁଭମ ଦୁବେ ୮* ରନ କରିଥିଲେ। ବୋଲିଂରେ ମୁମ୍ବାଇ ପାଇଁ ଆକାଶ ମାଧୱାଲ ୨୦ ରନରେ ୩ ୱିକେଟ୍ ସଫଳତା ପାଇଥିଲେ ମଧ୍ୟ ଦଳକୁ ଜିତାଇପାରି ନ ଥିଲେ। ଆଇପିଏଲ୍ ଇତିହାସରେ ମୁମ୍ବାଇ ଇଣ୍ଡିଆନ୍ସର ଏହା ୨୫୦ତମ ମ୍ୟାଚ୍ ହୋଇଥିବାବେଳେ ଦଳ ଏହି ସ୍ମରଣୀୟ ମୁକାବିଲାରେ ନିରାଶ କରିଛି। ସେହିଭଳି ଚଳିତ ସିଜନରେ ମୁମ୍ବାଇର ଏହା ହ୍ୟାଟ୍ରିକ ପରାଜୟ ଓ ରାଜସ୍ଥାନର ହ୍ୟାଟ୍ରିକ ବିଜୟ ହୋଇଛି।

ସ୍ଥାନୀୟ ୱାଙ୍ଖେଡେ ଷ୍ଟାଡିୟମରେ ଖେଳାଯାଇଥିବା ଏହି ମ୍ୟାଚରେ ଟସ୍ ଜିତି ରାଜସ୍ଥାନ ରୟାଲ୍ସ ଅଧିନାୟକ ସଞ୍ଜୁ ସାମସନ ଫିଲ୍ଡିଂ ନିଷ୍ପତ୍ତି ନେଇଥିଲେ। ସାମସନଙ୍କ ଏହି ନିଷ୍ପତ୍ତିକୁ ଦୁଇ ବାମହାତୀ ଦ୍ରୁତ ବୋଲର ବୋଲ୍ଟ ଓ ନାନ୍ଦ୍ରେ ବର୍ଗର ଯଥାର୍ଥ ପ୍ରତିପାଦିତ କରି ୨୦ ରନ ମଧ୍ୟରେ ଘରୋଇ ଇଣ୍ଡିଆନ୍ସ ଦଳର ୪ ଆଗଧାଡ଼ିର ବ୍ୟାଟରଙ୍କୁ ପ୍ୟାଭିଲିୟନ ପଠାଇଦେଇଥିଲେ। ଓପନର୍ ରୋହିତ୍ ଶର୍ମାଙ୍କ ସମେତ ନମନ ଧୀର ଓ ଡେୱାଲ୍ଡ ବ୍ରେଭିସ ଖାତା ଖୋଲିବା ପୂର୍ବରୁ ବୋଲ୍ଟଙ୍କ ଘାତକ ବୋଲିଂର ଶିକାର ବନିଥିଲେ। ଅନ୍ୟତମ ଓପନର୍ ଇଶାନ କିଶାନ ୧୪ ବଲରୁ ୧୬ ରନ କରି ବର୍ଗରଙ୍କ ବଲରେ ୱିକେଟ୍ ପଛରେ ସାମସନଙ୍କୁ କ୍ୟାଚ୍ ଦେଇ ବିଦାୟ ନେଇଥିଲେ। ଏହାପରେ ଅଧିନାୟକ ହାର୍ଦ୍ଦିକ ପାଣ୍ଡ୍ୟା ଓ ତିଲକ ବର୍ମା ୪ର୍ଥ ୱିକେଟ୍‌ରେ ୫୬ ରନ ଯୋଡ଼ି କିଛିଟା ସ୍ଥିତି ସମ୍ଭାଳିଥିଲେ। କିନ୍ତୁ ଲେଗ୍-ସ୍ପିନର ଚହଲ ଉଭୟଙ୍କୁ ଆଉଟ୍ କରି ମୁମ୍ବାଇକୁ ପୁଣିଥରେ ବ୍ୟାକ୍‌ଫୁଟ୍‌କୁ ଠେଲି ଦେଇଥିଲେ। ପାଣ୍ଡ୍ୟା ୬ ଚୌକା ସହ ୨୧ ବଲରୁ ୩୪ ଓ ତିଲକ ୨୯ ବଲରୁ ୩୨ ରନ କରିଥିଲେ। ଏହାପରେ ନିମ୍ନକ୍ରମରେ ଟିମ୍ ଡେଭିଡ୍ ଧୀମା ବ୍ୟାଟିଂ କରି ୨୪ ବଲରୁ ୧୭ ରନ କରିବା ଫଳରେ ଦଳୀୟ ସ୍କୋର ଶହେ ରନ ଅତିକ୍ରମ କରିଥିଲା। ଦଳ ନିର୍ଦ୍ଧାରିତ ୯ ୱିକେଟ୍‌ରେ ୧୨୫ ରନ କରିବାକୁ ସକ୍ଷମ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ପିୟୂଷ ଚାୱଲା ୩, ଯଶପ୍ରୀତ୍ ବୁମ୍‌ରା ୮*, ଆକାଶ ମାଧୱାଲ ୪*, ଗେରାଲ୍ଡ କୋଏର୍ଜ ୪ ରନ କରିଥିଲେ। ବୋଲିଂରେ ବୋଲ୍ଟ (୪-୦-୨୨-୩) ଓ ଚହଲ (୪-୦-୧୧-୩) ସୁନ୍ଦର ବୋଲିଂ ଫିଗର ପାଇଥିଲେ। ବର୍ଗରଙ୍କୁ ୨ଟି ଓ ଅଭେସ ଖାନଙ୍କୁ ଗୋଟିଏ ୱିକେଟ୍ ମିଳିଥିଲା।



ଟ୍ରେଣ୍ଟ ବୋଲ୍ଟ

### 'ଶୂନ'ରେ ରୋହିତଙ୍କ ଅଲୋଡ଼ା ରେକର୍ଡ'

ମୁମ୍ବାଇ ଇଣ୍ଡିଆନ୍ସ ପୂର୍ବତନ ଅଧିନାୟକ ତଥା ଓପନର ରୋହିତ ଶର୍ମା ଇଣ୍ଡିଆନ୍ ପ୍ରିମିୟର ଲିଗ୍ (ଆଇପିଏଲ୍)ରେ ଏକ ଅଲୋଡା ରେକର୍ଡର ଅଧିକାରୀ ହୋଇଛନ୍ତି। ଡକ୍ ଅର୍ଥାତ ଶୂନରେ ଆଉଟ ହେବାରେ ସେ ଦୀନେଶ କାର୍ତ୍ତିକଙ୍କ ସମକକ୍ଷ ହୋଇଛନ୍ତି। ସୋମବାର ଅନୁଷ୍ଠିତ ରାଜସ୍ଥାନ ବିପକ୍ଷ ମ୍ୟାଚ୍‌ରେ ରୋହିତ ଖାତା ଖୋଲିବା ପୂର୍ବରୁ ଟ୍ରେଣ୍ଟ ବୋଲ୍ଟଙ୍କ ବଲ୍‌ରେ ୱିକେଟକିପର ସଞ୍ଜୁ ସାମସନଙ୍କୁ କ୍ୟାଚ୍ ଦେଇ ଆଉଟ ହୋଇଥିଲେ। ଏଥି ସହ ସେ ଆଇପିଏଲ୍‌ରେ ୧୭ଥର ଶୂନରେ ଆଉଟ ହୋଇଛନ୍ତି। ପୂର୍ବରୁ କାର୍ତ୍ତିକ ମଧ୍ୟ ସମାନ ସଂଖ୍ୟକ ଡକ୍‌ରେ ଆଉଟ ହୋଇଥିଲେ। ସେହିପରି ଗ୍ଲେନ୍ ମ୍ୟାକ୍ସୱେଲ, ପୀୟୂଷ ଚାୱଲା, ମନଦୀପ ସିଂ ଓ ସୁନୀଲ ନାରିନ୍ ୧୫ଥର ଲେଖାଏ ଶୂନରେ ଆଉଟ ହୋଇ ଦ୍ୱିତୀୟ ସ୍ଥାନରେ ରହିଛନ୍ତି।

### ଆଇପିଏଲ୍-୧୭
### ଆଜିର ମ୍ୟାଚ୍

**ବେଙ୍ଗାଲୁରୁ- ଲକ୍ଷ୍ନୌ**

ସ୍ଥାନ- ବେଙ୍ଗାଲୁରୁ, ସମୟ- ରାତି ୭.୩୦

- ପ୍ରସାରଣ -

ଷ୍ଟାର୍ ସ୍ପୋର୍ଟ୍ସ ନେଟ୍‌ୱର୍କ, ଜିଓସିନେମା

### ପଏଣ୍ଟ ସାରଣୀ

| ଦଳ | ମ୍ୟାଚ୍ | ବିଜୟ | ପରାଜୟ | ପଏଣ୍ଟ | ରନରେଟ୍ |
|---|---|---|---|---|---|
| ରାଜସ୍ଥାନ | ୩ | ୩ | ୦ | ୬ | +୧.୨୪୯ |
| କୋଲକାତା | ୨ | ୨ | ୦ | ୪ | +୧.୦୪୭ |
| ଚେନ୍ନାଇ | ୩ | ୨ | ୧ | ୪ | +୦.୯୭୬ |
| ଗୁଜରାଟ | ୩ | ୨ | ୧ | ୪ | -୦.୭୩୮ |
| ହାଇଦ୍ରାବାଦ | ୩ | ୧ | ୨ | ୨ | +୦.୨୦୪ |
| ଲକ୍ଷ୍ନୌ | ୨ | ୧ | ୧ | ୨ | +୦.୦୨୫ |
| ଦିଲ୍ଲୀ | ୩ | ୧ | ୨ | ୨ | -୦.୦୧୬ |
| ପଞ୍ଜାବ | ୩ | ୧ | ୨ | ୨ | -୦.୩୩୭ |
| ବେଙ୍ଗାଲୁରୁ | ୩ | ୧ | ୨ | ୨ | -୦.୭୧୧ |
| ମୁମ୍ବାଇ | ୩ | ୦ | ୩ | ୦ | -୧.୪୨୩ |

## ମନ୍ଥର ବୋଲିଂ: ପନ୍ତଙ୍କ ଉପରେ ୧୨ ଲକ୍ଷ ଜରିମାନା

ନୂଆଦିଲ୍ଲୀ,୧।୪(ଏଜେନ୍ସି): ସ୍ଲୋ ଓଭର ରେଟ୍ ଅର୍ଥାତ ମନ୍ଥର ବୋଲିଂ ପାଇଁ ଦିଲ୍ଲୀ କ୍ୟାପିଟାଲ୍ସ ଅଧିନାୟକ ରଷଭ ପନ୍ତ ଜରିମାନାର ସମ୍ମୁଖୀନ ହୋଇଛନ୍ତି। ରବିବାର ଅନୁଷ୍ଠିତ ଚେନ୍ନାଇ ସୁପର କିଙ୍ଗ୍‌ସ ବିପକ୍ଷ ମ୍ୟାଚ୍‌ରେ ଦିଲ୍ଲୀ ଧିମା ବୋଲିଂ କରିଥିଲା। ଫଳରେ ପନ୍ତଙ୍କ ଉପରେ ୧୨ ଲକ୍ଷ ଟଙ୍କା ଜରିମାନ ଲାଗୁ କରାଯାଇଥିଲା। ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ତରଫରୁ ଏ ନେଇ ସୂଚନା ଦିଆଯାଇଛି। ଏହି ମ୍ୟାଚ୍‌ରେ ଚେନ୍ନାଇକୁ ପରାସ୍ତ କରି ଦିଲ୍ଲୀ ପ୍ରଥମ ବିଜୟ ହାସଲ କରିଥିଲା। ଚଳିତ ସଂସ୍କରଣରେ ସମାନ କାରଣ ପାଇଁ ଗୁଜରାଟ ଟାଇଟନ୍ସ ଅଧିନାୟକ ଶୁବମାନ ଗିଲ୍‌ଙ୍କ ଉପରେ ମଧ୍ୟ ଜରିମାନା ଲାଗୁ କରାଯାଇଛି।

## ରୋହିତଙ୍କ ନିଆରା କାର ନଂ. ପ୍ଲେଟ୍





**ନୂଆଦିଲ୍ଲୀ,୧।୪(ଏଜେନ୍ସି):** ମୁମ୍ବାଇ ଇଣ୍ଡିଆନ୍ସର ପୂର୍ବତନ ତଥା ଭାରତୀୟ ଅଧିନାୟକ ରୋହିତ ଶର୍ମାଙ୍କ କାରର ନମ୍ବର ପ୍ଲେଟ୍ ସମ୍ପୂର୍ଣ୍ଣ ଭାବେ ନିଆରା। ଏହି ନଂ ପ୍ଲେଟ୍‌ରେ ଏମ୍‌ଏଚ୍‌ଓ ୧ଇ୦୦ ୨୬୪ ବୋଲି ଉଲ୍ଲେଖ ଅଛି। ଏହି ନମ୍ବର ପଛରେ ମଜାଦାର ତଥ୍ୟ ରହିଛି। ପ୍ଲେଟର ଶେଷ ୩ଟି ସଂଖ୍ୟା ହେଉଛି ୨୬୪। ୨୦୧୪ ନଭେମ୍ବର ୧୩ରେ କୋଲକାତାର ଇଡେନା ଗାର୍ଡନ୍ସ ଷ୍ଟାଡିୟମରେ ଅନୁଷ୍ଠିତ ଶ୍ରୀଲଙ୍କା ବିପକ୍ଷ ଚତୁର୍ଥ ଦିନିକିଆ ମ୍ୟାଚ୍‌ରେ ରୋହିତ ୨୬୪ ରନର ଦ୍ୱିଶତକୀୟ ପାଳି ଖେଳି ବିଶ୍ୱ ରେକର୍ଡ ସ୍ଥାପନ କରିଥିଲେ। ଏହି ବିସ୍ଫୋରକ ପାଳିରେ ସେ ୧୭୩ ବଲର ସମ୍ମୁଖୀନ ହୋଇ ୩୩ ଚୌକା ଓ ୯ ଛକା ମାରିଥିଲେ। ଏହି ପାଳିକୁ ଦୃଷ୍ଟିରେ ରଖି ନମ୍ବର ପ୍ଲେଟ୍‌ରେ ୨୬୪ ଲେଖାଯାଇଛି ଓ ଏହା ଏକ ବିରଳ ସଂଯୋଗ ହୋଇପାରେ ବୋଲି କୁହାଯାଉଛି।

## ଫ୍ରାଞ୍ଚାଇଜ୍ ମାଲିକଙ୍କ ବୈଠକ ଡାକିଲା ବିସିସିଆଇ

**ନୂଆଦିଲ୍ଲୀ,୧।୪(ଏଜେନ୍ସି):** ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ମାଲିକାମାନଙ୍କର ବୈଠକ ଡାକିଛି। ଅହମ୍ମଦାବାଦରେ ଆସନ୍ତା ୧୬ ତାରିଖରେ ଏହି ଗୁରୁତ୍ୱପୂର୍ଣ୍ଣ ବୈଠକ ବସିବ। ଏହି ଦିନ ଅହମ୍ମଦାବାଦର ନରେନ୍ଦ୍ର ମୋଦି ଷ୍ଟାଡିୟମରେ ଗୁଜରାଟ ଟାଇଟନ୍ସ ଓ ଦିଲ୍ଲୀ କ୍ୟାପିଟାଲ୍ସ ମଧ୍ୟରେ ଆଇପିଏଲ ମ୍ୟାଚ୍ ଖେଳାଯିବ। ଚଳିତ ବର୍ଷ ହେବାକୁ ଥିବା ଖେଳାଳି ମହା ନୀଲାମି ଓ ଖେଳାଳି ରେଟେନସନ ନମ୍ବର ଅର୍ଥାତ କେତେ ସଂଖ୍ୟାରେ ଖେଳାଳି ରିଟେନ ବା ବଜାୟ ରହିବେ ସେ ନେଇ ଏହି ବୈଠକରେ ଚର୍ଚ୍ଚା ହେବ ବୋଲି କୁହାଯାଇଛି। ଏନେଇ ଫ୍ରାଞ୍ଚାଇଜ୍ ମାଲିକମାନେ ଭିନ୍ନ ମତ ପୋଷଣ କରିଛନ୍ତି। କେତେଜଣ ମାଲିକ ଏହି ସଂଖ୍ୟାରେ ବୃଦ୍ଧି ଚାହୁଁଥିବା ବେଳେ ଆଉ କେତେଜଣ ଏହାକୁ ବିରୋଧ କରିଛନ୍ତି। ମୋଟ ଉପରେ କହିବାକୁ ଗଲେ ରିଟେନସନ ନମ୍ବର ନେଇ କୌଣସି ସହମତି ପ୍ରକାଶ ପାଇନାହିଁ। ତେଣୁ ବିସିସିଆଇ ଏ ନେଇ ଆଲୋଚନା କରିବାକୁ ଚାହୁଁଛି ବୋଲି କୁହାଯାଉଛି। ଏହି ବୈଠକରେ ବିସିସିଆଇ ଅଧ୍ୟକ୍ଷ ରୋଜର ବିନ୍ନି, ଆଇପିଏଲ ଅଧ୍ୟକ୍ଷ ଅରୁଣ ସିଂ ଧୂମାଲ ଓ ସମ୍ପାଦକ ଜୟ ଶାହା ସାମିଲ ହେବେ।

## ମୀରାବାଇଙ୍କୁ ଅଲିମ୍ପିକ୍ସ ଟିକଟ





**ନୂଆଦିଲ୍ଲୀ,୧।୪(ଏଜେନ୍ସି):** ଟୋକିଓ ଅଲିମ୍ପିକ୍ସ ରୌପ୍ୟ ପଦକ ବିଜୟିନୀ ତଥା ତାରକା ମହିଳା ଭାରୋତ୍ତୋଳିକା ମୀରାବାଇ ଚାନୁ ଆଗାମୀ ପ୍ୟାରିସ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ହାସଲ କରିଛନ୍ତି। ଥାଇଲାଣ୍ଡରେ ଚାଲିଥିବା ଆଇଡବ୍ଲ୍ୟୁଏଫ୍ ବିଶ୍ୱକପ୍‌ରେ ଗ୍ରୁପ୍ ବି ୪୯ କେଜି ବର୍ଗ ଇଭେଣ୍ଟରେ ସେ ସୋମବାର ତୃତୀୟ ସ୍ଥାନ ଅଧିକାର କରି ଏହି ଉପଲବ୍ଧି ହାସଲ କରିଛନ୍ତି। ଆଘାତ ସମସ୍ୟା କାରଣରୁ ଦୀର୍ଘ ୬ ମାସ ପରେ ପ୍ରତ୍ୟାବର୍ତ୍ତନ କରି ମୀରାବାଇ ୧୮୪ କିଗ୍ରା (୮୧ କେଜି+ ୧୦୩ କେଜି) ଉତ୍ତୋଳନ କରିଥିଲେ। ଏହି ପ୍ରତିଯୋଗିତା ପ୍ୟାରିସ ଅଲିମ୍ପିକ୍ସ ପାଇଁ ଥିଲା ଅନ୍ତିମ ତଥା ବାଧ୍ୟତାମୂଳକ ଯୋଗ୍ୟତା ପର୍ଯ୍ୟାୟ ଟୁର୍ଣ୍ଣାମେଣ୍ଟ। ତେବେ ଆନୁଷ୍ଠାନିକ ଭାବେ ଏ ନେଇ ଘୋଷଣା କରାଯାଇନାହିଁ। ୨୯ ବର୍ଷୀୟ ମୀରାବାଇ ଏବେ ୪୯ କେଜି ଅଲିମ୍ପିକ୍ସ କ୍ୱାଲିଫିକେସନ ର୍ୟାଙ୍କିଂ (ଓକ୍ୟୁଆର)ରେ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ଏହି ବିଶ୍ୱକପ୍ ଶେଷ ହେବା ପରେ ମୀରାବାଇଙ୍କ ଅଲିମ୍ପିକ୍ସ ଯୋଗ୍ୟତା ହାସଲ ନେଇ ଘୋଷଣା କରାଯିବ। ଗତ ସେପ୍ଟେମ୍ବରରେ ଅନୁଷ୍ଠିତ ଏସୀୟ କ୍ରୀଡ଼ାରେ ସେ ଆହତ ହୋଇଥିଲେ।

## ଜାତୀୟ ଉପକନିଷ୍ଠ ଉଶୁ: ଓଡ଼ିଶାକୁ ୧୩ ପଦକ

ଭୁବନେଶ୍ୱର, ୧।୪ (ସମିସ)

ଜାତୀୟ ଉପ-କନିଷ୍ଠ ଉଶୁ ଚାମ୍ପିଅନସିପ୍‌ର ୨୩ତମ ସଂସ୍କରଣ ଉଦ୍‌ଯାପିତ ହୋଇଯାଇଛି। ଜାମ୍ମୁ ବିଶ୍ୱବିଦ୍ୟାଳୟରେ ଆୟୋଜିତ ଏହି ପ୍ରତିଯୋଗିତାରେ ଓଡ଼ିଶାର ପ୍ରତିଯୋଗୀ ଉଲ୍ଲେଖନୀୟ ପ୍ରଦର୍ଶନ କରି ୧୩ ପଦକ ଜିତିଛନ୍ତି। ଯେଉଁଥିରେ ଗୋଟିଏ ଲେଖାଏ ସ୍ୱର୍ଣ୍ଣ ଓ ରୌପ୍ୟ ସହ ୧୧ କାଂସ୍ୟ ପଦକ ରହିଛି। ରାମ ମୁଣ୍ଡା ସ୍ୱର୍ଣ୍ଣ ଓ ସବିତା ମୁଣ୍ଡା ରୌପ୍ୟ ପଦକ ସଫଳତା ପାଇଥିଲେ। ସେହିଭଳି କାଂସ୍ୟ ପଦକ ଜିତିଥିବା ଖେଳାଳିମାନେ ହେଲେ ଲାବଣ୍ୟ ପତି, ଅକ୍ଷିତା ତ୍ରିପାଠୀ, ଆହାନା ମହାପାତ୍ର, ପ୍ରିୟବ୍ରତ ପରିଡ଼ା, ଭୌମିକ ଭରଦ୍ୱାଜ, ସାଧନା ମାଝି ଓ ବଂଶିକା ପତି। ଏହି ପ୍ରତିଯୋଗିତାରେ ଓଡ଼ିଶାର ୩୦ ଜଣିଆ ଦଳ ଭାଗନେଇଥିଲା। ପଙ୍କଜ ମହାନ୍ତ ଓ ନବୀନ ସିଂ ପ୍ରଶିକ୍ଷକ ଭାବେ ଏବଂ ଯୁଧିଷ୍ଠିର ଗୁରୁହାଣ୍ଡି ଓ କ୍ରିଷ୍ଣା ସାହୁ ମ୍ୟାନେଜର ଭାବେ ଦଳ ସହ ଯାତ୍ରା କରିଥିଲେ। ଓଡ଼ିଶାର ପ୍ରଦ୍ୟୁମ୍ନ ବେହେରା ଏହି ପ୍ରତିଯୋଗିତାର ମୁଖ୍ୟ ଜଜ୍ ଥିଲେ।





## ଏକଲବ୍ୟ ପୁରସ୍କାର ପାଇଁ ଦରଖାସ୍ତ ଆହ୍ୱାନ



**ଭୁବନେଶ୍ୱର, ୧।୪ (ସମିସ):** ଇମ୍ଫା ଗ୍ରୁପ୍ ଦ୍ୱାରା ପରିଚାଳିତ 'ଇଣ୍ଡିଆନ୍ ମେଟାଲ୍ସ ପବ୍ଲିକ୍ ଚାରିଟେବଲ୍ ଟ୍ରଷ୍ଟ' ତରଫରୁ ସମ୍ମାନଜନକ ୩୨ତମ ଏକଲବ୍ୟ ପୁରସ୍କାର ୨୦୨୪ ନିମନ୍ତେ ନାମାଙ୍କନ ପତ୍ର ଆହ୍ୱାନ କରାଯାଇଛି। ଏକଲବ୍ୟ ପୁରସ୍କାର ହେଉଛି ଓଡ଼ିଶାର ଶ୍ରେଷ୍ଠ ଯୁବ କ୍ରୀଡ଼ାବିତ୍‌ଙ୍କ ପାଇଁ ଉଦ୍ଦିଷ୍ଟ ବାର୍ଷିକ କ୍ରୀଡ଼ା ପୁରସ୍କାର। ଏହାର ବିଜେତାଙ୍କୁ ନଗଦ ୫ ଲକ୍ଷ ଟଙ୍କା ଆର୍ଥିକ ପୁରସ୍କାର ପ୍ରଦାନ କରାଯାଇଥାଏ। ମୁଖ୍ୟ ପୁରସ୍କାର ଛଡ଼ା ଦୁଇଗୋଟି ଉପବିଜେତାଙ୍କୁ ମଧ୍ୟ ପୁରସ୍କାର ଦିଆଯାଏ ଓ ଯାହାର ପୁରସ୍କାର ରାଶି ଏକ ଲକ୍ଷ ଟଙ୍କା ଲେଖାଏଁ ରହିଛି। ଆଗ୍ରହୀ ପ୍ରାର୍ଥୀମାନେ ଓଡ଼ିଶା ସ୍ଥିତ କୌଣସି କ୍ରୀଡ଼ା ସଂଗଠନ/ବୋର୍ଡ/ସଂଘ, ବିଶ୍ୱବିଦ୍ୟାଳୟ, ମହାବିଦ୍ୟାଳୟ ଓ ବିଦ୍ୟାଳୟ ମାଧ୍ୟମରେ ସେମାନଙ୍କ ନାମାଙ୍କନ ପତ୍ର ପଠାଇ ପାରିବେ। ପ୍ରାର୍ଥୀ ମାନଙ୍କର ବୟସ ୩୧ ମାର୍ଚ୍ଚ ୨୦୨୪ ସୁଦ୍ଧା ୨୫ ବର୍ଷରୁ ଅଧିକ ହୋଇନଥିବା ଆବଶ୍ୟକ। ପ୍ରାର୍ଥୀମାନେ ପ୍ରାଞ୍ଜଳ ଭାବେ ନିଜର ବୟସ ପ୍ରମାଣପତ୍ର ସହିତ ଗତ ଦୁଇବର୍ଷ (୧ ଏପ୍ରିଲ ୨୦୨୨ରୁ ୩୧ ମାର୍ଚ୍ଚ ୨୦୨୪) ମଧ୍ୟରେ ରାଜ୍ୟସ୍ତରୀୟ, ଜାତୀୟ ଏବଂ ଅନ୍ତର୍ଜାତୀୟ କ୍ରୀଡ଼ା ପ୍ରତିଯୋଗିତାରେ ହାସଲ କରିଥିବା ବିଭିନ୍ନ କୃତିତ୍ୱର ପ୍ରମାଣପତ୍ର ସହିତ ଦରଖାସ୍ତ ଦାଖଲ କରିବା ଆବଶ୍ୟକ। ପ୍ରାର୍ଥୀପତ୍ରଗୁଡ଼ିକ ନିଶ୍ଚିତ ଭାବେ ୩୧ ମେ ସୁଦ୍ଧା 'ଏକଲବ୍ୟ ପୁରସ୍କାର, ଇମ୍ପାକ୍ଟ, ଇମ୍ଫା ବିଲ୍‌ଡିଂ, ଭୁବନେଶ୍ୱର - ୭୫୧୦୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ। ଏହାବ୍ୟତୀତ ପ୍ରାର୍ଥୀପତ୍ରଗୁଡ଼ିକ ekalabya@imfa.in କୁ ଇ-ମେଲ୍ କରି ହେବ ଏବଂ ସହାୟକ ପ୍ରମାଣପତ୍ରଗୁଡ଼ିକୁ ଉପରୋକ୍ତ ଠିକଣାକୁ ଡାକ ମାଧ୍ୟମରେ ପଠାଇବାକୁ କୁହାଯାଇଛି।

● ୫୬ତମ ଜାତୀୟ ବରିଷ୍ଠ ଖୋ ଖୋ ଚାମ୍ପିଅନସିପ୍

## ସେମିରେ ହାରିଲା ଓଡ଼ିଶା; ମହାରାଷ୍ଟ୍ରକୁ ଦ୍ୱୈତ ଟ୍ରଫି

**ନୂଆଦିଲ୍ଲୀ, ୧।୪ (ଏଜେନ୍ସି):** ସ୍ଥାନୀୟ କର୍ଣ୍ଣେଲ ସିଂହ ଷ୍ଟାଡିୟମରେ ଚାଲିଥିବା ଜାତୀୟ ବରିଷ୍ଠ ଖୋ ଖୋ ଚାମ୍ପିଅନସିପ୍‌ର ୫୬ତମ ସଂସ୍କରଣ ସୋମବାର ଉଦ୍‌ଯାପିତ ହୋଇଯାଇଛି। ଦିଲ୍ଲୀ ଖୋ ଖୋ ସଂଘ ଆନୁକୂଲ୍ୟରେ ମାର୍ଚ୍ଚ ୨୮ ରୁ ଆରମ୍ଭ ହୋଇଥିବା ଏହି ପ୍ରତିଯୋଗିତାରେ ପୁରୁଷ ଓ ମହିଳାରେ ମୋଟ୍ ୭୩ ଦଳ ଅଂଶଗ୍ରହଣ କରିଥିଲେ। ଯେଉଁଥିରେ ମହାରାଷ୍ଟ୍ର ଉଭୟ ପୁରୁଷ ଓ ମହିଳାରେ ଚାମ୍ପିଅନ ହୋଇ ଦ୍ୱୈତ ଟ୍ରଫି ହାସଲ କରିଛି। ପୁରୁଷ ଫାଇନାଲରେ ମହାରାଷ୍ଟ୍ର ସହ ରେଳବାଇର ମୁକାବିଲା ହୋଇଥିଲା। ଏହି ମ୍ୟାଚ୍ ୩୨-୩୨ରେ ଟାଇ ରହିବା ପରେ ପୁଣିଥରେ ଖେଳାଯାଇଥିଲା। ପୁନଃ ମ୍ୟାଚରେ ମହାରାଷ୍ଟ୍ର ୫୨-୫୦ରେ ବିଜୟୀ ହୋଇ ଚାମ୍ପିଅନ ହୋଇଥିଲା। ସେହିଭଳି ମହିଳା ବିଭାଗ ଫାଇନାଲରେ ମହାରାଷ୍ଟ୍ର ମଧ୍ୟ ସମାନ ୨ (୧୮-୧୬) ପଏଣ୍ଟରେ ଭାରତୀୟ ବିମାନ ବନ୍ଦର ପ୍ରାଧିକରଣକୁ ପରାସ୍ତ କରି ବାଜିମାତ୍ କରିଥିଲା। ଉଭୟବର୍ଗର ଚାମ୍ପିଅନ ଦଳ ଟ୍ରଫି ସହ ୩ ଲକ୍ଷ ଟଙ୍କା ପୁରସ୍କାର ହାସଲ କରିଥିଲେ। ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ଓଡ଼ିଶାର ଉଭୟ ପୁରୁଷ ଓ ମହିଳା ଦଳ ସେମିଫାଇନାଲରେ ପରାସ୍ତ ହୋଇଛନ୍ତି। ସେମିଫାଇନାଲରେ ଓଡ଼ିଶା ପୁରୁଷ ଦଳ ରେଳବାଇ ନିକଟରୁ ଓ ମହିଳା ଦଳ ମହାରାଷ୍ଟ୍ର ନିକଟରୁ ହାରିଥିଲା।

## କାଜିବଜାର ବାଳିକା ଉଚ୍ଚବିଦ୍ୟାଳୟ ବିଜୟୀ

**କଟକ,୧।୪(ସମିସ):** ଖେଲୋ ଇଣ୍ଡିଆ ମହିଳା ଫୁଟବଲ ଲିଗ୍ କଟକରେ ଖେଳାଯାଉଛି। ସିଡିଏ ଗ୍ରାଉଣ୍ଡରେ ସୋମବାର ଅନୁଷ୍ଠିତ ଏକ ମ୍ୟାଚ୍‌ରେ କାଜିବଜାର ସରକାରୀ ବାଳିକା ଉଚ୍ଚବିଦ୍ୟାଳୟ ୧୦-୦ ଗୋଲରେ ଯୋବ୍ରା ମ୍ୟୁନିସିପାଲିଟି ହାଇସ୍କୁଲକୁ ପରାସ୍ତ କରିଛି। ବିଜୟୀ ଦଳର ପ୍ରାଚୀ ସେଠୀ ୫ଟି ଗୋଲ ସ୍କୋର କରିଥିଲେ। ତାପସୀ ସାହୁ ୪ଟି ଏବଂ ପୂଜା ବାରିକ ଅନ୍ୟ ଗୋଲଟି ଦେଇଥିଲେ। ଦିବସର ଅନ୍ୟ ଏକ ମ୍ୟାଚ୍‌ରେ ଓଡ଼ିଶା ଏକାଦଶ ୧୦-୦ ଗୋଲରେ ୟୁନିଟ-୬ ଆଥଲେଟିକ ଆସୋସିଏସନକୁ ପରାସ୍ତ କରିଥିଲା। ଓଡ଼ିଶା ଏକାଦଶ ପକ୍ଷରୁ ଅନୁଷ୍କା ଲିମ୍ମା, ସାଧନାରାଣୀ ବାର, ମୋନାଲିସା ସାମଲ, ରୁବିନା ନାୟକ ୨ଟି ଲେଖାଏ ଏବଂ ଜ୍ୟୋତି ମାଝୀ ଓ ପ୍ରାଚୀ ପରିଡା ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ସେହିପରି ସ୍ପୋର୍ଟସ ଓଡ଼ିଶା ୭-୦ ଗୋଲରେ ଫାଓ ଏକାଡେମୀକୁ ପରାସ୍ତ କରିଛି। ଭାରତୀ କିସକୁ ଏବଂ ରୂପଶ୍ରୀ ମୁଣ୍ଡା ୩ଟି ଲେଖାଏ, ରଶ୍ମୀତା ନାଏକ ଗୋଟିଏ ଗୋଲ ଦେଇଛନ୍ତି।

# ୮ ବର୍ଷ ପରେ ହକି ଇଣ୍ଡିଆ ଲିଗ୍

ନୂଆଦିଲ୍ଲୀ, ୧।୪ (ଏଜେନ୍ସି)

ଦୀର୍ଘ ୮ ବର୍ଷର ବ୍ୟବଧାନ ପରେ ପୁଣିଥରେ ଆରମ୍ଭ ହେବାକୁ ଯାଉଛି ହକି ଇଣ୍ଡିଆ ଲିଗ (ହିଲ୍)। ଚଳିତ ବର୍ଷ ଡିସେମ୍ବରରେ ଫ୍ରାଞ୍ଚାଇଜଭିତ୍ତିକ ଏହି ଲୋକପ୍ରିୟ ହକି ପ୍ରତିଯୋଗିତା ଆରମ୍ଭ ହେବାର ଯୋଜନା ରହିଛି। ହକି ଇଣ୍ଡିଆର ବାର୍ଷିକ ପୁରସ୍କାର ଉତ୍ସବରେ ରବିବାର ସମ୍ପାଦକ ଭୋଲାନାଥ ସିଂ ଏକ ସାକ୍ଷାତ୍‌କାରରେ ଏହା କହିଛନ୍ତି। ହକି ଇଣ୍ଡିଆ ଏଥିଲାଗି ବିଶ୍ୱ ହକିର ସର୍ବୋଚ୍ଚ ସଂସ୍ଥା ଏଫ୍‌ଆଇଏଚ୍ ନିକଟରୁ କ୍ଲିୟରାନ୍ସ ମଧ୍ୟ ପାଇସାରିଛି। ଡିସେମ୍ବର ୨୮ରୁ ଫେବୃଆରୀ ୧ ପର୍ଯ୍ୟନ୍ତ 'ହୋମ୍ ଆୱେ' ଫର୍ମାଟ୍‌ରେ ଏହା ଖେଳାଯିବ।

ଅନ୍ତର୍ଜାତୀୟ ହକି ମହାସଂଘ (ଏଫ୍‌ଆଇଏଚ୍) ପକ୍ଷରୁ ଆମକୁ ଏଥିଲାଗି ସ୍ପଷ୍ଟ ଚିତ୍ର ମିଳିସାରିଛି। ଅଷ୍ଟ୍ରେଲିଆ, ନେଦରଲାଣ୍ଡସ ଭଳି ଅନେକ ଜାତୀୟ ମହାସଂଘ ସହ ଆମେ ଯୋଗାଯୋଗରେ ରହିଛୁ। ସମସ୍ତ ଦେଶର ମହାସଂଘ ମଧ୍ୟ ସେମାନଙ୍କ ଶ୍ରେଷ୍ଠ ଖେଳାଳିଙ୍କୁ ପଠାଇବାକୁ ରାଜି ହୋଇଛନ୍ତି ବୋଲି ଭୋଲାନାଥ ଏହି ଅବସରରେ ପ୍ରକାଶ କରିଛନ୍ତି। ଉଲ୍ଲେଖଯୋଗ୍ୟ, ୨୦୧୩ରୁ ୨୦୧୭ ପର୍ଯ୍ୟନ୍ତ ହକି ଇଣ୍ଡିଆ ଲିଗ୍ ଭାରତରେ ଖେଳାଯାଇଥିଲା। ପରେ ଏହି ପ୍ରତିଯୋଗିତାକୁ ସ୍ଥଗିତ ରଖାଯାଇଥିଲା। ଏଥର କିନ୍ତୁ ହିଲ୍ ନୂଆ ଭର୍ସନରେ ଖେଳାଯିବ। ଯେଉଁଥିରେ ପୁରୁଷରେ ୮ ଓ ମହିଳାରେ ୬ ଦଳ ଅଂଶଗ୍ରହଣ କରିବେ। ଉଭୟ ପୁରୁଷ ଓ ମହିଳା ପ୍ରତିଯୋଗିତା ଏକାସଙ୍ଗେ ଖେଳାଯିବ। ପ୍ରତି ଦଳର ଅଲଗା ଅଲଗା ମାଲିକ ରହିବେ। ପ୍ୟାରିସ ଅଲିମ୍ପିକ୍ସ ପରେ ଖେଳାଳି ନିଲାମୀ ହେବ ବୋଲି ଜଣାପଡ଼ିଛି। ୨୦୨୨ ସେପ୍ଟେମ୍ବରରେ ହକି ଇଣ୍ଡିଆର ସଭାପତି ପଦ ଅଳଙ୍କୃତ କରିବା ପରେ ପ୍ରାକ୍ତନ ଅଧିନାୟକ ତଥା ପଦ୍ମଶ୍ରୀ ଦିଲୀପ ତିର୍କି ଓ ତାଙ୍କ ମ୍ୟାନେଜମେଣ୍ଟ ଆର୍ଥିକ ତଥା ବିଭିନ୍ନ କାରଣ ଲାଗି ସ୍ଥଗିତ ରହିଥିବା ହକି ଇଣ୍ଡିଆ ଲିଗ୍‌କୁ ପୁନଃ ଆରମ୍ଭ କରିବାକୁ ପ୍ରଚେଷ୍ଟା କରିଥିଲେ।

## ସେଲ୍ ଏକାଡେମୀ, ବିଭୁ କଲ୍ୟାଣଙ୍କୁ ହକି ଇଣ୍ଡିଆ ପୁରସ୍କାର





ନୂଆଦିଲ୍ଲୀ, ୧।୪ (ଏଜେନ୍ସି)

ହକି ଇଣ୍ଡିଆ ପକ୍ଷରୁ ୬ଷ୍ଠ ବାର୍ଷିକୀ ପୁରସ୍କାର ପ୍ରଦାନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବର୍ଷ ୨୦୨୩ ଲାଗି ଏଥିରେ ବିଭିନ୍ନ ବର୍ଗରେ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ଖେଳାଳିଙ୍କୁ ପୁରସ୍କୃତ କରାଯାଇଛି। ଏହି ଅବସରରେ ଉଲ୍ଲେଖନୀୟ ସଫଳତା ଲାଗି ରାଉରକେଲା ସେଲ୍ ହକି ଏକାଡେମୀକୁ 'ହକି ଇଣ୍ଡିଆ ପ୍ରେସିଡେଣ୍ଟ ଆୱାର୍ଡ' ପ୍ରଦାନ କରାଯାଇଛି। ପୁରସ୍କାର ବାବଦକୁ ସେଲ୍ ଏକାଡେମୀକୁ ୫ ଲକ୍ଷ ଟଙ୍କା ଅର୍ଥରାଶି ମିଳିଛି। ସେହିଭଳି ଭୁବନେଶ୍ୱର ଓ ରାଉରକେଲାରେ ୨୦୨୩ରେ ଅନୁଷ୍ଠିତ ହକି ବିଶ୍ୱକପ୍‌ରେ ମୁଖ୍ୟ ମେଡିକାଲ ଅଧିକାରୀ ଦାୟିତ୍ୱ ତୁଲାଇଥିବା ବିଭୁ କଲ୍ୟାଣ ନାୟକଙ୍କୁ 'ଜମନ ଲାଲ୍ ଶର୍ମା' ପୁରସ୍କାର ସହ ୫ ଲକ୍ଷ ଟଙ୍କା ପ୍ରଦାନ କରାଯାଇଥିଲା। ବ୍ୟକ୍ତିଗତ ଅବଦାନ ଲାଗି ହକି ଇଣ୍ଡିଆ ପକ୍ଷରୁ ପ୍ରତିବର୍ଷ 'ଜମନ ଲାଲ୍ ଶର୍ମା' ପୁରସ୍କାର ଦିଆଯାଉଛି।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA

ସମ୍ପାଦକ: ଉମାକାନ୍ତ ମିଶ୍ର
EDITOR: UMAKANT MISHRA